# ଧରିତ୍ରୀ
# DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୧୯/୨୦୨୦ (୧୬ ପୃଷ୍ଠା) | Bhubaneswar, Monday, October 19/2020 | ★★★★★★

୪୬ଶ ଭାଗ ୩୨୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-






There's no substitute
Consistently Achieving Highest Success Rate @ NEET year on year
YUVODAYA
IIT-JEE/MEDICAL
Advanced Classes
ABHIJIT SCORE- 661 Rank: UR-1243
TANMAYA SCORE- 657 Rank: OBC-NCL-812
ABHILASH SCORE- 652 Rank: UR-1918
SAMEER SCORE- 650 Rank: OBC-NCL-1325
MOST PROBABLE GOVT. MEDICAL COLLEGES SEAT GETTERS - 2020
DEEPAK SCORE- 647 Rank: EWS-359
SUBASH SCORE- 641 Rank: OBC-NCL-1954
PRABHU SCORE- 641 Rank: UR-3136
SUNITA SCORE- 637 Rank: OBC-NCL-2343
UMESH SCORE- 636 Rank: EWS-622
CHANDAN SCORE- 630 Rank: OBC-NCL-3096
SASWAT SCORE- 630 Rank: UR-4379
SAURAV SCORE- 625 Rank: OBC-NCL-3835
SOHANG SCORE- 622 Rank: OBC-NCL-4145
ROSHAN SCORE- 621 Rank: OBC-NCL-4204
BYASADEV SCORE- 620 Rank: OBC-NCL-4426
MALAYA SCORE- 619 Rank: OBC-NCL-4645
ARABINDA SCORE- 618 Rank: SC-206
SATYA SCORE- 618 Rank: OBC-NCL-4748
SUDEEP SCORE- 617 Rank: OBC-NCL-4837
PRAGNYASHREE SCORE- 616 Rank: UR-6515
AYUSH SCORE- 613 Rank: OBC-NCL-5535
SWATI SCORE- 612 Rank: UR-7121
MANJIT SCORE- 612 Rank: UR-7127
MD. ASIF SCORE- 611 Rank: EWS-1600
UMESH SCORE- 607 Rank: EWS-1843
SMARANIKA SCORE- 604 Rank: OBC-NCL-7168
NIRUPAMA SCORE- 604 Rank: OBC-NCL-7181
PREETI SCORE- 602 Rank: OBC-NCL-7603
GURUKRUPA SCORE- 601 Rank: OBC-NCL-7798
SANGRAM SCORE- 601 Rank: UR-9153
JYOTI SCORE- 601 Rank: OBC-NCL-7787
PRATIKSHYA SCORE- 600 Rank: OBC-NCL-7944
DIPTIMAYEE SCORE- 599 Rank: OBC-NCL-8146
BYASADEV SCORE- 599 Rank: OBC-NCL-8083
BALUNKESWAR SCORE- 599 Rank: EWS-2306
TULASI SCORE- 597 Rank: OBC-NCL-8627
ARPITA SCORE- 593 Rank: OBC-NCL-9458
RAMAKANTA SCORE- 592 Rank: OBC-NCL-9503
MONALISA SCORE- 592 Rank: OBC-NCL-9652
PREETI SCORE- 592 Rank: UR-10845
AMIT SCORE- 589 Rank: OBC-NCL-10333
SATYADISH SCORE- 588 Rank: OBC-NCL-10422
BIDYUT SCORE- 585 Rank: SC-577
SUBODH SCORE- 584 Rank: OBC-NCL-11459
PARESH SCORE- 584 Rank: OBC-NCL-11572
SONALI SCORE- 583 Rank: UR-12729
SANANDA SCORE- 581 Rank: UR-13150
MANAS SCORE- 581 Rank: SC-648
SWAGAT SCORE- 580 Rank: UR-13442
SWASTIK SCORE- 577 Rank: UR-14072
TANMAYA SCORE- 575 Rank: SC-751
SWAYAM SCORE- 575 Rank: UR-14559
ABHILASH SCORE- 574 Rank: SC-760
SIDDHESWAR SCORE- 573 Rank: UR-14939
PRITAM SCORE- 573 Rank: EWS-4145
ISHA RANI SCORE- 573 Rank: UR-14907
GULSAN SCORE- 571 Rank: OBC-NCL-14751
SHASWAT SCORE- 570 Rank: OBC-NCL-15058
ABHYUDAYA SCORE- 557 Rank: ST-231
SUDIPTA SCORE- 529 Rank: SC-2086
SHIVABRATA SCORE- 499 Rank: ST-769
PRATYASHA SCORE- 483 Rank: SC-4659
BINOD SCORE- 476 Rank: ST-1172
ANSHUMAN SCORE- 469 Rank: SC-5752
MADHUSUDAN SCORE- 445 Rank: SC-8017
PRIYANKA SCORE- 418 Rank: ST-2573
ETEESHREE SCORE- 416 Rank: ST-2627
KHUSWANT SCORE- 386 Rank: ST-3726
TUSHAR SCORE- 360 Rank: ST-4888
MONALISHA SCORE- 346 Rank: ST-5544
INTRODUCING
HYBRID MODE
ONLINE & OFFLINE
IIT-JEE (ADVANCED) 2020
Prabhash Padhan Rank: 1505 Belpahad
Sankit Dash Rank: 2190 Sonepur
* Cat. Ranks
TARGET 2021
NEET / JEE (M & A)
Duration: One Year
Eligibility: 12th / +2 passouts
MAXIMUM EFFORT IS A HABIT.
That's what we sincerely do for our students.
YUVODAYA CLASSES Jayadev Vihar, BBSR, 9437330577/7381013202/9040064203/7381064208

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଅକ୍ଟୋବର ୧୯/୨୦୨୦ | Bhubaneswar, Monday, October 19/2020 | ପୃଷ୍ଠା-୧




## ନାଇଟ୍ ରାଇଡର୍ସକୁ ଜିତାଇଲେ ଫର୍ଗୁସନ

ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ଆଇପିଏଲ୍ ମ୍ୟାଚରେ କୋଲକାତା ନାଇଟ୍ ରାଇଡର୍ସକୁ ବିଜୟୀ କରାଇଛନ୍ତି ଲୋକି ଫର୍ଗୁସନ।

୧୨

୧୦

## ଜିଲାପି ପ୍ରିୟ ଶିଳ୍ପା

ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଶୁଟିଂ ସେଟ୍‌ରେ ଜିଲାପି ଖାଉଥିବା ବେଳର ଏକ ଭିଡିଓ ଶେୟାର କରିଛନ୍ତି। ସୋସିଆଲ ମିଡିଆରେ ଏହା ଭାଇରାଲ ହୋଇଛି।



## ବ୍ରହ୍ମୋସ ମିଶାଇଲ୍‌ର ସଫଳ ପରୀକ୍ଷଣ



ନୂଆଦିଲ୍ଲୀ, ୧୮।୧୦

ଶବ୍ଦଠାରୁ ଅଧିକ ବେଗରେ ଉଡ଼ାଣ କରିପାରୁଥିବା ନୌସେନାର ସୁପରସୋନିକ ବ୍ରହ୍ମୋସ କ୍ରୁଜ୍ କ୍ଷେପଣାସ୍ତ୍ରର ପରୀକ୍ଷଣ ରବିବାର ସଫଳ ହୋଇଛି। ଭାରତୀୟ ନୌସେନାର ଆଇଏନ୍‌ଏସ୍ ଚେନ୍ନାଇରୁ ଏହାକୁ ପରୀକ୍ଷଣ କରାଯାଇଛି। ଏହା ଶତ୍ରୁପକ୍ଷର ଯୁଦ୍ଧଜାହାଜ ଅକ୍ଳେଶରେ ଶତପ୍ରତିଶତ ଲକ୍ଷ୍ୟଭେଦ କରିପାରିବାର କ୍ଷମତା ରଖିଛି। ଏହି ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆର୍‌ଡିଓ), ବ୍ରହ୍ମୋସ କମ୍ପାନୀ ☞ପୃଷ୍ଠା-୨

# ସୌରଶକ୍ତି ପ୍ରକଳ୍ପକୁ ଅଣଦେଖା

## ପୂରଣ ହେଉନି ଆର୍‌ପିଓ ଲକ୍ଷ୍ୟ

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)

ରାଜ୍ୟରେ ବିଦ୍ୟୁତ୍ ଚାହିଦା ଦିନକୁ ଦିନ ବଢୁଛି। ହେଲେ ସେହି ହାରରେ ଉତ୍ପାଦନ ବୃଦ୍ଧି ପାଉନାହିଁ। ତାପଜ ଭଳି ପାରମ୍ପରିକ ଶକ୍ତି ଉତ୍ସଗୁଡ଼ିକ ଉପରେ ଚାପ ବଢ଼ିଚାଲିଛି। ପ୍ରଦୂଷଣ ମୁକ୍ତ ଅଣପାରମ୍ପରିକ ବିଦ୍ୟୁତ୍ ଉତ୍ପାଦନ ପାଇଁ ସମଗ୍ର ବିଶ୍ୱରେ ଗୁରୁତ୍ୱ ଦିଆଯାଉଥିବାବେଳେ ରାଜ୍ୟରେ ଏହି ଶକ୍ତି ଉତ୍ପାଦନକୁ ଅଣଦେଖା କରାଯାଉଛି। ପର୍ଯ୍ୟାପ୍ତ ସୁଯୋଗ ଥିବା ସତ୍ତ୍ୱେ ଦୂରଦୃଷ୍ଟି ଅଭାବ ଏବଂ ସରକାରୀ ଉଦାସୀନତା ଯୋଗୁ ରାଜ୍ୟରେ ସୌରଶକ୍ତି ଉତ୍ପାଦନ ବୃଦ୍ଧି ପାଇ ପାରୁ ନାହିଁ। କେବଳ ସେତିକି ନୁହେଁ, ବିଦ୍ୟୁତ୍ ବିତରଣ କମ୍ପାନୀ, ତାପଜ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଓ ଅଧିକ ବିଦ୍ୟୁତ୍ ବ୍ୟବହାର କରୁଥିବା ସଂସ୍ଥା ସେମାନଙ୍କ ଆବଶ୍ୟକତାର କିଛି ପରିମାଣ ଅଣପାରମ୍ପରିକ କ୍ଷେତ୍ରରୁ ଖରିଦ କରି ଆଇନ ଅନୁଯାୟୀ ରିନିଏବୁଲ୍ ପର୍ଚେଜ୍ ଓବ୍ଲିଗେଶନ୍‌ସ(ଆର୍‌ପିଓ) ଲକ୍ଷ୍ୟ ପୂରଣ କରିବା କଥା। କିନ୍ତୁ କୌଣସି ସଂସ୍ଥା ଏହାକୁ ମାନୁ ନାହାନ୍ତି। ଅଣପାରମ୍ପରିକ ସୌରଶକ୍ତିକୁ ପ୍ରୋତ୍ସାହନ ଦେବା ପରିବର୍ତ୍ତେ ରାଜ୍ୟ ସରକାର ଥର୍ମାଲ ଏନର୍ଜି ବା ତାପଜ ଶକ୍ତିକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ରାଜ୍ୟର ଶକ୍ତି ଚାହିଦା ମେଣ୍ଟାଇବାକୁ ଆଗାମୀ ଦିନରେ ହେବାକୁ ଥିବା ୧୪ଟି ପ୍ରକଳ୍ପ ମଧ୍ୟରୁ ୭ଟି ଥର୍ମାଲ ଏନର୍ଜି ରହିଥିବା ବେଳେ ମାତ୍ର ୩ଟି ସୌରଶକ୍ତି ପ୍ରକଳ୍ପ ଏବଂ ୪ଟି ନନ୍-ସୋଲାର(କ୍ଷୁଦ୍ର ଜଳବିଦ୍ୟୁତ୍ ଶକ୍ତି) ପ୍ରକଳ୍ପ ରହିଛି। ସୋଲାର ପାର୍କ ପ୍ରତିଷ୍ଠା ପାଇଁ ଓଡ଼ିଶାରେ ପର୍ଯ୍ୟାପ୍ତ ସୁଯୋଗ ରହିଥିଲେ ମଧ୍ୟ ସେ ଦିଗରେ ସରକାର ପଦକ୍ଷେପ ନେଉନାହାନ୍ତି।



ଗ୍ରୀଡ୍‌କୋ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ରାଜ୍ୟରେ ହାରାହାରି ୩,୮୫୦ ମେଗାୱାଟ୍ ବିଜୁଳି ଆବଶ୍ୟକ ହୋଇଥିବାବେଳେ ୩,୭୫୪ ମେଗାୱାଟ୍ ଉତ୍ପାଦନ ହେଉଛି। ବିଭିନ୍ନ ସରକାରୀ କମ୍ପାନୀ ବା ସଂସ୍ଥା ଦ୍ୱାରା ୨,୮୫୪ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେଉଥିବାବେଳେ ବେସରକାରୀ ସଂସ୍ଥା ଦ୍ୱାରା ୯୦୦ ମେଗାୱାଟ୍ ଉତ୍ପାଦନ ହେଉଛି। ଗ୍ରୀଡ୍‌କୋ ଉଭୟ ରାଜ୍ୟ ଓ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକଠାରୁ ଏହି ବଦ୍ୟୁତ୍ କ୍ରୟ କରିଥାଏ। ୨୦୧୯-୨୦ରେ ଗ୍ରୀଡ୍‌କୋ ମୋଟ ୨୧,୫୫୨ ମେଗା ୟୁନିଟ୍ ବିଦ୍ୟୁତ୍ ଶକ୍ତି ବିଭିନ୍ନ କ୍ଷେତ୍ରରୁ କ୍ରୟ କରିଥିବା ବେଳେ ☞ପୃଷ୍ଠା-୨

## ଆଜିର ସମ୍ପାଦକୀୟ

କୋଶିୟାରୀଙ୍କ ଚିଠି

## ଆଜିର ମନ୍ତବ୍ୟ

“ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଉପରେ କ୍ଷୁବ୍ଧ ଥିବା ସତ୍ତ୍ୱେ ଭାଜପା ମୋତେ ଟାର୍ଗେଟ କରି ଜେଡିୟୁ ସହ ମେଣ୍ଟ ଧର୍ମ ପାଳନ କରୁଛି। -ଚିରାଗ ପାଶ୍ୱାନ, ଲୋକ ଜନଶକ୍ତି ପାର୍ଟି ଅଧ୍ୟକ୍ଷ






# ଖୋର୍ଦ୍ଧାରେ ବଢୁଛି କରୋନା ମୃତ୍ୟୁ

- ରାଜ୍ୟରେ ଆଉ ୧୪ ମୃତ, ୨,୦୧୯ ଚିହ୍ନଟ
- କଟକରେ ୧୦୦ ଛୁଇଁଲା ମୃତ୍ୟୁ ସଂଖ୍ୟା

ଭୁବନେଶ୍ୱର,୧୮।୧୦ (ବ୍ୟୁରୋ)

ରାଜ୍ୟରେ କରୋନା ମୃତ୍ୟୁ ଚିନ୍ତା ବଢ଼ାଇବାରେ ଲାଗିଛି। ପୂର୍ବରୁ ହଟ୍‌ସ୍ପଟ୍ ଜିଲା ଥିବା ଗଞ୍ଜାମରେ କରୋଜନିତ ମୃତ୍ୟୁ ସଂଖ୍ୟା ସର୍ବାଧିକ ୨୨୫ ରହିଥିଲେ ମଧ୍ୟ ଦୈନିକ ମୃତ୍ୟୁରେ ବର୍ତ୍ତମାନ ଖୋର୍ଦ୍ଧା ଜିଲା ଆଗରେ ରହିଛି। ଶେଷ ୨୪ଘଣ୍ଟାରେ ରାଜ୍ୟରେ ଆଉ ୧୪ଜଣଙ୍କ ମୃତ୍ୟୁ ଘଟିଛି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧା (ଭୁବନେଶ୍ୱର)ରୁ ୪ଜଣ ଥିବାବେଳେ କଟକ ଓ ଜଗତ୍‌ସିଂହପୁରରୁ ୨ଜଣ ଲେଖାଏ, ପୁରୀ, ମୟୂରଭଞ୍ଜ, ଢେଙ୍କାନାଳ, କନ୍ଧମାଳ, ବଲାଙ୍ଗୀର ଓ ସମ୍ବଲପୁରରୁ ଜଣେ ଲେଖାଏ ରହିଛନ୍ତି। ଫଳରେ ମୋଟ ମୃତ୍ୟୁ ସଂଖ୍ୟା ୧,୧୩୫କୁ ବୃଦ୍ଧି ପାଇଛି। ଏହାକୁ ମିଶାଇ ଖୋର୍ଦ୍ଧା ଜିଲାରେ କରୋନା ମୃତ୍ୟୁ ୧୯୫ରେ ପହଞ୍ଚିଛି। ଏହି ଧାରା ଚାରି ରହିଲେ ଆଉ ଅଳ୍ପଦିନ ଭିତରେ ଖୋର୍ଦ୍ଧା ସଂକ୍ରମଣ ଭଳି ମୃତ୍ୟୁ ସଂଖ୍ୟାରେ ଗଞ୍ଜାମକୁ ଟପିଯିବ। ସେହିପରି କଟକରେ ମଧ୍ୟ ମୃତ୍ୟୁ ସଂଖ୍ୟା ବଢ଼ି ୧୦୦ ଛୁଇଁଛି।

ଅନ୍ୟପଟେ ରାଜ୍ୟରେ ଆଉ ୨,୦୧୯ ନୂଆ ☞ପୃଷ୍ଠା-୨

# ଲଘୁଚାପ: ପୁଣି ବୁଡ଼ାଇବ

## ସତର୍କ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

## ୪ ଦିନ ବର୍ଷିବ

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)

ବର୍ଷାଦିନ ଚାଲିଯିବା ପରେ ଗୋଟିଏ ପରେ ଗୋଟିଏ ଲଘୁଚାପ ରାଜ୍ୟକୁ ଭିଜେଇ ଚାଲିଛି। ସୋମବାର ସନ୍ଧ୍ୟା ସୁଦ୍ଧା ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ । ଏହାର ପ୍ରଭାବରେ ରାଜ୍ୟର ଅଧିକାଂଶ ଜିଲାରେ ବର୍ଷା ହେବ। କେତେକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଏପରି କି ଲଘୁଚାପ ଯୋଗୁ ଦକ୍ଷିଣ ଓଡ଼ିଶାର କେତେକ ନଦୀରେ ବନ୍ୟା ଆଶଙ୍କା ରହିଛି। ଖାଲୁଆ ଅଞ୍ଚଳ ଜଳମଗ୍ନ ହେବା ସହ ଭୂସ୍ଖଳନର ଚେତାବନୀ ଦିଆଯାଇଛି। ଲଘୁଚାପଜନିତ ବର୍ଷା ଉପରେ ନଜର ରଖିବା ସହ ପରିସ୍ଥିତିକୁ ମୁକାବିଲା କରିବାକୁ ସମସ୍ତ ପଦକ୍ଷେପ ନେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଲଘୁଚାପ ଯୋଗୁ ୧୯ ତାରିଖ ରାତିରୁ ୨୪ ତାରିଖ ଯାଏ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ଲାଗିରହିବ।

ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୧୯ ତାରିଖ ରାତିରୁ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ ଓ ଗଜପତି ଜିଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ୨୦ ତାରିଖରେ ଗଞ୍ଜାମ ଓ ଗଜପତି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ☞ପୃଷ୍ଠା-୨







# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୧୯/୨୦୨୦ | Bhubaneswar, Monday, October 19/2020 | ପୃଷ୍ଠା-୧




## ନାଇଟ୍ ରାଇଡର୍ସଙ୍କୁ ଜିତାଇଲେ ଫର୍ଗୁସନ

ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ଆଇପିଏଲ୍ ମ୍ୟାଚରେ କୋଲକାତା ନାଇଟ୍ ରାଇଡର୍ସଙ୍କୁ ବିଜୟୀ କରାଇଛନ୍ତି ଲୋକି ଫର୍ଗୁସନ।


୧୨ ୧୦


## ଜିଲାପି ପ୍ରିୟ ଶିଳ୍ପା

ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଶୁଟିଂ ସେଟ୍‌ରେ ଜିଲାପି ଖାଉଥିବା ବେଳର ଏକ ଭିଡିଓ ଶେୟାର କରିଛନ୍ତି। ସୋସିଆଲ ମିଡିଆରେ ଏହା ଭାଇରାଲ ହୋଇଛି।



## ବ୍ରହ୍ମୋସ ମିଶାଇଲ୍‌ର ସଫଳ ପରୀକ୍ଷଣ



ନୂଆଦିଲ୍ଲୀ, ୧୮।୧୦

ଶବ୍ଦଠାରୁ ଅଧିକ ବେଗରେ ଉଡ଼ାଣ କରିପାରୁଥିବା ନୌସେନାର ସୁପରସୋନିକ ବ୍ରହ୍ମୋସ କ୍ରୁଜ୍ କ୍ଷେପଣାସ୍ତ୍ରର ପରୀକ୍ଷଣ ରବିବାର ସଫଳ ହୋଇଛି। ଭାରତୀୟ ନୌସେନାର ଆଇଏନ୍ଏସ୍ ଚେନ୍ନାଇରୁ ଏହାକୁ ପରୀକ୍ଷଣ କରାଯାଇଛି। ଏହା ଶତ୍ରୁପକ୍ଷର ଯୁଦ୍ଧଜାହାଜ ଅକ୍ଲେଶରେ ଶତପ୍ରତିଶତ ଲକ୍ଷ୍ୟଭେଦ କରିପାରିବାର କ୍ଷମତା ରଖିଛି। ଏହି ସଫଳତା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆର୍‌ଡିଓ), ବ୍ରହ୍ମୋସ କମ୍ପାନୀ ☞ପୃଷ୍ଠା-୨

# ସୌରଶକ୍ତି ପ୍ରକଳ୍ପକୁ ଅଣଦେଖା

### ପୂରଣ ହେଉନି ଆର୍‌ପିଓ ଲକ୍ଷ୍ୟ

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)

ରାଜ୍ୟରେ ବିଦ୍ୟୁତ୍ ଚାହିଦା ଦିନକୁ ଦିନ ବଢ଼ୁଛି। ହେଲେ ସେହି ହାରରେ ଉତ୍ପାଦନ ବୃଦ୍ଧି ପାଉନାହିଁ। ତାପଜ ଭଳି ପାରମ୍ପରିକ ଶକ୍ତି ଉତ୍ସଗୁଡ଼ିକ ଉପରେ ଚାପ ବଢ଼ିଚାଲିଛି। ପ୍ରଦୂଷଣ ମୁକ୍ତ ଅଣପାରମ୍ପରିକ ବିଦ୍ୟୁତ୍ ଉତ୍ପାଦନ ପାଇଁ ସମଗ୍ର ବିଶ୍ୱରେ ଗୁରୁତ୍ୱ ଦିଆଯାଉଥିବାବେଳେ ରାଜ୍ୟରେ ଏହି ଶକ୍ତି ଉତ୍ପାଦନକୁ ଅଣଦେଖା କରାଯାଉଛି। ପର୍ଯ୍ୟାପ୍ତ ସୁଯୋଗ ଥିବା ସତ୍ତ୍ୱେ ଦୂରଦୃଷ୍ଟି ଅଭାବ ଏବଂ ସରକାରୀ ଉଦାସୀନତା ଯୋଗୁ ରାଜ୍ୟରେ ସୌରଶକ୍ତି ଉତ୍ପାଦନ ବୃଦ୍ଧି ପାଇ ପାରୁ ନାହିଁ। କେବଳ ସେତିକି ନୁହେଁ, ବିଦ୍ୟୁତ୍ ବିତରଣ କମ୍ପାନୀ, ତାପଜ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଓ ଅଧିକ ବିଦ୍ୟୁତ୍ ବ୍ୟବହାର କରୁଥିବା ସଂସ୍ଥା ସେମାନଙ୍କ ଆବଶ୍ୟକତାର କିଛି ପରିମାଣ ଅଣପାରମ୍ପରିକ କ୍ଷେତ୍ରରୁ ଖରିଦ କରି ଆଇନ ଅନୁଯାୟୀ ରିନିଏବୁଲ୍ ପର୍ଚେଜ୍ ଓବ୍ଲିଗେଶନ୍‌ସ(ଆର୍‌ପିଓ) ଲକ୍ଷ୍ୟ ପୂରଣ କରିବା କଥା। କିନ୍ତୁ କୌଣସି ସଂସ୍ଥା ଏହାକୁ ମାନୁ ନାହାନ୍ତି। ଅଣପାରମ୍ପରିକ ସୌରଶକ୍ତିକୁ ପ୍ରୋତ୍ସାହନ ଦେବା ପରିବର୍ତ୍ତେ ରାଜ୍ୟ ସରକାର ଥର୍ମାଲ ଏନର୍ଜି ବା ତାପଜ ଶକ୍ତିକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ରାଜ୍ୟର ଶକ୍ତି ଚାହିଦା ମେଣ୍ଟାଇବାକୁ ଆଗାମୀ ଦିନରେ ହେବାକୁ ଥିବା ୧୪ଟି ପ୍ରକଳ୍ପ ମଧ୍ୟରୁ ୭ଟି ଥର୍ମାଲ ଏନର୍ଜି ରହିଥିବା ବେଳେ ମାତ୍ର ୩ଟି ସୌରଶକ୍ତି ପ୍ରକଳ୍ପ ଏବଂ ୪ଟି ନନ୍-ସୋଲାର(କ୍ଷୁଦ୍ର ଜଳବିଦ୍ୟୁତ୍ ଶକ୍ତି) ପ୍ରକଳ୍ପ ରହିଛି। ସୋଲାର ପାର୍କ ପ୍ରତିଷ୍ଠା ପାଇଁ ଓଡ଼ିଶାରେ ପର୍ଯ୍ୟାପ୍ତ ସୁଯୋଗ ରହିଥିଲେ ମଧ୍ୟ ସେ ଦିଗରେ ସରକାର ପଦକ୍ଷେପ ନେଉନାହାନ୍ତି।



ଗ୍ରୀଡ୍‌କୋ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ରାଜ୍ୟରେ ହାରାହାରି ୩,୮୫୦ ମେଗାୱାଟ୍ ବିଜୁଳି ଆବଶ୍ୟକ ହୋଇଥିବାବେଳେ ୩,୭୫୪ ମେଗାୱାଟ୍ ଉତ୍ପାଦନ ହେଉଛି। ବିଭିନ୍ନ ସରକାରୀ କମ୍ପାନୀ ବା ସଂସ୍ଥା ଦ୍ୱାରା ୨,୮୫୪ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ହେଉଥିବାବେଳେ ବେସରକାରୀ ସଂସ୍ଥା ଦ୍ୱାରା ୯୦୦ ମେଗାୱାଟ୍ ଉତ୍ପାଦନ ହେଉଛି। ଗ୍ରୀଡ୍‌କୋ ଉଭୟ ରାଜ୍ୟ ଓ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକଠାରୁ ଏହି ବଦ୍ୟୁତ୍ କ୍ରୟ କରିଥାଏ। ୨୦୧୯-୨୦ରେ ଗ୍ରୀଡ୍‌କୋ ମୋଟ ୨୧,୫୫୨ ମେଗା ୟୁନିଟ୍ ବିଦ୍ୟୁତ୍ ଶକ୍ତି ବିଭିନ୍ନ କ୍ଷେତ୍ରରୁ କ୍ରୟ କରିଥିବା ବେଳେ ☞ପୃଷ୍ଠା-୨

## ଆଜିର ସମ୍ପାଦକୀୟ

କୋଶିୟାରୀଙ୍କ ଚିଠି

## ଆଜିର ମନ୍ତବ୍ୟ

“ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଉପରେ କ୍ଷୁବ୍ଧ ଥିବା ସତ୍ତ୍ୱେ ଭାଜପା ମୋତେ ଟାର୍ଗେଟ କରି ଜେଡିୟୁ ସହ ମେଣ୍ଟ ଧର୍ମ ପାଳନ କରୁଛି। -ଚିରାଗ ପାଶ୍ୱାନ, ଲୋକ ଜନଶକ୍ତି ପାର୍ଟି ଅଧକ୍ଷ






# ଖୋର୍ଦ୍ଧାରେ ବଢ଼ୁଛି କରୋନା ମୃତ୍ୟୁ

ଭୁବନେଶ୍ୱର,୧୮।୧୦ (ବ୍ୟୁରୋ)

- ରାଜ୍ୟରେ ଆଉ ୧୪ ମୃତ, ୨,୦୧୯ ଚିହ୍ନଟ
- କଟକରେ ୧୦୦ ଛୁଇଁଲା ମୃତ୍ୟୁ ସଂଖ୍ୟା

ରାଜ୍ୟରେ କରୋନା ମୃତ୍ୟୁ ଚିନ୍ତା ବଢ଼ାଇବାରେ ଲାଗିଛି। ପୂର୍ବରୁ ହଟ୍‌ସ୍ପଟ୍ ଜିଲା ଥିବା ଗଞ୍ଜାମରେ କରୋଜନିତ ମୃତ୍ୟୁ ସଂଖ୍ୟା ସର୍ବାଧିକ ୨୨୫ ରହିଥିଲେ ମଧ୍ୟ ଦୈନିକ ମୃତ୍ୟୁରେ ବର୍ତ୍ତମାନ ଖୋର୍ଦ୍ଧା ଜିଲା ଆଗରେ ରହିଛି। ଶେଷ ୨୪ଘଣ୍ଟାରେ ରାଜ୍ୟରେ ଆଉ ୧୪ଜଣଙ୍କ ମୃତ୍ୟୁ ଘଟିଛି। ଏମାନଙ୍କ ମଧ୍ୟରେ ଖୋର୍ଦ୍ଧା (ଭୁବନେଶ୍ୱର)ରୁ ୪ଜଣ ଥିବାବେଳେ କଟକ ଓ ଜଗତ୍‌ସିଂହପୁରରୁ ୨ଜଣ ଲେଖାଏ, ପୁରୀ, ମୟୂରଭଞ୍ଜ, ଢେଙ୍କାନାଳ, କନ୍ଧମାଳ, ବଲାଙ୍ଗୀର ଓ ସମ୍ବଲପୁରରୁ ଜଣେ ଲେଖାଏ ରହିଛନ୍ତି। ଫଳରେ ମୋଟ ମୃତ୍ୟୁ ସଂଖ୍ୟା ୧,୧୩୫କୁ ବୃଦ୍ଧି ପାଇଛି। ଏହାକୁ ମିଶାଇ ଖୋର୍ଦ୍ଧା ଜିଲାରେ କରୋନା ମୃତ୍ୟୁ ୧୯୫ରେ ପହଞ୍ଚିଛି। ଏହି ଧାରା ଚାରି ରହିଲେ ଆଉ ଅଳ୍ପଦିନ ଭିତରେ ଖୋର୍ଦ୍ଧା ସଂକ୍ରମଣ ଭଳି ମୃତ୍ୟୁ ସଂଖ୍ୟାରେ ଗଞ୍ଜାମକୁ ଟପିଯି। ସେହିପରି କଟକରେ ମଧ୍ୟ ମୃତ୍ୟୁ ସଂଖ୍ୟା ବଢ଼ି ୧୦୦ ଛୁଇଁଛି।

ଅନ୍ୟପଟେ ରାଜ୍ୟରେ ଆଉ ୨,୦୧୯ ନୂଆ ☞ପୃଷ୍ଠା-୨

# ଲଘୁଚାପ: ପୁଣି ବୁଡ଼ାଇବ

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)

### ସତର୍କ ରହିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

### ୫ ଦିନ ବର୍ଷିବ

ବର୍ଷାଦିନ ଚାଲିଯିବା ପରେ ଗୋଟିଏ ପରେ ଗୋଟିଏ ଲଘୁଚାପ ରାଜ୍ୟକୁ ଭିଜେଇ ଚାଲିଛି। ସୋମବାର ସନ୍ଧ୍ୟା ସୁଦ୍ଧା ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବ । ଏହାର ପ୍ରଭାବରେ ରାଜ୍ୟର ଅଧିକାଂଶ ଜିଲାରେ ବର୍ଷା ହେବ। କେତେକ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଏପରି କି ଲଘୁଚାପ ଯୋଗୁ ଦକ୍ଷିଣ ଓଡ଼ିଶାର କେତେକ ନଦୀରେ ବନ୍ୟା ଆଶଙ୍କା ରହିଛି। ଖାଲୁଆ ଅଞ୍ଚଳ ଜଳମଗ୍ନ ହେବା ସହ ଭୂସ୍ଖଳନର ଚେତାବନୀ ଦିଆଯାଇଛି। ଲଘୁଚାପଜନିତ ବର୍ଷା ଉପରେ ନଜର ରଖିବା ସହ ପରିସ୍ଥିତିକୁ ମୁକାବିଲା କରିବାକୁ ସମସ୍ତ ପଦକ୍ଷେପ ନେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଲଘୁଚାପ ଯୋଗୁ ୧୯ ତାରିଖ ରାତିରୁ ୨୪ ତାରିଖ ଯାଏ ରାଜ୍ୟର ବିଭିନ୍ନ ଜିଲାରେ ବର୍ଷା ଲାଗିରହିବ।

ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ୧୯ ତାରିଖ ରାତିରୁ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ ଓ ଗଜପତି ଜିଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ୨୦ ତାରିଖରେ ଗଞ୍ଜାମ ଓ ଗଜପତି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ☞ପୃଷ୍ଠା-୨







## ୬ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ରକ୍ତ ଚନ୍ଦନ କାଠ ଜବତ

ପାରଳାଖେମୁଣ୍ଡି : ଗଜପତି ଜିଲା ନାରାୟଣପୁର ବନାଞ୍ଚଳ କାର୍ଯ୍ୟାଳୟ ଓ ଗାରାବନ୍ଧ ଥାନା ପକ୍ଷରୁ ରବିବାର ୬କୁଇଣ୍ଟାଲ ୬୦କେଜି ରକ୍ତଚନ୍ଦନ କାଠ ଜବତ କରାଯାଇଛି। ଗୋଷାଣୀ ବ୍ଲକ ଭୀମପୁର ଗ୍ରାମ ନିକଟ ଏକ ପରିତ୍ୟକ୍ତ କୋଠାଘରେ ରକ୍ତଚନ୍ଦନ କାଠ ଥିବା ସୂଚନା ପାଇ ନାରାୟଣପୁର ବନାଞ୍ଚଳ କର୍ମଚାରୀ ଓ ଗାରାବନ୍ଧ ପୋଲିସ ମିଳିତ ଭାବେ ଚଢାଉ କରିଥିଲେ। ସେଠାରୁ ୧୮ଟି ରକ୍ତ ଚନ୍ଦନ କାଠଗଣ୍ଡି ଜବତ କରାଯାଇଥିଲା। ଏହାର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ନାରାୟଣପୁର ବନାଞ୍ଚଳ ଅଧିକାରୀ କବିନ ପରିଚ୍ଛା କହିଛନ୍ତି। ପଡୋଶୀ ଆନ୍ଧ୍ର ପ୍ରଦେଶକୁ ଚୋରା ଚାଲାଣ କରିବାକୁ କାଠ ମାଫିଆ ଏହାକୁ ରଖିଥିବା ଅନୁମାନ କରାଯାଉଛି। ଏନେଇ କାହାରିକୁ ଗିରଫ କରାଯାଇନାହିଁ।


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଟିଙ୍ଗୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବନ ଦୁରୁଗାକୁ ବନ ମାଳତି,**
**ଧୂପ ନାହିଁ, ଦୀପ ନାହିଁ,**
**ତୁଚ୍ଛା ଆଳତି।**

ଯାହାକୁ ଯେମିତି, ଯେଉଁଠି ଯେମିତି ତାହା ହିଁ କରିବା ଠିକ୍। ମଣିଷର ଗୁଣ ଏବଂ ବ୍ୟବହାର ହିଁ ତା'ର ଅସଲ ପରିଚୟ ଓ ଯୋଗ୍ୟତା ହୋଇଥାଏ। ଯେଉଁମାନେ ଅନ୍ୟ ପ୍ରତି ଭଦ୍ରୋଚିତ ବ୍ୟବହାର ଦେଖାନ୍ତି, ତାଙ୍କ ପ୍ରତି ଅନ୍ୟମାନେ ମଧ୍ୟ ସେଭଳି ବ୍ୟବହାର ଦେଖାଇଥାନ୍ତି। ଅବସ୍ଥା ଦେଖି ବ୍ୟବସ୍ଥା। ଯିଏ ଯେମିତି ବ୍ୟବହାର ପାଇବା ଯୋଗ୍ୟ ତାକୁ ସେମିତି ବ୍ୟବହାର ମିଳିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ବାଁ ଡାହାଣ,**
**ଦୁଇ ହାତରେ ଫୁଲର ବାସ ସମାନ।**

ଫୁଲ ଯେଉଁ ହାତରେ ଧରିଥିଲେ ମଧ୍ୟ ଏହାର ବାସନାରେ କିନ୍ତୁ କୌଣସି ଫରକ ରହି ନ ଥାଏ। ଯାହା ଭଲ, ତାହା ସର୍ବତ୍ର ଭଲ ବା ଉତ୍ତମ ବୋଲି ବିବେଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

# ଶାନ୍ତିସ୍ତୂପ ବୁଲିଲେ ୧୫୦୦ପର୍ଯ୍ୟଟକ

**ପୁରୁଣା ଭୁବନେଶ୍ୱର,** ୧୮।୧୦ (ଡି.ଏନ୍.ଏ.)

କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ୭ମାସ ହେଲା ବନ୍ଦ ଥିବା ଶାନ୍ତିସ୍ତୂପ ଧଉଳି ଶୁକ୍ରବାରଠାରୁ ଖୋଲାଯାଇଛି। ପ୍ରଥମ ଦିନରେ ପ୍ରାୟ ୩୦୦ ପର୍ଯ୍ୟଟକ ଧଉଳି ବୁଲିଥିବା ବେଳେ, ଶନିବାର ୬୦୦ ଏବଂ ରବିବାର ମଧ୍ୟ ୬୦୦ ପର୍ଯ୍ୟଟକ ଧଉଳି ବୁଲିଥିବା ଧଉଳି ଉନ୍ନୟନ କମିଟି ପକ୍ଷରୁ ଜଣାପଡ଼ୁଛି। ଏମାନଙ୍କ ମଧ୍ୟରେ ଓଡ଼ିଶା ଏବଂ ପଶ୍ଚିମବଙ୍ଗର ପର୍ଯ୍ୟଟକ ରହିଛନ୍ତି। ଗେଟ ନିକଟରେ ଥର୍ମାଲ ସ୍କ୍ରିନିଂ ଓ ସାନିଟାଇଜର ବ୍ୟବସ୍ଥା କରାଯାଇଛି। ସୂଚନାଥାଉକି, ଗତ ମାର୍ଚ୍ଚ ୧୫ ତାରିଖରୁ ସର୍ବସାଧାରଣଙ୍କ ନିମନ୍ତେ ଶାନ୍ତିସ୍ତୂପ ଧଉଳି ବନ୍ଦ କରାଯାଇଥିଲା। ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ପର୍ଯ୍ୟଟନ କ୍ଷେତ୍ର ଧଉଳିକୁ ସର୍ବସାଧାରଣ ତଥା ପର୍ଯ୍ୟଟକଙ୍କ ନିମନ୍ତେ ଗତ ୧୬ତାରିଖରୁ ଖୋଲାଯିବା ନେଇ ନିଷ୍ପତ୍ତି ନିଆଯାଇଥିବା ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଛନ୍ତି।

# ବିରଜା ମନ୍ଦିର ପରିକ୍ରମା କଲା ସିଂହଧ୍ୱଜ ରଥ

ଯାଜପୁର ଟାଉନ, **୧୮।୧୦ (ଡି.ଏନ୍.ଏ.)**

ଯାଜପୁରର ଅଧିଷ୍ଠାତ୍ରୀ ମା' ବିରଜାଙ୍କ ରଥଯାତ୍ରା ରବିବାର ଥିଲା ଦ୍ୱିତୀୟ ଦିବସ। ଶନିବାରଠାରୁ ରଥଯାତ୍ରା ଆରମ୍ଭ ହୋଇଥିବା ବେଳେ ୨ୟ ଦିବସରେ ମା'ଙ୍କ ସିଂହଧ୍ୱଜ ରଥ ପ୍ରତିଷ୍ଠା କରାଯାଇଥିଲା। ସନ୍ଧ୍ୟାରେ ମା'ଙ୍କ ରଥ ମନ୍ଦିର ଚାରିପଟେ ପରିକ୍ରମା କରିଥିଲା। ରଥଯାତ୍ରା ସମୟରେ ଘଣ୍ଟି, କାହାଳି ଓ ହରିବୋଲ ଧ୍ୱନୀରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ମନ୍ଦିର ସେବାୟତ ଓ ପୋଲିସ କର୍ମଚାରୀ ରଥ ଟାଣିଥିଲେ। ରଥଟଣା ଯୋଗୁ ଆଇନଶୃଙ୍ଖଳା ରକ୍ଷା ଓ କରୋନା କଟକଣା ପାଇଁ ଜିଲା ପ୍ରଶାସନର ନିର୍ଦ୍ଦେଶ ମୁତାବକ, ମନ୍ଦିର ଚତୁପାର୍ଶ୍ୱରେ ୧୪୪ଧାରା ଜାରି କରାଯାଇଛି। ଆଗାମୀ ୨୪ତାରିଖ ପର୍ଯ୍ୟନ୍ତ ରଥ ପ୍ରତି ସନ୍ଧ୍ୟାରେ ମନ୍ଦିର ଚାରିପଟେ ପରିକ୍ରମା କରିବ।

## ପ୍ରଥମ ପୃଷ୍ଠାରୁ...

### ସୌରଶକ୍ତି ପ୍ରକଳ୍ପକୁ...

୩ଟି କେନ୍ଦ୍ରୀୟ ସଂସ୍ଥାଠାରୁ ୨,୯୬୨ ମେଗା ୟୁନିଟ୍ କିଣିଛି। ସୌରଶକ୍ତି ଉତ୍ପାଦନ ପାଇଁ ରାଜ୍ୟରେ ବ୍ୟାପକ ସୁଯୋଗ ଥିଲେ ମଧ୍ୟ ସୋଲାର ପାର୍କ ପ୍ରତିଷ୍ଠା କରିବା ପରିବର୍ତ୍ତେ ରାଜ୍ୟ ସରକାର ବିଦ୍ୟୁତ୍ ଚାହିଦା ମେଣ୍ଟାଇବା ପାଇଁ କେନ୍ଦ୍ର ତଥା ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଛନ୍ତି। କ୍ରମାଗତଭାବେ ଓଡ଼ିଶାରେ ବିଦ୍ୟୁତ୍ ଚାହିଦା ବଢି ଚାଲିଥିବାବେଳେ ୨୦୨୪ ସୁଦ୍ଧା ଏହା ୬୦୦୦ ମେଗାୱାଟ୍‌ରେ ପହଞ୍ଚିବ ବୋଲି ଆକଳନ କରାଯାଉଛି। ଏପରି ସ୍ଥଳେ ସରକାର ଯଦି କେବଳ ତାପଜ ଓ ଜଳ ବିଦ୍ୟୁତ୍ ଉପରେ ନିର୍ଭର କରନ୍ତି ଆଗାମୀ ଦିନରେ ସ୍ଥିତି ଅସମ୍ଭାଳ ହୋଇପଡ଼ିବ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି। ସୂଚନା ମୁତାବକ, ରାଜ୍ୟରେ ଶିଳ୍ପ କ୍ଷେତ୍ରରେ ୬,୯୫୯ ମେଗା ୟୁନିଟ୍‌ରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଶକ୍ତି ଆବଶ୍ୟକ ହେଉଥିବା ବେଳେ ଘରୋଇ ବ୍ୟବହାର ପାଇଁ ୭,୩୨୮ ମେଗା ୟୁନିଟ୍, କୃଷି କ୍ଷେତ୍ରକୁ ୬୧୪ ମେଗା ୟୁନିଟ୍, ବ୍ୟବସାୟିକ କ୍ଷେତ୍ରକୁ ୧୯୮୨ ମେଗା ୟୁନିଟ୍ ଏବଂ ଅନ୍ୟାନ୍ୟ କ୍ଷେତ୍ରକୁ ୨୬୭୬.୭୧୮ ମେଗା ୟୁନିଟ୍ ବିଦ୍ୟୁତ୍ ଆବଶ୍ୟକ ହେଉଛି। ହେଲେ ଏହାମଧ୍ୟରୁ ଅଧିକାଂଶ ଭାଗ ତାପଜ ବିଦ୍ୟୁତ୍ ଶକ୍ତିରୁ ମିଳୁଛି। ଗ୍ରୀଡ୍‌କୋ ତଥ୍ୟ ଅନୁଯାୟୀ, ଓଡ଼ିଶାରେ ସର୍ବାଧିକ ତାପଜ ବିଦ୍ୟୁତ୍ ଶକ୍ତି ଉତ୍ପାଦିତ ହେଉଛି। ଏହାତଳକୁ ଜଳ ବିଦ୍ୟୁତ୍ ଶକ୍ତି ରହିଥିବା ବେଳେ ଅତି ନଗଣ୍ୟ ସୌରଶକ୍ତି ଉତ୍ପାଦନ ହୋଇପାରୁଛି। ମୋଟ ୪୩୨୦ ମେଗାୱାଟ୍ ତାପଜ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହେଉଥିବା ବେଳେ ୨୦୮୩ ମେଗାୱାଟ୍ ଜଳବିଦ୍ୟୁତ୍ ଶକ୍ତି, ୩୭୨ ମେଗାୱାଟ୍ ସୌରବିଦ୍ୟୁତ୍ ଶକ୍ତି, ୮୧ ମେଗାୱାଟ୍ କ୍ଷୁଦ୍ର ଜଳବିଦ୍ୟୁତ୍ ଶକ୍ତି ଏବଂ ୨୦ ମେଗାୱାଟ୍ ବାୟୋମାସ୍ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହେଉଛି।

ସେହିଭଳି ୪ ବର୍ଷ ପୂର୍ବେ ଓଡ଼ିଶା ୧୦୦୦ ମେଗାୱାଟ୍‌ର ସୋଲାର ପାର୍କ ନିର୍ମାଣ ପାଇଁ ଯୋଜନା କରିଥିବାବେଳେ ଜମି ଅଭାବରୁ ଏହା ୨୭୫ ମେଗାୱାଟ୍‌କୁ ଖସି ଆସିଛି। ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଅଧିକ ସମୟ ନେବା ଯୋଗୁ ଏ କ୍ଷେତ୍ରରେ ଥିବା ସୁଯୋଗକୁ ଓଡ଼ିଶା ହାତଛଡ଼ା କରିଛି। କୃଷି କ୍ଷେତ୍ରରେ ନୂତନ ଓ ଅକ୍ଷୟ ଶକ୍ତିର ପ୍ରୟୋଗ ଉପରେ କେନ୍ଦ୍ର ସରକାର ଗୁରୁତ୍ୱାରୋପ କରୁଥିବା ବେଳେ ରାଜ୍ୟ ସରକାର ଏକ୍ଷେତ୍ରରେ ବହୁପଛରେ ଅଛନ୍ତି। ରାଜ୍ୟ ରାଜଧାନୀ ସହ ପର୍ଯ୍ୟଟନସ୍ଥଳଗୁଡ଼ିକୁ ସୌରଶକ୍ତି ପରିଚାଳିତ କରିବାକୁ କେନ୍ଦ୍ର ସରକାର କହୁଥିବାବେଳେ ତାହା ଏବେ ବି ପୂରଣ ହୋଇପାରୁ ନାହିଁ। ରାଜ୍ୟ ସରକାର ସୌରଶକ୍ତିକୁ ପ୍ରୋତ୍ସାହନ ଦେଉ ନ ଥିବାରୁ ବିଧାନସଭା ଅଧିବେଶନରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ। ଭୁବନେଶ୍ୱରରେ ଗତ ଦୁଇବର୍ଷ ହେବ ଲୋକେ ସୌରଶକ୍ତି ବ୍ୟବହାର କରୁଥିଲେ ହେଁ ସେମାନଙ୍କୁ ପ୍ରୋତ୍ସାହନ କରାଯାଉନାହିଁ। ସୋଲାର ଏନର୍ଜିକୁ ଓଡ଼ିଶାର ଅଫିସରମାନେ ପ୍ରମୋଟ କରୁ ନ ଥିବା ବାଚସ୍ପତି କ୍ଷୋଭ ପ୍ରକାଶ କରିଥିଲେ।

### ଲଘୁଚାପ: ପୁଣି ...

ଏଥିସହିତ ମାଲକାନଗିରି, କୋରାପୁଟ, ରାୟଗଡ଼ା ଏବଂ ପୁରୀରେ ମଧ୍ୟ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୧ ତାରିଖରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, ପୁରୀ, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଏବଂ ଭଦ୍ରକ ଜିଲାରେ ପ୍ରବଳ ବର୍ଷା ହେବ। ସେହିପରି ୨୨ ତାରିଖରେ ମାଲକାନଗିରି, କୋରାପୁଟ, ରାୟଗଡା, ଗଞ୍ଜାମ ଓ ଗଜପତି ବାଲେଶ୍ୱର, ଭଦ୍ରକ ଏବଂ କେନ୍ଦ୍ରାପଡ଼ା ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ। ଏନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସମୁଦ୍ର ଉପକୂଳରେ ଘଣ୍ଟାକୁ ୪୦ରୁ ୫୦ କି.ମି. ବେଗରେ ପବନ ବହିବ। ଆସନ୍ତା ୨୨ ତାରିଖ ଯାଏ ସମୁଦ୍ରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇଛି। ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଆନ୍ଧ୍ର ଉପକୂଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏଥିଯୋଗୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓଡ଼ିଶା ସମେତ ମୟୂରଭଞ୍ଜ, ଢେଙ୍କନାଳ, ମାଲକାନଗିରି, କୋରାପୁଟ ଏବଂ ରାୟଗଡ଼ା ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ଲଗାତର ଲଘୁଚାପ ଯୋଗୁ ମୌସୁମୀ ପ୍ରତ୍ୟାବର୍ତ୍ତନରେ ବିଳମ୍ବ ହୋଇଛି।

### ବ୍ରହ୍ମୋସ ମିଶାଇଲ୍‌ର ...

ଏବଂ ଭାରତୀୟ ନୌସେନାକୁ ଅଭିନନ୍ଦନ ଜଣାଇଛନ୍ତି। ଡିଆର୍‌ଡିଓ ସଚିବ ତଥା ଏହାର ଅଧ୍ୟକ୍ଷ ଡ. ସତୀଶ ରେଡ୍ଡୀ ଏହି ସଫଳତା ପାଇଁ ବ୍ରହ୍ମୋସ କ୍ଷେପଣାସ୍ତ୍ର ନିର୍ମାଣ ସହ ଜଡ଼ିତ ବୈଜ୍ଞାନିକ ତଥା ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଡିଆର୍‌ଡିଓ ଅଧ୍ୟକ୍ଷ ସତୀଶ କହିଛନ୍ତି, ବ୍ରହ୍ମୋସ କ୍ଷେପଣାସ୍ତ୍ର ଅନେକାଂଶରେ ଭାରତୀୟ ସଶସ୍ତ୍ର ବାହିନୀର କ୍ଷମତା ବୃଦ୍ଧି କରିବ। ଏହା ଭାରତର ପ୍ରମୁଖ ଷ୍ଟ୍ରାଇକ୍ କ୍ଷେପଣାସ୍ତ୍ର, ଯାହାକି ସମୁଦ୍ର ବକ୍ଷରେ ଦୂର ଲକ୍ଷ୍ୟକୁ ଭେଦ କରିପାରିବ। ଭାରତ ଏବଂ ରୁଷିଆ ବ୍ରହ୍ମୋସ କ୍ଷେପଣାସ୍ତ୍ରକୁ ମିଳିତ ଭାବେ ବିକଶିତ କରିଛନ୍ତି।

### ଖୋର୍ଦ୍ଧାରେ ବଢୁଛି ...

କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୮୩ଜଣ ଥିବାବେଳେ କଟକରୁ ୧୫୦, ଅନୁଗୋଳ ୧୨୯ ଓ ମୟୂରଭଞ୍ଜ ୧୧୧ଜଣ ରହିଛନ୍ତି। ଅନ୍ୟସବୁ ଜିଲାରେ ସଂକ୍ରମିତ ସଂଖ୍ୟା ଶହେ ତଳକୁ ରହିଥିବାବେଳେ ଗଜପତିରେ ସର୍ବନିମ୍ନ ୬ଜଣ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୨,୬୮,୩୬୪ରେ ପହଞ୍ଚିଛି।

# 'କରୋନା କାଳରେ ମୁସ୍‌ଲିମ୍‌ଙ୍କ ସହ ଭେଦଭାବ'

**ପାକିସ୍ତାନୀ ମଞ୍ଚରେ ଥରୁରଙ୍କ ମନ୍ତବ୍ୟ**
**ଭାଜପା-କଂଗ୍ରେସ ମୁହାଁମୁହିଁ**

**ନୂଆଦିଲ୍ଲୀ,୧୮।୧୦(ପି.ଟି.)**

ବରିଷ୍ଠ କଂଗ୍ରେସ ନେତା ଶଶୀ ଥରୁର ପାକିସ୍ତାନୀ ମଞ୍ଚରେ ଦେଇଥିବା ଏକ ମନ୍ତବ୍ୟକୁ ନେଇ ରବିବାର ଭାଜପା ଓ କଂଗ୍ରେସ ମୁହାଁମୁହିଁ ହୋଇଛନ୍ତି। ଥରୁର ଭାରତର ଛବି ଖରାପ କରିଥିବା ଶାସକ ଦଳ ଅଭିଯୋଗ ଆଣିବା ସହ କଂଗ୍ରେସ ନେତା ରାହୁଲ ଗାନ୍ଧୀ ପାକିସ୍ତାନରେ ନିର୍ବାଚନ ଲଢ଼ିବାକୁ ଚାହୁଁଥିବା ପ୍ରକାଶ କରିଛି।



ସମ୍ବିତ ପାତ୍ର | ଶଶୀ ଥରୁର

ଗତମାସରେ ଆୟୋଜିତ ଲାହୋର ଲିଟ୍ ଫେଷ୍ଟକୁ ଥିରୁଭାନନ୍ତପୁରମ୍ ଏମ୍‌ପି ଶଶୀ ଥରୁର ଅନ୍‌ଲାଇନ୍‌ରେ ଏକ ମନ୍ତବ୍ୟ ଦେଇଥିଲେ। ସେଥିରେ ସେ କରୋନା ମୁକାବିଲାରେ ମୋଦି ସରକାରଙ୍କ ବିଫଳତାକୁ ନେଇ ସମାଲୋଚନା କରିଥିଲେ। ପାକିସ୍ତାନ ଆମଠାରୁ ଭଲ ଭାବେ କରୋନା ସଂକ୍ରମଣକୁ ରୋକିପାରିଛି। ଭାରତରେ ମହାମାରୀ ସମୟରେ ମୁସଲମାନଙ୍କ ବିରୋଧରେ କଠୋର ଓ ଭେଦଭାବ ନୀତି ଆପଣାଯାଉଛି ବୋଲି ଭର୍ଚୁଆଲ୍ ସମ୍ବୋଧନରେ ସେ କହିଥିଲେ। ଥରୁର ତାଙ୍କ ମନ୍ତବ୍ୟର ଏକ ଲିଙ୍କ୍ ପୋଷ୍ଟ କରିବା ପରେ ରବିବାର ଭାଜପା ମୁଖପାତ୍ର ସମ୍ବିତ ପାତ୍ର କହିଛନ୍ତି, ଏକ ପାକିସ୍ତାନୀ ମଞ୍ଚରେ ଥରୁରଙ୍କ ଭଳି ଜଣେ ବରିଷ୍ଠ କଂଗ୍ରେସ ନେତା ଏପରି ମନ୍ତବ୍ୟ ଦେବା ଅବିଶ୍ୱସନୀୟ। ସେ ଭାରତର ଛବିକୁ ଖରାପ କରିଛନ୍ତି। ଥରୁରଙ୍କ ମନ୍ତବ୍ୟର ଅବତାରଣା କରି ରାହୁଲ ଆସନ୍ତା ଫେବୃୟାରୀ ସୁଦ୍ଧା କରୋନା ସଂକ୍ରମଣ ସର୍ବୋଚ୍ଚ ସ୍ତରରେ ପହଞ୍ଚିବ ବୋଲି ସତର୍କ କରାଇଥିଲେ। ରାହୁଲ ପାକିସ୍ତାନରେ ପ୍ରଶଂସା ସାଉଁଟି ସେଠାରେ ନିର୍ବାଚନ ଲଢ଼ିବାକୁ ଚାହୁଁଥିବା ସମ୍ବିତ ସନ୍ଦେହ କରିଛନ୍ତି।

# କଟକଣା ଭିତରେ ଭକ୍ତଙ୍କ ପାଇଁ ଶ୍ରୀମନ୍ଦିର ଖୋଲୁ

■ **ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କଲେ ଜୟନ୍ତ**

**ପୁରୀ ଅଫିସ,୧୮।୧୦**

କରୋନା କଟକଣାକୁ ପାଳନ କରି ଭକ୍ତଙ୍କ ଲାଗି ଶ୍ରୀମନ୍ଦିର ଖୋଲିବାକୁ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ମତ ରଖିଛନ୍ତି। ଏ ନେଇ ସେ ରବିବାର ସାମାଜିକ ଗଣମାଧ୍ୟମ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଜୟନ୍ତ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ଯେ, ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ଐତିହ୍ୟ କରିଡ଼ରର ସୌନ୍ଦର୍ଯ୍ୟକରଣ ଏବଂ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏ ସମ୍ପର୍କିତ ଫଟୋ ଦେଖି ସେ ଖୁସିବ୍ୟକ୍ତ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ଏହା ଯେପରି ବେଶ୍ ଶୃଙ୍ଖଳିତ ଭାବେ ଆୟୋଜନ କରାଯାଇଥିଲା ଠିକ୍ ସେହିପରି ସାଧାରଣ ଭକ୍ତଙ୍କ ପାଇଁ ଆୟୋଜନ କରାଯାଇ ଦର୍ଶନ ବ୍ୟବସ୍ଥା ହେଉ। କରୋନା କଟକଣା ପାଳନ କରି ଯେପରି ଭକ୍ତମାନେ ମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ ସେଥିଲାଗି ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉ ବୋଲି ଜୟନ୍ତ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କୋଣଭାବସ୍ଥ ଧନାଧିପତିଙ୍କ ସଂସ୍ଥାନରୁ ଅର୍ଥନୈତିକ ଉତ୍କର୍ଷତା ମୁହଁରେ ହସ ଫୁଟାଇବ। କିନ୍ତୁ ଏମିତି କେତେକ କାମ ରହିଛି ଯାହା କି ମନ ଚାହୁଁଥିଲେ ମଧ୍ୟ ଆପଣ ଅସମର୍ଥ ହୋଇପଡିବେ। ପାରିବାରିକ ସୌଖ୍ୟ ସଙ୍ଗକୁ ପୁତ୍ରକନ୍ୟାଙ୍କ ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ।

**ବୃଷ** ପାପଯୁକ୍ତ ଚନ୍ଦ୍ରଙ୍କ ଅଶୁଭ ପ୍ରଭାବରେ ଅଶାନ୍ତି ଓ ଅର୍ଥାଭାବର ପରିସ୍ଥିତିକୁ ନେଇ ଚିନ୍ତିତ ରହିବେ। ବନ୍ଧୁ ମାନେ ସାମୟିକ ସହଯୋଗକୁ ନିଜର ସ୍ୱାର୍ଥ ସାଧନ ଦିଗରେ ଲଗାଇପାରନ୍ତି। କିନ୍ତୁ ପରିବାରରେ ଭୁଲ୍ ବୁଝାମଣା କାରଣରୁ ଭାଇ କିମ୍ବା ଭଉଣୀଙ୍କ ସହ ସମ୍ପର୍କ ଭଲ ରହି ନ ପାରେ।

**ମିଥୁନ** ବୁଧାଦିତ୍ୟ ଯୋଗ ପ୍ରଭାବରୁ ପାଖ,ପଡୋଶୀଙ୍କ ପ୍ରତ୍ୟକ୍ଷ ସହଯୋଗ ସମସ୍ୟା ସମାଧାନ କ୍ଷେତ୍ରରେ ସାହାଯ୍ୟ କରିବ। ପରିଭ୍ରମଣ, ନୂତନ ସ୍ଥାନ ପରିଦର୍ଶନ ଓ ସତ୍‌ସଙ୍ଗ ସୁଯୋଗ ପାଇବେ। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିଶେଷ ଭଲ ରହି ନ ପାରେ।

**କର୍କଟ** ସୁଖଭାବସ୍ଥ ଶୁକ୍ରଜନିତ ବନ୍ଧୁଙ୍କ ସାହାଯ୍ୟ ଓ ବଦାନ୍ୟତା ଆପଣଙ୍କୁ ଅର୍ଥଲାଭ କରାଇବ। ଆଲୋଚନା ପରିସରରେ ବିପକ୍ଷ ବ୍ୟକ୍ତିମାନଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ବ୍ୟବସାୟିକ ସ୍ଥିତି ପ୍ରାୟତଃ ଭଲ ରହିବ। ଆନୁଷ୍ଠାନିକ କାର୍ଯ୍ୟ ସହ ଜଡିତ ହୋଇ ବ୍ୟସ୍ତତା ଅନୁଭବ କରିପାରନ୍ତି।

**ସିଂହ** ଆଜି ବୃହସ୍ପତିଙ୍କ ସୁପ୍ରଭାବରୁ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କ୍ଷେତ୍ରକୁ ସରସ ସୁନ୍ଦର କରିବାରେ ସମର୍ଥହେବ। ପଡୋଶୀ କିମ୍ବା ସହକର୍ମୀଙ୍କ ସହ ସମ୍ପର୍କ ଯୋଡିବାରେ ଆପଣଙ୍କ କୌଶଳ ସାହାଯ୍ୟ କରିବ। ଯେଉଁ ଜିନିଷ ପାଇବା ପାଇଁ ଚିନ୍ତା କରୁଥିଲେ ଆଜି ଅପରାହ୍ନରେ ପାଇବେ।

**କନ୍ୟା** ଧନାଧିପ ଏକାଦଶସ୍ଥ ଯୋଗୁଁ ଆର୍ଥିକ ସଂକଟ ଦୂରୀଭୂତ ହୋଇଯିବ। କର୍ମକ୍ଷେତ୍ରରେ ଉଚ୍ଚ ବର୍ଗର ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସାହାଯ୍ୟ ଲାଭ କରି ଉଚ୍ଚ ପ୍ରଶଂସିତ ହେବେ। ଗଠନମୂଳକ କିମ୍ବା ସାମୂହିକ କାମରେ ନିଜର ପତିଆରା ଜାହିର୍ କରିପାରନ୍ତି। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ମନ୍ଦ ଉଦ୍ଦେଶ୍ୟ ପଛରେ ନେଇ ନାନାଦି କଥା କହିପାରନ୍ତି।

**ତୁଳା** ଭାଗ୍ୟସ୍ଥାନ ଗୁରୁଦୃଷ୍ଟ ଯୋଗୁଁ ବହୁ ପୂର୍ବର ସୁପରିକଳ୍ପିତ ଯୋଜନାକୁ ବାସ୍ତବ ରୂପ ଦେବାରେ ସଫଳ ହେବେ। ପ୍ରତ୍ୟୁଷ ଯାତ୍ରା ଶୁଭପ୍ରଦ ହେବ, ତଥାପି ଜିନିଷପତ୍ର ହଜିଯିବାର ସମ୍ଭାବନା ରହିଛି। ଭ୍ରାତୃ ସମ୍ପର୍କରେ ଉନ୍ନତି ଘଟିବା ସହ ପାରିବାରିକ ଜୀବନରେ ସୌହାର୍ଦ୍ଧ୍ୟ ବୃଦ୍ଧି ପାଇବ। ସାମ୍ବାଦିକତା ଓ ଏଜେନ୍‌ସିପ୍ କ୍ଷେତ୍ରରୁ ଉପକୃତ ହେବେ।

**ବିଛା** ଆଜି ଆପଣ ଯାହା କରନ୍ତୁନା କାହିଁକି ଆପଣଙ୍କର କୌଣସି ଅସୁବିଧା ହେବନାହିଁ। ବୃହସ୍ପତିଙ୍କ କୃପାରୁ ଆପଣଙ୍କର ଯୁକ୍ତିଯୁକ୍ତ କଥା ମିତ୍ରତା ବୃଦ୍ଧିରେ ସହାୟକ ହେବ। ଅଫିସରେ ବିବାଦୀୟ ପରିସ୍ଥିତିର ଦୃଢ ମୁକାବିଲା କରି ପ୍ରଶଂସିତ ହେବେ। ବିବାଦୀୟ ଘଟଣା କିମ୍ବା ମାଲି ମକଦ୍ଦମା ଫଇସଲା ହେବାର ସମ୍ଭାବନା ରହିଛି।

**ଧନୁ** ଶନି ଦ୍ୱିତୀୟସ୍ଥ ଯୋଗୁ ନିକଟ ସମ୍ପର୍କୀୟଙ୍କୁ ସରଳ ଭାବେ ଅନ୍ୟମାନଙ୍କୁ ବିଶ୍ୱାସ କଲେ ହଇରାଣରେ ପଡିପାରନ୍ତି। ବୈବାହିକ କର୍ମ ସମ୍ପାଦନ ସକାଶେ ନୂତନ ବନ୍ଧୁ ପ୍ରସ୍ତାବ ସମ୍ପର୍କୀୟ ଆଲୋଚନା କରିପାରନ୍ତି। ଶାରୀରିକ ସୁସ୍ଥତା ଫେରିପାଇବେ କିନ୍ତୁ ଉତ୍ତେଜନାପୂର୍ଣ୍ଣ ମାନସିକ ସ୍ଥିତି ଲାଗିରହିବ।

**ମକର** ଗଣତନ୍ତ୍ରର ପ୍ରତୀକ ଶନିଶ୍ଚର ସ୍ୱରାଶିରେ ଥିବାରୁ ଗଣମାଧ୍ୟମ ସମ୍ବନ୍ଧିତ ବ୍ୟକ୍ତି କିମ୍ବା ଆଇନଜ୍ଞଙ୍କ ସକାଶେ ଦିନଟି ଭଲ। ବୈରାଗ୍ୟକାରକ ଶନି ହେତୁ ବୈଷୟିକ କ୍ଷେତ୍ରରେ ପ୍ରତିବନ୍ଧକର ସାମନା କରିବାକୁ ପଡିପାରେ। ସାଧାରଣ କଥାରେ ସ୍ତ୍ରୀଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟିର ଆଶଙ୍କା ରହିଛି।

**କୁମ୍ଭ** କର୍ମକ୍ଷେତ୍ରସ୍ଥ ବୃହସ୍ପତି ହେତୁ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କିନ୍ତୁ ନୀଚରାଶିସ୍ଥ ପାପଯୁକ୍ତ ଚନ୍ଦ୍ରଙ୍କ ଯୋଗୁଁ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଖୁସୀ ହୋଇପାରିବେ ନାହିଁ। ସାହିତ୍ୟ, ସାମ୍ବାଦିକତା, କଳା, କ୍ରୀଡା ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଲାଗି ରହିବ। ପ୍ରଶାସନ ଓ ଆନୁଷ୍ଠାନିକ କାମରେ ସମସ୍ୟାର ସମାଧାନ କରିପାରିବେ।

**ମୀନ** ଅଷ୍ଟମସ୍ଥ ବୁଧ ହେତୁ ପରିବାରକୁ ନେଇ ବିରକ୍ତିଭାବ ସୃଷ୍ଟି ହେବାର ଆଶଙ୍କା ରହିଛି। ଆଜି ଆପଣ କୌଣସି ଗୋଟିଏ ସ୍ଥାନରେ ଦୀର୍ଘ ସମୟ ରହିବା କଷ୍ଟପ୍ରଦ ହୋଇପାରେ। ଅବଶ୍ୟ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଲେ ପ୍ରତିଷ୍ଠା ସଙ୍ଗକୁ ପ୍ରଶଂସିତ ହେବେ। ଆର୍ଥିକ ସ୍ୱଚ୍ଛଳତା କାରଣରୁ ବନ୍ଧୁଙ୍କ ସାନ୍ନିଧ ଲାଭରୁ ଖୁସି ହୋଇପାରନ୍ତି।

ଆଜି ଆଶ୍ୱିନ ଶୁଦ୍ଧ ଶୁକ୍ଳପକ୍ଷ ତୃତୀୟା ସୋମବାର, ଅକ୍ଟୋବର ୧୯ ତାରିଖ, ବିଶ୍ୱ ଶୌଚାଳୟ ଦିବସ, ରାଶିନକ୍ଷତ୍ର-ଅନୁରାଧା/ବିଛା, ମିଥୁନ ରାଶିର ଘାତବାର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ ଏବଂ ଚତୁର୍ଥୀର ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୪୬ମି. ଗତେ ଘ.୦୭.୧୮ମି. ମଧ୍ୟେ, ଘ.୦୮.୫୦ମି. ଗତେ ଘ.୧୧.୦୮ମି. ମଧ୍ୟେ, ରାତ୍ରି ଘ.୦୭.୪୬ମି. ଗତେ ଘ.୧୧.୦୬ମି. ମଧ୍ୟେ, ଘ.୦୨.୨୬ମି. ଗତେ ଘ.୦୩.୧୬ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୭.୧୨ମି. ଗତେ ଘ.୦୮.୩୮ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

real estate

**SALE**

**Flat sale at Jaganathdham Puri Bed, Matress, AC, LED T.V, celling Diningset free. 7978230118, 9348332283, 9861593321.** D-69166

Residential plot at Sundarpada, Patia, Pathergadia & lowcost Farmhouse available. 8328811411, 9437968618. D-69187

**Well developed 30'road, ଘରବାରୀ, boundary, ଇଲେକ୍ଟ୍ରିସିଟି ଥାଇ ୪ଟି ପ୍ଲଟ ହଂସପାଳ ପାଖ ରାମଚନ୍ଦ୍ରପୁର ମୌଜାରେ sqft.650/- ବିକ୍ରିହେବ। Land owner-9437033320.** D-69181

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,20,000/-, ଅରଗୁଳ IIT 1200sqft. 1,32,000/- (Outright). 9348817649, 9348232008. D-69179

**BDA yellowzone commercial/residential plot Pahal Jaganath Temple NH-16 30'road, (Ready for construction) sqft.1850/-, 2250/-, 9040033905, 9556492580, 6370719477.** D-69167

Bhubaneswar Airport 7k.m ମୌଜା କୁହା Appartment/ Duplex ପାଖରେ 1500sqft. 14,25,000/- କିଣି ଘର କରନ୍ତୁ। Sasmita-6370476317 D-69188

**ଭୁବନେଶ୍ୱର NH-16 ର ପିତାପଲ୍ଲୀ ଛକରେ ସ୍ଥିତିବାନ ପ୍ଲଟ୍ ମିଳୁଛି। 9348444368.** D-69180

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Bhubaneswar Sundarpada Kuhaରେ 1500sqft. plot 14,25000ରେ କିଣି ଘର ବନାନ୍ତୁ। 8018412115. D-69795

**PURCHASE**

Land requires for plotting project in around, Bhubaneswar. 9937816565, 9937568585 D-18649

to-let

2BHK 1000 sqft. and furnished single room, Omfed-Chhak, Chandrasekharpur. 9337199407. D-68385

**Godown space available near Puri bypass area 18000/-, open space 15000/-. 9938125254** D-18598

healthcare

Refreshing your mind & body with best therapy at Lotus Spa. 8018234866 D-69565

Newly open full body massage SPA in Bhubaneswar. Contact: 7205058838. D-69792

Rejuvenate and Ayurvedic full body massage by smart therapist. 9348123330. D-69793

Refreshments rejuvenation Body Massage therapy with experienced therapists, Bhubaneswar. 9337973945. D-69788

Swarna Spa gives Durga Puja offer @899 all type massages Ashok Nagar, 9556978408 D-69789

Herbal full body massage by smart / expert therapist. Contact: 8338067247. D-69787

Newly open SPA centre smart therapist full body massage: 7846814019. D-59967

Newly open SPA centre smart therapist full body massage: 7205187702. D-59966

Newly open SPA centre smart therapist full body massage: 8114970372. D-59968

Get refreshment body massage by expert therapist contact for 7205084157. D-69791

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Call 7219821111
visit www.bajajauto.com

Scan for a callback

BAJAJ FINANCE LTD - AF

#ସର୍ତ୍ତ ଓ ନିୟମାବଳୀ ଲାଗିବ । ଅଫର୍ 31 ଅକ୍ଟୋବର 2020 ପର୍ଯ୍ୟନ୍ତ ବୈଧ । ₹3000 କ୍ୟାଶ୍ ଡିସ୍କାଉଣ୍ଟ ପଲ୍ସର୍ 125cc ସ୍ପ୍ଲିଟ୍ ସୀଟ୍ ଡ୍ରମ୍ ଭାରିଆଣ୍ଟ ପାଇଁ, ₹2500 ପଲ୍ସର୍ 125 ସିଙ୍ଗଲ୍ ସୀଟ୍ ଡ୍ରମ୍ ଭାରିଆଣ୍ଟ ପାଇଁ ଓ ₹2000 ପଲ୍ସର୍ 125cc ଡିସ୍କ ଭାରିଆଣ୍ଟ ପାଇଁ ପ୍ରଯୁଜ୍ୟ । ନ୍ୟୁନ ଡାଉନ୍ ପେମେଣ୍ଟ ଅନ୍ୟାନ୍ୟ ବଜାଜ ମଡେଲ ସକାଶେ ବି ମିଳୁଛି, ଯାହା ପ୍ରତି ଫାଇନାନ୍ସିଅର୍ ଙ୍କ ଠାରେ ଭିନ୍ନ ହୋଇପାରେ । DCC ଓ ପ୍ରୋସେସିଙ୍ଗ ଫୀ ଯଥାପ୍ରଯୁଜ୍ୟ ଅତିରିକ୍ତ । ଫାଇନାନ୍ସିଅର୍ ଙ୍କ ନିଜସ୍ୱ ବିବେଚନା ଉପରେ ଫାଇନାନ୍ସ ନିର୍ଭର କରେ । ବିନା ଅଗ୍ରୀମ ସୂଚନାରେ ଯେକୌଣସି ବା ସବୁ ଅଫର୍ ସୁଧାରିବାର ବା କାଢ଼ିନେବାର ଅଧିକାର ବଜାଜ ଅଟୋ ସଂରକ୍ଷିତ ରଖୁଛି । *ପଲ୍ସର୍ 125 ସିଙ୍ଗଲ୍ ସୀଟ୍ ଡିସ୍କ ଭାରିଆଣ୍ଟ ଉପରେ ଡାଉନ୍ ପେମେଣ୍ଟ ହିସାବ କରାଯାଇଛି ।

**Authorised Dealers for Bajaj Auto Ltd.: Bhubaneswar: Lewis Road** VINAYAK BAJAJ 7381088720 • **Nayapalli** BHARAT BAJAJ 7064406721 • **Patia** BHARAT BAJAJ 7381099444 • **Balugaon** BHARAT BAJAJ 7381099441 • **Puri GRAND** BAJAJ 9438421344 • **Cuttack: Badambadi SURAJ BAJAJ 8093066603** • **Rahama** MAITREE BAJAJ 9668801781, **Nayagarh MSB BAJAJ 7790048130** • **Keonjhar** JR BAJAJ 9439008692 / 06766254999• **Angul** JAMUNA BAJAJ 7682899351 • **Jajpur Road** PARIDA BAJAJ 7381012602 • **Dhenkanal** SHIVAM BAJAJ 7873922722, **Chandikhole** 9937310800.
**Authorised Service Centre: Balianta 7978570067**, **Balipatna** 9861061389, **Khurda** 9937785586 **Jatni** 8339062656, **Ersama** 8018800801, **Jagamara** 9777042612, **Iginia** 7064422415, **Rasulgad** 9937284842, **Nimapada** 9437030368, **Pipili 8917443937**, **Tangi** 8984562569, **Phulnakhara 9437410737, Niali 9437511829, Choudwar 7735864350**, **Salepur** 9040452661, **Jagatsinghpur** 9437273939, **Balikuda 9777683351, JajpurTown** 9937888777, **Bhuban 9438570111, Rasol 9938656276/9937513419, Kuakhia** 9937312014, **Chhatia** 9040084846, **Kamakhayanagar 9437079287, Parajang 9178061624, 06768261573, Barbil** 9437086335, **Jashipur 9437443161/8117041821**. **Dhenkikote** 9437598479 **Turmunga** 9937428333, **Karanjia** 7504810975, **Udala** 9337004355/56. **Pallahara** 9178494430, **Khamar 9437426261, Mahidharpur 7978559852/9937183086, Banarpal 9178064220 Bidanasi 9437877622**22, **Athgarh** 9937289417, **Bidharpur** 7008503281, **Banki** 8895278126, **Rambha** 7381099445.

ସାଧାରଣତଃ ନାରୀକୁ ଇ ଭୌତିକ ସ୍ତରରେ ଅଧିକ ପ୍ରବୀଣ ବୋଲି କୁହାଯାଇପାରେ। କାରଣ ସେ ନିଜର ବୋଧିଶକ୍ତିକୁ ଅନୁସରଣ କରେ। ସାଧାରଣତଃ ସେ ବସ୍ତୁକୁ ସଜାଡିବା ପାଇଁ ଅଧିକ ସମର୍ଥ ହୋଇଥାଏ। କିନ୍ତୁ ପୁରୁଷମାନେ କେବଳ ଚିନ୍ତାଧାରା ଓ ମାନସିକ ଗଠନ ଭିତରେ ଘୁରିବୁଲୁଥାନ୍ତି। -**ଶ୍ରୀଅରବିନ୍ଦ**



# କୋଶିୟାରୀଙ୍କ ଚିଠି

ମହାରାଷ୍ଟ୍ର ରାଜ୍ୟପାଳ ଭଗତ ସିଂ କୋଶିୟାରୀ ଗତ ସପ୍ତାହରେ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ଲେଖିଥିବା ଏକ ଚିଠିରେ ରାଜ୍ୟର ମନ୍ଦିରଗୁଡ଼ିକୁ ଖୋଲାଯାଉ ନ ଥିବାରୁ ସମାଲୋଚନା କରିଥିଲେ। ସେଥିରେ ସେ ଉଲ୍ଲେଖ କରିଥିଲେ ଯେ, ଗୋଟେ ସମୟରେ ଉଦ୍ଧବ 'ହିନ୍ଦୁତ୍ୱ'ର ଦୃଢ଼ ସମର୍ଥକ ଥିଲେ। ଏବେ ଧର୍ମନିରପେକ୍ଷ ହୋଇଯାଇଛନ୍ତି, ଯେଉଁ ଶବ୍ଦକୁ ସେ ଘୃଣା କରୁଥିଲେ। ମୁଖ୍ୟମନ୍ତ୍ରୀ ଠାକ୍‌ରେ ଏହାର ଜବାବ ଦେବାକୁ ଯାଇ କହିଥିଲେ ଯେ, ତାଙ୍କର କାହାଠାରୁ ହିନ୍ଦୁତ୍ୱ ସାର୍ଟିଫିକେଟ ଲୋଡ଼ା ନାହିଁ। ମୁମ୍ବାଇକୁ ପିଓକେ ସହ ତୁଳନା କରିଥିବା ଲୋକଙ୍କୁ ସ୍ୱାଗତ କରିଥିବା ବ୍ୟକ୍ତିଙ୍କ ସହ ତାଙ୍କ ହିନ୍ଦୁତ୍ୱ ମେଳ ଖାଉନାହିଁ ବୋଲି ସେ କହିଥିଲେ। ଉଲ୍ଲେଖଯୋଗ୍ୟ ଯେ, ସୁଶାନ୍ତ ସିଂ ରାଜପୁତଙ୍କ ପ୍ରସଙ୍ଗ ନେଇ ଅଭିନେତ୍ରୀ କଙ୍ଗନା ରାଣାଓ୍ୱତ ଓ ଶିବ ସେନା ନେତାଙ୍କ ମଧ୍ୟରେ ହୋଇଥିବା ବାକ୍‌ଯୁଦ୍ଧ ପରିପ୍ରେକ୍ଷୀରେ କଙ୍ଗନା ମୁମ୍ବାଇକୁ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ବୋଲି କହିଥିଲେ। ତେବେ କୋଭିଡ୍-୧୯ ଯୋଗୁ ସଂକ୍ରମଣ ବୃଦ୍ଧି ପାଉଥିବାରୁ ଉଦ୍ଧବ ତତ୍‌କ୍ଷଣାତ୍ ମନ୍ଦିରଗୁଡ଼ିକୁ ଖୋଲିବାକୁ ଅମଙ୍ଗ ହେଉଛନ୍ତି। ଅନ୍ୟପକ୍ଷରେ କୋଶିୟାରୀ 'ହିନ୍ଦୁତ୍ୱ' ଓ 'ଧର୍ମନିରପେକ୍ଷତା' ବିଷୟ ଉତ୍‌ଥାପନ କରି ତାଙ୍କ ସାମ୍ବିଧାନିକ ପଦମର୍ଯ୍ୟାଦାହାନି କରିଛନ୍ତି। ଭାରତୀୟ ସମ୍ବିଧାନରେ 'ଧର୍ମନିରପେକ୍ଷତା'ର ଗୁରୁତ୍ୱ ଅନେକ ରହିଛି। ସେହି ଦୃଷ୍ଟିରୁ ଦେଖିଲେ ଠାକ୍‌ରେଙ୍କୁ କୋଶିୟାରୀ ଯେଭଳି କଟାକ୍ଷ କରିଛନ୍ତି, ତାହା ଦ୍ୱାରା ରାଜ୍ୟପାଳ ପଦମଣ୍ଡନ କରିବା ଲାଗି ସେ କେତେ ଯୋଗ୍ୟ ବିଚାର କରାଯିବା ଦରକାର। ଜଣେ ବ୍ୟକ୍ତି ଯେତେବେଳେ ସାମ୍ବିଧାନିକ ପଦବୀକୁ ଉନ୍ନୀତ ହୋଇଥାଆନ୍ତି, ସେତେବେଳେ ସେ ଯେଉଁ ଦଳରେ ଯେତେବର୍ଷ ଧରି କାର୍ଯ୍ୟ କରିଆସୁଥିଲେ ମଧ୍ୟ ନିରପେକ୍ଷତା ଅବଲମ୍ବନ କରିବା ବାଞ୍ଛନୀୟ। ଏଠାରେ କୋଶିୟାରୀ ତାଙ୍କ ଚିଠିରେ ଯେଉଁ ଭାଷା ବ୍ୟବହାର କରିଛନ୍ତି, ତାହା ଏକ ଦଳୀୟ ନିର୍ଦ୍ଦେଶ ଭଳି ପ୍ରତୀୟମାନ ହେଉଛି। ଏଥିରୁ ବୁଝିବାକୁ ହେବ ଯେ କେନ୍ଦ୍ର ସରକାରଙ୍କ ଦ୍ୱାରା ରାଜ୍ୟପାଳ ଭାବେ କୋଶିୟାରୀଙ୍କ ଭଳି ଯେଉଁ ରାଜନେତାମାନଙ୍କୁ ଥଇଥାନ କରାଯାଇଛି, ସେମାନେ କେବେ ହେଲେ ସାମ୍ବିଧାନିକ ଗରିମା ଓ ମର୍ଯ୍ୟାଦା ରକ୍ଷା କରିପାରିବେ ନାହିଁ। ମହାମାରୀ ସମୟରେ ଧର୍ମ ଓ ରାଜନୀତିକୁ ନେଇ ବିଭ୍ରାଟ ସୃଷ୍ଟି କରୁଥିବା ବ୍ୟକ୍ତିମାନେ ଗଣତନ୍ତ୍ର ପାଇଁ ବିପଦ ଭାବେ ଉଭା ହୋଇଛନ୍ତି। ଏଥିରେ ତୁରନ୍ତ ପରିବର୍ତ୍ତନ ଲୋଡ଼ା।

# କଶ୍ମୀର ଚିନ୍ତା

ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ନେତ୍ରୀ ମେହବୁବା ମୁଫ୍‌ତି ୧୪ ମାସ ଅଟକ ରହିବା ପରେ ୧୪ ଅକ୍ଟୋବରରେ ମୁକ୍ତିଲାଭ କରିଥିଲେ। ଏହା ପରଠାରୁ ଜମ୍ମୁ ଓ କଶ୍ମୀରରେ ରାଜନୈତିକ ବାତାବରଣ ସରଗରମ ହେବାରେ ଲାଗିଛି। ଜମ୍ମୁ ଓ କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ପୁନଃସ୍ଥାପନ କରିବା ସକାଶେ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି), ପିଡିପି, ଆୱାମି ନ୍ୟାଶନାଲ କନ୍‌ଫରେନ୍ସ, ଜମ୍ମୁ ଓ କଶ୍ମୀର ପିପୁଲ୍ସ ମୁଭ୍‌ମେଣ୍ଟ ଏବଂ ସିପିଏମ୍ ଆଦି ରାଜନୈତିକ ଦଳ ଭୋଟ ରାଜନୀତିକୁ ପଛରେ ପକାଇ ଏକତ୍ର ହୋଇଛନ୍ତି। ୫ ଅଗଷ୍ଟ ୨୦୧୯ରେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଜମ୍ମୁ ଓ କଶ୍ମୀରବାସୀଙ୍କ ମାନବ ଅଧିକାର ଘୋର ଉଲ୍ଲଂଘନ ହୋଇଚାଲିଛି। ସେଠାକାର ନେତାମାନେ ଧରିନେଲେଣି ଯେ ସବୁ ଦଳ ଏକାଠି ହୋଇ କେନ୍ଦ୍ର ବିରୋଧରେ ସ୍ୱର ନ ଉଠାଇଲେ ସେମାନେ ସ୍ୱାଧୀନତା ହରାଇ ବସିବେ। ବିଶେଷଜ୍ଞମାନେ ଏହାକୁ ନିର୍ବାଚନୀ ମେଣ୍ଟ ଲାଗି ଏକତ୍ରୀକରଣ ନୁହେଁ, ବରଂ କଶ୍ମୀର ମାନ୍ୟତା ପାଇଁ ଏଭଳି ପଦକ୍ଷେପ ଜରୁରୀ ବୋଲି କହୁଛନ୍ତି। ଏପରିସ୍ଥଳେ କଶ୍ମୀରରେ ନୂଆ ଏକ ଆରମ୍ଭ ପାଇଁ ହୋଇଥିବା ପ୍ରୟାସକୁ କେନ୍ଦ୍ର ସରକାର ଭଲ ଭାବେ ବୁଝିବା ଉଚିତ। ନିଜ ଝୁଙ୍କରେ ରହି ଦୀର୍ଘଦିନ କଶ୍ମୀରବାସୀଙ୍କୁ ଚାପି ରଖିଲେ ଭବିଷ୍ୟତରେ ଭିନ୍ନ ଚିତ୍ର ସୃଷ୍ଟି ହୋଇପାରେ। ଏହା କହିଲା ବେଳେ ଏନ୍‌ସି ନେତା ଫାରୁକ୍ ଅବଦୁଲ୍ଲାଙ୍କ ମନ୍ତବ୍ୟକୁ ମଧ୍ୟ ଆଲୋଚନା ପରିସରକୁ ଅଣାଯିବା ଦରକାର। ଗତ ମାସ ଶେଷ ଆଡ଼କୁ ଏକ ସାକ୍ଷାତ୍‌କାର ଦେବା ବେଳେ ଫାରୁକ୍ କହିଥିଲେ ଯେ, କଶ୍ମୀରବାସୀ ଭାରତୀୟ ଭାବେ ଅନୁଭବ କରିବା ଅପେକ୍ଷା ଚାଇନା ଶାସନରେ ରହିବାକୁ ପସନ୍ଦ କରୁଛନ୍ତି। ଗଣତନ୍ତ୍ର ପରିବର୍ତ୍ତେ ଏକଚ୍ଛତ୍ରବାଦ ଶାସନକୁ କାହିଁକି ଫାରୁକ୍ ପସନ୍ଦ କରିବା କଥା କହିଛନ୍ତି, ତାହା ବିଶେଷ ବିତର୍କର ବିଷୟ ହୋଇ ନ ପାରେ। କଶ୍ମୀରକୁ ଯେଉଁଭଳି ଭାବେ ଦୀର୍ଘ ଏକ ବର୍ଷରୁ ଅଧିକ ସମୟ ଲକ୍‌ଡାଉନ୍ କରି ରଖାଯାଇଛି, ସେଥିରେ ସେଠାରେ ସାଧାରଣ ନାଗରିକ ଭାରତ ସରକାର ଉପରେ ବ୍ୟତିବ୍ୟସ୍ତ ହେବା ସ୍ୱାଭାବିକ। ଏହା ବୁଝିବା କଷ୍ଟକର ନୁହେଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ୨୪ ମାର୍ଚ୍ଚ ମଧ୍ୟରାତ୍ରରୁ କରାଯାଇଥିବା ଲକ୍‌ଡାଉନ୍ ଦ୍ୱାରା ଦେଶବ୍ୟାପୀ ଯେଉଁ ସମସ୍ୟା ଉପୁଜିଥିଲା, ତାହାର ସମାପ୍ତି ଏବେ ମଧ୍ୟ ଘଟିନାହିଁ। ସେହି ଅଳ୍ପ କେତେକ ମାସର ବନ୍ଦୀ ହୋଇ ରହିଥିବାରୁ ଆମେ ସମସ୍ତେ ବିବ୍ରତ ଓ ଗରିବ ହୋଇଯାଇଛେ। ସେହିଭଳି ସ୍ଥିତି କଶ୍ମୀରରେ ଉପୁଜିଛି। ସେଠାରେ ବେକାରଙ୍କ ସଂଖ୍ୟା ବୃଦ୍ଧି ପାଇବା ସହିତ ଦାରିଦ୍ର୍ୟ ମଧ୍ୟ ବଢ଼ିଛି। କେବଳ ସେତିକି ନୁହେଁ, ଦୀର୍ଘଦିନ ଧରି ଟେଲିଫୋନ୍ ଓ ଇଣ୍ଟରନେଟ୍ ସେବା ବନ୍ଦ କରି ଦିଆଯାଇଥିବାରୁ ସେଠାରେ ଜନସାଧାରଣ ବିନା କୌଣସି ରୋଜଗାର ଯୋଗୁ ଭୋକ ଉପାସରେ ପଡ଼ି ରହିଛନ୍ତି। ସେମାନଙ୍କ ମନରେ ଭାରତ ପ୍ରତି କ୍ରୋଧ ସୃଷ୍ଟି ହେବା ସ୍ୱାଭାବିକ। କଶ୍ମୀରରେ ଉପୁଜିଥିବା ସମସ୍ୟା ବୁଝିବା ନିମନ୍ତେ ଭାରତର ଅନ୍ୟ ପ୍ରାନ୍ତର ଜନସାଧାରଣ ଚେଷ୍ଟା କିମ୍ବା ଇଚ୍ଛା ପ୍ରକାଶ କରୁନାହାନ୍ତି। ସେଥିପାଇଁ ସ୍ଥାନୀୟ ରାଜନେତାମାନେ ଜନମତ ସହିତ ଏକଜୁଟ ହୋଇ ରହିବାର ଉଦ୍ୟମରେ ଲୋକଙ୍କ କଥା କହୁଛନ୍ତି। ଫାରୁକ୍‌ଙ୍କ ମତ ବ୍ୟକ୍ତିଗତ ଭାବେ ଦେଖିବା ପରିବର୍ତ୍ତେ ତାହାକୁ ଭାରତୀୟମାନେ ଗମ୍ଭୀରତାର ସହିତ ଚିନ୍ତା କରିବା ଦରକାର।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 1 | 8 | B | | | | 5 | | | 6 | | | | |
| | 7 | | | | 4 | | | | | | C | D | | |
| 3 | | | | 0 | | | | | | 9 | D | | | 2 |
| 9 | | | | | | | D | A | | | | | | 8 |
| | | | 6 | 2 | | 4 | | | 7 | 1 | | | | |
| | | | | 3 | | | 4 | | B | | 0 | A | 1 | |
| | | | | | | 8 | | 2 | | | | C | 4 | |
| 6 | | 0 | 5 | | | A | B | | | | | | 9 | D |
| 7 | B | 9 | | 6 | | C | 1 | | D | | | 0 | | |
| | | | | | B | | | | | | 6 | | 3 | |
| | | | | | | | | 6 | C | | | | 2 | 9 |
| | D | B | | 1 | | | 7 | | 5 | 3 | 2 | | 8 | |
| | | | 4 | D | A | E | | | 0 | | | | | 3 |
| 1 | 2 | | 7 | | | 5 | | 9 | | E | 8 | | | |
| | | 3 | | E | 2 | 1 | A | 8 | | | B | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 0 | 3 | 4 | 7 | 8 | 2 | 9 | B | A | C | 5 | D | 6 | 1 |
| 1 | 9 | B | 6 | 5 | D | 8 | C | 0 | 3 | E | 2 | 4 | A | 7 |
| 8 | A | 4 | C | 0 | B | D | 5 | 7 | 9 | 6 | 1 | 3 | E | 2 |
| 5 | 6 | 2 | 3 | E | 9 | 1 | A | 4 | 7 | D | 8 | C | 0 | B |
| 7 | D | C | 1 | 2 | A | E | 3 | 6 | B | 0 | 4 | 8 | 9 | 5 |
| A | 3 | 5 | B | C | 0 | 4 | 6 | 9 | E | 1 | 7 | 2 | D | 8 |
| 2 | 7 | D | 8 | 4 | 5 | 3 | E | A | 0 | B | C | 6 | 1 | 9 |
| 9 | 1 | 8 | D | 6 | E | 5 | 0 | 2 | 4 | A | 3 | B | 7 | C |
| B | E | 6 | 7 | A | 3 | C | 8 | 1 | D | 2 | 9 | 0 | 5 | 4 |
| C | 4 | 0 | 9 | 1 | 2 | 7 | B | D | 5 | 8 | 6 | E | 3 | A |
| 3 | 8 | E | 0 | 9 | 1 | 6 | 7 | 5 | C | 4 | B | A | 2 | D |
| 4 | 5 | A | 2 | 3 | 6 | 9 | D | C | 8 | 7 | 0 | 1 | B | E |
| D | B | 9 | A | 8 | 4 | 0 | 1 | 3 | 2 | 5 | E | 7 | C | 6 |
| 6 | 2 | 7 | 5 | D | C | B | 4 | E | 1 | 3 | A | 9 | 8 | 0 |
| 0 | C | 1 | E | B | 7 | A | 2 | 8 | 6 | 9 | D | 5 | 4 | 3 |

ଗତକାଲିର ଉତ୍ତର

# ସତ୍ୟାନାଶ ଶିଶୁ ଓ ଶିକ୍ଷା ବ୍ୟବସ୍ଥା



ଡ. ପବିତ୍ର ସୁବୁଦ୍ଧି

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ଏ ଘଟଣା। ଗୋଟିଏ ବେସରକାରୀ ବିଦ୍ୟାଳୟର ଶିକ୍ଷକମାନେ ନୂତନ ଶିକ୍ଷାବର୍ଷ ଆରମ୍ଭର ପ୍ରଥମଦିନ ତାଙ୍କର ପ୍ରଧାନଶିକ୍ଷକଙ୍କଠାରୁ ଚିଠିଟିଏ ପାଇଲେ। ଯେଉଁଥିଲେ ଲେଖାଥିଲା- ''ହେ ଆଦରଣୀୟ ଶିକ୍ଷକ, ମୁଁ ଦ୍ୱିତୀୟ ବିଶ୍ୱଯୁଦ୍ଧର ବିଧ୍ୱଂସୀ ବିପର୍ଯ୍ୟୟରୁ ବଞ୍ଚିକି ଆସିଛି। ମୋ ଆଖି ସେ ସବୁ ଦେଖିଚି, ଯାହା କୌଣସି ବି ମଣିଷ ଦେଖିବା କଥା ନୁହେଁ। ମୋର ଏ କରୁଣ ଆଖି ଦେଖିଛି- ହଜାର ହଜାର ମଣିଷଙ୍କ ମୃତ୍ୟୁ ପାଇଁ ପାଠୁଆ ଇଂଜିନିୟରଙ୍କ ଦ୍ୱାରା ନିର୍ମିତ ବାଷ୍ପ କୋଠରି। ସୁଦକ୍ଷ ଡାକ୍ତରମାନଙ୍କ ଦ୍ୱାରା ନିରୀହ ଶିଶୁଙ୍କୁ ବିଷପାନ କରାଇବାର ଅବିଶ୍ୱସନୀୟ ଦୃଶ୍ୟ। ପ୍ରଶିକ୍ଷିତ ନର୍ସଙ୍କ ଦ୍ୱାରା ଅସଂଖ୍ୟ ଶିଶୁଙ୍କ ହତ୍ୟା। ଉଚ୍ଚ ବିଦ୍ୟାଳୟ ଓ କଲେଜ ପଢୁଆ ଛାତ୍ରଙ୍କ ଗୁଳିରେ ନିହତ ଓ ଦଗ୍ଧ ମହିଳାଙ୍କ କୁଢ଼ କୁଢ଼ ଶବ।''

''ଏଣୁ ମୁଁ, ଆମେ ପ୍ରଦାନ କରୁଥିବା 'ଶିକ୍ଷା' ଉପରେ ସନ୍ଦିହାନ। ଏହା ମୋର ଅନୁରୋଧ। ଆପଣମାନେ ଛାତ୍ରମାନଙ୍କୁ ମଣିଷ ହେବାରେ ସାହାଯ୍ୟ କରନ୍ତୁ। ଆପଣଙ୍କର ପ୍ରଚେଷ୍ଟା କେବେହେଲେ କୌଣସି ନର-ରାକ୍ଷସ, କୁଶଳୀ ମାନସିକ ରୋଗୀ, କି ଶିକ୍ଷିତ ନିରକ୍ଷରଟିଏ ସୃଷ୍ଟି ନ କରୁ। ଲେଖା-ପଢ଼ା ଓ ଗଣିତ ଜ୍ଞାନ କେବଳ ସେତେବେଳେ ମହତ୍ତ୍ୱପୂର୍ଣ୍ଣ ହେବ, ଯେତେବେଳେ ଏସବୁ ଆମ ପିଲାଙ୍କୁ ଅଧିକ ମାନବୀୟ କରିବାରେ ନିୟୋଜିତ ହେବ।'' ଇତି ଆପଣଙ୍କର ପ୍ରଧାନଶିକ୍ଷକ।

ପାଠକେ! ଦ୍ୱିତୀୟ ବିଶ୍ୱଯୁଦ୍ଧର ୭୫ ବର୍ଷ ପରେ ବି ଏ ଐତିହାସିକ ଚିଠିର ପ୍ରାସଙ୍ଗିକତା ରହିଛି ବୋଲି ଆମର ମନେହୁଏ। ଶିକ୍ଷା ହେଉଛି ମାନବୀୟ ବିକାଶର ନୂଆ ମନ୍ତ୍ର। ନୂଆ ଈଶ୍ୱର, ଏକଥା ଅନସ୍ୱୀକାର୍ଯ୍ୟ ଯେ, ଆମର ଆଧୁନିକ ଶିକ୍ଷା ବର୍ଷ ବର୍ଷ ଧରି କେବଳ ଡାକ୍ତର, ଇଂଜିନିୟର, ଅଧ୍ୟାପକ, ପ୍ରଶାସକ ଓ ବୈଜ୍ଞାନିକ ଇତ୍ୟାଦି ସୃଷ୍ଟି କରି ଚାଲିଛି। ଆମକୁ ବୈଷୟିକ ଜ୍ଞାନରେ ଭରପୂର କରିଦେଇଛି। କିନ୍ତୁ ଉଚ୍ଚାଙ୍ଗ ଆଦର୍ଶର ଠିକଣା ଦେଇପାରିନି। ଭଲମଣିଷଟିଏ ଗଢ଼ିବାର ଭିତ୍ତିଭୂମି ପ୍ରତିଷ୍ଠା କରିପାରିନି। ନା ଆମ ପ୍ରଚଳିତ ଶିକ୍ଷା ପଦ୍ଧତିରେ ଅଛି ଭାରତୀୟ ପ୍ରାଚୀନ ଶିକ୍ଷାଧାରାର ଐତିହ୍ୟ ନା ଅଛି ଆଧୁନିକ ବ୍ରିଟିଶ ଶିକ୍ଷାଧାରାର ନିପୁଣତା। ଦିନେ ଶିକ୍ଷାର ମୂଳ ଉଦ୍ଦେଶ୍ୟ ଥିଲା-ଆତ୍ମିକ ଉତ୍ତରଣ, ତ୍ୟାଗ, ସେବା ଓ ଚରିତ୍ର ଗଠନ। ଆଜି କିନ୍ତୁ ଶିକ୍ଷାର ସମସ୍ତ ସ୍ତରରେ ଖାଲି ଅର୍ଥ ଉପାର୍ଜନ। ଶିକ୍ଷା କହିଲେ ଆଜି ଆମେ ଯେଉଁ ବ୍ୟୁତ୍ପତ୍ତିକୁ ବୁଝୁ, ସେ ଅର୍ଥରେ ତ ସାକ୍ଷରଙ୍କ ସଂଖ୍ୟାରେ ଯଥେଷ୍ଟ ଅଭିବୃଦ୍ଧି ଘଟିଛି, ମାତ୍ର ପ୍ରକୃତ ଶିକ୍ଷିତଙ୍କ ସଂଖ୍ୟା ବଢ଼ିଛି କି? ଆମ ଶିକ୍ଷା, ଶିକ୍ଷିତଙ୍କ ନାମରେ ଯାହା ଉତ୍ପାଦନ କରୁଚି, ତାହା ପ୍ରାୟତଃ ଏକ ବୈଚିତ୍ର୍ୟହୀନ ଯାନ୍ତ୍ରିକ ପ୍ରାଣୀ। ଯେଉଁ ପ୍ରାଣୀର ମୁଖ୍ୟ ଲକ୍ଷ୍ୟ ହେଲା-ଯେନତେନ ପ୍ରକାରେଣ ଅଜସ୍ର ଅର୍ଥ ଉପାର୍ଜନ। ସେଇଥିପାଇଁ ଦିନେ ଦେଶର ଗର୍ବ ଓ ଗୌରବ ବୋଲାଉଥିବା ଆଇଏଏସ୍ ଅଫିସର ଆଜି ଦୁର୍ନୀତି ଜାଲରେ ପଡି ଜେଲରେ। ସେବା କରିବାକୁ ଶପଥ ନେଇଥିବା ଡାକ୍ତର ଅସହାୟ ରୋଗୀର କିଡ୍‌ନୀ ଚୋରି କରି ହାଜତରେ। ଆଦର୍ଶର ପାଠ ପଢ଼ଉଥିବା ଶିକ୍ଷକ/ଅଧ୍ୟାପକ ଯୌନ ନିର୍ଯାତନା ଅଭିଯୋଗରେ କୋର୍ଟର କାଠଗଡ଼ାରେ, ଦେଶ ଗଢୁଥିବା ଇଂଜିନିୟର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଅଭିଯୁକ୍ତ ଓ ଦେଶର ଗୋପନୀୟ ତଥ୍ୟ ବିକ୍ରି କରୁଥିବା ବୈଜ୍ଞାନିକ ଆଜି ବେଇମାନୀ ପାଇଁ ବରଖାସ୍ତ। ଏଭଳି ଅନେକ କଳଙ୍କିତ ଘଟଣାରେ ପରିପୂର୍ଣ୍ଣ ଆମର ନିତିଦିନିଆ ଜୀବନ। ଏହା ସତ୍ତ୍ୱେ ଏ କଥା ସତ ଯେ, ସବୁ ମଣିଷ ଏହି ଛାଞ୍ଚର ଅନ୍ତର୍ଭୁକ୍ତ ନୁହନ୍ତି। ବାହାରକୁ ଏହି ଯାନ୍ତ୍ରିକ ଦୌଡ଼ର ଅନ୍ତର୍ଭୁକ୍ତ ହେଲେ ମଧ୍ୟ ଅନେକଙ୍କର ଏକ ଆନ୍ତର୍ଜୀବନ ରହିଛି। ଅନେକେ ଏ ଗଡ୍ଡାଳିକା ପ୍ରବାହର ଏକ ବିପରୀତ ଧାର ନିଜ ନିଜ ଅନୁଭୂତିରେ ଏବଂ ଜୀବନ ଦର୍ଶନରେ ଅନୁସରଣ କରନ୍ତି। ସାମୂହିକ ସାମାଜିକ ଜୀବନ ସହ ସାଲିସ୍ କରିବା ସତ୍ତ୍ୱେ ନିଜ ନିଜର ସ୍ୱାତନ୍ତ୍ର୍ୟ, ଅଘୋଷିତ ବିନୟବୋଧ ଓ ସ୍ୱାଭିମାନ ବଜାୟ ରଖନ୍ତି। କିନ୍ତୁ ସେମାନେ ଏହା କରନ୍ତି, ପ୍ରାପ୍ତ ଶିକ୍ଷାର ଆଶୀର୍ବାଦରୁ ନୁହେଁ, ଚେତନାର ସୂକ୍ଷ୍ମ ପର୍ଯ୍ୟାୟର ପ୍ରଭାବରେ।

ବୈଜ୍ଞାନିକ ବକ୍‌ମିନ୍‌ଷ୍ଟର ଫୁଲ୍ଲର କହନ୍ତି-ପ୍ରତ୍ୟେକ ଶିଶୁ ମାତୃଗର୍ଭରୁ ଭୂମିଷ୍ଠ ହେବା ସମୟରେ ଥାଆନ୍ତି 'ଦିଅଁ'। କିନ୍ତୁ ଆମେ ମାଆବାପା, ଶିକ୍ଷକଶିକ୍ଷିକା ତଥା ସମାଜର ବୟସ୍କ ବ୍ୟକ୍ତିମାନେ ମିଶି ତାଙ୍କୁ ମାଙ୍କଡ଼ ପ୍ରକାରେ ଗଢ଼ିଦେଉ। ଆମ ଉଚ୍ଚାକାଂକ୍ଷାକୁ ଚରିତାର୍ଥ କରିବା ପାଇଁ ଆମେ ଆମର ଅନେକ ସ୍ୱପ୍ନକୁ ସୁକୁମାର ଶିଶୁଙ୍କ ଉପରେ ଲଦିଦେଉ। ଆମର ମନେରଖିବା ଉଚିତ୍ ଯେ, ପ୍ରତ୍ୟେକ ଶିଶୁ ଭିତରେ ଏକ ସ୍ୱତନ୍ତ୍ର ପ୍ରତିଭା ଲୁଚି ରହିଛି ଏବଂ ସେହି ପ୍ରତିଭା ଦ୍ୱାରା ବୁଦ୍ଧ, ବିବେକାନନ୍ଦ ଓ ଗାନ୍ଧୀ ଗଢ଼ାଯାଇପାରେ। କେବଳ ସେ ସୁପ୍ତ ପ୍ରତିଭାକୁ ଆମକୁ ଜାଗ୍ରତ କରିବାକୁ ହେବ। ଆମ ପିଲା କ'ଣ କରିବାକୁ ଇଚ୍ଛା କରେ, କ'ଣ ଚିନ୍ତା କରେ, କ'ଣ ପଢ଼େ, କ'ଣ ଗଢ଼େ, ଚିତ୍ରରେ କିପରି ରଙ୍ଗ ସଂଯୋଜନ କରେ, ସଂଗୀତର ସ୍ୱରରୁ କିପରି ନିଜ ଜୀବନର ଏକ ଲୟ ସୃଷ୍ଟି କରେ, ଏ ସବୁ ଶୁଣିବା ପାଇଁ କି ବୁଝିବା ପାଇଁ ବିଦ୍ୟାଳୟରେ ଶିକ୍ଷକ ଓ ଘରେ ମାଆବାପାଙ୍କର ସମୟ ନାହିଁ, ଆଗ୍ରହ ନାହିଁ କି ନିଷ୍ଠା ବି ନାହିଁ। କେବଳ ଆମ ପାଖରେ ଅଛି ପିଲାଙ୍କୁ ସୁପର କିଡ୍ କରିବାର ଆତ୍ମଘାତୀ ନିଶା। ସେଥିପାଇଁ ଆମ ସମାଜରେ ଆଜି ଏ ଭୟଙ୍କର ପରିସ୍ଥିତି, ଘୋର ଦୁର୍ଦ୍ଦିନ। ଏଭଳି ପରିସ୍ଥିତିରେ ଆମ ପିଲାଙ୍କୁ କିପରି ଉଚ୍ଚ ସଂସ୍କାର ଯୁକ୍ତ କରାଯାଇପାରିବ, ତାହା ଚିନ୍ତା କରିବାର ବେଳ ଆସିଛି। ଏ ପ୍ରସଙ୍ଗରେ ଏକଦା ଭାରତର ଅନ୍ୟତମ ଶିଳ୍ପପତି ରତନ ଟାଟା କହିଥିବା ଉକ୍ତିଟିଏ ମନେପଡୁଛି। Dear Parents, dont educate your children to be rich, Educate them to be Happy, so when they growup, they will know the value of things, not the price. ଶିକ୍ଷାରସ୍ତର ସଦାସର୍ବଦା ସମୟଭିତ୍ତିକ ଓ ଆଦର୍ଶଯୁକ୍ତ ହେବା ଆବଶ୍ୟକ। ତେବେ ଯାଇ ଶିକ୍ଷାର ମୂଳଲକ୍ଷ୍ୟ ପୂରଣ ହୋଇପାରିବ।

ପ୍ରାଥମିକ ସ୍ତରରେ ଆମ ଶିକ୍ଷକମାନେ ଶିକ୍ଷାର୍ଥୀମାନଙ୍କୁ ସଚେତନ କରାଇବା ଆବଶ୍ୟକ ଯେ ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ମଧ୍ୟରେ ଏକ ଅନ୍ତର୍ସତ୍ତା ରହିଛି। ନୀରବତା, ଧ୍ୟାନ ଓ ପ୍ରାର୍ଥନା ମାଧ୍ୟମରେ ସେ ସତ୍ତାକୁ ଜାଣିବା ସମ୍ଭବପର। ଥରେ ସେ ସୂକ୍ଷ୍ମସତ୍ତା ସେମାନଙ୍କୁ ପ୍ରଭାବିତ କଲେ, ସେମାନେ ସାମାଜିକ କ୍ଷେତ୍ରରେ ସଫଳତା ଅସଫଳତାରେ ପ୍ରଭାବିତ ହେବେ ନାହିଁ। ବରଂ ସେମାନେ ଅଧିକରୁ ଅଧିକ ଜାଣିବା ପାଇଁ ଉତ୍ସୁକ ହେବେ। ତାଙ୍କ ଭିତରେ ଥିବା ଜିଜ୍ଞାସୁ ନଚିକେତାଟି ଉଜ୍ଜୀବିତ ହେବ। କିନ୍ତୁ ଏହାର ଦାୟିତ୍ୱ କେବଳ ଶିକ୍ଷକଙ୍କ ଉପରେ ଛାଡ଼ିଦେଲେ ଚଳିବ ନାହିଁ। ଶିକ୍ଷାଦାନର ଦାୟିତ୍ୱ ମାତାପିତା ଓ ଆଶୁ ଅଭିଭାବକମାନଙ୍କୁ ମଧ୍ୟ ଗ୍ରହଣ କରିବାକୁ ହେବ। ଆଜି ଆମେ ନିଷ୍ପତ୍ତି ନେବାର ବେଳ ଆସିଛି ଯେ, ଆମେ ଆମ ପିଲାଙ୍କୁ ଶାଶ୍ୱତ ବିଦ୍ୟା ପ୍ରଦାନ କରିବା ନା ସ୍ୱାର୍ଥପ୍ରଧାନ ଶିକ୍ଷା ପ୍ରଦାନ କରିବା। ଆମ ପିଲାଏ ଶିକ୍ଷା ନାମରେ କେବଳ କୌଶଳମାନ ଆୟତ୍ତ କରି କୁଶଳୀ କାରିଗର ଭାବେ ଅଧିକ ରୋଜଗାର କରି ପେଟ ପୋଷିବେ ନା ସତ୍ୟମତେ ଶିକ୍ଷିତ ହୋଇ ବିଦ୍ୟାନୁରାଗୀ ଭାବେ ଜୀବନର କଳାକୈବଲ୍ୟ ପ୍ରତି ଆକୃଷ୍ଟ ହେବେ। ନିର୍ଣ୍ଣୟ ଆମର। କିନ୍ତୁ ଏ ନିର୍ଣ୍ଣୟ ଉପରେ ନିର୍ଭର କରୁଛି ଆମ ନୂତନ ଶିକ୍ଷାନୀତିର ସଫଳତା ଓ ଭାରତ ବର୍ଷର ଭାଗ୍ୟ ଓ ଭବିଷ୍ୟତ।

ନୋବେଲ ପୁରସ୍କାର ବିଜେତା ଅମର୍ତ୍ତ୍ୟ ସେନ୍ କହନ୍ତି- ସୁଖ, ଶାନ୍ତି ଓ ପ୍ରଗତି ପାଇଁ ଶିକ୍ଷା ହେଉଛି ଏକ ମହାମନ୍ତ୍ର ଓ ମହୌଷଧି। ଶିକ୍ଷା ମଣିଷ ଭିତରେ ମନୁଷ୍ୟତ୍ୱର ଜାଗରଣ କରେ। ପ୍ରତ୍ୟେକ ଶିଶୁ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାର ପୂର୍ଣ୍ଣ ବିକାଶ ଓ ଶିକ୍ଷା ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି କରିବା ହେଉଛି ଶିକ୍ଷାର ବିଶ୍ୱସ୍ତରୀୟ ଲକ୍ଷ୍ୟ। ଆମର ନୂତନ ଜାତୀୟ ଶିକ୍ଷାନୀତି-୨୦୨୦ ଯଦି ଏ ମୌଳିକ ଲକ୍ଷ୍ୟ ପୂରଣ କରିବାରେ ସମର୍ଥ ହୁଏ, ତେବେ ତାହା ହିଁ ହେବ ଆମ ଶିକ୍ଷା ବ୍ୟବସ୍ଥାର ଶ୍ରେଷ୍ଠ ସଫଳତା। ସଫଳତା କଥା ତ ଆଗାମୀ ସମୟ କହିବ। ମାତ୍ର ଏ ଲେଖକର ଗଭୀର ବିଶ୍ୱାସ ଅଛି ଯେ, ଯଦି ଆମେ କାୟମନୋବାକ୍ୟରେ ଏକ ନୂତନ ଶିକ୍ଷାନୀତିକୁ ନବସୃଜନର ଉନ୍ମେଷ ପାଇଁ ନିୟୋଜନ କରୁ, ତେବେ ଆଜି ନ ହେଲେ ବି କାଲି କିଏ ଜଣେ ପ୍ରଜ୍ଞାବାନ ଛାତ୍ର ପରୀକ୍ଷା ଫଳ ପ୍ରକାଶନ ପରେ ଗଣମାଧ୍ୟମକୁ ସାକ୍ଷାତ୍‌କାର ଦେଇ ନିଶ୍ଚୟ କହିବେ- ଯନ୍ତ୍ରୀ ନୁହେଁ କି ମନ୍ତ୍ରୀ ନୁହେଁ, ହାକିମ ନୁହେଁ କି ଗୋଲାମ୍ ନୁହେଁ, ଭଲ ମଣିଷ ହେବା ମୋ ଜୀବନର ଲକ୍ଷ୍ୟ। ଅବଶ୍ୟ ଏଥିପାଇଁ ଦ୍ୱିତୀୟ ବିଶ୍ୱଯୁଦ୍ଧର ବିଭୀଷିକାରୁ ବର୍ତ୍ତିଯାଇଥିବା ପ୍ରଧାନଶିକ୍ଷକଙ୍କୁ ଆଉ ସ୍ୱଳ୍ପକାଳ ଅପେକ୍ଷା କରିବାକୁ ହେବ।

ନୀଳମାଧବ କଲେଜ, କଣ୍ଟିଲୋ, ନୟାଗଡ,
ମୋ-୯୪୩୭୫୧୭୯୭୮

# ସେରୋ ସର୍ଭେ ଓ ଆଣ୍ଟିବଡ଼ି



ଡା. ଉମେଶ ଚନ୍ଦ୍ର ପାତ୍ର

କରୋନା କବଳରେ କେବଳ ଓଡ଼ିଶାବାସୀ ନୁହନ୍ତି ସମଗ୍ର ବିଶ୍ୱ ଛଟପଟ ହେଉଛି। ଓଡ଼ିଶାର ଉପାନ୍ତ ଜିଲା ଗଜପତିର ୬୫ ପ୍ରତିଶତ ଲୋକଙ୍କ ଶରୀରରେ କରୋନା ଭୂତାଣୁକୁ ନେଇ ଆଣ୍ଟିବଡ଼ି ସୃଷ୍ଟି ହୋଇଛି, ଯାହା କି ରାଜ୍ୟରେ ସର୍ବାଧିକ। ସେରୋ ସର୍ଭେ ଦ୍ୱାରା ଏହି ତଥ୍ୟ ମିଳିଛି। ପାରଳାଖେମୁଣ୍ଡିରେ ଏହି ସର୍ଭେ ଅନୁଷ୍ଠିତ ହୋଇଥିଲା, ଯାହା କି ସେପ୍ଟେମ୍ବର ୧୫ରୁ ୧୮ ପର୍ଯ୍ୟନ୍ତ ଚାଲିଥିଲା ଓ ଆରଏମ୍‌ଆରସିର ପାଞ୍ଚଟି ଟିମ୍ ଏଥିରେ ନିୟୋଜିତ ହୋଇଥିଲେ। ସମୁଦାୟ ୧୫୧୫ ନମୁନା ସଂଗ୍ରହ ହୋଇଥିଲା। ସଂଗୃହୀତ ଲୋକମାନଙ୍କ ମଧ୍ୟରୁ ୯୫ ପ୍ରତିଶତ ଲୋକଙ୍କ ଶରୀରରେ କୌଣସି ଲକ୍ଷଣ ନ ଥିଲା। ଗଜପତିରେ ବିଶେଷକରି ମହିଳାଙ୍କ ମଧ୍ୟରେ ଆଶାତୀତ ଭାବେ ଆଣ୍ଟିବଡ଼ି ସୃଷ୍ଟି ହୋଇଛି। ଗଜପତିର ଲୋକମାନଙ୍କ ମଧ୍ୟରେ ଗୋଷ୍ଠୀ ପ୍ରତିରୋଧକ ଶକ୍ତି ବା ହର୍ଡ ଇମ୍ୟୁନିଟି ଆସିପାରିଛି କି ନାହିଁ ତାହା ଜାଣିବା ଲାଗି ନିୟମିତ ବ୍ୟବଧାନରେ ସେମାନଙ୍କ ଅନୁଧ୍ୟାନ କରିବାକୁ ପଡ଼ିବ। ପ୍ରକୃତରେ ତାହା ଭୂତାଣୁ ରୋକିବାରେ ସକ୍ଷମ ହୋଇପାରୁଛି କି ନାହିଁ ତାହା ପରବର୍ତ୍ତୀ ସମୟରେ ଜଣାପଡ଼ିବ। ସୂଚନାଥାଉ କି ଏହା ପୂର୍ବରୁ ଭୁବନେଶ୍ୱର, ପୁରୀ, ବ୍ରହ୍ମପୁର ଓ ରାଉରକେଲାରେ ସେରୋ ସର୍ଭେ ହୋଇସାରିଛି। ପୁରୀରେ କେବଳ ସମ୍ବେଦନଶୀଳ ଲୋକମାନଙ୍କର ସେରୋ ସର୍ଭେ କରାଯାଇଥିଲା। ବ୍ରହ୍ମପୁରରେ ୩୧ ପ୍ରତିଶତ ଲୋକଙ୍କ ଶରୀରରେ ଆଣ୍ଟିବଡ଼ି ବିକଶିତ ହୋଇଥିବାବେଳେ ଭୁବନେଶ୍ୱରରେ ପ୍ରଥମ ପର୍ଯ୍ୟାୟରେ ୧.୪ ପ୍ରତିଶତ ଓ ଦ୍ୱିତୀୟ ପର୍ଯ୍ୟାୟରେ ୫ ପ୍ରତିଶତ ଆଣ୍ଟିବଡ଼ି ଥିବା ଦେଖିବାକୁ ମିଳିଥିଲା। ରାଉରକେଲାରେ ଏକ ଚତୁର୍ଥାଂଶ ଲୋକଙ୍କ ଶରୀରରେ ଆଣ୍ଟିବଡ଼ି ରହିଥିବା ସେରୋ ସର୍ଭେରୁ ଜଣାପଡ଼ିଛି।

ଆସନ୍ତୁ ସେରୋ ସର୍ଭେ ସମ୍ପର୍କରେ କିଛି ଜାଣିବା। ଗୋଟିଏ ରାଜ୍ୟ ବା ସହରରେ ବାସ କରୁଥିବା ଲୋକଙ୍କ ମଧ୍ୟରେ ସଂକ୍ରମଣ କେତେ ବ୍ୟାପୁଛି, ତାହା ଜାଣିବା ପାଇଁ ଏହି ସେରୋଲୋଜିକାଲ ସର୍ଭେ କରାଯାଇଥାଏ। ଏଥିରୁ କେତେ ଲୋକଙ୍କ ରକ୍ତରେ ଆଣ୍ଟିବଡ଼ି ରହିଛି, ତାହା ଜଣାପଡ଼ିଥାଏ। କରୋନା ଭୂତାଣୁ ସଂକ୍ରମଣ ପରେ ଦିଲ୍ଲୀ, ପୁଣେ, ଭୁବନେଶ୍ୱର ଭଳି କେତେକ ସହରରେ ସେରୋ ସର୍ଭେ କରାଯାଇଛି। ପୁଣେରେ ହୋଇଥିବା ସଦ୍ୟ ସର୍ଭେରେ ୫୧.୫ ପ୍ରତିଶତ ଲୋକଙ୍କ ଶରୀରରେ କରୋନା ଭୂତାଣୁ ବିରୋଧରେ ଲଢ଼ିବା ପାଇଁ ଆଣ୍ଟିବଡ଼ି ରହିଥିବା ଜଣାପଡ଼ିଥିଲା। ଭୂତାଣୁ ଶରୀର ମଧ୍ୟରେ ଯେବେ ପ୍ରବେଶ କରେ, ଶରୀର ତାହାକୁ ତଡ଼ିବା ପାଇଁ କିଛି ପ୍ରୋଟିନ୍ ତିଆରି କରିଥାଏ, ତାହାକୁ ଆଣ୍ଟିବଡ଼ି କୁହାଯାଏ। ଶରୀରରେ ଭୂତାଣୁ ପଶିବା ପରେ ଆପେ ଆପେ ଆଣ୍ଟିବଡ଼ି ସୃଷ୍ଟି ହୋଇଥାଏ। ଏହି ଆଣ୍ଟିବଡ଼ିର ଆକାର ଇଂଲିଶ ଅକ୍ଷର 'ୱାଇ' ସଦୃଶ ହୋଇଥାଏ। ବିଶେଷଜ୍ଞଙ୍କ ମୁତାବକ ୪୦ରୁ ୬୦ ପ୍ରତିଶତ ଲୋକଙ୍କଠାରେ ଆଣ୍ଟିବଡ଼ି ସୃଷ୍ଟି ହେବା ଦ୍ୱାରା ହର୍ଡ୍ ଇମ୍ୟୁନିଟି ପର୍ଯ୍ୟାୟ ଆରମ୍ଭ ହୋଇଯାଏ। ଏହାପରେ ଭୂତାଣୁ ସଂକ୍ରମଣ ଏକ ସାଧାରଣ ରୋଗରେ ସୀମିତ ରହିଯାଏ। ଏଥିପାଇଁ ଟିକା କିମ୍ବା ଦାମୀ ଔଷଧ ଆବଶ୍ୟକ ପଡ଼ି ନ ଥାଏ।

କରୋନା ସଂକ୍ରମଣ ଦିନକୁ ଦିନ କାୟା ମେଲାଇ ଚାଲିଥିବାବେଳେ ମଣିଷ ଶରୀର ପାଇଁ ରୋଗ ପ୍ରତିରୋଧକଶକ୍ତିକିଭଳିଶତ୍ରୁପାଲଟିଯାଏନିକଟରେଏକ ରିସର୍ଚ୍ଚ ତଥ୍ୟର ରିପୋର୍ଟ ପ୍ରସିଦ୍ଧ 'ଲାନ୍‌ସେଟ୍' ପତ୍ରିକାରେ ପ୍ରକାଶ ପାଇଛି। ମଣିଷର ରୋଗପ୍ରତିରୋଧକ ଶକ୍ତି ସୁଦୃଢ଼ ଥିଲେ ବାହାରର କୌଣସି ରୋଗ ସୃଷ୍ଟିକାରୀ ଅଣୁଜୀବ ବା ଆଣ୍ଟିଜେନ୍ ଶରୀରରେ କିଛି କ୍ଷତି କରିପାରି ନ ଥାଏ। କିନ୍ତୁ ବେଳେ ବେଳେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଉଥିବା ଆଣ୍ଟିବଡ଼ି ବାହାରର ଅଣୁଜୀବ ସହିତ ଲଢ଼େଇ ନ କରି ନିଜ ଶରୀର ବିରୋଧରେ ଲଢ଼ିଥାଏ। କରୋନା ସଂକ୍ରମଣ କ୍ଷେତ୍ରରେ ଏଭଳି ସ୍ଥିତି ସୃଷ୍ଟି ହୋଇଥାଏ। ଏଥିରେ ଆଣ୍ଟିବଡ଼ି ଆଣ୍ଟିଜେନ୍ ସହିତ ମିଶି ଶରୀର ବିରୋଧରେ ଲଢ଼ିଥାଏ। ଶରୀରର ଆଣ୍ଟିବଡ଼ି ଏଭଳି ସ୍ଥିତିରେ ଶରୀରର ଗୁରୁତ୍ୱପୂର୍ଣ୍ଣ ଫୁସ୍‌ଫୁସ୍ ନିକଟରେ ଜମା ହୋଇ ରହିଥାଏ, ଯାହାକୁ ଡାକ୍ତରୀ ଭାଷାରେ ସାଇଟୋକାଇନ୍‌ଷ୍ଟର୍ମ କୁହାଯାଏ। ଆଣ୍ଟିବଡ଼ି କୋଷିକା ଫୁସ୍‌ଫୁସ୍‌ର ସୂକ୍ଷ୍ମ ରକ୍ତବାହୀ ନଳୀରେ କ୍ଷତ ସୃଷ୍ଟି କରିଥାଏ ; ଯାହାଦ୍ୱାରା ଶରୀରର ରକ୍ତଚାପ କମିଯାଇ ଏହା ପ୍ରଭାବରେ ଲିଭର, କିଡ୍‌ନୀ, ହାର୍ଟ ଓ ଫୁସ୍‌ଫୁସ୍ ପରି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅଚଳ ହୋଇପଡ଼େ। ଏଭଳି ସ୍ଥିତିରେ କରୋନା ସଂକ୍ରମଣର ପ୍ରଭାବ ବଢ଼ିଯାଏ। ଦେହରେ ତାପମାତ୍ରା ବଢ଼ିବା ସହ ମୁଣ୍ଡ ବିନ୍ଧିଥାଏ। କରୋନା ସଂକ୍ରମଣରେ ଶରୀରର ରୋଗପ୍ରତିରୋଧକ କ୍ଷମତା ହିଁ ଫୁସ୍‌ଫୁସ୍‌ର ଫାଇବ୍ରୋସିନ୍‌କୁ କମ୍ ସମୟ ମଧ୍ୟରେ ନଷ୍ଟ କରିଦେଇଥାଏ। ୧୯୧୮ରେ ଦେଖାଦେଇଥିବା ଫ୍ଲୁ ଓ ୨୦୦୩ରେ ସାର୍ସ ମହାମାରୀରେ ମଧ୍ୟ ସାଇଟୋକାଇନ୍ ଷ୍ଟର୍ମ ଯୋଗୁ ରୋଗପ୍ରତିରୋଧକ ଶକ୍ତି ଶରୀରର କ୍ଷତି କରିଥିଲା। ଏଚ୍-୧ଏନ୍-୧ ସ୍ୱାଇନ୍ ଫ୍ଲୁରେ ମଧ୍ୟ ଏଭଳି ହୋଇଥିବାର ବିଶ୍ୱାସ ହେଉଛି। ସାଧାରଣତଃ ରୋଗପ୍ରତିରୋଧକ କ୍ଷମତାକୁ ଶାନ୍ତ କରି ସ୍ୱାଭାବିକ କରିବା ଲାଗି ଷ୍ଟିରଏଡର ବ୍ୟବହାର କରାଯାଇଥାଏ। ତେବେ କରୋନା ସଂକ୍ରମଣ କ୍ଷେତ୍ରରେ ଷ୍ଟିରଏଡର ବ୍ୟବହାରର ସଫଳତା ଗବେଷଣା ସାପେକ୍ଷ। ଶରୀରରେ ସାଇଟୋକାଇନ୍ ଷ୍ଟର୍ମ ସୃଷ୍ଟି ହୋଇଥିବା ବିଷୟରେ ସହଜରେ ଜଣାପଡ଼ି ନ ଥାଏ। ଏହା ଜଣାପଡ଼ିଲା ବେଳକୁ ଶରୀରର କ୍ଷତି ହୋଇସାରିଥାଏ। ଏ କ୍ଷେତ୍ରରେ ଟୋସିଲିଜୁମାବ୍ ବେଶ୍ ସଫଳତାର ସହିତ କାମ କରିଥାଏ ବୋଲି ଗବେଷକ ମତ ଦେଉଛନ୍ତି। ଚିକିତ୍ସା ଜଗତ ଯେଉଁ ନୂଆ ଚାଲେଞ୍ଜର ସମ୍ମୁଖୀନ ହୋଇଛି ସେଥିରେ ଆଶଙ୍କା ସୃଷ୍ଟି ହୋଇଛି ଯେ ସଂକ୍ରମିତ ରୋଗର ଉପଯୁକ୍ତ ଚିକିତ୍ସା ହେବାର ଯୁଗ ବୋଧହୁଏ ସରିଗଲାଣି। କାରଣ ପେନ୍‌ସିଲିନ୍‌ଠାରୁ ଆରମ୍ଭ କରି ଅନେକ ଜୀବନ ରକ୍ଷାକାରୀ ଔଷଧ ସହ ଉଭୟ ଚିକିତ୍ସକ ଓ ସାଧାରଣ ଲୋକେ ଅଭ୍ୟସ୍ତ ହୋଇଆସିଛନ୍ତି। ଏବେ ଯେଉଁ ସମସ୍ୟା ସୃଷ୍ଟି ହୋଇଛି ତାହା ନୂଆ କଥା ନୁହେଁ। ଗତ କିଛିବର୍ଷ ଧରି ବୈଜ୍ଞାନିକମାନେ କହିଆସୁଥିଲେ ଯେ ଆବଶ୍ୟକ ପଦକ୍ଷେପ ଯଥାଶୀଘ୍ର ନିଆ ନ ଗଲେ ଜୀବନହାନିକାରୀ ସଂକ୍ରମଣ ମଣିଷ ପାଇଁ ପୁଣି ବଡ଼ ବିପଦ ଭାବେ ଦେଖାଦେବ, ଯାହାର ଚିକିତ୍ସା କରାଯାଇପାରିବ ନାହିଁ। ଆଣ୍ଟିବାୟୋଟିକ ଉଦ୍‌ଭାବନ ପରଠାରୁ ଯେଉଁ ଜୀବାଣୁ ବା ବ୍ୟାକ୍ଟେରିଆ ରୋଗର କାରଣ ହେଉଥିଲା ତାକୁ ମୁକାବିଲା କରିବାର ସାମର୍ଥ୍ୟ ଡାକ୍ତରମାନେ ହାସଲ କରିଥିଲେ। ୧୯୩୦-୪୦ ମସିହାରେ ଜଣାପଡ଼ିଲା ଯେ ବ୍ୟାକ୍ଟେରିଆଗୁଡ଼ିକ ମଧ୍ୟ ଔଷଧର ଜୀବାଣୁ ଧ୍ୱଂସକାରୀ ସାମର୍ଥ୍ୟକୁ ପ୍ରତିରୋଧ କରିପାରିବେ। ଚୋର ଓ ପୋଲିସ ମଧ୍ୟରେ ଛକାପଞ୍ଝା ପରି ବ୍ୟାକ୍ଟେରିଆ ଓ ଔଷଧ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦଶନ୍ଧି ଦଶନ୍ଧି ଧରି ଚାଲିଆସିଛି। ଗୋଟିଏ ନୂଆ ଔଷଧ କୌଣସି ବ୍ୟାକ୍ଟେରିଆକୁ ଜବତ କରିପାରିଲେ ପରବର୍ତ୍ତୀ ସମୟରେ ଜେନେଟିକ୍ ପରିବର୍ତ୍ତନ ଦ୍ୱାରା ବ୍ୟାକ୍ଟେରିଆ ନୂଆ ସଂକ୍ରମଣକାରୀ ଶକ୍ତି ହାସଲ କରିଆସିଛି। ଫଳରେ ପ୍ରଚଳିତ ଆଣ୍ଟିବାୟୋଟିକ ଔଷଧ ବିଫଳ ହେଉଛି।

ଗତ କେଇ ଦଶନ୍ଧି ମଧ୍ୟରେ ସମଗ୍ର ବିଶ୍ୱରେ ଡାକ୍ତରମାନେ ସାମ୍ନା କରୁଥିବା ଏହି ସମସ୍ୟାକୁ ସମ୍ପୃକ୍ତ ସମସ୍ତଙ୍କ ଦୃଷ୍ଟିକୁ ଆଣିବା ପରେ ଭୟ ସୃଷ୍ଟି ହୋଇଯାଇଛି ଯେ ଆଉ ଆଣ୍ଟିବାୟୋଟିକ ଔଷଧ ମୋଟେ କାମଦେବ ନାହିଁ। ଏ କ୍ଷେତ୍ରରେ ଉଭୟ ଡାକ୍ତର ଓ ସାଧାରଣ ଲୋକଙ୍କର ଦାୟିତ୍ୱ ରହିଛି। ଡାକ୍ତରମାନେ ମନଇଚ୍ଛା ଆଣ୍ଟିବାୟୋଟିକ ଔଷଧ ଖାଇବାକୁ ରୋଗୀଙ୍କୁ କହିବା ଅନୁଚିତ। ଯେଉଁ ସଂକ୍ରମଣ ଆଣ୍ଟିବାୟୋଟିକ ଦ୍ୱାରା ଭଲ ହେବନାହିଁ ତାକୁ ରୋଗୀ ଖାଇଲେ ସୁଫଳ ମିଳିବା ଦୂରେଥାଉ ପାର୍ଶ୍ୱ ପ୍ରତିକ୍ରିୟା ସୃଷ୍ଟି ହୋଇପାରେ। ବରଂ ସଂକ୍ରମଣ ରୋକିବା ଲାଗି କେତେକ ପ୍ରତିଷେଧମୂଳକ ବ୍ୟବସ୍ଥା ସଚେତନତା ଜରିଆରେ ପ୍ରବର୍ତ୍ତନ କରାଯାଇପାରିବ।

ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ, କଲେଜ, କଟକ, ମୋ:୯୪୩୭୦୫୧୯୫୭

## ଏଇ ଭାରତରେ

ବିଭିନ୍ନ ସ୍ଥାନରେ ଅଦରକାରୀ ଟାୟାର ଜମା ହୋଇ ପରିବେଶକୁ ପ୍ରଦୂଷଣ କରୁଥିବାବେଳେ ତାହାକୁ ଉପଯୋଗ କରି ଚପଲ ତିଆରି କରିବାରେ ସଫଳ ହୋଇଛନ୍ତି ପୁଣେର ପୂଜା ଆପ୍‌ଟେ। ପୂଜାଙ୍କ ବୟସ ୨୮। ଦି ଏନର୍ଜି ଆଣ୍ଡ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ (ଟିଇଆର୍‌ଆଇ)ରୁ ରିନେୱେବଲ ଏନର୍ଜିରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ପୂଜା ଟାୟାରରୁ ଚପଲ ତିଆରି କରିବା ଲାଗି ବହୁ ଗବେଷଣା କରିଛନ୍ତି। ଦକ୍ଷିଣ ଆଫ୍ରିକାର କେତେକ ସମ୍ପ୍ରଦାୟ ଟାୟାର ଚପଲ ବ୍ୟବହାର କରନ୍ତି। ସେମାନଙ୍କ ଚପଲ ତିଆରିର କୌଶଳ ଉପରେ ପୂଜା ଗବେଷଣା କରିବା ପରେ ସହି ଢାଞ୍ଚାରେ ଚପଲ ତିଆରି କରିବା ଆରମ୍ଭ କରିଥିଲେ। ତାଙ୍କର ଏହି ନୂଆ କୌଶଳକୁ ଷ୍ଟାର୍ଟଅପ୍ ଇଣ୍ଡିଆରେ ପ୍ରଦର୍ଶନ କରି ପୁରସ୍କୃତ ହେବା ପରେ କାର୍ଯ୍ୟକୁ ଆହୁରି ଗତିଶୀଳ କରିଛନ୍ତି। ଚପଲ ବ୍ରାଣ୍ଡର ନାମ ରଖିଛନ୍ତି 'ନେମିଟାଲ'। ଗ୍ଲିଙ୍କ୍ ଗ୍ରୀନ କମ୍ପାନୀ ଦ୍ୱାରା ସେ ଏହି ଚପଲ ତିଆରି କରୁଛନ୍ତି। ୨୦୧୯ ଜୁନ୍‌ରୁ ଅଫିସିଆଲି ତାଙ୍କ ବ୍ୟବସାୟ ଆରମ୍ଭ କରିଛନ୍ତି। ପ୍ରଥମେ ଏହି ଚପଲ ଭାରି ହେଉଥିଲା। ଏବେ ସେ ହାଲୁକା ଚପଲ ତିଆରି କରୁଛନ୍ତି ଓ ଲୋକେ ଏହାକୁ ପସନ୍ଦ କରୁଛନ୍ତି। ଦେଢ ବର୍ଷ ମଧ୍ୟରେ ୪୦୦ କେ.ଜି. ବର୍ଜ୍ୟ ଟାୟାର ଉପଯୋଗ କରିପାରିଛନ୍ତି ପୂଜା। ଏଥିରୁ ବିଭିନ୍ନ ଡିଜାଇନର ୧୦୦୦ ଯୋଡା ଚପଲ ତିଆରି କରି ବିକ୍ରି କରିଛନ୍ତି। ଚପଲର ଦାମ୍ ୬୦୦ଟଙ୍କାରୁ ୧୦୦୦ଟଙ୍କା ରହୁଛି।

## ୨୫ ବର୍ଷ ତଳର ଧରିତ୍ରୀ

**୧୯ ଅକ୍ଟୋବର ୧୯୯୫**

- କଲମ୍ବିଆ ରାଷ୍ଟ୍ରପତି ସାମ୍ପେର ପିଜାନୋ ୧୧୩ ସଦସ୍ୟ ବିଶିଷ୍ଟ ଆନ୍ତର୍ଜାତିକ ଗୋଷ୍ଠୀ 'ନାମ'ର ଅଧ୍ୟକ୍ଷ ପଦ ଗ୍ରହଣ କରିଛନ୍ତି।
- ମାୟାବତୀ ସରକାରର ପତନ ପରେ ସମ୍ବିଧାନର ୩୫୬ ଧାରା ଅନୁସାରେ ରାଷ୍ଟ୍ରପତି ଡଃ ଶଙ୍କରଦୟାଲ ଶର୍ମା ଉତ୍ତରପ୍ରଦେଶରେ କେନ୍ଦ୍ରୀୟ ଶାସନ ଲାଗୁ କରିଛନ୍ତି।
- କୋଇଲା କ୍ଷେତ୍ରରେ ପ୍ରଯୁକ୍ତି ବିନିମୟ ପାଇଁ ଭାରତ-ଚାଇନା ମଧ୍ୟରେ ଏକ ପ୍ରୋଟକଲ ସ୍ୱାକ୍ଷରିତ।

## ପାଠକ ଶ୍ରେଷ୍ଠ ବିଚାରକ

### ୟୁରିଆ ସାରକୁ ନେଇ ଚାଷୀ ଚିନ୍ତାରେ

ମହାଶୟ,

ପୁରୀ ଜିଲା ସତ୍ୟବାଦୀ ବ୍ଲକରେ ୟୁରିଆ ସାରର ଅଭାବ ଦେଖିବାକୁ ମିଳୁଛି। ସତ୍ୟବାଦୀ ବ୍ଲକର ୨୪ଟି ପଞ୍ଚାୟତରେ ଖରିଫ ଚାଷ କାର୍ଯ୍ୟ ଶେଷ ହୋଇଛି। ବର୍ତ୍ତମାନ ଚାଷୀ ବିଲରେ ପକାଇବା ପାଇଁ ୟୁରିଆ ସାରର ଅଧିକ ଆବଶ୍ୟକତା ଥିବାବେଳେ ବଜାରରେ ସାରର ଆକାଶଛୁଆଁ କଳାବଜାରକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। କିଛି ଦିନ ଧରି ଚାଷୀ ଜମିରେ ୟୁରିଆ ସାର ପକାଇପାରି ନ ଥିବାରୁ ଫସଲ ବଞ୍ଚାଇବା ନେଇ ଚିନ୍ତାରେ ପଡ଼ିଛି। କୃଷି ବିଭାଗର ଅବହେଳା ଯୋଗୁ ଚାଷୀ ଧାନ ରୁଆଠାରୁ ଆରମ୍ଭ କରି ଧାନ ଅମଳ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛି। ସରକାରୀ ଦରରେ ୟୁରିଆ, ସାରବସ୍ତା ପ୍ରତି ୨୬୬ ଟଙ୍କା ୫୦ ପଇସା ଥିବାବେଳେ ବିଭିନ୍ନ ସ୍ଥାନରେ ୪୦୦ରୁ ୪୫୦ ଟଙ୍କା ପର୍ଯ୍ୟନ୍ତ ଚଢ଼ା ଦରରେ ବିକ୍ରି କରାଯାଇଥିବା କୁହାଯାଇଛି। ସତ୍ୟବାଦୀ ବ୍ଲକରେ ଟାସ୍କଫୋର୍ସ ଗଠନ କରାଯାଇଥିବା ଜଣାଯାଏ । ମାତ୍ର ଏ ପର୍ଯ୍ୟନ୍ତ ଟାସ୍କଫୋର୍ସ କାଗଜ କଲମରେ ସୀମିତ ରହିଯାଇଛି।

ଦେବବ୍ରତ ମିଶ୍ର, ଦେବଭୁବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

## ଚିରନ୍ତନୀ

ଏ ପାରୁଁ ବାରତା ମୋର
ପଠାଏଁ ପବନେ
ଲାଗଇ କି ସେ ବାରତା
ତା'ର ଅପଘନେ। -(ବ୍ୟବଧାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବଜ୍ରକାପ୍ତା ର୍ୟାକେଟ ଧରାପଡ଼ିଲା

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)/ ସୋନପୁର (ନି.ପ୍ର)

ରାଜ୍ୟରେ ଏବେ ବନ୍ୟଜନ୍ତୁ ଶିକାର ଅବାଧରେ ଚାଲିଛି। କରୋନା ମହାମାରୀଠାରୁ ଶିକାରି ଓ ଚାଲାଣକାରୀ ବେଶ୍ ସକ୍ରିୟ ହୋଇପଡିଛନ୍ତି। ବନ ବିଭାଗ ଓ ପୋଲିସର ଅପାରଗତା ପାଇଁ ମାଫିଆମାନେ ସେମାନଙ୍କ ର୍ୟାକେଟକୁ ଆହୁରି ବ୍ୟାପକ କରିଛନ୍ତି। ବନ୍ୟଜନ୍ତୁ ଶିକାର ଓ ଚୋରା ଚାଲାଣକୁ ରୋକିବାକୁ ଏବେ ଏସ୍‌ଟିଏଫ୍ ଅଣ୍ଟାଭିଡ଼ିଛି। ସୁବର୍ଣ୍ଣପୁରରେ ଏକ ବଡ଼ ବନ୍ୟଜନ୍ତୁ ର୍ୟାକେଟକୁ ଧରିଛି। ଗତ ୧୨ ତାରିଖରେ ସୁବର୍ଣ୍ଣପୁରସ୍ଥିତ ସରକାରୀ ଆଇଟିଆଇ କଲେଜ ଅଞ୍ଚଳରେ ଚଢାଉ କରି ଜଣେ ବାଘ ଛାଲ ବେପାରୀଙ୍କୁ ଧରିଥିବାବେଳେ ଶନିବାର ରାତିରେ ରାଜକୋଠି ମହାନଦୀ ବ୍ରିଜ ନିକଟରୁ ଆଉ ଦୁଇଜଣ ବେପାରୀଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଗୋଟିଏ ଜୀବନ୍ତ ବଜ୍ରକାପ୍ତା ଓ ୫ କେଜି ୬୫ ଗ୍ରାମ୍ କାତି ଜବତ କରାଯାଇଛି। ଗିରଫ ଦୁଇ ବେପାରୀ ହେଲେ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା କପାସିରା ଅଞ୍ଚଳର ସୋମନାଥ ବାଗ ଓ ଗିନ୍ଧିଲମାଲ ଅଞ୍ଚଳର ମାର୍ଶାଲନ ଭେଙ୍ଗ୍ରା। ଏନେଇ ଏସ୍‌ଟିଏଫ କେସ୍ ନଂ.୨୬/୨୦ ଦଫା ୩୭୯, ୪୧୧ ଏବଂ ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନ ୧୯୭୨ ଅନୁସାରେ ୫୧ ଦଫା ଲଗାଇ ସୋନପୁର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରିଛି। ଏଥିସହ ଜବତ ବଜ୍ରକାପ୍ତାକୁ ବନ ବିଭାଗକୁ ହସ୍ତାନ୍ତର କରାଯିବା ପରେ ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଉଲୁଣ୍ଡା ଜଙ୍ଗଲରେ ଛାଡି ଦିଆଯାଇଛି। ଅନ୍ୟପକ୍ଷରେ ଜବତ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର କାତିକୁ ପରୀକ୍ଷଣ ପାଇଁ ଡେରାଡୁନସ୍ଥିତ ୱାଇଲ୍ଡଲାଇଫ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆକୁ ପଠାଯିବ ବୋଲି ଏସ୍‌ଟିଏଫ୍ ଡିଏସ୍‌ପି ବିଳାସିନୀ ନାୟକ କହିଛନ୍ତି।


ଉଦ୍ଧାର ବଜ୍ରକାପ୍ତା

- ଜୀବନ୍ତ ବଜ୍ରକାପ୍ତା, ୩ କେଜି ୬୫ ଗ୍ରାମର କାତି ଜବତ
- ୨ ଦିନ ପରେ ୨ଜଣଙ୍କୁ ଗିରଫ କଲା ଏସ୍‌ଟିଏଫ୍
- ପୂର୍ବରୁ ଗିରଫ ବାଘଛାଲ ବେପାରୀଙ୍କଠାରୁ ମିଳିଥିଲା ସୂଚନା


ଗିରଫ ଦୁଇ ଅଭିଯୁକ୍ତ।

ସୂଚନା ଅନୁଯାୟୀ, ବାଘ ଛାଲ ବେପାରୀଙ୍କୁ ପଚରାଉଚରାବେଳେ ସୁବର୍ଣ୍ଣପୁରରେ ବନ୍ୟଜନ୍ତୁ ଚୋରା ଚାଲାଣ ର୍ୟାକେଟ ସମ୍ପର୍କରେ ସୁଚନା ପାଇଥିଲା। ଏହାପରେ ର୍ୟାକେଟରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବା ପାଇଁ ଯୋଜନା କରିଥିଲା। ଏସ୍‌ଟିଏଫ୍‌ର ୩ଜଣିଆ ଟିମ୍ ଦୁଇଦିନ ହେବ ସୁବର୍ଣ୍ଣପୁରରେ ଡେରା ପକାଇଥିଲା। ଅଧିକାରୀମାନେ ନିଜେ ଗ୍ରାହକ ସାଜି ସୋମନାଥ ଓ ଗିନ୍ଧିଲାମାଳଙ୍କ ସହ ଯୋଗାଯୋଗ କରି ବଜ୍ରକାପ୍ତା କିଣିବାକୁ ଚାହିଁଥିଲେ। କଥା ଅନୁସାରେ, ଶନିବାର ଅପରାହ୍ନ ୩ରୁ ୪ଟା ମଧ୍ୟରେ ସେମାନେ ବଜ୍ରକାପ୍ତା ଓ କାତି ବିକ୍ରି ପାଇଁ ରାଜକୋଠି ମହାନଦୀ ବ୍ରିଜ ନିକଟରେ ଅପେକ୍ଷା କରିଥିଲେ। ଏହି ସମୟରେ ପୂର୍ବରୁ ସେଠାରେ ଗ୍ରାହକ ବେଶରେ ଛକି ରହିଥିବା ଏସ୍‌ଟିଏଫ୍ ଅଧିକାରୀମାନେ ଚାରିଆଡୁ ଘେରିଯାଇଥିଲେ। ସେମାନେ ଖସି ଯିବାକୁ ଉଦ୍ୟମ କରିବାବେଳେ ସବ୍‌ଇନ୍ସପେକ୍ଟର ନଳିନୀ କାନ୍ତ ଦାସ ଓ କନଷ୍ଟେବଲ ଆଲୋକ ବାରିକଙ୍କ ସହ ୧୦ ମିନିଟ୍ ଧରି ଧସ୍ତାଧସ୍ତି ହୋଇଥିଲା। ଶେଷରେ ସେମାନଙ୍କୁ କାବୁ କରାଯାଇ ଧରିଥିବା ୨ଟି ପ୍ଲାଷ୍ଟିକ୍ ବ୍ୟାଗ୍ ଯାଞ୍ଚ କରାଯିବାରୁ ଗୋଟିଏରେ ଜୀବନ୍ତ ବଜ୍ରକାପ୍ତା ଓ ଅନ୍ୟଟିରେ କାତି ଥିବା ଜଣାପଡିଥିଲା। ତେବେ ସେମାନେ ସେମାନେ କେଉଁ ଜଙ୍ଗଲରୁ ବଜ୍ରକାପ୍ତାକୁ ଧରିଲେ ଓ ଜବତ ବଜ୍ରକାପ୍ତାର କାତିକୁ କେଉଁଠୁ ଆଣିଲେ ? ସୁବର୍ଣ୍ଣପୁର ଜଙ୍ଗଲରୁ ଏସବୁ ବଜ୍ରକାପ୍ତା ଧରାଯାଇଥିବା ବା ଶିକାର କରାଯାଇଥିବା ଅନୁମାନ କରୁଛି ଏସ୍‌ଟିଏଫ୍। ଏହା ପଛରେ ଆଉ କେଉଁମାନଙ୍କର ହାତ ରହିଛି ତାହା ଜାଣିବା ପାଇଁ ଏସ୍‌ଟିଏଫ୍ ଦୁଇ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବ ବୋଲି ଜଣାପଡ଼ିଛି। ଓଡ଼ିଶା ବଜ୍ରକାପ୍ତାର ଚାହିଦା ବିଦେଶରେ ଅଧିକ ରହୁଥିବାରୁ ଏଥିରେ ଅନ୍ତର୍ଜାତୀୟ ବନ୍ୟଜନ୍ତୁ ଚୋରା ଚାଲାଣ ର୍ୟାକେଟ ସମ୍ପୃକ୍ତ ଥିବା ସନ୍ଦେହ କରି ଏସ୍‌ଟିଏଫ୍ ଅଧିକ ଖୋଳତାଡ଼ ଚଳାଇଛି।

# ସୋଏବଙ୍କ ସହ କଥା ହେଲେ ମୁଖ୍ୟମନ୍ତ୍ରୀ


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)

ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ଏନ୍‌ଇଇଟି)ର ସର୍ବଭାରତୀୟ ଟପ୍ପର ହୋଇଥିବା ରାଉରକେଲାର ସୋଏବ ଅଫତାବଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଫୋନ୍ ଯୋଗେ କଥା ହୋଇଛନ୍ତି। ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ସୋଏବଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବାସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ସେପଟେ ମୁଖ୍ୟମନ୍ତ୍ରୀଙ୍କ ଫୋନ୍ ପାଇ ସୋଏବ ଅଫତାବ ମଧ୍ୟ ଖୁସିବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ଦ୍ୱାରା ପରିଚାଳିତ ଏନ୍‌ଇଇଟି ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଥିଲା। ଏଥିରେ ସୋଏବ ଟପ୍ପର ହେବା ସହିତ ଦୁଇଟି ଇତିହାସ ରଚିଥିଲେ। ଓଡ଼ିଶାରୁ ପ୍ରଥମ ଛାତ୍ର ଭାବେ ଏନ୍‌ଇଇଟିରେ ଟପ୍ପର ହେବାସହିତ ଏନ୍‌ଇଇଟିରେ ମୋଟ୍ ୭୨୦ରୁ ୭୨୦ ନମ୍ବର ରଖିବାରେ ମଧ୍ୟ ସେ ପ୍ରଥମ।







**ସଂକ୍ଷେପରେ**

## ପ୍ରକାଶ ପାଇଲା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଫଳ

କୋରାପୁଟ,୧୮।୧୦(ସ୍ୱ.ପ୍ର.): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ସମେତ ଦେଶର ୧୪ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ୪ଟି ରାଜ୍ୟ ବିଶ୍ୱବିଦ୍ୟାଳୟରେ ୟୁଜି ଓ ପିଜି ବିଷୟ ପାଇଁ ହୋଇଥିବା ପ୍ରବେଶିକା ପରୀକ୍ଷାର ଫଳାଫଳ ପ୍ରକାଶ ପାଇଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ନାମଲେଖା ପାଇଁ ୧୯ରେ ପ୍ରଥମ ମେରିଟ୍ ଲିଷ୍ଟ ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟରେ ଅପ୍‌ଲୋଡ ହେବ। ୨୦ ଓ ୨୧ରେ ନାମଲେଖା ପାଇଁ ରେଜିଷ୍ଟ୍ରେଶନ ଓ ଅନ୍‌ଲାଇନ କାଉନସେଲିଂ କରାଯିବ। ୨୨ରେ ସାର୍ଟିଫିକେଟ ଭେରିଫିକେଶନ କରାଯାଇ ନାମଲେଖା ହେବ । ସେହିପରି ୨୩ରେ ନାମଲେଖା ପାଇଁ ଦ୍ୱିତୀୟ ମେରିଟ ଲିଷ୍ଟ ଅପ୍‌ଲୋଡ କରାଯିବ। ୨୭ରେ ଖାଲିଥିବା ସିଟ୍ ପାଇଁ ଛାତ୍ରୀଛାତ୍ରଙ୍କ ନାମଲେଖା ନେଇ ୱେଟିଂ ଲିଷ୍ଟ ୱେବ୍‌ସାଇଟରେ ଅପଲୋଡ ହେବ । ଏମବିଏରେ ନାମଲେଖା ନିମନ୍ତେ ୨୮ରେ ପ୍ରଥମ ମେରିଟ୍ ଲିଷ୍ଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟରେ ଅପଲୋଡ କରାଯିବ। ୩୦ରେ ଏମବିଏରେ ନାମଲେଖା ପାଇଁ ଦ୍ୱିତୀୟ ମେରିଟ ଲିଷ୍ଟ ଅପଲୋଡ ହୋଇ ନଭେମ୍ବର ପହିଲାରେ ଖାଲିଥିବା ସିଟ୍‌ରେ ନାମ ଲେଖାଇବାକୁ ୱେଟିଂ ଲିଷ୍ଟ ୱେବ୍‌ସାଇଟରେ ଅପଲୋଡ କରାଯିବ। ନଭେମ୍ବର ୩ରେ ଛାତ୍ରୀଛାତ୍ରଙ୍କ ସାର୍ଟିଫିକେଟ ଯାଞ୍ଚ ପରେ ସେମାନଙ୍କ ନାମଲେଖା ପ୍ରକ୍ରିୟା ଶେଷ ହେବ ବୋଲି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି ।

## ଘାଟିରୁ ୨ ଯୁବକଙ୍କ ମୃତଦେହ ଉଦ୍ଧାର: ହତ୍ୟା ସନ୍ଦେହ

ଫୁଲବାଣୀ ଅଫିସ/ବାଲିଗୁଡ଼ା (ଡି.ଏନ୍.ଏ),୧୮।୧୦: କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ବୁଦୁଲିପଦର ଘାଟିରୁ ରବିବାର ୨ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ସେମାନେ ହେଲେ ତୁମୁଡ଼ିବନ୍ଧର ସଙ୍କଳ୍ପ ନାୟକ ଓ ତପନ କୁମାର ବେହେରା। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ଭଳି ଜଣାପଡୁଛି। ଉପଯୁକ୍ତ ତଦନ୍ତ ଦାବିରେ ସ୍ଥାନୀୟ ଲୋକେ ତୁମୁଡିବନ୍ଧ ମେଡିକାଲ ସମ୍ମୁଖ ୫୯ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ବାଲିଗୁଡ଼ା ଏସ୍‌ଡିପିଓ ମାନସ ରଞ୍ଜନ ବାରିକ ପହଞ୍ଚି ଲୋକଙ୍କୁ ବୁଝାଶୁଝା ସହ ଉପଯୁକ୍ତ ତଦନ୍ତ ପାଇଁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା। ଉଭୟ ଯୁବକ ଶନିବାର କୌଣସି କାମରେ ବାଲିଗୁଡା ଯାଇଥିବାବେଳେ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଯୋଗାଯୋଗ କରିଥିଲେ ମଧ ସମ୍ଭବ ହୋଇ ନ ଥିଲା। ରବିବାର ସକାଳେ ସଙ୍କଳ୍ପ ଓ ତପନଙ୍କ ମୃତଦେହ ବୁଦୁଲିଘାଟି ପାଖରେ ପଡିଥିବା ଲୋକେ ଦେଖିଥିଲେ। ଉଭୟଙ୍କୁ ଡକାୟତି ଉଦ୍ଦେଶ୍ୟରେ ହତ୍ୟା କରି ଘାଟି ତଳକୁ ଫିଙ୍ଗି ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୋଲିସ ମୃତଦେହ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି।

# ଆଳୁ, ପିଆଜ ଦର ଅଣାୟତ୍ତ

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)



**ଡିସେମ୍ବର ପୂର୍ବରୁ କମିବନି ଦର**

**୨,୨୮,୯୬୧ ହେକ୍ଟର ଚାଷଜମିର ୩୩%ରୁ ଅଧିକ ଫସଲ ନଷ୍ଟ**

କରୋନା ମହାମାରୀ ଲୋକଙ୍କ ରୋଜଗାର ଛଡ଼ାଇ ନେଇଥିବାବେଳେ ରାଜ୍ୟରେ ଆଳୁ, ପିଆଜ ଓ ପନିପରିବା ଦର ବୋଝ ଉପରେ ନଳିତାବିଡ଼ା ହୋଇଛି। ଗତ ଦୁଇମାସ ହେଲା ଆଳୁ ଓ ପିଆଜ ଦର ଲଗାତାର ବଢ଼ିଚାଲିଛି। ଏବେ ଆଳୁ କିଲୋ ୩୫ରୁ ୪୦ଟଙ୍କା ଥିବାବେଳେ ପିଆଜ କିଲୋ ୬୦ଟଙ୍କାରେ ବିକ୍ରି ହେଉଛି। ଉତ୍ପାଦନ କମ୍ ଏବଂ ଆବଶ୍ୟକ ପରିମାଣର ବାହାର ରାଜ୍ୟରୁ ଆମଦାନୀ ହୋଇପାରୁ ନ ଥିବାରୁ ଏଭଳି ବୃଦ୍ଧି ଘଟିଛି। ଆସନ୍ତା ଡିସେମ୍ବର ପୂର୍ବରୁ ଏହି ଦର କମି ନ ପାରେ ବୋଲି କୁହାଯାଉଛି। ଡିସେମ୍ବରରେ ରବି ଚାଷ ଅମଳ ହେବାପରେ ଯାଇ ଆଳୁ, ପିଆଜ ଦରରେ ହ୍ରାସ ଘଟିବ ବୋଲି ଆଶା କରାଯାଉଛି।

ଆଳୁ ଓ ପିଆଜ ଉତ୍ପାଦନରେ ଓଡ଼ିଶା ଏକ ନିଅଣ୍ଟିଆ ରାଜ୍ୟ । ତେଣୁ ଆଳୁ ପାଇଁ ପଶ୍ଚିମବଙ୍ଗ ଏବଂ ପିଆଜ ଲାଗି ମହାରାଷ୍ଟ୍ର, କର୍ଣାଟକ ଓ ଆନ୍ଧ୍ରପ୍ରଦେଶ ଉପରେ ନିର୍ଭର କରିଥାଏ। ସେଥିପାଇଁ ଯୋଗାଣ ପେଣ୍ଠରେ ଆଳୁ ଓ ପିଆଜର ହ୍ରାସ ଓ ବୃଦ୍ଧିର ପ୍ରଭାବ ସିଧାସଳଖ ଘରୋଇ ବଜାରରେ ଅନୁଭୂତ ହେଉଛି। ଚଳିତବର୍ଷ ପଶ୍ଚିମବଙ୍ଗରେ ଗତବର୍ଷ ଅପେକ୍ଷା ୧୦% କମ୍ ଆଳୁ ଉତ୍ପାଦନ ହୋଇଛି। ପଶ୍ଚିମବଙ୍ଗରେ ଆଳୁ ଆବଶ୍ୟକତା ବାର୍ଷିକ ୬୦ଲକ୍ଷ ଥିବାବେଳେ ଚଳିତବର୍ଷ ୯୦ରୁ ୯୫ ଲକ୍ଷ ଟନ୍ ଆଳୁ ଉତ୍ପାଦନ ହୋଇଛି। ତେଣୁ ସେଠାରୁ ରପ୍ତାନି ହେଉଥିବା ଆଳୁର ପରିମାଣ ଅପେକ୍ଷାକୃତ କମ୍ ରହିଛି। ବିଶେଷକରି ଅଧିକାଂଶ ଆଳୁ ଏଥର ବିହାର ଏବଂ ଆସାମର ବନ୍ୟା ପ୍ଲାବିତ ଅଞ୍ଚଳକୁ ପଠାଯାଉଛି। ଫଳରେ ଯୋଗାଣ ପେଣ୍ଠରେ ଆଳୁର ମୂଲ୍ୟବୃଦ୍ଧି ଘଟିଛି। ଏହାର ସିଧାସଳଖ ପ୍ରଭାବ ଓଡ଼ିଶା ବଜାର ଉପରେ ପଡ଼ିବା ସହ ଆଳୁର ମୂଲ୍ୟବୃଦ୍ଧି ଘଟୁଛି। ସେହିଭଳି ଆନ୍ଧ୍ରପ୍ରଦେଶ ଓ କର୍ଣାଟକରେ ପାଣିପାଗ ଅନିୟମିତତା ଏବଂ ପ୍ରବଳ ବର୍ଷା ଯୋଗୁ ଅଗଷ୍ଟ ମାସରେ ଉତ୍ପାଦିତ ହେବାକୁ ଥିବା ପ୍ରଥମ ଖରିଫ୍ ପିଆଜ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଫଳରେ ମହାରାଷ୍ଟ୍ରରୁ ଆମଦାନୀ ହେଉଥିବା ପିଆଜର ଚାହିଦା ବୃଦ୍ଧି ହେବାରୁ ଯୋଗାଣ ପେଣ୍ଠରେ ଏହାର ମୂଲ୍ୟ ବୃଦ୍ଧି ଘଟିଛି।

ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ପ୍ରାଥମିକ ଆକଳନ ଅନୁଯାୟୀ ଚଳିତବର୍ଷ ଅଗଷ୍ଟ ମାସରେ ଅତ୍ୟଧିକ ବର୍ଷା ଓ ବନ୍ୟା ଯୋଗୁ ରାଜ୍ୟରେ ୧୬ଟି ଜିଲାରେ ଖରିଫ୍ ଚାଷ ପ୍ରଭାବିତ ହୋଇଛି। ୨,୨୮,୯୬୧ ହେକ୍ଟର ଚାଷଜମିର ୩୩% ରୁ ଅଧିକ ଫସଲ ନଷ୍ଟ ହୋଇଥିବା ଜଣାପଡ଼ିଛି। ଏଥିରେ ଉଭୟ ଧାନ ଓ ପନିପରିବା ଏବଂ ଅନ୍ୟାନ୍ୟ ଫସଲ ରହିଥିଲା। ଘରୋଇ ବଜାରରେ ପନିପରିବା ଦରବୃଦ୍ଧିର ଏହା ପ୍ରମୁଖ କାରଣ ବୋଲି କୁହାଯାଉଛି। ତେବେ କରୋନା ମହାମାରୀ ଏବଂ ବନ୍ୟା କ୍ଷତିଗ୍ରସ୍ତ ଚାଷୀମାନଙ୍କ ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରିଥିବା କୃଷି ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଳୁ, ପିଆଜ ଦରବୃଦ୍ଧି ସମ୍ପର୍କରେ କହିଛନ୍ତି, କେବଳ ଓଡ଼ିଶା ନୁହେଁ, ବର୍ତ୍ତମାନ ଆଳୁ ଓ ପିଆଜର ଦରବୃଦ୍ଧି ସମଗ୍ର ଦେଶରେ ପରିଲକ୍ଷିତ ହେଉଛି। ରାଜ୍ୟ ସରକାର ଦର ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେଉଛନ୍ତି। ଫିଲ୍ଡ କର୍ମଚାରୀଙ୍କ ଦ୍ୱାରା ଆଳୁ, ପିଆଜର ଆମଦାନୀ, ବିକ୍ରୟ ମୂଲ୍ୟ ଏବଂ ଉପଲବ୍ଧତା ଆଦି ପ୍ରତ୍ୟେକ ଦିନ ଅନୁଧ୍ୟାନ କରାଯାଉଛି। ଏହାସହ ବଜାର ଉପରେ ମଧ ତୀକ୍ଷ୍ଣ ନଜର ରଖାଯାଇଛି। ଆବଶ୍ୟକ ପଡ଼ିଲେ ବ୍ୟବସାୟୀମାନଙ୍କ ବୈଠକ ଡକାଇ ଏହାର ମୂଲ୍ୟବୃଦ୍ଧି ନିୟନ୍ତ୍ରଣ କରିବାକୁ ଚେଷ୍ଟା କରାଯିବ ବୋଲି ସେ କହିଛନ୍ତି। ଏନେଇ କୁବେରପୁରୀ ବ୍ୟବସାୟୀ ସଂଘର ସମ୍ପାଦକ ଶକ୍ତି ଶଙ୍କର ମିଶ୍ର କହିଛନ୍ତି, ଓଡ଼ିଶାକୁ ଆଳୁ ଯେତିକି ଆସିବା କଥା ଏବେ ଆସୁଛି। ପଶ୍ଚିମବଙ୍ଗରେ ଷ୍ଟୋରେଜ୍ ପ୍ରାଇସ୍ ଅଧିକ ଥିବାରୁ ଏଥର ଆଳୁ ଦର ବଢ଼ିଥିବା ସେ କହିଛନ୍ତି। ବ୍ୟବସାୟୀ ସଂଘ ସଦସ୍ୟ ମନୋଜ କୁମାର ଜେନା କହିଛନ୍ତି, ଓଡ଼ିଶାକୁ ଏବେ ପଶ୍ଚିମବଙ୍ଗରୁ ଦୈନିକ ୪୦୦ରୁ ୪୫୦ ଟ୍ରକ୍ ଆଳୁ ଆସୁଛି। ସେଠାରୁ କୁଇଣ୍ଟାଲକୁ ୨୬୦୦ରୁ ୨୬୫୦ ଟଙ୍କାରେ କିଣା ହେଉଥିବା ବେଳେ ଏଠାରେ ୨୭୫୦ରୁ ୨୮୦୦ଟଙ୍କା ମଧ୍ୟରେ ବିକ୍ରି ହେଉଛି। ଡିସେମ୍ବର, ଜାନୁୟାରୀ ପୂର୍ବରୁ ଆଳୁ ଦାମ୍ କମିବାର ସମ୍ଭାବନା ନ ଥିବା ସେ କହିଛନ୍ତି।

## କଂଗ୍ରେସର ଜିଲା ସଭାପତି ତାଲିକା ଘୋଷଣା

ଭୁବନେଶ୍ୱର, ୧୮।୧୦(ବ୍ୟୁରୋ)

- ୩ ବିଧାୟକଙ୍କୁ ସଭାପତି ଦାୟିତ୍ୱ ପ୍ରଦାନ
- ତାଲିକାରେ ୨ ମହିଳା ନେତ୍ରୀ

ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ରବିବାର ୩୩ ସାଙ୍ଗଠନିକ ଜିଲା ପାଇଁ ଜିଲା ସଭାପତିଙ୍କ ନାମ ଘୋଷଣା କରାଯାଇଛି। ଏହି ତାଲିକାରେ ପୂର୍ବରୁ ଦାୟିତ୍ୱରେ ଥିବା ୧୬ ଜିଲାର ଜିଲା ସଭାପତିଙ୍କ ନାମ ଅପରିବର୍ତ୍ତିତ ରହିଛି। ଆଗରୁ ଦାୟିତ୍ୱ ନେଇଥିବା ନେତାଙ୍କ ଉପରେ ଦଳ ପୁନର୍ବାର ବିଶ୍ୱାସ ରଖିପାରିଛି। ସେହିପରି ଅନ୍ୟ ୧୭ଟି ଜିଲାର ସଭାପତି ଦାୟିତ୍ୱରେ ନୂଆ ଚେହେରାଙ୍କୁ ଦେଖିବାକୁ ମିଳିଛି। ପ୍ରକାଶ ପାଇଥିବା ଜିଲା ସଭାପତି ତାଲିକାରେ ମୋଟ ୨ଜଣ ମହିଳା ରହିଥିଲା ବେଳେ ୩ ଜଣ ବିଧାୟକଙ୍କୁ ମଧ ଦାୟିତ୍ୱ ମିଳିଛି। ନିକଟରେ ରାଜ୍ୟରେ ନୂଆ ପିସିସି ପ୍ରଭାରୀ ଦାୟିତ୍ୱ ନେଇଥିବା ଏ ଚେଲ୍ଲା କୁମାର ୬ ଦିନିଆ ଓଡିଶା ଗସ୍ତରେ ଆସି ବିଭିନ୍ନ ନେତାମାନଙ୍କ ସହ ଆଲୋଚନା ସମୟରେ ଦଳର ସାଙ୍ଗଠନିକ ରୂପରେଖ ବଦଳିବ ବୋଲି ମତ ରଖିଥିଲେ। ଅନ୍ୟପଟେ ଜିଲା ସଭାପତି ଭାବେ ଦାୟିତ୍ୱ ପାଇଥିବା ନେତାଙ୍କ ମଧ୍ୟରେ ଅନୁଗୋଳରୁ ବିପ୍ଲବ ଜେନା, ବଲାଙ୍ଗୀରରୁ ଦିଲ୍ଲୀପ କୁମାର ବେହେରା, ବରଗଡରେ ନୀହାର ମହାନନ୍ଦ, ବାଲେଶ୍ୱରରୁ ସଞ୍ଜୀବ ଗିରି, ଭଦ୍ରକରେ ସୁବ୍ରତ ଦାସ, ଭୁବନେଶ୍ୱରରେ ବିଶ୍ୱଜିତ ଦାସ, ବୌଦ୍ଧରେ ନବ କିଶୋର ମିଶ୍ର, କଟକରେ ମାନସ ଚୌଧୁରୀ, କଟକ ସହରରେ ଗିରିବାଳା ବେହେରା, ଦେଓଗଡରେ ଉମାଶଙ୍କର ସାହୁ, ଢେଙ୍କାନାଳରେ ସରୋଜ ପଟ୍ଟନାୟକ, ଗଞ୍ଜାମରେ ରମେଶ ଚନ୍ଦ୍ର ଜେନା, ଗଜପତିରେ ଦାଶରଥି ଗମାଙ୍ଗ, ଜଗତ୍‌ସିଂହପୁରରେ ନଟବର ବାରିକ, ଯାଜପୁରରେ ମନୋଜ କୁମାର ରାଉତ, ଝାରସୁଗୁଡାରେ ଭାରତ ଆବାସ୍ତି, କନ୍ଧମାଳରେ ଅନାମ ନାଏକ, କେନ୍ଦ୍ରାପଡାରୁ ଅଂଶୁମାନ ମାହାନ୍ତିଙ୍କୁ ଦଳ ଜିଲା ସଭାପତି ଦାୟିତ୍ୱ ପ୍ରଦାନ କରିଛି।

ସେହିପରି ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝରରୁ ବିପ୍ଲବ ମିଶ୍ର, ଖୋର୍ଦ୍ଧାରୁ ସୁରେଶ କୁମାର ରାଉତରାୟ, କୋରାପୁଟରେ ମିନାକ୍ଷୀ ବାହିନୀପତି, ମୟୂରଭଞ୍ଜରେ ହେମନ୍ତ ଦାସ, ମାଲକାନଗିରିରେ ଗୋବିନ୍ଦ ପାତ୍ର, ନବରଙ୍ଗପୁରରେ ମନୋରଞ୍ଜନ ତ୍ରିପାଠୀ, ନୟାଗଡରେ ରଞ୍ଜୀତ ଦାସ, ନୂଆପଡାରେ ଘାସିରାମ ମାଝୀ, ପୁରୀରେ ଅଜିତ ମଙ୍ଗରାଜ, ରାଉରକେଲାରେ ଜର୍ଜ ତିର୍କୀ, ରାୟଗଡାରେ ଦୁର୍ଗୀ ପ୍ରସାଦ ପଣ୍ଡା, ସମ୍ବଲପୁରରେ ଅଶ୍ୱିନୀ ଗୁରୁ, ସୁବର୍ଣ୍ଣପୁରରେ ଗୌରୀଶ୍ୟାମ ପଣ୍ଡା, ସୁନ୍ଦରଗଡରେ ବେଣୁମାଧବ ତ୍ରିପାଠୀ ଏବଂ କଳାହାଣ୍ଡିରେ କଂଗ୍ରେସ ଭାରତ ଭୂଷଣ ବେମାଲଙ୍କୁ ଜିଲା ସଭାପତି ରୂପେ ଚୟନ କରିଛି। ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ସାଧାରଣ ସମ୍ପାଦକ କେ.ସି. ଭେଣୁଗୋପାଳ ଏହ ତାଲିକାକୁ ମଞ୍ଜୁରୀ ଦେବାପରେ ଘୋଷଣା କରାଯାଇଛି।

**ରାଜଧାନୀରେ ଧୂଳି ପ୍ରଦୂଷଣ**



ଭୁବନେଶ୍ୱର ଜନପଥରେ ଖାମଖିଆଲ ଭାବେ ରାସ୍ତା କାମ ଚାଲିଥିବାରୁ ଶ୍ରୀୟା ଟକିଜ୍ ଛକରେ ସହରବାସୀ ପ୍ରତିଦିନ ଧୂଳିରେ ଅଣନିଃଶ୍ୱାସୀ ହୋଇ ଯାତାୟାତ କରୁଛନ୍ତି।

## ବଜ୍ରପାତରେ ଦାଦା, ପୁତୁରାଙ୍କ ମୃତ୍ୟୁ

ବିରିଡ଼ି,୧୮।୧୦(ଡି.ଏନ.ଏ.)

ଶୁଦ୍ଧିକ୍ରିୟା ପାଇଁ ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ବଜ୍ରପାତ ଘଟି ସମ୍ପର୍କୀୟ ଦାଦା, ପୁତୁରାଙ୍କ ମୃତ୍ୟୁ ଘଟିଛି। ଜଗତ୍‌ସିଂହପୁର ଜିଲା ବିରିଡ଼ି ବ୍ଲକ ଅନ୍ତର୍ଗତ ୨୨ ମୌଜା ବାରଡ଼ିଆ ଗ୍ରାମରେ ରବିବାର ଅପରାହ୍ଣରେ ଏହି ଘଟଣା ଘଟିଛି। ମୃତକ ହେଲେ ଦାଦା ବିଷ୍ଣୁଚରଣ ବାହାଲିଆ(୫୭) ଓ ପୁତୁରା ପ୍ରମୋଦ କୁମାର ବାହାଲିଆ(୪୫)। ଉଭୟ ଦାଦା, ପୁତୁରା ଅପରାହ୍ଣ ୨ଟାରେ ଗ୍ରାମରେ ମୃତ୍ୟୁବରଣ କରିଥିବା ମୂଷି ବାହାଲିଆଙ୍କ ପାଇଁ ଶୁଦ୍ଧି ହେବାକୁ ଯାଇ ଦେବୀନଦୀରେ ଗାଧୋଉଥିଲେ। ଏହି ସମୟରେ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ବିରିଡ଼ି ତହସିଲଦାର ସାଗରିକା ପ୍ରିୟଦର୍ଶିନୀ ଓ ଥାନା ଅଧିକାରୀ ଦିଲୀପ କୁମାର ସାହୁ ପହଞ୍ଚିଥିଲେ। ତହସିଲଦାରଙ୍କ ଉପସ୍ଥିତିରେ ପୋଲିସ ୨ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

## ଇନୋଭେଶନ ଇକୋସିଷ୍ଟମ: ଚାଲୁ ରହିଛି ୧୪୦ ପ୍ରକଳ୍ପ

ଭୁବନେଶ୍ୱର,୧୮।୧୦ (ବ୍ୟୁରୋ): ଇନୋଭେଶନ ଇକୋସିଷ୍ଟମ ପାଇଁ ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ତଥା ମହାବିଦ୍ୟାଳୟଗୁଡ଼ିକରେ ଗବେଷଣା ଚାଲିଛି। ଇତିମଧ୍ୟରେ କିଛି ଶିକ୍ଷାନୁଷ୍ଠାନ ସଫଳ ଭାବେ ଗବେଷଣା କରିଥିବାବେଳେ ଆଉକିଛି ପ୍ରକଳ୍ପ ଚାଲୁ ରହିଥିବା ଜଣାପଡ଼ିଛି। ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଗତବର୍ଷ ୪ଟି ବିଶ୍ୱବିଦ୍ୟାଳୟ ଓ ବେସରକାରୀ ଅନୁଦାନପ୍ରାପ୍ତ କଲେଜରେ ମୋଟ ୧୪୮ ଗବେଷଣା କାର୍ଯ୍ୟକ୍ରମ ସଫଳ ହୋଇଛି। ସେଥିମଧ୍ୟରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ୧୦, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୩, ଫକୀରମୋହନ ଓ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୨ଟି ଲେଖାଏ ଏବଂ ବାକି ୧୩୧ଟି ଗବେଷଣା ପ୍ରକଳ୍ପ ବେସରକାରୀ ଅନୁଦାନପ୍ରାପ୍ତ କଲେଜର ରହିଛି। ସେପଟେ ଏହି ଇନୋଭେଶନ ଇକୋସିଷ୍ଟମ ପାଇଁ ୫ ବିଶ୍ୱବିଦ୍ୟାଳୟ ଓ ବିଭିନ୍ନ ବେସରକାରୀ ଅନୁଦାନପ୍ରାପ୍ତ କଲେଜରେ ଆହୁରି ୧୪୦ ପ୍ରକଳ୍ପ ଚାଲୁ ରହିଛି। ଏଥି ମଧ୍ୟରେ ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ୯ଟି ଥିବାବେଳେ ରେଭେନ୍‌ଶା ଓ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ୮ ଲେଖାଏ, ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ୭, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ୨ଟି ପ୍ରକଳ୍ପ ରହିଛି। ଆଉ ୧୦୬ ପ୍ରକଳ୍ପ ବେସରକାରୀ ଅନୁଦାନପ୍ରାପ୍ତ କଲେଜରେ ଚାଲୁ ରହିଥିବା ଜଣାପଡ଼ିଛି।

**DIRECTORATE OF TECHNICAL EDUCATION & TRAINING, ODISHA, CUTTACK**

**ADMISSION NOTICE UNDER PWD SCHEME OF MHRD, GOI FOR THE SESSION 2020-21**

No.KK-34:-Applications are invited from intending ORTHOPAEDICALLY HANDICAPPED (OH) candidates having 40% disability and above (BOTH MALE AND FEMALE CANDIDATES HAVING PERMANENT RESIDENT CERTIFICATE OF ODISHA) for admission into 03 years regular Diploma Engineering course under Persons with Disabilities (PWD) scheme of MHRD, Government of India, New Delhi against 75 numbers of supernumerary seats (25 Nos. per each institute) as per the details mentioned below for the academic session 2020-21.

**Name of the Institution & Course:**

**Bhubanananda Orissa School of Engineering (BOSE), Cuttack: Engineering**: Civil/Electrical/Mechanical/Applied ETC & Instrumentation/Automobile/Electronics & Telecommunication/ Information Technology/Computer Science Engineering

**Government Polytechnic, Bhubaneswar: Engineering**: Arch. Assistantship/Civil/Electrical/ Mechanical/ Electronics & Telecommunication/Information Technology: Non-Engineering: Modern Office Management (MOM)/Beauty Culture

**Government Polytechnic, Berhampur: Engineering** : Civil/Electrical/ Mechanical/ Computer Science/Food Technology :

**Non-Engineering :** Hotel Management & Catering Technology.

**Entry Qualification & Age Limit:**

Engineering Course: Pass in HSC Examination conducted by BSE,Odisha/10th Standard Examination declared equivalent by BSE and obtained at least 35% marks at the qualifying examination with pass in English, Math & Science subject.

Age: The lower age is 14 years and 16 years as on 01.07.2020 for all Engg.Course including Beauty Culture and Non-Engg. Course respectively. No upper age limit.

**FOR OTHER INFORMATION AND APPLICATION FORM, PLEASE VISIT OUR WEBSITE: www.bosecuttack.in**

**ALSO CAN CONTACT ON MOBILE NOS.: 9853274417 / 9437170286 / 9438014573.**

Sd./- Principal, BOSE, Cuttack
OIPR-14032/11/0001/2021

## ମରିବାର ୧୮ ଦିନ ପରେ ଜାଣିଲା ପରିବାର

ଢେଙ୍କାନାଳ/କଟକ ଅଫିସ, ୧୮।୧୦

- ନିଖୋଜ କରୋନା ରୋଗୀଙ୍କ ଏସ୍‌ସିବିରେ ମୃତ୍ୟୁ
- ଏସ୍‌ସିବି କୋଭିଡ୍ ହସ୍ପିଟାଲରେ ମୃତକଙ୍କ ନାଁ ନାହିଁ
- ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲେ ପୁଅ

କରୋନା ଆକ୍ରାନ୍ତ ନିଖୋଜ ବାପାଙ୍କୁ ଖୋଜିବାକୁ ଢେଙ୍କାନାଳରୁ କଟକ, ପଞ୍ଚାୟତରୁ ଆରମ୍ଭ କରି ଜିଲା କାର୍ଯ୍ୟାଳୟ ଯାଏ ଅସହାୟ ହୋଇ ଚକ୍କର କାଟିଲେ। ହେଲେ ବାପାଙ୍କ ମୃତ୍ୟୁ ୧୮ ଦିନ ପୂର୍ବରୁ ହୋଇସାରିଛି ଏବଂ ବିନା ସୂଚନାରେ ତାଙ୍କ ମୃତଦେହକୁ ପୋତି ବି ଦିଆଯାଇଛି ବୋଲି ପୁଅ ଜାଣି ନ ଥିଲେ। ଘଟଣା ଜାଣିବା ପରେ ପରିବାର ଲୋକଙ୍କ ପାଦ ତଳୁ ଭୂଇଁ ଖସିଯାଇଛି। ଘର ମୁରବିଙ୍କ ଏପରି ମୃତ୍ୟୁ ସେମାନଙ୍କୁ ଯେତିକି ବାଧିଛି, ସେତିକି କଷ୍ଟଦେଇଛି ମରିବାର ଅଢ଼େଇ ସପ୍ତାହ ପରେ ଉପର ଠାଉରିଆ ଭାବେ ସୂଚନା ଦିଆଯିବା। ଢେଙ୍କାନାଳ ଜିଲାରୁ କରୋନା ପରିଚାଳନାର ଏପରି ସାଂଘାତିକ ଚିତ୍ର ପଦାକୁ ଆସିଛି, ଯାହା ସ୍ୱାସ୍ଥ୍ୟ ବିଭାଗ ଆଡ଼କୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଅନ୍ୟପଟେ ଏପରି ଅବହେଳା କରିଥିବା ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ମୃତକଙ୍କ ପୁଅ।

ସୂଚନାଯୋଗ୍ୟ, ସଦର ଥାନା ବାରଦା ଗ୍ରାମର ସମ୍ପୃକ୍ତ ୭୦ବର୍ଷୀୟ ବ୍ୟକ୍ତି କରୋନା ସଂକ୍ରମିତ ହୋଇ ୨୯ ତାରିଖରେ ଜିଲା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବାରୁ ଅପରାହ୍ଣରେ ତାଙ୍କୁ କଟକ ଏସ୍‌ସିବି ମେଡିକାଲ କଲେଜସ୍ଥିତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏ ସମ୍ପର୍କରେ ପରିବାରକୁ ସୂଚିତ କରାଯାଇ ନ ଥିଲା। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ସବୁଆଡ଼ୁ ନିରାଶ ହେବା ପରେ ପ୍ରଶାସନ ଏବଂ ପୋଲିସର ଦ୍ୱାରସ୍ଥ ହୋଇଥିଲେ। ଏହାପରେ ପୋଲିସ ଏବଂ ସ୍ୱାସ୍ଥ୍ୟ ବିଭାଗର ଦୁଇଟି ଟିମ୍ କଟକ ଯାଇ ଖୋଳତାଡ଼ କରିଥିଲା। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅକ୍ଟୋବର ୧ ପୂର୍ବାହ୍ଣ ୧୦ଟା ୧୮ରେ ଡାକ୍ତରଖାନାର କାଜୁଆଲଟିରେ ଡାକ୍ତର ମୃତ ଘୋଷଣା କରିଥିବା ରବିବାର ଟାଉନ ଥାନାଧିକାରୀ ନମିତା ନାୟକ ସୂଚନା ଦେଇଛନ୍ତି। ମୃତଦେହକୁ ମର୍ଚ୍ଚୁରିରେ ୭୨ଘଣ୍ଟା ରଖିବା ପରେ କେହି ନ ଆସିବାରୁ ଏହାକୁ ପୋତି ଦିଆଯାଇଥିବା ସେ କହିଛନ୍ତି। ଏ ସଂକ୍ରାନ୍ତରେ ମଙ୍ଗଳବାଗ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନା ପାଇ ମୃତବ୍ୟକ୍ତିଙ୍କ ପୁଅ ରବିବାର ମଧ୍ୟାହ୍ନରେ ଟାଉନ ଥାନାକୁ ଆସିଥିଲେ। ସେଠାରୁ ସମସ୍ତ ବିଷୟ ଜାଣିବା ପରେ ସେ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

ଅନ୍ୟପଟେ ସମ୍ପୃକ୍ତ ବ୍ୟକ୍ତିଜଣକ ଏସ୍‌ସିବି କାଜୁଆଲଟିକୁ କିପରି ଆସିଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏସ୍‌ସିବି କୋଭିଡ୍ ହସ୍ପିଟାଲରେ ତାଙ୍କ ନାମ ରେଜିଷ୍ଟର ହୋଇ ନ ଥିବା ଘଟଣାକୁ ଅଧିକ ରହସ୍ୟାବୃତ୍ତ କରିଛି। ଏ ସଂକ୍ରାନ୍ତରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା କୁହନ୍ତି, ତଦନ୍ତ ଦାୟିତ୍ୱରେ ଥିବା ଡାକ୍ତର ସିଡିଏମ୍‌ଓଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ସୋମବାର ରିପୋର୍ଟ ହସ୍ତଗତ ହେବା ପରେ ସମ୍ପୂର୍ଣ୍ଣ ତଥ୍ୟ ଜଣାପଡ଼ିବ।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

PM ଯୋଜନା ଅଧୀନରେ
Megma Finance Ltd.
ଆଧାରକାର୍ଡ | ଏଗ୍ରିକଲ୍ଚର | ମାର୍କଶିଟ୍ | ପର୍ସନାଲ | ପ୍ରପର୍ଟି | ଗ୍ରୁପ୍
ଋଣ ମାତ୍ର 24 ଘଣ୍ଟାରେ ଘରେ ବସି
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
8901314495
8395921265
B-34/7 A Block Vijay Enclave, Bururi, New Delhi

ଦୟାକରି ଧ୍ୟାନ ଦିଅନ୍ତୁ !!
SHREE KRISHNA FINANCE
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ଘରେ ବସି ପାଆନ୍ତୁ ।। ୦% ସୁଧ ୫୦%ଛାଡ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765994255
7206213932

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ନର୍ସିଂ ଓ ପାରାମେଡିକାଲ୍ ନାମଲେଖା
Bhava Institute Of Medical Science & Research
G.N.M ଷ୍ଟାଫ୍ ନର୍ସ
Duration : 3 Year, Eligibility : +2 Pass (Any Stream) 40% Mark
A.N.M ମହିଳା ସ୍ୱାସ୍ଥ୍ୟ କର୍ମୀ
Duration : 2 Year, Eligibility : +2 Pass (Any Stream)
Operation Theater Technician ଅପରେସନ ଥିଏଟର ଟେକ୍ନିସିଆନ୍
Medical Lab Technician ମେଡିକାଲ୍ ଲ୍ୟାବ୍ ଟେକ୍ନିସିଆନ୍
X-Ray Technician ଏକ୍ସରେ ଟେକ୍ନିସିଆନ୍
ସମୟସୀମା : ୧ ବର୍ଷ ଓ ୨ ବର୍ଷ, ଯୋଗ୍ୟତା : ୧୦ମ ଓ + ୨ ପାଶ୍
ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୦ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
Phone : 0674 - 2553122, 8456845313, 9040009727 (M)

4G କମ୍ପାନୀ ଗ୍ରାମ/ସହରରେ 4G ଟାୱାର ସ୍ଥାପନ କରିବା ପାଇଁ ଜମି/ଛାତ/ଖେତ ଆବଶ୍ୟକ କରୁଛି । ଭଡ଼ା 45 ହଜାର, ଅଗ୍ରିମ 65 ଲକ୍ଷ
ଯୋଗାଯୋଗ
8860088373

BIDIKA FINANCE
ସମସ୍ତ ପ୍ରକାର LOAN ପାଇଁ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁ ଉଦ୍ୟୋଗ ଇତ୍ୟାଦି ସବୁ ପ୍ରକାର ଋଣ ନେବାକୁ ଯୋଗାଯୋଗ କରନ୍ତୁ ।
LOAN ଘରେ ବସି ନେଇପାରିବେ ମାତ୍ର ୨% କମ୍ ସୁଧ ହାରରେ ।
Bausnpola, Bijepur, Bargarh
7656825220
7656825217

(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
CAPITAL FINANCE
୧୯୮୨ରୁ ଭାରତର ଏକମାତ୍ର ବିଶ୍ୱସୀନିୟ କମ୍ପାନୀ (Reg.No.AND6590B001)
ମାର୍କସିଟ, ହୋମଲୋନ, ପର୍ସନାଲ, ସମ୍ପତି, ଆଧାରକାର୍ଡ, ପଶୁପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
8765102561

AMBA Finance
ମାର୍କସିଟ | ବ୍ୟବସାୟ | ବ୍ୟକ୍ତିଗତ | ଆଧାରକାର୍ଡ | ସମ୍ପତି ଋଣ | ରାସନ୍‌କାର୍ଡ
ଆଦି ସମସ୍ତ ଲୋନ ଘରେବସି ପାଆନ୍ତୁ
2% ସୁଧ 50% ଛାଡ
(ମହିଳା ଓ ବିଦ୍ୟାର୍ଥୀ ମାନଙ୍କ ପାଇଁ ବିଶେଷ ଛାଡ)
Lane No - 5, MG Road, Bangalore
9667721447

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

# Aakashians Score a Perfect Hattrick in NEET-UG 2020

**Top 3 Ranks! Three Years in a Row!#**

Aakash
Medical | IIT-JEE | Foundations
(Divisions of Aakash Educational Services Limited)

**1st AIR** — Odisha Topper — Perfect Score 720*/720
SOYEB AFTAB
Reg. No. 00002969743
Distance
ANTHE AIR 14 (2019)

**2nd AIR** — Delhi Topper — Perfect Score 720*/720
AKANKSHA SINGH
Reg. No. 00000449238
4 Year Classroom
KVPY (SX) Rank 34 (2019-20) | NSE(B/C/P) Qualified (2019-20)
NTSE I & II Qualified (2017-18) | ANTHE AIR 5 (2017)

**3rd AIR** — Telangana Topper — 715/720
SNIKITHA TUMMALA
Reg. No. 00000903460
4 Year Classroom
NTSE (Stage-I) 2017 Qualified

*Two students scored 100%. As per NTA policy, child with older age is given higher rank.

#Year 2018: AIR 1 KALPANA KUMARI (Classroom) | AIR 2 ROHAN PUROHIT (Distance) | AIR 3 HIMANSHU SHARMA (Classroom)
#Year 2019: AIR 1 NALIN KHANDELWAL (Distance) | AIR 2 BHAVIK BANSAL (Classroom) | AIR 3 AKSHAT KAUSHIK (Classroom)

**AIR 7** — 711/720
SATWIK GODARA
Reg. No. 00001065099
4 Year Classroom
ANTHE AIR 1599 (2017)

**AIR 10** — Gujarat Topper — 710/720
MAANIT MATRAVADIA
Reg. No. 00003154149
Distance

**80414*** (*Still Counting)
(67484 Classroom + 12930 Digital & Distance)
AAKASHIANS QUALIFIED IN NEET-UG 2020

**710**
Secured More than 500 Marks
NEET-UG 2020 from ODISHA

| No. of Students with Marks | |
|---|---|
| ≥ 650 | 44 |
| ≥ 600 | 241 |
| ≥ 575 | 351 |
| ≥ 550 | 483 |
| ≥ 525 | 608 |

## OUR TOP PERFORMERS FROM ODISHA IN GENERAL CATEGORY

| Name | Score | NEET Roll No. | AIR |
|---|---|---|---|
| ARADHANA MANOSWINI | 690 Out off - 720 | 3604001332 | AIR - 261 |
| MONALISHA K. SAMAL | 687 Out off - 720 | 3603004179 | AIR - 333 |
| ANUBHAV CHAKRA | 685 Out off - 720 | 3604022334 | AIR - 396 |
| PRATEEK DEB | 682 Out off - 720 | 3604001303 | AIR - 521 |
| ADITYA ANURAG | 682 Out off - 720 | 3604026001 | AIR - 525 |

| AIR | Score | Name | NEET Roll |
|---|---|---|---|
| 578 | 681/720 | Madhusmita Panda | 3605005102 |
| 967 | 675/720 | Swastik Rn. Panda | 3604006551 |
| 985 | 675/720 | Ashis Dalai | 3607001237 |
| 1011 | 674/720 | Anwesh K. Samanta | 3605012122 |
| 1126 | 671/720 | Neha Agrawal | 3604011383 |
| 1388 | 669/720 | Sohan Paikray | 3604003016 |
| 1410 | 668/720 | Akash Ku. Dhal | 3607007276 |
| 1423 | 668/720 | Saswat Ku. Mishra | 3604017444 |
| 1444 | 667/720 | Preetichhanda Mishra | 3605004266 |
| 1600 | 666/720 | Pratyus Mohanty | 3604001281 |

...and many more

Though every care has been taken to publish the result correctly, yet the institute shall not be responsible for error, if any.

## Aakash - Your Destination for NEET

**START YOUR JOURNEY TOWARDS SUCCESS WITH OUR HYBRID REPEATER BATCH**

Aakash Hybrid — Best of Classroom & Online Learning
Aakash LAUNCHES India's First Hybrid Coaching Program
Experience The Best of Classroom & Online Learning
For Class 12th Passed Students
ADMISSION OPEN | MEDICAL / ENGINEERING
NEET | JEE (Main & Advanced) & Other Engg. Ent. Exams
*For details & availability of 3 Year Course, contact the nearest branch / centre of Aakash.
GET INSTANT SCHOLARSHIP WITH iACST — iACST is conducted ONLINE every day. REGISTER ONLINE: https://iacst.aakash.ac.in

**TAKE THE FIRST STEP TOWARDS BECOMING A DOCTOR OR AN ENGINEER**

ANTHE — Aakash National Talent Hunt Exam ANTHE 2020
For Class VII to XII Studying Students
UP TO 100% Scholarship
Cash Awards
All India Rank
Meritnation School Booster Course
REGISTER NOW! aakash.ac.in/anthe — Scan for Registration

EXAM DATES
ONLINE: November 2020 — THU 26, FRI 27, SAT 28, SUN 29, MON 30; December 2020 — TUE 1, WED 2, THU 3, FRI 4, SAT 5, SUN 6
OFFLINE: December 2020 — SUN 6

**DIGITAL & DISTANCE LEARNING PROGRAMS**
JEE (Main & Advanced) / NEET — Class XI & XII Studying / Passed Students
School / Board Exams / NTSE & Olympiads (Class VIII / IX / X)
Aakash Live — LIVE ONLINE CLASSES
Aakash iTutor — RECORDED VIDEO LECTURES
Aakash Distance Learning Program — PRINTED STUDY MATERIAL
For Digital / Distance Learning Programs
Call: 8800012992 | Give a Missed Call: 9599698683

**Special Scholarship for REPEATER COURSE on Your NEET 2020 Rank**

| All India Rank (AIR) | upto 10000 | 10001 to 15000 | 15001 to 20000 | 20001 to 25000 | 25001 to 35000 | 35001 to 50000 | 50001 to 100000 | 100001 to 150000 |
|---|---|---|---|---|---|---|---|---|
| Scholarship* (%) | 90% | 75% | 65% | 55% | 45% | 35% | 25% | 20% |

*Scholarship % On Tuition Fee only & Ensure total scholarship does not exceed more than 100% on Tuition Fee.

**Classes Commence from : 22nd & 29th Oct, 2020**

**BHUBANESWAR CENTRE (1)**
10, Bhouma Nagar, Sachivalaya Marg, Unit-IV, Bhubaneswar-01,
Phone. 6372800240/41/42/43/44/47/59/60

**BHUBANESWAR CENTRE (2)**
125, District Centre, Chandrasekharpur, BBSR-751016
Mobile. 7008000100

**CUTTACK CENTRE**
Link Road, Madhupatna Cuttack - 753010
Mobile. 9337355230

Registered Office: Aakash Tower, 8, Pusa Road, New Delhi-110005. Ph.: (011) 47623456 | E-mail: reach.us@aesl.in | SUNDAY OPEN

Angul, Dhenkanal, Boudh, Kandhamal : 9337355233, Balasore, Bhadrak, Baripada, Keonjhar, Mayurbhanj : 9337355746, Bolangir, Kalahandi, Nuapada, Sambalpur, Sonepur, Bargarh : 9337355234, Cuttack : 9337355754, Jajpur, Jagatsinghpur, Kendrapada : 9337355773, Rourkela, Sundergarh, Jharsuguda : 9337355752, Bhubaneswar & Other : 9337355235/747/775/7008000100

## ଛାତ୍ର ବିଜେଡି ପକ୍ଷରୁ ବୈଜୟନ୍ତ ପଣ୍ଡାଙ୍କ କୁଶପୁତ୍ତଳିକା ଦାହ

**କଟକ ଅଫିସ:** ଜିଲା ଛାତ୍ର ବିଜେଡି ପକ୍ଷରୁ ରବିବାର ବାଦାମବାଡିଠାରେ ଭାଜପାର ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଓଡ଼ିଶାକୁ ପାକିସ୍ତାନ ସହ ତୁଳନା ନେଇ ତାଙ୍କ ମନ୍ତବ୍ୟକୁ ସଙ୍ଗଠନ ତୀବ୍ର ନିନ୍ଦା କରାଯାଇଛି। ସେ କ୍ଷମା ମାଗନ୍ତୁ, ନଚେତ୍ ଛାତ୍ର ବିଜେଡି ତାଙ୍କୁ କଟକରେ ପ୍ରବେଶ କରାଇ ଦେବ ନାହିଁ ବୋଲି ଚେତାବନୀ ଦେଇଛି। ଜିଲା ସଭାପତି ଆସିଫ୍ ଅମିନଙ୍କ ନେତୃତ୍ୱରେ ରାଜ୍ୟ ସମ୍ପାଦକ ସନ୍ତୋଷ ମହାପାତ୍ର, ଅଭିଷେକ ବେହେରା, ଅବିନାଶ ମହାନ୍ତି, ଶୁଭାଙ୍ଗୀ ରୟ, ନିଶିତା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ସାଢ଼େ ୩ ବର୍ଷ ଶଯ୍ୟାଶାୟୀ ମୋନାଲିସା

**କଟକ ଅଫିସ, ୧୮।୧୦**



ମାଟ୍ରିକ ପରୀକ୍ଷା ଚାଲିଥିଲା। ଦୁଇଟି ବିଷୟର ପରୀକ୍ଷା ବାକି ଥିବାବେଳେ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ ମୋନାଲିସା। ଦେହ, ହାତ ଥରିବାକୁ ଲାଗିଲା। ପରୀକ୍ଷା ବାହାନାରେ ଝିଅ ଏଭଳି ଆଚରଣ କରୁଛି ବୋଲି ପରିବାର ଲୋକେ ଚିନ୍ତା କରିଥିଲେ। ମାତ୍ର ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରିବାରୁ ଏହା ରୁବେଲା ଏବଂ ସୁବାକ୍ୟୁଟ ସ୍କିଲରୋଜିଙ୍ଗ ପାନେନସେଫାଲାଇଟିସ (ଏସ୍ଏସ୍‌ପିଇ) ରୋଗ ବୋଲି ଡାକ୍ତର କହିଥିଲେ। ଏହା ଏକ ମସ୍ତିଷ୍କ ରୋଗ। ଯାହା କେବଳ ମେଡିସିନ ଦ୍ୱାରା ହିଁ ଭଲ ହେବ। ୨୦୧୭ ମାର୍ଚ୍ଚରୁ ଏହି ରୋଗରେ ଆକ୍ରାନ୍ତ ହୋଇ ଝିଅ ଶଯ୍ୟାଶାୟୀ ଥିବାବେଳେ ଆର୍ଥିକ ଦୁରବସ୍ଥା ଯୋଗୁ ପରିବାର ଲୋକେ ଚିକିତ୍ସା ଯୋଗାଇ ପାରୁନାହାନ୍ତି।

ମଙ୍ଗଳାବାଗ ଥୋରିଆସାହିର ତ୍ରିଲୋଚନ ସେଠୀ ଓ ସଞ୍ଜୁକ୍ତା ସେଠୀଙ୍କ ଏକମାତ୍ର ଝିଅ ମୋନାଲିସା ପିଲାଟି ବେଳୁ ଅଲିଅଳିରେ ବଢ଼ିଥିଲେ। ତ୍ରିଲୋଚନ ବକ୍ସିବଜାରର ଗୋଟିଏ ଦୋକାନରେ କାର୍ଯ୍ୟ କରନ୍ତି। ମାସକୁ ଆୟ ପାଖାପାଖି ୧୫ ହଜାର ଟଙ୍କା। ଏହି ଟଙ୍କାରେ ୩ ପ୍ରାଣୀ କୁଟୁମ୍ବଙ୍କୁ ନେଇ ଚଳିବାକୁ ପଡେ। ହେଲେ ୨୦୧୭ରୁ ଦୁଃଖର କଳାବାଦଲ ଯେପରି ତାଙ୍କ ସଂସାର ଉପରେ ମାଡ଼ି ବସିଛି। ମୋନାଲିସା ପିଲାଟି ବେଳୁ ଭଲ ପାଠ ପଢୁଥିଲେ ବୋଲି ତ୍ରିଲୋଚନ କହିଛନ୍ତି। ମାଟ୍ରିକ ପରୀକ୍ଷା ପାଇଁ ପ୍ରସ୍ତୁତି ମଧ୍ୟ ଜୋରଦାର ଚଳାଇଥିଲେ। ହେଲେ ପରୀକ୍ଷା ମଝିରୁ ତାଙ୍କର ଦେହ ଖରାପ ହୋଇଗଲା। ସାଢେ ୩ ବର୍ଷ ଭିତରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ସରିଲାଣି, ହେଲେ ଝିଅର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ପରିଲକ୍ଷିତ ହେଉନାହିଁ। ଓଡ଼ିଶାର ବହୁ ପ୍ରତିଷ୍ଠିତ ମେଡିକାଲକୁ ଯାଇ ଏ ନେଇ ଡାକ୍ତରଙ୍କ ସହିତ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ। ତ୍ରିଲୋଚନ ନିଜର ଜଣେ ସମ୍ପର୍କୀୟଙ୍କୁ ଠାରୁ ଜାଣିବାକୁ ପାଇଲେ କି ରାଞ୍ଚିର ନିଦାନ ସେବା ସଦନ ମେଡିକାଲରେ ଏଭଳି ଲକ୍ଷଣ ଥିବା ରୋଗୀଙ୍କ ଚିକିତ୍ସା କରାଯାଉଛି। ସେ ଝିଅକୁ ନେଇ ଉକ୍ତ ମେଡିକାଲକୁ ଯାଇଥିଲେ ଓ ଡାକ୍ତରଙ୍କ ସହ ଚିକିତ୍ସା ସମ୍ପର୍କରେ ପରାମର୍ଶ କରିଥିଲେ। କିଛିଦିନ ମେଡିସିନ ଖାଇବା ପରେ ସ୍ୱାସ୍ଥ୍ୟବସ୍ଥାରେ

### ଚିକିତ୍ସାରେ ଅର୍ଥ ସାଜିଛି ବାଧକ

ଅଳ୍ପମାତ୍ରାରେ ସୁଧାର ଆସିଲା। ହେଲେ ପ୍ରତିମାସରେ ମେଡିସିନ ବାବଦକୁ ଟଙ୍କା ଖର୍ଚ୍ଚ କରିବା ତ୍ରିଲୋଚନଙ୍କ ପକ୍ଷରେ କଷ୍ଟକର ହୋଇପଡିଲା। ମୋନାଲିସା ଏବେ ଦିନରାତି ଗୋଟିଏ ଶଯ୍ୟାରେ ପଡ଼ି ରହୁଛନ୍ତି। ନା କିଛି କହୁଛନ୍ତି ନା କରୁଛନ୍ତି। କେବଳ ଶାରୀରିକ ପୀଡ଼ା ପାଇ ଚିତ୍କାର କରୁଛନ୍ତି। ଯାହା ଏହି ଅଭାବୀ ଦମ୍ପତିଙ୍କୁ ଅସ୍ତବ୍ୟସ୍ତ କରିସାରିଲାଣି। ଲକ୍‌ଡାଉନ ପରଠାରୁ ରୋଜଗାର କମିଯାଇଛି ବୋଲି ତ୍ରିଲୋଚନ କହିଛନ୍ତି। ଝିଅକୁ ଦୁଇମାସକୁ ଥରେ ରାଞ୍ଚି ମେଡ଼ିକାଲକୁ ନେଇ ଯାଉଛନ୍ତି। ଗୋଟିଏ ଥର ଗଲେ ସମସ୍ତ ବାବଦକୁ ପ୍ରାୟ ୩୨ହଜାର ଖର୍ଚ୍ଚ ହେଉଛି। ଧାରକରଜରେ ଝିଅର ଚିକିତ୍ସା କରାଇବା ସମ୍ଭବ ହେଉନାହିଁ। ଏଭଳି ପରିସ୍ଥିତିରେ ଯଦି କେହି ସହୃଦୟ ବ୍ୟକ୍ତି ସହାୟତାର ହାତ ବଢାନ୍ତି ତା' ହେଲେ ମୋନାଲିସାଙ୍କ ଉତ୍ତମ ଚିକିତ୍ସା ହୋଇପାରିବ ବୋଲି ତ୍ରିଲୋଚନ କହିଛନ୍ତି।



**ଆସୁଛି ଦଶହରା:** ପୁରୁଣା ଭୁବନେଶ୍ୱରର ଏକ ମଣ୍ଡପରେ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତିରେ ଜଣେ ଶିଳ୍ପୀ ରଙ୍ଗ ଦେଉଛନ୍ତି।

# ଯୁବକଙ୍କୁ ହତ୍ୟା, ରାସ୍ତାରୋକୋ



ଅଭିଯୁକ୍ତଙ୍କ ଗିରଫ ଦାବିରେ ରାସ୍ତାରୋକୋ।

**ଖୋର୍ଦ୍ଧା ଅଫିସ/ ବୋଲଗଡ଼,୧୮।୧୦(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବାଙ୍କୋଇ ଫାଣ୍ଡି ଅନ୍ତର୍ଗତ ଖାରଡପଲ୍ଲୀ ଗ୍ରାମର ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ସେ ହେଲେ ଏହି ଗ୍ରାମର ସତ୍ୟସୁନ୍ଦର ବେହେରା(୨୨)। ଏନେଇ ସୋମବାର ତାଙ୍କ ବାପା ବୀରବରଙ୍କ ଅଭିଯୋଗକ୍ରମେ ବୋଲଗଡ଼ ପୋଲିସ ଦଫା ୩୦୨, ୩୪ରେ ହତ୍ୟା ମାମଲା ( ନଂ୧୭୪/୨୦) ରୁଜୁ କରି ୨ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅନ୍ୟପଟେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗ୍ରାମବାସୀ ଭାପୁର-କୋଦୁଓବେରେଣୀ ବାଇପାସଠାରେ ଟାୟାର ଜାଳି ୧ଘଣ୍ଟା ରାସ୍ତାରୋକୋ କରିଥିଲେ। ସୂଚନା ଅନୁଯାୟୀ, ସତ୍ୟସୁନ୍ଦର ରବିବାର ଗ୍ରାମର ଦୁଇଜଣ ଯୁବକଙ୍କ ସହ କୌଣସି କାମରେ ବାହାରକୁ ଯାଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ଏନେଇ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ପାଇ ନ ଥିଲେ। ସୋମବାର ସକାଳେ ଗ୍ରାମ ନିକଟ କାଜୁ ଜଙ୍ଗଲରେ

### ଛୁରି ଜବତ, ୨ ଅଟକ

ସତ୍ୟସୁନ୍ଦରଙ୍କ ମୃତଦେହ ପଡିଥିବା ଦେଖି ସ୍ଥାନୀୟ ଲୋକେ ଦେଖିଥିଲେ। ଖବରପାଇ ପରିବାରଲୋକ ସେଠାରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ପରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏହା ସହ ପୋଲିସ ଏକ ଛୁରି ଜବତ କରିଛି। ଅନ୍ୟପଟେ ଅଭିଯୁକ୍ତଙ୍କ ଗିରଫ ଦାବିରେ ଗ୍ରାମବାସୀ ଭାପୁର-କୋଦୁଓବେରେଣୀ ବାଇପାସଠାରେ ଟାୟାର ଜାଳି ପୂର୍ବାହ୍ନ ୧୧ଟାରେ ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ଅତିରିକ୍ତ ଏସ୍‌ପି ମାୟାଧର ସେଠୀ ଏବଂ ସ୍ଥାନୀୟ ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ମଧ୍ୟାହ୍ନ ୧୨ଟା ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

## 'ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ଶିକ୍ଷା ମାନ ହ୍ରାସ କରିବ'

**ଭୁବନେଶ୍ୱର, ୧୮।୧୦ (ବ୍ୟୁରୋ)**

ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥାର ପରିପନ୍ଥୀ। ଆଗାମୀ ଦିନରେ ଏହି ଆଇନ ବିଶ୍ୱବିଦ୍ୟାଳୟ ସ୍ତରରେ ଶିକ୍ଷାର ମାନ ହ୍ରାସ ହେବାର ମୁଖ୍ୟ କାରଣ ପାଲଟିବ ବୋଲି ଅଲ୍ ଇଣ୍ଡିଆ ପ୍ରଫେଶନାଲ କଂଗ୍ରେସ ପକ୍ଷରୁ ଆୟୋଜିତ ୱେବିନାରରେ ମତ ପ୍ରକାଶ ପାଇଛି। ରାଜ୍ୟ ପ୍ରଫେଶନାଲ୍ କଂଗ୍ରେସ ଅଧ୍ୟକ୍ଷା ସୁଚରିତା ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ୱେବିନାରରେ ବକ୍ତାଭାବେ ଯୋଗଦେଇ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ କହିଛନ୍ତି, ରାଜ୍ୟ ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ବିଶ୍ୱବିଦ୍ୟାଳୟରେ ଶାସନ କଳ ଓ ରାଜନେତାଙ୍କ ଅଯଥା ହସ୍ତକ୍ଷେପକୁ ଉତ୍ସାହିତ ତଥା ପ୍ରୋତ୍ସାହିତ କରିବ। ଏହାଦ୍ୱାରା ବିଶ୍ୱବିଦ୍ୟାଳୟରେ ଅରାଜକତା ଓ ଦୁର୍ନୀତି ବଢ଼ିବ। କଲେଜରେ ବିଭିନ୍ନ ପଦ ପଦବୀ ପୂରଣ କରିବାରେ ବିଫଳ ହୋଇଥିବା ଓପିଏସ୍‌ସି ପ୍ରାଧ୍ୟାପକ ନିଯୁକ୍ତିରେ ମଧ୍ୟ ସଫଳତା ପାଇବାର ଆଶା କମ୍। ଏହାଦ୍ୱାରା ନିଯୁକ୍ତିରେ ସ୍ୱଚ୍ଛତା ହ୍ରାସ ପାଇବ ବୋଲି ବିଶ୍ୱରଞ୍ଜନ କହିଛନ୍ତି। ଅନ୍ୟତମ ବକ୍ତାଭାବେ କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ଯୋଗଦେଇ ନିଜର ମତ ଉପସ୍ଥାପନ କରିଥିଲେ। ରାଜ୍ୟ କଂଗ୍ରେସ ସୋସିଆଲ ମିଡିଆ ମୁଖ୍ୟ ଅଭିଷେକ ମହାନନ୍ଦଙ୍କ ସମେତ ଇଂ. ଶାଶ୍ୱତ ମହାନ୍ତି, ଇଂ. ମନୀଷା ନନ୍ଦ, ଇଂ. ରମାକାନ୍ତ, ଇଂ. ସୋମ୍ୟାଜିତ ଦାସ ଓ ଲାଲଟେନ୍ଦୁ ମିଶ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଅଲ ଇଣ୍ଡିଆ ପ୍ରଫେସନାଲ କଂଗ୍ରେସର ରିଜିଓନାଲ କୋଅର୍ଡିନେଟର୍ ସରିତା ଲୈତଫଲଙ୍ଗ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ରାଜ୍ୟ ଉପସଭାପତି ସୌରଭ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ଗାଁ ଦାଣ୍ଡରେ ଯୁବକଙ୍କୁ ହତ୍ୟା ଉଦ୍ୟମ

**ଗୋପ,୧୮।୧୦(ଡି.ଏନ୍.ଏ.)**

ଗୋପ ଥାନା ଅଧୀନ କୁଆଁପଡ଼ା ଗ୍ରାମରେ ରବିବାର ଜଣେ ଯୁବକଙ୍କୁ ଗାଁ ଦାଣ୍ଡରେ ଏକ କଟୁରିରେ ହତ୍ୟା ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ତେବେ ଅଭିଯୋଗ ପରେ ପୋଲିସ ତଦନ୍ତ ପ୍ରକ୍ରିୟା ଆରମ୍ଭ ନ କରିବା ଓ ଅଭିଯୁକ୍ତ ଫେରାର ହୋଇଯାଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ପୋଲିସ ସୂଚନା ଅନୁଯାୟୀ, ରବିବାର ପୂର୍ବାହ୍ନରେ କୁଆଁପଡା ଗ୍ରାମର ନୀଳକଣ୍ଠ ସେନାପତି (୩୧) ଜମିରୁ କାମସାରି ଘରକୁ ଫେରୁଥିଲେ। ଏହି ସମୟରେ ସେହି ଗ୍ରାମର ଜଣେ ବ୍ୟକ୍ତି ହଠାତ୍ କୌଣସି କାରଣକୁ ନେଇ ଗାଁ ଦାଣ୍ଡରେ ଏକ କଟୁରିରେ ନୀଳକଣ୍ଠଙ୍କୁ ଆକ୍ରମଣ କରିଥିଲେ। ନିଜ ଜୀବନ ବଞ୍ଚାଇବା ଲାଗି ନୀଳକଣ୍ଠ ଦୌଡୁଥିବା ବେଳେ ଅଭିଯୁକ୍ତ ଜଣଙ୍କ ତାଙ୍କ ଶରୀରର ବିଭିନ୍ନ ସ୍ଥାନକୁ ହାଣିଥିଲେ। ଏପରି କି ଗାଁ ଦାଣ୍ଡରେ ସମସ୍ତଙ୍କ ସମ୍ମୁଖରେ ଏପରି କାଣ୍ଡ ଘଟାଇଥିଲେ। ଏହି ଘଟଣା ବେଳେ ଅଭିଯୁକ୍ତଙ୍କ ଜଣେ ବନ୍ଧୁ ମଧ୍ୟ ଆକ୍ରମଣ କରିଥିଲେ। ପରେ ଅଭିଯୁକ୍ତ ଅତ୍ୟଧିକ ମଦ୍ୟପାନ କରିଥିବାରୁ ଘଟଣାସ୍ଥଳରୁ ଫେରାର ହେବା ପରେ ଗାଁର କେତେଜଣ ଯୁବକ ରକ୍ତାକ୍ତ ଅବସ୍ଥାରେ ନୀଳକଣ୍ଠଙ୍କୁ ଗୋପ ଡାକ୍ତରଖାନା ନେଇଥିଲେ। ଡା. ଗୋପବନ୍ଧୁ ପଟ୍ଟନାୟକ ପ୍ରାଥମିକ ଚିକିତ୍ସା କରିବା ପରେ ଗୁରୁତର ଅବସ୍ଥାରେ ତାଙ୍କୁ ପୁରୀ ସଦର ଡାକ୍ତରଖାନାକୁ ପଠାଇ ଥିଲେ। ଏ ନେଇ ନୀଳକଣ୍ଠଙ୍କ ପରିବାର ପକ୍ଷରୁ ଅଭିଯୋଗ ଦିଆଯିବାର ବହୁ ସମୟ ପରେ ମଧ୍ୟ ପୋଲିସ ପକ୍ଷରୁ ଅଭିଯୁକ୍ତଙ୍କୁ ଧରିବା ପାଇଁ କୌଣସି ପଦକ୍ଷେପ ନିଆଯାଇଥିଲେ।। ଫଳରେ ଏହି ଘଟଣାକୁ ନେଇ ଗାଁରେ ଉତ୍ତେଜନା ଲାଗିରହିଛି। ସୂଚନାଯୋଗ୍ୟ, ପୂର୍ବରୁ ମଧ୍ୟ ଅଭିଯୁକ୍ତଜଣକ ପାରିବାରିକ ବିବାଦକୁ ନେଇ ନୀଳକଣ୍ଠଙ୍କ ପରିବାର ସଦସ୍ୟଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ଗୋପ ଥାନାଧିକାରୀ ସୁଧୀର କୁମାର ସାହୁଙ୍କୁ ଫୋନ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ।

## ସଂକ୍ଷେପରେ

### ଦାଦାବଟିକୁ ନା: ହେଲ୍ପଲାଇନ ନମ୍ବର ଜାରି

**ଖୋର୍ଦ୍ଧା ଅଫିସ, ୧୮।୧୦:** ପୋଲିସର ନୂଆ କାର୍ଯ୍ୟକ୍ରମ ଦାଦାବଟିକୁ ନା। ଆଗକୁ ପାର୍ବଣ ଥିବାରୁ ଖୋର୍ଦ୍ଧାରେ ଦାଦାବଟି କିମ୍ବା ଚାନ୍ଦା ମାଗୁଥିବା ଲୋକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏନେଇ ଆଣ୍ଟି-ଏକ୍ସଟରସନ ଟାସ୍କ ଫୋର୍ସ ଟିମ୍ ଗଠନ କରାଯାଇଛି। ଡିଏସ୍‌ପି ସୁନିଲକାନ୍ତ ମହାନ୍ତି ଏହାର ଦାୟିତ୍ୱରେ ରହିଛନ୍ତି। ଏହି ଟିମ୍‌ରେ ଜଣେ ଇନ୍ସପେକ୍ଟର, ଜଣେ ଏଏସ୍ଆଇ ଏବଂ ୪ଜଣ କନଷ୍ଟେବଳ ରହିଛନ୍ତି। କୌଣସି ସ୍ଥାନରେ ବେଆଇନ ଭାବେ ଚାନ୍ଦା ଆଦାୟ କରାଯାଉଥିବା ନେଇ ଡିଏସପିଙ୍କ ମୋବାଇଲ ନଂ. ୯୪୩୭୨୦୮୮୦୧ ଏବଂ ଇନିସ୍ପେକ୍ଟର ଅର୍ଚ୍ଚନା ମଲିକଙ୍କ ମୋବାଇଲ ନଂ. ୭୦୦୮୪୦୧୦୫୪କୁ ଯୋଗାଯୋଗ କରିପାରିବେ ବୋଲି ସୋମବାର ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି। ପାର୍ବଣ ସମୟରେ ଲୁଟପାଟ, ଜନଜୀବନକୁ ସୁରକ୍ଷା ଦେବା ଲାଗି ଖୋର୍ଦ୍ଧା ପୋଲିସ ପକ୍ଷରୁ ଲୁଟେରାଙ୍କୁ ସାବାଡ ଲାଗି ଏହି ଅଭିଯାନ ଆରମ୍ଭ ହୋଇଛି। ସମସ୍ତ ଥାନାକୁ ଏନେଇ ନିର୍ଦ୍ଦେଶ ଦିଆଯାଇଛି। ରାତ୍ରି ପାଟ୍ରୋଲିଂ ଏବଂ ଜାତୀୟ ରାଜପଥ ଉପରେ କଡା ନଜର ରଖାଯିବ ବୋଲି ଏସ୍‌ପି ସ୍ୱାଇଁ କହିଛନ୍ତି।

### ଘରେ ଶୋଇଥିବା ବେଳେ ନିଆଁ ଲଗାଇଦେଲେ ଦୁର୍ବୃତ୍ତ

**ଜଟଣୀ,୧୮।୧୦(ଡି.ଏନ.ଏ):** ଜଟଣୀ ଥାନା ଅଧୀନ ତରାବୋଇ ଗ୍ରାମ ନୂଆସାହିର ବଙ୍କିନା ତାଡ଼ ଦୁଇ ପିଲାଙ୍କୁ ଧରି ଶୋଇଥିବା ବେଳେ ଶନିବାର ରାତିରେ କେହି ଦୁର୍ବୃତ୍ତ ତାଙ୍କୁ ବାହାରୁ କବାଟ ଦେଇ ନିଆଁ ଲଗାଇଥିଲେ। ଏଥିରେ କବାଟର କିଛି ଅଂଶ ପୋଡ଼ିଯାଇଛି। ନିଆଁ ଲଗାଇ ତାଙ୍କ ପରିବାର ଲୋକଙ୍କୁ ମାରିଦେବାକୁ ଉଦ୍ୟମ କରାଯାଇଛି ବୋଲି ବଙ୍କିନା ସୋମବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ବଙ୍କିନାଙ୍କ ସ୍ୱାମୀ କୌଣସି କାର୍ଯ୍ୟରେ ବାହାରକୁ ଯାଇଥିବା ବେଳେ ସେ ଛୋଟ ଦୁଇ ପିଲାଙ୍କୁ ଧରି ଘରେ ରହିଥିଲେ। ରାତି ପ୍ରାୟ ସାଢେ ୧ଟାରେ କେହି ଦୁର୍ବୃତ୍ତ ତାଙ୍କ ଘର କବାଟରେ ନିଆଁ ଲଗାଇଦେଇଥିଲେ। କବାଟ ଜଳୁଥିବା ଦେଖି ସ୍ଥାନୀୟ ଲୋକେ ପାଣି ପକାଇ ଏହାକୁ ଲିଭାଇବା ସହ ଘରେ ଶୋଇଥିବା ବଙ୍କିନା ଓ ତାଙ୍କ ପିଲାଙ୍କୁ ବାହାରକୁ ଆଣିଥିଲେ। ପୂର୍ବ ବିବାଦକୁ ନେଇ କେହି ନିଆଁ ଲଗାଇଛି ବୋଲି ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି।

### ଛତୁଆ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବି

**ପୁରୀ ଅଫିସ,୧୮।୧୦:** ପୁରୀ ଜିଲାରେ ଛତୁଆ ଯୋଗାଣରେ ବ୍ୟାପକ ଦୁର୍ନୀତି ହେଉଛି। କୋମଳମତି ଶିଶୁ ଓ ଗର୍ଭବତୀ ମହିଳାଙ୍କୁ ଅତି ନିମ୍ନମାନର ଛତୁଆ ଦିଆଯାଉଛି। ଜଣେ କିରାଣି ଏହି ଦୁର୍ନୀତିର ମାଷ୍ଟରମାଇଣ୍ଡ ବୋଲି ସଚେତନ ନାଗରିକ ମଞ୍ଚ ଅଭିଯୋଗ କରିଛି। ରବିବାର ନାୟକ ପ୍ଲାଜାଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମଞ୍ଚର କର୍ମକର୍ତ୍ତାମାନେ ଏହି ଅଭିଯୋଗ ଆଣି ଭିଜିଲାନ୍ସ ତଦନ୍ତ ଦାବି କରିଛନ୍ତି। ପୂର୍ବରୁ ଏ ନେଇ ରାଜ୍ୟପାଳ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ନିକଟରେ ମଞ୍ଚ ଫେରାଦ ହେବା ସହ ଭୁବନେଶ୍ୱର ଭିଜିଲାନ୍ସ ଏସ୍‌ପିଙ୍କୁ ଏହାର ତଦନ୍ତ ପାଇଁ ଦାବି ଜଣାଇଥିଲା। ମାତ୍ର ଏ ଦିଗରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି। ତୁରନ୍ତ ଭିଜିଲାନ୍ସ ତଦନ୍ତ ନ ହେଲେ ମଞ୍ଚ ରାସ୍ତାକୁ ଓହ୍ଲାଇବ। ଆବଶ୍ୟକ ପଡ଼ିଲେ କୋର୍ଟଙ୍କ ଦ୍ୱାରସ୍ଥ ହେବୁ ବୋଲି ସଭାପତି ଆଇନଜୀବୀ ପ୍ରସନ୍ନ ଦାଶ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଉପଦେଷ୍ଟା ନାରାୟଣ ଦାଶ, ସମ୍ପାଦକ ଲଲାଟେନ୍ଦୁ ମିଶ୍ର, ଉପସଭାପତି ଗୀତାଞ୍ଜଳି ପଣ୍ଡା, ସହ ସମ୍ପାଦକ ଅଶୋକ ଆଢ୍ୟ ଉପସ୍ଥିତ ଥିଲେ।

### ସାମାଜିକ କାର୍ଯ୍ୟକର୍ତ୍ତାଙ୍କ ପରଲୋକ

**କଟକସଦର,୧୮।୧୦(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ ସୋମପୁର ଗ୍ରାମର ସାମାଜିକ କର୍ମୀ ଗୁରୁଚରଣ ବେହେରାଙ୍କ ଶନିବାର କଟକରେ ପରଲୋକ ହୋଇଛି। ସ୍ୱର୍ଗତ ବେହେରା ଜଣେ ପରୋପକାରୀ ବ୍ୟକ୍ତି ଥିବା ସହ ଖେଳାଳି ଓ ତେଲଦିଆ ହାଇସ୍କୁଲର ଶିକ୍ଷକ ଭାବେ କାର୍ଯ୍ୟକରି ସୁନାମ ଅର୍ଜନ କରିଥିଲେ। ଶିକ୍ଷକତା ସମୟରେ ରେଡ୍‌କ୍ରସ ପାଇଁ ବହୁ କାର୍ଯ୍ୟ କରି ରାଜ୍ୟପାଳଙ୍କଠାରୁ ପୁରସ୍କୃତ ହୋଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକରଛାୟା ଖେଳିଯାଇଛି। ସାମାଜିକ କର୍ମୀ ବେହେରାଙ୍କ ମୃତ୍ୟୁ ଖବର ଶୁଣି କଟକ ସଦର ବିଧାୟକ ଚନ୍ଦ୍ରସାରଥୀ ବେହେରା ଓ ଆମ୍ବାର ସଭାପତି ସମର ବେହେରା ଶୋକପ୍ରକାଶ କରିଛନ୍ତି। ତାଙ୍କର ଶେଷକୃତ୍ୟ କଟକରେ କରାଯାଇଥିଲା।

## ଜଟଣୀ ମୁଣ୍ଡିଆସାହିରେ ବୋମାମାଡ଼

**ଜଟଣୀ,୧୮।୧୦(ଡି.ଏନ୍.ଏ.)**

ଜଟଣୀ ଥାନା ଅଧୀନ ବାଲିଛକ ମୁଣ୍ଡିଆସାହିର ରବି ପ୍ରଧାନଙ୍କ ଘର ଉପରକୁ ରବିବାର ବୋମାମାଡ଼ ହୋଇଛି। ଏଥିରେ ଉକ୍ତ ସାହିର ନରେଶ ଦାସ ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପଡ଼ିଥିବା ସୁତୁଲି ଓ ସାମଗ୍ରୀ ଜବତ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୫ଟାରେ ଦୁଇଟି ବାଇକ୍‌ରେ ୫ଜଣ ଯୁବକ ଆସି ହଠାତ୍ ରବିଙ୍କ ଘରକୁ ୪ଟି ବୋମାମାଡ଼ କରି ଫେରାର ହୋଇଯାଇଥିଲେ। ଏହି ସମୟରେ ରବିଙ୍କ ପରିବାର ଲୋକେ ଭୟଭୀତ ହୋଇ ବାରିପଟ ଦେଇ ବାହାରକୁ ପଳାଇଆସିଥିଲେ। ବୋମାମାଡ଼ର କିଛି ଦୂରରେ ଛିଡ଼ା ହୋଇଥିବା ସାହିର ନରେଶ ଆହତ ହୋଇଥିଲେ। ପୂର୍ବ ବିବାଦକୁ ନେଇ ସାହି ନିକଟରେ ରହୁଥିବା କେତେଜଣ ଅସାମାଜିକ ଯୁବକ ବୋମାମାଡ଼ କରିଥିବା ରବି କହିଛନ୍ତି। ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି ବୋଲି ଆଇଆଇସି ବିଶ୍ୱରଞ୍ଜନ ସାହୁ କହିଛନ୍ତି।

## ଶପିଂ ମଲ୍ ସାମ୍ନାରେ ଯୁବକଙ୍କୁ ଭୁଜାଲିରେ ହାଣିଲେ

**ଭୁବନେଶ୍ୱର, ୧୮।୧୦ (ବ୍ୟୁରୋ)**

ଖଣ୍ଡଗିରି ଥାନା ଅନ୍ତର୍ଗତ ଜାଗମରା ନୂଆ ଏୟାରପୋର୍ଟ ରୋଡ୍‌ରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ୩ ଜଣ ଯୁବକ ତାଙ୍କୁ ଗୋଡ଼ାଇ ଗୋଡ଼ାଇ ଏକ ଶପିଂ ମଲ୍ ସମ୍ମୁଖରେ ଭୁଜାଲିରେ ହାଣିଛନ୍ତି। ଆକ୍ରମଣରେ ତାଙ୍କ ପିଠି ଓ ଡାହାଣ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକେ ଅଭିଯୁକ୍ତଙ୍କୁ କାବୁ କରିବା ସହ ଆହତ ଯୁବକଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି। ଖବର ପାଇ ଖଣ୍ଡଗିରି ଥାନା ପୋଲିସ ପହଞ୍ଚି ସେମାନଙ୍କୁ ଥାନାକୁ ଧରିବା ନେବା ସହ ଗୋଟିଏ ବାଇକ୍ ଓ ସ୍କୁଟି ଜବତ କରିଛି। ତେବେ ଉକ୍ତ ରୋଡ୍‌ରେ ଥିବା ଫାଷ୍ଟ୍‌ଫୁଡ୍ ଜୋନ୍‌ରୁ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ପୋଲିସ ପହଞ୍ଚିବା ପୂର୍ବରୁ ଅଭିଯୁକ୍ତମାନେ ଭୁଜାଲିକୁ ଏକ ସନ୍ତସନ୍ତିଆ ଜାଗାକୁ ଫିଙ୍ଗି ଦେଇଥିଲେ। ଏହି ଘଟଣା ପରେ ସ୍ଥାନୀୟ ବ୍ୟବସାୟୀ ଓ ଲୋକେ ଆତଙ୍କିତ ହୋଇପଡିଛନ୍ତି।

## ଗାନ୍ଧୀ ପୀଠରୁ ଗୋପବନ୍ଧୁ ପୀଠକୁ ପଦଯାତ୍ରା

**ଡେଲାଙ୍ଗ,୧୮।୧୦(ଡି.ଏନ୍.ଏ.)**

ଡେଲାଙ୍ଗ ଅଞ୍ଚଳକୁ ନିଶାମୁକ୍ତ କରିବା ଲକ୍ଷ୍ୟ ନେଇ ଗାନ୍ଧୀ ପ୍ରଗତି ପ୍ରତିଷ୍ଠାନ ଆନୁକୂଲ୍ୟରେ ରବିବାର ଆଇନଜୀବୀ ତଥା ପ୍ରତିଷ୍ଠାନର ଆବାହକ ଅନୁପ ପରିଡ଼ାଙ୍କ ନେତୃତ୍ୱରେ ଗାନ୍ଧୀ ପୀଠରୁ ନିଶା ନିବାରଣ ଓ କରୋନା ସଚେତନତା ପଦଯାତ୍ରା କରାଯାଇଛି। ବେରବୋଇ ଗାନ୍ଧୀ ପୀଠକୁ ପରିଷ୍କାର କରାଯିବା ପରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ପଦଯାତ୍ରାଟି ଡେଲାଙ୍ଗ ବ୍ଲକର ୨୧ ପଞ୍ଚାୟତରେ ସଚେତନତା ସୃଷ୍ଟି କରି ସୁଆଣ୍ଡୋସ୍ଥିତ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁଙ୍କ ପୀଠ ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମରେ କସ୍ତୁରବା ସେବାଶ୍ରମ ସଞ୍ଚାଳିକା କବିତାରାଣୀ ପରିଡା, ଦିଲୀପ ରାଉତ, ମହେଶ୍ୱର ବେହେରା, ମିହିରରଞ୍ଜନ ମୁଦୁଲି, ଅଜୟ ପ୍ରଧାନ, ମନୋଜ ଜେନା, ଶରତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଜୁଏଲେରି ମାଲିକଙ୍କ ସମେତ ୩ ଗିରଫ

**ଖୁଣ୍ଟୁଣୀ,୧୮।୧୦(ଡି.ଏନ୍.ଏ.)**

### ଦ୍ୱାରାବତୀପୁର ଡକାୟତି ମାମଲା

ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଦ୍ୱାରାବତୀପୁର ଗ୍ରାମର ରବୀନ୍ଦ୍ର ନାୟକଙ୍କ ଘରେ ଡକାୟତି ଘଟଣାରେ ପୋଲିସ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମାଧପୁରର ଅଜୟ ନାଏକ, ଏକ ଜୁଏଲେରି ଦୋକାନ ମାଲିକ ଦୁଇ ଭାଇ ଦିଲୀପ ଓ ପ୍ରତାପ ମହାପାତ୍ର। ଏହାସହ ଅଜୟଙ୍କଠାରୁ ୨ଟି ସୁନା ଲକେଟ ଓ ଜୁଏଲେରି ମାଲିକଙ୍କଠାରୁ ୧୮.୬୩୦ ଗ୍ରାମ ସୁନା ଜବତ ହୋଇଛି। ଅଜୟ ତୋଟାପଡ଼ାର ଏକ ଖାଦାନ ଭିତରେ ଲୁଚିଥିବାବେଳେ ୩ଦିନ ତଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ଏହି ଘଟଣାରେ ୭ଜଣ ସମ୍ପୃକ୍ତ ଥିବା ଅଜୟ ସ୍ୱୀକାର କରିବା ସହ ଭାଗରେ ପଡ଼ିଥିବା ୨୫ଗ୍ରାମ ସୁନାକୁ ସେ ଦିଲୀପ ଓ ପ୍ରତାପଙ୍କ ଦୋକାନରେ ବିକି ୬୦ହଜାର ଟଙ୍କା ଆଣିଥିବା ଥାନାଧିକାରୀ ସୁଚିତ୍ର ବିର୍ଯ୍ୟ ଦାସ କହିଛନ୍ତି। ଗତ ୯ ତାରିଖ ରାତିରେ ଦୁର୍ବୃତ୍ତମାନେ ରବୀନ୍ଦ୍ରଙ୍କ ଘରେ ପଶି ବନ୍ଧୁକ ଲଗାଇ ଡକାୟତି କରିଥିଲେ।

# ଫ୍ୟାଶନ ସିଟି ଶୋ' ରୁମ୍, କୋଚିଂ ସେଣ୍ଟର ସିଲ୍

**ଭୁବନେଶ୍ୱର, ୧୮।୧୦ (ବ୍ୟୁରୋ)**

କରୋନା ସଂକ୍ରମଣକୁ ନିୟନ୍ତ୍ରଣରେ ରଖିବା ପାଇଁ ରାଜ୍ୟ ସରକାର ଓ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କର୍ତ୍ତୃପକ୍ଷ ପାର୍ବଣକୁ ନେଇ ସତର୍କ ଓ ସଚେତନ କରିଛନ୍ତି। ଏହାସତ୍ତ୍ୱେ ଏବେ ହାଟ, ବଜାରରେ ପାର୍ବଣ ଭିଡ଼ ବଢୁଛି। ବ୍ୟବସାୟୀ, କର୍ମଚାରୀ ଓ ଗ୍ରାହକ ନିୟମ ଉଲ୍ଲଂଘନ କରୁଛନ୍ତି। ବିଶେଷକରି ମାର୍କେଟ ବିଲ୍ଡିଂ ଓ ୟୁନିଟ୍-୧ରେ ସ୍ଥିତି ବିଗିଡିଯାଉଥିବା ନଜରକୁ ଆସିବା ପରେ ରବିବାର ବିଏମ୍‌ସି ପକ୍ଷରୁ ଭୁବନେଶ୍ୱର ମାର୍କେଟ ବିଲ୍ଡିଂରେ ଥିବା ଫ୍ୟାଶନ ସିଟି ଶୋ'ରୁମ୍‌କୁ ସିଲ୍ କରାଯାଇଛି। ଉକ୍ତ ଶୋରୁମ୍‌ରେ ୧୫୦ରୁ ୨୦୦ ଲୋକ ଉପସ୍ଥିତ ଥିବା ଓ କୋଭିଡ୍ ଗାଇଡ୍‌ଲାଇନ୍‌କୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରାଯାଉଥିବା ଦେଖି ଯାଞ୍ଚ କରିବାକୁ ଯାଇଥିବା ସ୍କ୍ୱାଡ୍ ଏହି ପଦକ୍ଷପ ନେଇଥିବା ଜଣାପଡ଼ିଛି।




ଫ୍ୟାଶନ ସିଟି ଶୋ'ରୁମ୍‌କୁ ସିଲ୍ କରାଯାଉଛି।



ସିଲ୍ ହୋଇଥିବା କୋଚିଂ ସେଣ୍ଟର।

ସେହିଭଳି ବିଏମ୍‌ସି ଦକ୍ଷିଣ ପୂର୍ବ ଜୋନ୍ ଅନ୍ତର୍ଗତ ନାଗେଶ୍ୱର ଟାଙ୍ଗୀରେ ଥିବା ଏକ ଇଞ୍ଜିନିୟରିଂ ଓ ମେଡିକାଲ କୋଚିଂ ଇନ୍‌ଷ୍ଟିଚ୍ୟୁଟ୍‌ରେ ଚଢ଼ାଉ କରାଯାଇ ତାହାକୁ ଅନିର୍ଦ୍ଦିଷ୍ଟକାଳ ଯାଏ ସିଲ୍ କରାଯାଇଛି। ଏକ କାର୍ଯ୍ୟକ୍ରମ ପାଇଁ ଉକ୍ତ ପ୍ରତିଷ୍ଠାନ ବିଏମ୍‌ସି କିମ୍ବା ସ୍ଥାନୀୟ ପ୍ରଶାସନଠାରୁ କୌଣସି ଅନୁମତି ନେଇ ନ ଥିଲା। ଏହାସହ କାର୍ଯ୍ୟକ୍ରମରେ ସମୟରେ କୋଭିଡ୍ ନିୟମ ଉଲ୍ଲଂଘନ ହୋଇଥିବାରୁ ଏହାକୁ ସିଲ୍ କରାଯାଇଥିବା ଜୋନ୍ ଡେପୁଟି କମିଶନର ଅଂଶୁମାନ ରଥ କହିଛନ୍ତି।

### ବଢ଼ିଲା ପାର୍ବଣ ଭିଡ଼, ଭାଙ୍ଗିଲା ନିୟମ

- ଶୋ'ରୁମ୍‌ରେ ଥିଲେ ୧୫୦ରୁ ୨୦୦ ଲୋକ
- ମାର୍କେଟ ବିଲ୍ଡିଂ ଓ ୟୁନିଟ୍-୧ ହାଟ ଉପରେ କଡ଼ା ନଜର

ସୂଚନାଯୋଗ୍ୟ, ବିଏମ୍‌ସି, ବିଡିଏ ଓ କମିଶନରେଟ୍ ପୋଲିସ ପକ୍ଷରୁ ଗଠିତ ମିଳିତ ସ୍କ୍ୱାଡ୍ ଚଢ଼ାଉ କରୁଛି। ତେବେ ମାର୍କେଟ ବିଲ୍ଡିଂ , ୟୁନିଟ୍-୧ ହାଟ ସମେତ ବିଭିନ୍ନ ଦୋକାନବଜାରରେ ଭିଡ଼ ଲାଗୁଥିଲେ ମଧ୍ୟ ବିଏମ୍‌ସି କେବଳ ଗୋଟିଏ ଯୋଡ଼ିଏ ଦୋକାନକୁ ସିଲ୍ କରି ଅନ୍ୟମାନଙ୍କୁ କାହିଁକି ଅନୁକମ୍ପା ଦେଉଛି ତାହାକୁ ନେଇ ପ୍ରଶ୍ନ ଉଠୁଛି। ଏନେଇ ସିଲ୍ ହୋଇଥିବା ଫ୍ୟାଶନ ସିଟି ଶୋ'ରୁମ୍ ମାଲିକ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ବୃଦ୍ଧଙ୍କୁ କଚାଡ଼ି ମାରିଲା ହାତୀ

**ନୂଆଗାଁ, ୧୮।୧୦ (ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ବିଶ୍ରା ରେଞ୍ଜ ଅନ୍ତର୍ଗତ ବାଙ୍କୀ ଗ୍ରାମ ନିକଟରେ ରବିବାର ସକାଳେ ହାତୀ ଆକ୍ରମଣରେ କ୍ରିଷ୍ଟା ମାଲାର(୬୦) ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ମୁତାବକ ଝାଡ଼ଖଣ୍ଡ ମନହରପୁର ନିକଟସ୍ଥ ବୁମଡି ଗ୍ରାମର କ୍ରିଷ୍ଟା ମାଲାର ଗତ ୪ବର୍ଷ ହେବ ଚିତାପେଡି ପଞ୍ଚାୟତ ଅନ୍ତର୍ଗତ ବାଙ୍କୀ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରେ ରହି କାମ କରୁଥିଲେ। ସବୁଦିନ ଭଳି ରବିବାର ଭୋର ପ୍ରାୟ ସାଢ଼େ ୪ଟାରେ କ୍ରିଷ୍ଟା ନିତ୍ୟକର୍ମ କରିବାକୁ ବାଙ୍କୀ ନାଳ ଆଡକୁ ଯାଇଥିଲେ। ଶୌଚ ସାରି ଫେରୁଥିବା ସମୟରେ ହାତୀ ସହ ତାଙ୍କର ମୁହାଁମୁହିଁ ହୋଇଥିଲା। ହାତୀ ତାଙ୍କୁ କଚାଡି ମାରି ଦେଇଥିଲା। ଖବର ପାଇ ରେଞ୍ଜର ମାନିକ ହାଁସଦା ଓ ବିଶ୍ରା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଛନ୍ତି। ଗ୍ରାମବାସୀଙ୍କ କହିବାନୁସାରେ ଗତ କିଛିଦିନ ହେବ ଝାଡ଼ଖଣ୍ଡ ଅଞ୍ଚଳର ପ୍ରାୟ ୮ରୁ ୧୦ହାତୀ ଓଡ଼ିଶା ମୁହାଁ ହୋଇଛନ୍ତି। ଏବେ ଜମିରେ ଧାନ ହୋଇଥିବାରୁ ସେଗୁଡିକ ଖାଇ ମାଡି ଦଳି ନଷ୍ଟ କରୁଛନ୍ତି। ଏ ଦିଗରେ ବନ ବିଭାଗ ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯାହା ମିଳିବା କଥା ତାହା ଯୋଗାଇ ଦିଆଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

### ମାଟି ତଳୁ ଶିଶୁକନ୍ୟାଙ୍କ ମୃତଦେହ ଉଦ୍ଧାର

**ମହାକାଳପଡ଼ା,୧୮।୧୦(ଡି.ଏନ୍.ଏ):** କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ଥାନା ଅଧୀନ ବାଙ୍କିଛନ୍ଦା ଗ୍ରାମର ଏକ ଧାନ ବିଲରୁ ପୋତାଯାଇଥିବା ଜଣେ ୪ ବର୍ଷ ଶିଶୁ କନ୍ୟାଙ୍କ ମୃତଦେହ ରବିବାର ଉଦ୍ଧାର ହୋଇଛି। ସେ ହେଲେ ଉକ୍ତ ଗ୍ରାମର ଦୈତାରୀ ବେହେରାଙ୍କ ଝିଅ ମଧୁସ୍ମିତା। ତାଙ୍କୁ କେହି ମାରି ପୋତି ଦେଇଥିବା ମା' ଲକ୍ଷ୍ମୀପ୍ରିୟା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ରବିବାର ସକାଳେ ମଧୁସ୍ମିତାକୁ ଘରେ ଛାଡ଼ି ସେ ନିକଟସ୍ଥ ଗୋବରୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ଘରକୁ ଫେରିଲା ପରେ ଝିଅକୁ ନ ପାଇ ଖୋଜାଖୋଜି କରିଥିଲେ। ପରେ ନିକଟସ୍ଥ ଧାନ ବିଲରେ ହୋଇଥିବା କାଦୁଅରେ ଝିଅକୁ ପୋତାଯାଇଥିବା ନେଇ ଜଣେ ଗ୍ରାମବାସୀଙ୍କଠାରୁ ସୂଚନା ମିଳିଥିଲା। ପରିବାର ଲୋକେ ପହଞ୍ଚି ସେଠାରୁ ମୃତଦେହ ବାହାର କରିଥିଲେ। ଅଭିଯୋଗ ପରେ ଥାନାରେ ମାମଲା (ନଂ-୧୩୨/୨୦) ରୁଜୁ କରାଯାଇଛି। ପୋଲିସ ମୃତଦେହ ଜବତ କରିବା ସହ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ତୁରନ୍ତ ଦୋଷୀଙ୍କୁ ଚିହ୍ନଟ ଓ ଦଣ୍ଡିତ କରିବା ପାଇଁ ମୃତକଙ୍କ ପରିବାର ସଦସ୍ୟ ଦାବି କରିଛନ୍ତି।

### ବଜ୍ରପାତରେ ମହିଳାଙ୍କ ମୃତ୍ୟୁ

**ସାଲେପୁର, ୧୮।୧୦(ଡି.ଏନ୍.ଏ.):** ସାଲେପୁର ବ୍ଲକ୍ ରାମକୃଷ୍ଣପୁର ପଞ୍ଚାୟତ ଅନ୍ତର୍ଗତ ବୈରାଗୀପଡ଼ା ଗ୍ରାମରେ ବ୍ରଜପାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ମଞ୍ଜୁଲତା ନାୟକ(୫୨)। ଅପରାହ୍ନ ସମୟରେ ଧାନ ବିଲରେ କାମ କରୁଥିବା ବେଳେ ହଠାତ୍ ବଜ୍ରପାତ ହେବାରୁ ସେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମଞ୍ଜୁଳତାଙ୍କୁ ମୃତ ଘୋଷଣା କରିଥିଲେ।

# ୩ ଦଳ ଆଶାବାଦୀ, ଅସନ୍ତୁଷ୍ଟ ହେବେ ଚ୍ୟାଲେଞ୍ଜ

**ଜଗତ୍‌ସିଂହପୁର ଅଫିସ, ୧୮।୧୦**


ବିଜୟ ଶଙ୍କର ଦାସ


ହିମାଂଶୁ ଭୂଷଣ ମଲ୍ଲିକ


ରାଜକିଶୋର ବେହେରା

## ତିର୍ତ୍ତୋଲ ଉପନିର୍ବାଚନ




ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆସନ୍ତା ୩ ତାରିଖରେ ହେବ ଉପନିର୍ବାଚନ। ଗତ ଶୁକ୍ରବାର ପ୍ରାର୍ଥିପତ୍ର ଦାଖଲ ସରିଛି। ପୂର୍ବତନ ବିଧାୟକ ବିଷ୍ଣୁ ଚରଣ ଦାସଙ୍କ ପରଲୋକ ପରେ ଏହି ଉପନିର୍ବାଚନ ହେବାକୁ ଯାଉଛି। ବିଷ୍ଣୁଙ୍କ ପୁଅ ବିଜୟ ଶଙ୍କର ଦାସଙ୍କୁ ବିଜେଡି ପ୍ରାର୍ଥୀ କରିଛି। ତେଣୁ ବିଜେଡି ଅନୁକମ୍ପାମୂଳକ ଭୋଟ ହାତେଇପାରେ ବୋଲି ଆଲୋଚନା ହେଉଛି। ଭାଜପା ପ୍ରାର୍ଥୀ ରାଜକିଶୋର ବେହେରା ୨୦୦୯ ଓ ୨୦୧୪ ସାଧାରଣ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ହୋଇ ହାରିଥିଲେ। କିନ୍ତୁ ସେ ଯଥାକ୍ରମେ ୪୮,୧୦୦ ଓ ୫୩,୫୦୫ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ତେଣୁ କଂଗ୍ରେସରେ ଥିବା ତାଙ୍କ ସମର୍ଥକଙ୍କ ସମେତ ଭୋଟରଙ୍କ ସହାନୁଭୂତି ପାଇଁ ସେ ଉଦ୍ୟମ କରୁଥିବା କୁହାଯାଉଛି। କଂଗ୍ରେସ କଥା ଦେଖିଲେ, ଏହି ଆସନ ବହୁ ପୂର୍ବରୁ ଦଳର ଏକ ପ୍ରକାର ଦୁର୍ଗ ଥିଲା। ପୂର୍ବ ନିର୍ବାଚନଗୁଡ଼ିକରେ ଦଳ ଭଲ ଭୋଟ ପାଇଛି, ଯାହା ଏବେ କଂଗ୍ରେସ ପ୍ରାର୍ଥୀ ତଥା ଯୁବ ଇଞ୍ଜିନିୟର ହିମାଂଶୁ ଭୂଷଣ ମଲ୍ଲିକଙ୍କୁ ସହାୟକ ହେବ ବୋଲି କୁହାଯାଉଛି। ନିର୍ବାଚନମଣ୍ଡଳୀରେ ଅଭାବ, ଅସୁବିଧା ଏବଂ ରାଜ୍ୟ ସରକାରଙ୍କ ଦୁର୍ନୀତିକୁ ଦଳ ପ୍ରସଙ୍ଗ କରି ଦଳ ସଫଳତା ପାଇବ ବୋଲି କଂଗ୍ରେସ ଜିଲା ସଭାପତି ନଟବର ବାରିକ କହିଛନ୍ତି।

ଅନୁସୂଚିତ ଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ତିର୍ତ୍ତୋଲ ଆସନରେ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ପ୍ରାର୍ଥୀ ବିଷ୍ଣୁ ଚରଣ ଦାସ ବିଜୟୀ ହୋଇଥିଲେ। ତାଙ୍କୁ ୯୩,୯୬୭ ଭୋଟ ମିଳିଥିଲା। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ରମାକାନ୍ତ ଭୋଇଙ୍କୁ ୫୩,୫୮୧ ଭୋଟ ମିଳିଥିଲା। କଂଗ୍ରେସ ରାଜକିଶୋର ବେହେରାଙ୍କୁ ଟିକେଟ ନ ଦେଇ ଦେବୀ ପ୍ରସାଦ ମଲ୍ଲିକଙ୍କୁ ପ୍ରାର୍ଥୀ କରିଥିଲା। ସେ ୨୩,୮୦୯ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ଥିଲେ। ବହୁ ଆଶାୟୀ ଯୋଗୁ ଉପନିର୍ବାଚନ ପାଇଁ ପ୍ରାର୍ଥୀ ବାଛିବା ବିଜେଡି, ଭାଜପା ଓ କଂଗ୍ରେସ ପାଇଁ ଚ୍ୟାଲେଞ୍ଜ ହୋଇଥିଲା। ଏପରି କି ଦଳୀୟ କନ୍ଦଳ ଏବଂ ଗଣ୍ଡଗୋଳ ଦେଖିବାକୁ ମିଳିଥିଲା। ବିଧାୟକ ଦାସଙ୍କ ଦେହାନ୍ତ ପରେ ଏହି ଆସନରେ ବିଜେଡି ଟିକେଟ୍ ପାଇବା ପାଇଁ ଏକାଧିକ ଆଶାୟୀ ଥିଲେ। ଦଳ ବିଜୟ ଶଙ୍କରଙ୍କୁ ପ୍ରାର୍ଥୀ କରିବା ପରେ ନିରାଶ ହୋଇଥିବା କେତେଜଣ ଆଶାୟୀ ଅସନ୍ତୁଷ୍ଟ ଅଛନ୍ତି। ଏଥିଯୋଗୁ ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ ବଢ଼ିଥିଲେ ସୁଦ୍ଧା ଏହା ନିର୍ବାଚନ ଉପରେ କିଭଳି ପ୍ରଭାବ ପକାଇବ ତାହା ସମୟ କହିବ। ଯେହେତୁ ବିଜେଡି ୨୦୦୯ରୁ ଲଗାତର ଜିତି ଆସୁଛି, ତେଣୁ ଦଳ ଫାଇଦାରେ ରହିବ ବୋଲି ଚର୍ଚ୍ଚା ଚାଲିଛି। ବିଜେଡି ଜିଲା ସଭାପତି ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି କହିଛନ୍ତି, ନିର୍ବାଚନ ମଣ୍ଡଳୀରେ ବିଜେଡି ଅଧିକ ସୁରକ୍ଷିତ। ଭଲ ଫଳ ପ୍ରଦର୍ଶନ ପାଇଁ ଦଳ ପକ୍ଷରୁ ରଣନୀତି ଆପଣାଯାଉଛି।

ଗତବର୍ଷ ନିର୍ବାଚନରେ କଂଗ୍ରେସ ଦ୍ୱାରା ଉପେକ୍ଷିତ ହୋଇଥିବା ରାଜକିଶୋର ଦଳ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ଗତଥରର ପ୍ରାର୍ଥୀ ରମାକାନ୍ତଙ୍କୁ ନିରାଶ କରି ରାଜକିଶୋରଙ୍କୁ ଟିକେଟ ଦେଇଛି। ଫଳରେ ରମାକାନ୍ତ ଅସନ୍ତୋଷ ପ୍ରକାଶ କରି ଦଳ ଛାଡ଼ିବା ସହ ବିଜେଡିରେ ଯୋଗଦେଇଛନ୍ତି। ହେଲେ ଅତୀତରେ ଜିଲା ଓକିଲ ସଂଘ ସଭାପତି ଥିବା ରାଜକିଶୋର ୨ଟି ନିର୍ବାଚନରେ ହାରିଥିଲେ ସୁଦ୍ଧା ଏଥର ଜିତିବେ ବୋଲି ଆଶା ବାନ୍ଧିଛନ୍ତି। ଦୀର୍ଘବର୍ଷ ଧରି ସେ କଂଗ୍ରେସରେ ଥିଲେ, ତେଣୁ ଅନେକ ନେତା ଓ କର୍ମୀଙ୍କ ସହ ଥିବା ସମ୍ପର୍କକୁ ନିଜ ଆଡକୁ ଆଣିବାକୁ ସେ ସକ୍ଷମ ହେବେ ବୋଲି ଆଶା ରଖିଛନ୍ତି। ଗତ ନିର୍ବାଚନରେ ଭାଜପା ସପକ୍ଷରେ ଯାହା ଭୋଟ ଯାଇଥିଲା ଏଥର ସେଥିରେ ବଡ଼ଧରଣର ପରିବର୍ତ୍ତନ ଆସିବ। ଦଳକୁ ନିଶ୍ଚିତ ସଫଳତା ମିଳିବ ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ର କହିଛନ୍ତି। ବିଶେଷକରି ଅସନ୍ତୁଷ୍ଟ ବିଜେଡି ଭୋଟ ହାତେଇବା ପାଇଁ ଭାଜପା ଶିବିରରେ ଉଦ୍ୟମ ହେଉଥିବା ଆଲୋଚନା ହେଉଛି।

ଅନ୍ୟପକ୍ଷରେ ନବାଗତଙ୍କ ଉପରେ ଭରସା କରିଥିବା କଂଗ୍ରେସ ମଧ୍ୟ ଦଳୀୟ କନ୍ଦଳରୁ ଊର୍ଦ୍ଧ୍ୱରେ ନାହିଁ। କଂଗ୍ରେସ ଅନୁସୂଚିତ ଜାତି ସେଲ୍ ରାଜ୍ୟ ଆବାହକ ଦେବେନ୍ଦ୍ର କୁମାର ମଲ୍ଲିକ ଏଥର ଉପନିର୍ବାଚନରେ କଂଗ୍ରେସ ଟିକେଟ୍ ପାଇବା ପାଇଁ ଆଶାୟୀ ଥିଲେ। କିନ୍ତୁ ତାଙ୍କୁ ନ ମିଳିବାରୁ ସେ ବିଜେଡିରେ ମିଶିଛନ୍ତି। ମଲ୍ଲିକଙ୍କ କହିବାନୁଯାୟୀ, ଦୀର୍ଘବର୍ଷ ଧରି ସେ କଂଗ୍ରେସର ଜଣେ ଶୃଙ୍ଖଳିତ କର୍ମୀ ରହି ଆସିଥିଲେ। କିନ୍ତୁ ଦଳର ନେତୃତ୍ୱ ତାଙ୍କୁ ବାରମ୍ବାର ଅଣଦେଖା କଲେ। ଏ ପରିସ୍ଥିତିରେ କଂଗ୍ରେସ ଉପରୁ ତାଙ୍କର ମୋହ ଭଙ୍ଗ ହେଲା। ବିଜେଡିରେ ମିଶିଲା ପରେ ଖୁସି ଲାଗୁଥିବା ମଲ୍ଲିକ କହିଛନ୍ତି। କଂଗ୍ରେସ ପ୍ରାର୍ଥୀ ହିମାଂଶୁ କହିଛନ୍ତି, ଦୀର୍ଘଦିନ ହେବ ସେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତ ବୁଲି ଲୋକଙ୍କୁ ଭେଟିଛନ୍ତି। ଏକାଧିକ ପ୍ରସଙ୍ଗକୁ ନେଇ ସେ ଭୋଟରଙ୍କୁ ଭେଟିବେ ବୋଲି କହିଛନ୍ତି।

### ନିର୍ବାଚନ ମଣ୍ଡଳୀର ପ୍ରମୁଖ ସମସ୍ୟା

ଏଠାରେ ଜଳ ନିଷ୍କାସନ ହୋଇ ନ ପାରିବା ଏକ ପ୍ରମୁଖ ସମସ୍ୟା। ସେହିପରି ନିର୍ବାଚନ ମଣ୍ଡଳୀରେ ଶିଳ୍ପ ସଂସ୍ଥା ନାହିଁ, ଯାହା ଥିଲା ସରକାରୀ ଆନ୍ତରିକତା ଅଭାବରୁ ପୁନରୁଦ୍ଧାର ହୋଇପାରୁନି। ଆଉ କେତେକ ସମସ୍ୟା ମଧ୍ୟରେ ରହିଛି ପାନୀୟ ଜଳ, ବିପର୍ଯ୍ୟସ୍ତ ରାସ୍ତା ଓ ସ୍ୱାସ୍ଥ୍ୟସେବା। ତେନ୍ତୁଳିପଦାର ଭୋଟର ଅକ୍ଷୟ ସାହାଣୀ କୁହନ୍ତି, କଟକ–ପାରାଦୀପ ରାସ୍ତା ଚଉଡ଼ା ହେଉ ନ ଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ତେଣୁ ସରକାର ଏହି ରାସ୍ତା ପ୍ରଶସ୍ତ କରିବା ଦରକାର। ଅନୁରୂପ ଭାବେ କଟକ–ପାରାଦୀପ ରାସ୍ତାରୁ ସାରଳା ମନ୍ଦିର ପର୍ଯ୍ୟନ୍ତ ଓ ଜଇପୁରରୁ ଜଗତ୍‌ସିଂହପୁର ରାସ୍ତା ଓସାର ହେବା ଦରକାର। ସେହିପରି ବିରିଡ଼ି ହଳଦିଆପଡ଼ାର ଭୋଟର ଭାଗ୍ୟଧର ଜେନା କୁହନ୍ତି, ବିରିଡ଼ିର ୧୩ ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଉତ୍କଟ। ହଂସୁଆ ନଦୀ ଆନିକଟ କାମ ସମ୍ପୂର୍ଣ୍ଣ କରାଯାଇ ନ ଥିବାରୁ ଉଦ୍‌ବୃତ୍ତ ଜଳ ନିଷ୍କାସିତ ହୋଇପାରୁନି। ଏହାଦ୍ୱାରା ଚାଷ ଗୁରୁତର ଭାବେ ପ୍ରଭାବିତ ହେଉଛି। ସେହିପରି ସରକାରଙ୍କ ଅନେକ ଜନକଲ୍ୟାଣକାରୀ ଯୋଜନାର ସୁଫଳ ହିତାଧିକାରୀ ପାଉନାହାନ୍ତି।

| ଦଳ | ପ୍ରାର୍ଥୀ | ଭୋଟ | ପ୍ରତିଶତ |
|---|---|---|---|
| | ୨୦୧୯ | | |
| ବିଜେଡି | ବିଷ୍ଣୁ ଚରଣ ଦାସ | ୯୩,୯୬୭ | ୫୪.୧୮% |
| ଭାଜପା | ରମାକାନ୍ତ ଭୋଇ | ୫୩,୫୮୧ | ୩୦.୯% |
| କଂଗ୍ରେସ | ଦେବୀ ପ୍ରସାଦ ମଲ୍ଲିକ | ୨୩,୮୦୯ | ୧୩.୭୩% |
| | ୨୦୧୪ | | |
| ବିଜେଡି | ରାଜଶ୍ରୀ ମଲ୍ଲିକ | ୮୮,୯୫୩ | ୫୫.୨% |
| କଂଗ୍ରେସ | ରାଜକିଶୋର ବେହେରା | ୫୩,୫୦୫ | ୩୩.୨୧% |
| ଭାଜପା | ରମାକାନ୍ତ ଭୋଇ | ୧୪,୫୧୬ | ୯.୦୧% |
| | ୨୦୦୯ | | |
| ବିଜେଡି | ରବୀନ୍ଦ୍ର ନାଥ ଭୋଇ | ୮୨,୨୮୨ | ୫୦.୬୪% |
| କଂଗ୍ରେସ | ରାଜକିଶୋର ବେହେରା | ୪୮,୧୦୦ | ୩୪.୩୩% |
| ଭାଜପା | ଲତାମଣୀ ଦାସ | ୪,୫୧୪ | ୩.୨୨% |

### ପୂର୍ବରୁ ନିର୍ବାଚିତ ପ୍ରତିନିଧି

| | | |
|---|---|---|
| ୨୦୧୯ | ବିଷ୍ଣୁ ଚରଣ ଦାସ | ବିଜେଡି |
| ୨୦୧୪ | ରାଜଶ୍ରୀ ମଲ୍ଲିକ | ବିଜେଡି |
| ୨୦୦୯ | ରବୀନ୍ଦ୍ର ନାଥ ଭୋଇ | ବିଜେଡି |
| ୨୦୦୪ | ଚିରଞ୍ଜୀବ ବିଶ୍ୱାଳ | କଂଗ୍ରେସ |
| ୨୦୦୦ | ଦେବାଶିଷ ସାମନ୍ତରାୟ | ବିଜେଡି |
| ୧୯୯୫ | ବସନ୍ତ କୁମାର ବିଶ୍ୱାଳ | କଂଗ୍ରେସ |
| ୧୯୯୦ | ବସନ୍ତ କୁମାର ବିଶ୍ୱାଳ | କଂଗ୍ରେସ |
| ୧୯୮୫ | ନିତ୍ୟାନନ୍ଦ ସାମନ୍ତରାୟ | କଂଗ୍ରେସ |
| ୧୯୮୦ | ବସନ୍ତ କୁମାର ବିଶ୍ୱାଳ | କଂଗ୍ରେସ–ଆଇ |
| ୧୯୭୭ | ପ୍ରତାପ ଚନ୍ଦ୍ର ମହାନ୍ତି | ଜନତା ପାର୍ଟି |
| ୧୯୭୪ | ପ୍ରତାପ ଚନ୍ଦ୍ର ମହାନ୍ତି | ଉତ୍କଳ କଂଗ୍ରେସ |
| ୧୯୭୧ | ପ୍ରତାପ ଚନ୍ଦ୍ର ମହାନ୍ତି | ଉତ୍କଳ କଂଗ୍ରେସ |
| ୧୯୬୭ | ନିଶାମଣି ଖୁଣ୍ଟିଆ | ପ୍ରଜା ସୋସିଆଲିଷ୍ଟ ପାର୍ଟି |
| ୧୯୬୧ | ପ୍ରତାପ ଚନ୍ଦ୍ର ମହାନ୍ତି | କଂଗ୍ରେସ |
| ୧୯୫୭ | ନିଶାମଣି ଖୁଣ୍ଟିଆ | ପ୍ରଜା ସୋସିଆଲିଷ୍ଟ ପାର୍ଟି |
| ୧୯୫୧ | ନିଶାମଣି ଖୁଣ୍ଟିଆ | କଂଗ୍ରେସ |

# ବ୍ରିଟେନରେ ହେବ ଜଗନ୍ନାଥ ମନ୍ଦିର

**ପୁରୀ ଅଫିସ,୧୮।୧୦**


ମନ୍ଦିର କର୍ମକର୍ତ୍ତାଙ୍କୁ ସେବାୟତ ଈପ୍‌ସିତ ପ୍ରତିହାରୀ ମହାପ୍ରସାଦ ପ୍ରଦାନ କରୁଛନ୍ତି।

### ପୁରୀରୁ ଗଲା ମହାପ୍ରଭୁଙ୍କ ବିଗ୍ରହ, ମହାପ୍ରସାଦ

ମହାପ୍ରଭୁ ହେଉଛନ୍ତି ଜଗତର ଠାକୁର। ତାଙ୍କ ମାୟାରେ ବନ୍ଧା ସମଗ୍ର ବିଶ୍ୱ। ମହାପ୍ରଭୁଙ୍କ ପ୍ରତି ଗଭୀର ଆସ୍ଥା ଓ ବିଶ୍ୱାସ ରଖିଥିବା ବହୁ ଜଗନ୍ନାଥପ୍ରେମୀ ବିଭିନ୍ନ ଦେଶରେ ରହିଛନ୍ତି। ଅନେକ ରାଷ୍ଟ୍ରରେ ପ୍ରବାସୀ ଓଡ଼ିଆ ଜଗନ୍ନାଥ ମନ୍ଦିର ଗଢି ପୂଜାର୍ଚ୍ଚନା କରୁଛନ୍ତି। କୋଟି କୋଟି ଓଡ଼ିଆଙ୍କ ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଏବେ ବ୍ରିଟେନ୍ (ୟୁକେ)ରେ ମଧ୍ୟ ପୂଜା ପାଇବେ। ୟୁକେର ସିଟି ଅଫ୍ ବାଥ୍‌ରେ ମହାପ୍ରଭୁଙ୍କ ଭବ୍ୟ ମନ୍ଦିର ନିର୍ମାଣ ହେବ। ଏଥିପାଇଁ ସେଠାରେ ରହୁଥିବା କେତେଜଣ ଓଡ଼ିଆ ଶ୍ରୀକ୍ଷେତ୍ର ଆସି ମହାପ୍ରଭୁଙ୍କ ବିଗ୍ରହ, ଫୁଲ, ତୁଳସୀ ଓ ମହାପ୍ରସାଦ ନେଇଛନ୍ତି।

ସିଟି ଅଫ୍ ବାଥ୍‌ରେ ରହୁଥିବା ଓଡ଼ିଆମାନେ ଏକାଠି ହୋଇ ଏହି ମନ୍ଦିର ନିର୍ମାଣ ପରିକଳ୍ପନା କରିଛନ୍ତି। ତେବେ କିଭଳି ବିଧି ବ୍ୟବସ୍ଥା ମଧ୍ୟରେ ଏହା ନିର୍ମାଣ କରାଯିବ ସେଥିଲାଗି ପରାମର୍ଶ ନେବାକୁ ମନ୍ଦିର କମିଟି କର୍ମକର୍ତ୍ତା ପୁରୀ ଆସିଛନ୍ତି। ସେମାନେ ଶନିବାର ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ, ଶ୍ରୀମନ୍ଦିରର ବରିଷ୍ଠ ସେବାୟତଙ୍କଠାରୁ ପରାମର୍ଶ ନେଇଛନ୍ତି। ଗଜପତି ମହାରାଜାଙ୍କଠାରୁ ଅନୁମତି ନେବେ ବୋଲି କହିଛନ୍ତି। ଏହି ଅବସରରେ ବରିଷ୍ଠ ସେବାୟତ ଈପ୍‌ସିତ ପ୍ରତିହାରୀ କର୍ମକର୍ତ୍ତାମାନଙ୍କୁ ମହାପ୍ରଭୁଙ୍କ ବିଗ୍ରହ, ଫୁଲ, ତୁଳସୀ ଓ ମହାପ୍ରସାଦ ପ୍ରଦାନ କରିଛନ୍ତି। କମିଟି ସଦସ୍ୟ ଅଜିତ କୁମାର ନନ୍ଦ କହିଛନ୍ତି, ବ୍ରିଟେନ୍‌ରେ ଶ୍ରୀଜଗନ୍ନାଥ ସଂସ୍କୃତି ପହଞ୍ଚାଇବା ଲାଗି ଉଦ୍ୟମ କରିଛୁ। ମହାପ୍ରଭୁଙ୍କ ଆଶୀର୍ବାଦ ଯୋଗୁ ଏଥିରେ ନିଶ୍ଚିତ ସଫଳ ହେବୁ। ପୁରୀ ଶ୍ରୀମନ୍ଦିର ରୀତିନୀତି ଅନୁଯାୟୀ ସେଠାରେ ଠାକୁରଙ୍କ ନୀତିକାନ୍ତି ଓ ସେବାପୂଜା କରାଯିବ। ପୁରୀ ରଥଯାତ୍ରା ଭଳି ସେଠାରେ କିଛିବର୍ଷ ହେଲା ରଥଯାତ୍ରା କରାଯାଇଆସୁଛି। ତେବେ ଅଦିନିଆ ରଥଯାତ୍ରା ନ କରିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ନନ୍ଦ ପ୍ରକାଶ କରିଛନ୍ତି।

## ଏକ୍‌ଜିଟ୍ ପୋଲ ଉପରେ ନିର୍ବାଚନ କମିଶନଙ୍କ କଟକଣା

**ଜଗତ୍‌ସିଂହପୁର ଅଫିସ,୧୮।୧୦**

ନଭେମ୍ବର ୩ରେ ହେବ ତିର୍ତ୍ତୋଲ ଉପନିର୍ବାଚନ। ଏହି ସମୟରେ ବିଭିନ୍ନ ଗଣମାଧ୍ୟମରେ ଏକ୍‌ଜିଟ୍ ପୋଲ ପ୍ରଚାର ଓ ପ୍ରସାର ଉପରେ ଭାରତୀୟ ନିର୍ବାଚନ ଆୟୋଗ କଟକଣା ଲଗାଇଛନ୍ତି। ଜନ ପ୍ରତିନିଧି ଅଧିନିୟମ ୧୯୫୧, ଧାରା ୧୨୬(କ) ଓ ଉପଧାରା (୨) ଅନୁଯାୟୀ ନଭେମ୍ବର ୩ ସକାଳ ୬ରୁ ୭ ତାରିଖ ସନ୍ଧ୍ୟା ୬.୩୦ ମଧ୍ୟରେ କୌଣସି ମୁଦ୍ରଣ, ବୈଦ୍ୟୁତିକ ଗଣମାଧ୍ୟମ ବିଧାନସଭା ଉପନିର୍ବାଚନ ଏକ୍‌ଜିଟ୍ ପୋଲ ଫଳାଫଳ ସମ୍ପର୍କିତ କୌଣସି ସୂଚନା ପ୍ରଚାର ଓ ପ୍ରସାର କରାଯାଇ ପାରିବ ନାହିଁ। ଏପରି କି କୌଣସି ନିର୍ବାଚନ ଫଳାଫଳ ସଂକ୍ରାନ୍ତୀୟ ମତାମତ ଆଲୋଚନା ଓ ସର୍ବେକ୍ଷଣ ଆଦି ବୈଦ୍ୟୁତିକ ଗଣମାଧ୍ୟମରେ ପ୍ରଦର୍ଶନ କରାଯାଇପାରିବ ନାହିଁ। ବାଲେଶ୍ୱର ଓ ତିର୍ତ୍ତୋଲ ଉପନିର୍ବାଚନ ପରିପ୍ରେକ୍ଷୀରେ ଏହି ନିର୍ଦ୍ଦେଶନାମା ପାଳନ କରାଯିବ ବୋଲି ଜିଲା ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି।

# ଓଡ଼ିଶାର ପ୍ରଥମ ମହିଳା ଜିଲାପାଳ ଚନ୍ଦ୍ରମଣୀ ନାରାୟଣ ସ୍ୱାମୀଙ୍କ ଦେହାନ୍ତ

**ଭୁବନେଶ୍ୱର, ୧୮।୧୦(ବ୍ୟୁରୋ)**



ଓଡ଼ିଶାର ପ୍ରଥମ ମହିଳା ଜିଲାପାଳ ଚନ୍ଦ୍ରମଣୀ ନାରାୟଣ ସ୍ୱାମୀଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ରବିବାର ଦେହାନ୍ତ ହୋଇଛି। ତାଙ୍କୁ ୮୧ବର୍ଷ ହୋଇଥିଲା। ଓଡ଼ିଶା କ୍ୟାଡରର ଆଇଏଏସ୍ ଅଫିସର ଚନ୍ଦ୍ରମଣୀ ୧୯୬୪ରେ ପୁରୀ ଜିଲାର ଆସିଷ୍ଟାଣ୍ଟ କଲେକ୍ଟର ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ଏହାପରେ ସେ କଳାହାଣ୍ଡି ଜିଲାପାଳ ଓ ଗଞ୍ଜାମ ଏଡିଏମ୍ ଥିଲେ। ଏଥିସହ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ମଧ୍ୟ ସେ କାର୍ଯ୍ୟ କରିଛନ୍ତି। ସାଧାରଣ ପ୍ରଶାସନ ବିଭାଗରେ ବିଭିନ୍ନ ପଦବୀରେ ୭ବର୍ଷ ଓ ସ୍ୱାସ୍ଥ୍ୟ ବିଭାଗରେ ୪ବର୍ଷ କାର୍ଯ୍ୟ କରିଥିବାବେଳେ ୬ବର୍ଷ ପାଇଁ ସେଣ୍ଟ୍ରାଲ ଭିଜିଲାନ୍ସକୁ ଡେପୁଟେଶନରେ ଯାଇଥିଲେ। ନବେ ଦଶକରେ ଓଡ଼ିଶା ପ୍ରଶାସନିକ ନ୍ୟାୟାଧିକରଣର ପ୍ରଶାସନିକ ସଦସ୍ୟା ଭାବେ ଯୋଗଦେଇ ପରେ ଏହାର ଉପାଧ୍ୟକ୍ଷା ଓ ଅଧ୍ୟକ୍ଷା ଭାବେ ସଫଳତାର ସହ କାର୍ଯ୍ୟ ତୁଲାଇଛନ୍ତି। ସେ କୃଷି ବିଭାଗର ବିଭିନ୍ନ ଶାଖାର ୪ଟି ପଦବୀରେ ଥାଇ ୧୯୯୪ରେ ସ୍ୱେଚ୍ଛାକୃତ ଅବସର ନେଇଥିଲେ। ତାଙ୍କ ନିଜ ଘର କେରଳ। ଅବସର ପରେ ତାଙ୍କ ଜନ୍ମମାଟିକୁ ନ ଫେରି କର୍ମଭୂମି ଓଡ଼ିଶାରେ ରହିଥିଲେ। କିଛିବର୍ଷ ତଳେ ସେ ତାଙ୍କର ଅର୍ଜିତ ସମ୍ପତ୍ତି ଶ୍ରୀଜଗନ୍ନାଥଙ୍କୁ ଦାନ କରିଦେବା ପାଇଁ ମଧ୍ୟ କର୍ତ୍ତୃପକ୍ଷଙ୍କୁ ବିଧିବଦ୍ଧ ଭାବେ ଲେଖି ଜଣାଇଥିଲେ।

# ଏସ୍‌ଟି, ଏସ୍‌ସି ହଷ୍ଟେଲ ମୂଲ୍ୟାଙ୍କନ ଲାଗି ଆଇଟି ବ୍ୟବସ୍ଥାର ଲୋକାର୍ପଣ

**ଭୁବନେଶ୍ୱର, ୧୮।୧୦(ବ୍ୟୁରୋ)**

ରାଜ୍ୟ ସରକାର ୨୦୧୯ ଡିସେମ୍ବରରେ ନାବେଟ୍–କ୍ୟୁସିଆ ସହଯୋଗରେ ମିଶନ 'ସୁବିଦ୍ୟା'ର ଆରମ୍ଭ କରିଥିଲେ। ଏସ୍‌ଟି, ଏସ୍‌ସି ହଷ୍ଟେଲ୍‌ଗୁଡ଼ିକର ପରିଚାଳନା, ଏହାର ମାନ ନିର୍ଦ୍ଧାରଣ, ଛାତ୍ରୀଛାତ୍ରଙ୍କ ପାଇଁ ମୌଳିକ ସେବାରେ ଉନ୍ନତି ଆଣିବା ଏହି ମିଶନର ଲକ୍ଷ୍ୟ ଥିଲା। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ନାବେଟ୍–କ୍ୟୁସିଆ ସହଭାଗିତାରେ ହଷ୍ଟେଲ୍‌ଗୁଡ଼ିକର ମାନ ନିର୍ଦ୍ଧାରଣ, ମୂଲ୍ୟାଙ୍କନ, ବେଞ୍ଚମାର୍କ ସ୍ଥାପନ ପାଇଁ ପଦକ୍ଷେପ ନେଇଥିଲା। ରବିବାର ବିଭାଗ ପକ୍ଷରୁ ଆଇଟି ବ୍ୟବସ୍ଥାର ଲୋକାର୍ପଣ କରାଯାଇଛି।

ନିୟମ ଅନୁଯାୟୀ, ଛାତ୍ରୀଛାତ୍ରଙ୍କୁ ପ୍ରଦତ୍ତ ସୁବିଧା, ପଦକ୍ଷେପ ଆଧାରରେ ପ୍ରତ୍ୟେକ ହଷ୍ଟେଲକୁ ଚୂଡ଼ାନ୍ତ ମୂଲ୍ୟାଙ୍କନ କରାଯାଇଛି। ନିର୍ଦ୍ଦିଷ୍ଟ ପ୍ରସ୍ତାବରେ ଏସବୁ ହଷ୍ଟେଲ ଆଇଏସ୍‌ଓ ମାନ୍ୟତା ମିଳିବା ପାଇଁ ପ୍ରସ୍ତୁତ କରିବା ଲକ୍ଷ୍ୟ ଥିଲା। ମିଶନ ସୁବିଦ୍ୟାର ପ୍ରଥମ ପର୍ଯ୍ୟାୟରେ କେନ୍ଦୁଝର ଓ ସମ୍ବଲପୁର ଜିଲାର ୨୪୬ ଆବାସିକ ହଷ୍ଟେଲର ମୂଲ୍ୟାଙ୍କନ ଶେଷ ହୋଇଥିଲା। ସେଥିରୁ କେନ୍ଦୁଝରର ୧୫୬ ଓ ସମ୍ବଲପୁରର ୯୦ ହଷ୍ଟେଲ ମଧ୍ୟରୁ ଯଥାକ୍ରମେ ୬୦ ଏବଂ ୧୨ ମନୋନୀତ କରାଯାଇଥିଲା। ଲକ୍‌ଡାଉନ୍ ପୂର୍ବରୁ ୪୪ ହଷ୍ଟେଲର ମୂଲ୍ୟାଙ୍କନ ସରି ସେଗୁଡ଼ିକୁ ଆଇଏସ୍‌ଓ ସାର୍ଟିଫିକେଟ୍ ଦିଆଯାଇଥିଲା। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ପରବର୍ତ୍ତୀ ପର୍ଯ୍ୟାୟରେ ଏହି ପ୍ରୋଜେକ୍ଟରେ ଆଉ ୧୦ ଜିଲାର ହଷ୍ଟେଲର ମୂଲ୍ୟାଙ୍କନ କାର୍ଯ୍ୟ ହାତକୁ ନିଆଯାଇଛି। ଏହା ୨ଟି ପର୍ଯ୍ୟାୟରେ କାର୍ଯ୍ୟକାରୀ ହେଉଛି। ପ୍ରଥମ ପର୍ଯ୍ୟାୟରେ ୧୦ ଜିଲାର ୧୨୮୩ ହଷ୍ଟେଲକୁ ଅନ୍ତର୍ଭୁକ୍ତ କରାଯାଇଛି। ମୂଲ୍ୟାଙ୍କନ ପରେ ପ୍ରସ୍ତୁତ ହୋଇଥିବା ଡିମ୍‌ଡ୍ ପ୍ରିପେୟାରଡ୍ ହଷ୍ଟେଲଗୁଡ଼ିକୁ ଏହି ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରାଯିବ। ସ୍ମାର୍ଟ ପ୍ରଯୁକ୍ତି ଜ୍ଞାନ ସମ୍ପନ୍ନ ସଲ୍ୟୁସନ ମାଧ୍ୟମରେ ଗତ ୧୫ତାରିଖରୁ ଅନ୍‌ଲାଇନ୍‌ରେ କାର୍ଯ୍ୟ ଆରମ୍ଭ ହୋଇଛି। ମନୋନୀତ ହଷ୍ଟେଲଗୁଡ଼ିକ ଅନ୍‌ଲାଇନ୍‌ରେ ନିଜର ମୂଲ୍ୟାଙ୍କନ କରିବେ।

ହଷ୍ଟେଲର ରିପୋର୍ଟ ଓ ସ୍କୋର ନାବେଟ୍ ଟିମ୍‌କୁ ଦିଆଯିବ। ନାବେଟ୍ ଟିମ୍ ଭର୍ଚୁଆଲ୍ ଟୁର୍ ମାଧ୍ୟମରେ ଏହାର ପ୍ରସ୍ତୁତି ସମ୍ପର୍କରେ ଅନୁଧ୍ୟାନ କରିବ। ଅନ୍‌ଲାଇନ୍‌ରେ ସେଗୁଡିକ କାର୍ଯ୍ୟକଳାପର ରେକର୍ଡିଂ ଅପ୍‌ଲୋଡ୍ ହେବ। ହଷ୍ଟେଲ ଦ୍ୱାରା ପ୍ରଦାନ କରାଯାଇଥିବା ସ୍ୱମୂଲ୍ୟାଙ୍କନ ସ୍କୋର ସହିତ ନାବେଟ୍ ଟିମ୍‌କୁ ଡକ୍ୟୁମେଣ୍ଟାରୀ ପ୍ରମାଣ ପତ୍ର ଅନ୍‌ଲାଇନ୍‌ରେ ଦେବାପରେ ଅନ୍‌ସାଇଟ୍ ମୂଲ୍ୟାଙ୍କନ କରାଯିବ ବୋଲି ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ସୂତ୍ରରୁ ଜଣାପଡିଛି।

# ନେତାଜୀ ଯଦି ମୃତ, ରାଷ୍ଟ୍ରୀୟ ଶୋକ ପାଳନ ହେଉ

**ବଲାଙ୍ଗୀର ଅଫିସ, ୧୮।୧୦**


ନେତାଜୀ ସୁଭାଷ ଚନ୍ଦ୍ର ବୋଷ।

- ଉପଯୁକ୍ତ ସୂଚନା ଦେବାକୁ ସିଆଇସିଙ୍କ ନିର୍ଦ୍ଦେଶ
- ସୂଚନା ପ୍ରଦାନରେ ବିଳମ୍ବ ପାଇଁ କେନ୍ଦ୍ର ଗୃହ ବିଭାଗର ଦୁଃଖ ପ୍ରକାଶ

ଭାରତୀୟ ମୁକ୍ତି ସଂଗ୍ରାମର ଅଗ୍ରଣୀ ଯୋଦ୍ଧା ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଦ୍ଧାନ ହେବା ଘଟଣାକୁ ୭୫ ବର୍ଷ ବିତିଯାଇଛି। ନେତାଜୀଙ୍କ ନିଖୋଜକୁ ନେଇ ବିଭିନ୍ନ ସମୟରେ ଭାରତ ସରକାର ସାହାନୱାଜ କମିଶନ, ଖୋସଲା କମିଶନ ଏବଂ ମୁଖାର୍ଜୀ କମିଶନଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ସାହାନୱାଜ ଓ ଖୋସଲା କମିଶନ ରିପୋର୍ଟରେ ନେତାଜୀଙ୍କ ମୃତ୍ୟୁ ବିମାନ ଦୁର୍ଘଟଣାରେ ହୋଇଥିବା କଥା ଦର୍ଶାଯାଇଥିବା ବେଳେ ମୁଖାର୍ଜୀ କମିଶନ ରିପୋର୍ଟରେ ନେତାଜୀଙ୍କ ମୃତ୍ୟୁ ବିମାନ ଦୁର୍ଘଟଣାଜନିତ ନୁହେଁ ବୋଲି ଦର୍ଶାଯାଇଥିଲା। ଭାରତ ସରକାର ସାହାନୱାଜ କମିଶନ ଓ ଖୋସଲା କମିଶନ ରିପୋର୍ଟକୁ ଗ୍ରହଣ କରିଥିବା ବେଳେ ମୁଖାର୍ଜୀ କମିଶନ ରିପୋର୍ଟକୁ ଅଗ୍ରାହ୍ୟ କରିଥିଲେ। ସାହାନୱାଜ କମିଶନ ଓ ଖୋସଲା କମିଶନ ରିପୋର୍ଟକୁ ଯଦି ସରକାର ଗ୍ରହଣ କରିଛନ୍ତି ତେବେ ନେତାଜୀ ମୃତ ବୋଲି ସ୍ପଷ୍ଟ ହୋଇଛି। ଏହି ପରିପ୍ରେକ୍ଷୀରେ ତାଙ୍କ ପାଇଁ ରାଷ୍ଟ୍ରୀୟ ଶୋକ ପାଳନ କରାଯାଉ ବୋଲି ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ଦାବି କରିଛନ୍ତି।

ଏହି ପ୍ରସଙ୍ଗକୁ ନେଇ ସୂଚନା ଅଧିକାର କର୍ମୀ ପଣ୍ଡା ୨୦୧୬ ଡିସେମ୍ବରରେ ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କୁ ଏକ ଦାବିପତ୍ର ଦେଇଥିଲେ। ଏଥିରେ ସେ ଉଲ୍ଲେଖ କରିଥିଲେ ଯେ, ଭାରତ ସରକାର ସାହାନୱାଜ କମିଶନ ଓ ଖୋସଲା କମିଶନ ରିପୋର୍ଟକୁ ଗ୍ରହଣ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ନେତାଜୀଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରି ରାଷ୍ଟ୍ରୀୟ ଶୋକ ଘୋଷଣା କରିନାହାନ୍ତି। ସରକାର ତୁରନ୍ତ ରାଷ୍ଟ୍ରୀୟ ଶୋକ ଘୋଷଣା କରିବାକୁ ରାଷ୍ଟ୍ରପତି ହସ୍ତକ୍ଷେପ କରନ୍ତୁ ନଚେତ୍ ଗ୍ରହଣ କରିଥିବା ଦୁଇ କମିଶନ ରିପୋର୍ଟକୁ ଅଗ୍ରାହ୍ୟ କରନ୍ତୁ ବୋଲି ପଣ୍ଡା ଦାବିପତ୍ରରେ ଉଲ୍ଲେଖ କରିଥିଲେ। ଏହି ଦାବିପତ୍ରକୁ ରାଷ୍ଟ୍ରପତିଙ୍କ ସଚିବାଳୟ ପକ୍ଷରୁ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ କେନ୍ଦ୍ର ଗୃହ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଏହା ଉପରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏହା ଜାଣିବା ପାଇଁ ପଣ୍ଡା ସୂଚନା ଅଧିକାର ଆଇନ ବଳରେ କେନ୍ଦ୍ର ଗୃହ ବିଭାଗକୁ ତଥ୍ୟ ମାଗିଥିଲେ। କିନ୍ତୁ କେନ୍ଦ୍ର ଗୃହ ବିଭାଗ ପଣ୍ଡାଙ୍କୁ ତଥ୍ୟ ପ୍ରଦାନ ନ କରି ଅନ୍ୟ କାର୍ଯ୍ୟାଳୟକୁ ଅନାବଶ୍ୟକ ଭାବେ ହସ୍ତାନ୍ତରିତ କରିଥିଲେ। ଏହାକୁ ନେଇ ପଣ୍ଡା ଉପଯୁକ୍ତ ଫୋରମରେ ଆବେଦନ କରିଥିଲେ। ଶେଷରେ କେନ୍ଦ୍ରୀୟ ସୂଚନା ଆୟୁକ୍ତ(ସିଆଇସି) ଯଶବର୍ଦ୍ଧନ କୁମାର ସିହ୍ନା ସୂଚନା କର୍ମୀ ପଣ୍ଡାଙ୍କ ଆବେଦନର ଶୁଣାଣି କରି ଉପଯୁକ୍ତ ସୂଚନା ପ୍ରଦାନ କରିବା ପାଇଁ ଉପସ୍ଥିତ ଥିବା ଗୃହ ବିଭାଗ ନିର୍ଦ୍ଦେଶକ (ସୁରକ୍ଷା) ରାକେଶ କୁମାର ପାଣ୍ଡେ ଏବଂ ଉପସଚିବ ଏସ୍‌କେ ଝାଙ୍କୁ ଗତ ୧୬ ତାରିଖ ଦିନ ଦ୍ୱିତୀୟ ଆବେଦନ ନମ୍ବର ସି.ଆଇ.ସି/ଏମ୍‌ଏଚ୍‌ଓଏମ୍‌ଇ/ଏ/୨୦୧୮/୧୬୫୯୫୯ରେ ନିର୍ଦ୍ଦେଶ ଜାରି କରିଛନ୍ତି। ସୂଚନା କର୍ମୀ ପଣ୍ଡାଙ୍କ ଆବେଦନକୁ ଅନାବଶ୍ୟକଭାବେ ସ୍ଥାନାନ୍ତରିତ କରିଥିବାରୁ ଗୃହ ବିଭାଗ ଉପସଚିବ ଏସ.କେ. ଝା କମିଶନଙ୍କଠାରେ ଦୁଃଖ ପ୍ରକାଶ କରିଥିବା ସୂଚନା କର୍ମୀ ପଣ୍ଡା ସୂଚନା ଦେବା ସହ ଜାତୀୟ ସୂଚନା ଆୟୁକ୍ତଙ୍କ ନିର୍ଦ୍ଦେଶକୁ ସ୍ୱାଗତ କରିଛନ୍ତି।

## ଅଶ୍ଳୀଳ ଭିଡିଓ ଶୁଟିଂ କରି ଆମେରିକୀୟ ମହିଳା ଗିରଫ

ଡେରାଡୁନ: ଉତ୍ତରାଖଣ୍ଡସ୍ଥିତ ଋଷିକେଶର ଗଙ୍ଗାନଦୀ ଉପରେ ଥିବା ଲକ୍ଷ୍ମଣଝୁଲାରେ ଅଶ୍ଳୀଳ ଭିଡିଓ ଶୁଟିଂ କରିବା ଅଭିଯୋଗରେ ଆମେରିକାର ଜଣେ ମହିଳାଙ୍କୁ ପୋଲିସ ଗିରଫ କରିଛି। ୨୭ ବର୍ଷୀୟା ମହିଳା ଜଣକ ଅଶ୍ଳୀଳ ଭିଡିଓ ଶୁଟିଂ କରି ସୋସିଆଲ ମିଡିଆରେ ଅପଲୋଡ୍ କରିଥିଲେ। ପୂର୍ବରୁ ମଧ ସେ ଫ୍ରାନ୍ସର ଜଣେ ମହିଳାଙ୍କ ସହ ମିଶି ଅଶ୍ଳୀଳ ଭିଡିଓ ଶୁଟିଂ କରିବା ପରେ ସୋସିଆଲ ମିଡିଆରେ ପୋଷ୍ଟ କରିଥିଲେ ବୋଲି ମୁନି କି ରେତି ଥାନା ଷ୍ଟେଶନ ଅଫିସର୍ ଆର୍.କେ. ସକ୍ଲାନି କହିଛନ୍ତି।

### ସଂକ୍ଷେପରେ

## ବାଲିଆ ହତ୍ୟାକାଣ୍ଡ ମୁଖ୍ୟ ଅଭିଯୁକ୍ତ ଗିରଫ



**ବାଲିଆ,୧୮।୧୦(ପି.ଟି.):** ଉତ୍ତର ପ୍ରଦେଶ(ୟୁପି)ର ବାଲିଆରେ ଦୋକାନ ଘର ଆବଣ୍ଟନକୁ ନେଇ ସଭା ଚାଲିଥିବାବେଳେ ପୋଲିସ ପ୍ରଶାସନ ଉପସ୍ଥିତିରେ ଭାଜପା ନେତା ଧୀରେନ୍ଦ୍ର ପ୍ରତାପ ସିଂ ଗୁଳିକରି ଜଣକୁ ହତ୍ୟା କରିଥିଲେ। ଏହି ମାମଲାରେ ରବିବାର ମୁଖ୍ୟ ଅଭିଯୁକ୍ତ ଧୀରେନ୍ଦ୍ରଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି। ବାଲିଆ ହତ୍ୟାକାଣ୍ଡର ୩ ଦିନ ପରେ ୟୁପି ଏସ୍‌ଟିଏଫ୍ ଲକ୍ଷ୍ନୌସ୍ଥିତ ପଲିଟେକ୍ନିକ୍ ଏରିଆରୁ ୪୬ ବର୍ଷୀୟ ଧୀରେନ୍ଦ୍ରଙ୍କୁ ଗିରଫ କରିଥିବାବେଳେ ବାଲିଆ ସହରର ବୈଶାଳୀ ଅଞ୍ଚଳରୁ ତାଙ୍କର ୨ ସହଯୋଗୀଙ୍କୁ ଧରିଛି। ଏହା ପୂର୍ବରୁ ୫ ଜଣ ଗିରଫ ହୋଇଥିଲେ। ଧୀରେନ୍ଦ୍ରଙ୍କ ଗିରଫଦାରି ପରେ ମୃତକ ଜୟପ୍ରକାଶ ପଲ୍ ଗାମାଙ୍କ ପରିବାରକୁ ଆଶ୍ୱସ୍ତି ମିଳିଛି।

## ଭୂସ୍ଖଳନ ଯୋଗୁ ଖାଇକୁ ଖସିଲା ବସ୍: ୧୬ ମୃତ

**ଇସ୍‌ଲାମାବାଦ,୧୮।୧୦(ପି.ଟି.):** ପାକିସ୍ତାନର ଗିଲ୍‌ଗିଟ୍-ବାଲ୍‌ତିସ୍ତାନରେ ରବିବାର ଭୂସ୍ଖଳନ ଯୋଗୁ ଏକ ଯାତ୍ରୀବାହୀ ବସ୍ ଖାଇକୁ ଖସିପଡ଼ିଛି। ଏଥିରେ ୧୬ ଜଣ ପ୍ରାଣ ହରାଇଛନ୍ତି। ବସ୍‌ଟି ରାୱଲପିଣ୍ଡିରୁ ସ୍କାର୍ଡୁକୁ ଯାଉଥିବାବେଳେ ରୋଉଣ୍ଡେ ଅଞ୍ଚଳରେ ଭୂସ୍ଖଳନ ହୋଇଥିଲା। ମାଟି ଅତଡ଼ା ବସ୍ ସହ ଧକ୍କା ହେବାରୁ ଏହା ଗଭୀର ଖାଇକୁ ଖସିଯାଇଥିଲା।

## ବିସ୍ଫୋରଣରେ ୧୩ ମୃତ, ଶତାଧିକ ଆହତ

**କାବୁଲ,୧୮।୧୦(ପି.ଟି.):** ଆଫଗାନିସ୍ତାନର ପଶ୍ଚିମାଞ୍ଚଳ ପ୍ରଦେଶ ଘୋର୍‌ରେ ରବିବାର ଏକ ଘାତକ ବିସ୍ଫୋରଣ ଘଟିଛି। କାର୍ ବିସ୍ଫୋରଣରେ ୧୩ ନିହତ ହୋଇଥିବାବେଳେ ଶତାଧିକ ଲୋକ ଆହତ ହୋଇଛନ୍ତି। ପ୍ରାଦେଶିକ ପୋଲିସ ମୁଖ୍ୟଙ୍କ ଅଫିସ ଆଗରେ ଏହି ବିସ୍ଫୋରଣ ଘଟିଥିଲା। ଏଥିପାଇଁ କୌଣସି ଆତଙ୍କବାଦୀ ସଙ୍ଗଠନ ନିଜକୁ ଦାୟୀ କରି ନ ଥିବାବେଳେ ବିସ୍ଫୋରଣରେ ତାଲିବାନର ହାତ ଥିବା ସନ୍ଦେହ କରାଯାଉଛି।

# ପାର୍ବଣରେ ବଢ଼ିପାରେ ସଂକ୍ରମଣ

**ନୂଆଦିଲ୍ଲୀ,୧୮।୧୦(ପି.ଟି.)**

ଭାରତରେ ଚଳିତ ପାର୍ବଣ ଋତୁରେ କରୋନା ସଂକ୍ରମଣ ବୃଦ୍ଧିପାଇବା ଆଶଙ୍କା ରହିଛି। ଏଥିପାଇଁ ବିଶେଷଜ୍ଞଙ୍କଠାରୁ ନେଇ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ସତର୍କ କରିଦିଆଯାଇଛି। ନୀତି ଆୟୋଗ ବିଷେଶଜ୍ଞଙ୍କ ମତରେ ଶୀତଋତୁରେ କୋଭିଡ୍-୧୯ର ଦ୍ୱିତୀୟ ପ୍ରବାହ ଆରମ୍ଭ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ନୀତି ଆୟୋଗ ସଦସ୍ୟ ତଥା ନ୍ୟାଶନାଲ ଏକ୍ସପର୍ଟ ଗ୍ରୁପ୍ ଅନ୍ ଭାକ୍ସିନ ଆଡ୍‌ମିନିଷ୍ଟ୍ରେଶନ ଫର୍ କୋଭିଡ୍-

**ଶୀତରେ ଦ୍ୱିତୀୟ କରୋନା ଭାଇରସ୍‌ର ପ୍ରବାହ: ନୀତି ଆୟୋଗ ବିଶେଷଜ୍ଞ**

୧୯ (ଏନ୍‌ଇଜିଭିଏସି) ମୁଖ୍ୟ ଭି.କେ. ପଲ୍ ରବିବାର କହିଛନ୍ତି, ବିଗତ ତିନି ସପ୍ତାହ ଧରି କରୋନା ସଂକ୍ରମିତ ଓ ମୃତକଙ୍କ ସଂଖ୍ୟା କମି ଅନେକ ରାଜ୍ୟରେ ସ୍ଥିର ରହିଥିବାବେଳେ ଶୀତରେ ସଂକ୍ରମଣ ବୃଦ୍ଧି ପାଇପାରେ। ବର୍ତ୍ତମାନ ୫ ରାଜ୍ୟ କେରଳ, କର୍ଣ୍ଣାଟକ, ରାଜସ୍ଥାନ, ଛତିଶଗଡ଼ ଓ ପଶ୍ଚିମବଙ୍ଗ ଏବଂ ୩ରୁ ୪ କେନ୍ଦ୍ରଶାସିତ ଅଞ୍ଚଳରେ ସଂକ୍ରମଣର ଟ୍ରେଣ୍ଡ ବଢୁଛି। ତେବେ କୋଭିଡ୍-୧୯ ଭାକ୍ସିନ ଉପଲବ୍ଧ ହେବା ପରେ ନାଗରିକଙ୍କୁ ତାହା ଯୋଗାଇବା ପାଇଁ ଅନେକ ସାଧନ ରହିବ। ୟୁରୋପୀୟ ରାଷ୍ଟ୍ରଗୁଡ଼ିକରେ ଶୀତଋତୁରେ କୋଭିଡ୍-୧୯ର ପ୍ରାଦୁର୍ଭାବ ବଢ଼ିଛି। ଏହି ଦୃଷ୍ଟିରୁ ଭାରତରେ ମଧ ଶୀତରେ ସଂକ୍ରମଣ ବଢ଼ିପାରେ। ବିଶେଷକରି ପାର୍ବଣ ଋତୁରେ ସବୁଠୁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି ହେବ। ଉତ୍ତର ଭାରତରେ ପ୍ରଦୂଷଣ ବୃଦ୍ଧି ଚିନ୍ତା ବଢ଼ାଇବ ବୋଲି ପଲ୍ ସତର୍କ କରାଇଛନ୍ତି।



କୋଲ୍‌କାତାର ନ୍ୟୁ ମାର୍କେଟ ଏରିଆରେ ଦୁର୍ଗାପୂଜା ପୂର୍ବରୁ ମାସ୍କ ପିନ୍ଧି ମାର୍କେଟିଂ କରି ଯାଇଛନ୍ତି ଜଣେ ମହିଳା।

## ଭାରତରେ ଗୋଷ୍ଠୀ ସଂକ୍ରମଣ:କେନ୍ଦ୍ର ମାନିଲା



ଡ. ହର୍ଷବର୍ଦ୍ଧନ

**ନୂଆଦିଲ୍ଲୀ,୧୮।୧୦:** ଦେଶରେ ଗୋଷ୍ଠୀ ସଂକ୍ରମଣ ଚାଲିଥିବା ସମ୍ପର୍କରେ ମାସ ମାସ ଧରି ଖଣ୍ଡନ କରିଆସୁଥିବା କେନ୍ଦ୍ର ସରକାର ଶେଷରେ ସତ ସ୍ୱୀକାର କରିଛନ୍ତି। ଭାରତ ଗୋଷ୍ଠୀ ସଂକ୍ରମଣ ସ୍ତରରେ ରହିଛି ବୋଲି ରବିବାର ସ୍ୱାସ୍ଥ୍ୟମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ମାନିଛନ୍ତି। ତେବେ ଏହା କେତେକ ନିର୍ଦ୍ଦିଷ୍ଟ ରାଜ୍ୟର କିଛି ଜିଲାରେ ସୀମିତ ଥିବା ସେ କହିଛନ୍ତି। 'ସଣ୍ଡେ ସମ୍ବାଦ' ଶୀର୍ଷକ ୱେବିନାରରେ ସୋସିଆଲ ମିଡିଆ ଅଡିଏନ୍ସଙ୍କ ସହ ଆଲୋଚନା ବେଳେ ସ୍ୱାସ୍ଥ୍ୟମନ୍ତ୍ରୀ ଏହା କହିଛନ୍ତି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଜ୍ୟରେ ଗୋଷ୍ଠୀ ସଂକ୍ରମଣ ଥିବା ନେଇ ସୋମବାର ସ୍ୱୀକାର କରିବା ପରେ ହର୍ଷବର୍ଦ୍ଧନଙ୍କ ଏହି ମନ୍ତବ୍ୟ ଆସିଛି। ଦୁର୍ଗା ପୂଜା ଋତୁରେ ସତର୍କତା ଅବଲମ୍ବନ କରିବା ପାଇଁ ମମତା ଜନସାଧାରଣଙ୍କୁ ଗତ ସପ୍ତାହରେ ସଚେତନ କରାଇଥିଲେ।

## 'ଗଣତନ୍ତ୍ର ପାଇଁ ସବୁଠୁ ଖରାପ ସମୟ'

**ନୂଆଦିଲ୍ଲୀ,୧୮।୧୦(ପି.ଟି.)**



ସୋନିଆ ଗାନ୍ଧୀ

ଭାରତୀୟ ଗଣତନ୍ତ୍ର ଏବେ ସବୁଠୁ ଖରାପ ସମୟ ଦେଇ ଗତି କରୁଛି ବୋଲି ରବିବାର କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ସମାଲୋଚନା କରିଛନ୍ତି। ୩ କୃଷି ଆଇନ, କୋଭିଡ୍-୧୯ ମହାମାରୀ, ଆର୍ଥିକ ମାନ୍ଦାବସ୍ଥା ଓ ଦଳିତଙ୍କ ଉପରେ ହେଉଥିବା ଆକ୍ରମଣକୁ ନେଇ ସୋନିଆ ଏଭଳି ମନ୍ତବ୍ୟ ଦେଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଏଆଇସିସି ସାଧାରଣ ସମ୍ପାଦକ ଓ ରାଜ୍ୟ ପ୍ରଭାରୀମାନଙ୍କ ନେଇ ଆୟୋଜିତ ବୈଠକରେ ଅଧକ୍ଷତା କରି ସୋନିଆ କହିଛନ୍ତି, ସବୁଜ ବିପ୍ଳବର ସଫଳତାକୁ ନ୍ୟୂନ କରିଦେବା ପାଇଁ ଏକ ଷଡ଼ଯନ୍ତ୍ର ଚାଲିଛି। କେନ୍ଦ୍ରର ୩ କୃଷି ଆଇନ ହେଉଛି କୃଷି ବିରୋଧୀ କଳା ଆଇନ। ସରକାର କ୍ରମଶଃ ବ୍ୟବସ୍ଥିତ ଭାବେ ନାଗରିକମାନଙ୍କ ଅଧିକାରକୁ କେତେଜଣ ହାତଗଣତି ଶିଳ୍ପପତିଙ୍କୁ ହସ୍ତାନ୍ତର କରିବାରେ ଲାଗିଛନ୍ତି।

## ଫ୍ରୋଜେନ୍ ଫୁଡ୍‌ରେ ଜୀବନ୍ତ କରୋନା

**ଚାଇନାରେ ପ୍ରଥମ ଥର ମିଳିଲା**




**ବେଜିଂ,୧୮।୧୦:** ଚାଇନାର ଏକ ଫ୍ରୋଜେନ୍ ଫୁଡ୍ ପ୍ୟାକେଟ୍‌ରେ ଜୀବନ୍ତ କରୋନା ଭାଇରସ୍ ମିଳିଛି। ବନ୍ଦର ସହର କ୍ୱିଙ୍ଗଡାଓରେ ଆମଦାନୀ କରାଯାଇଥିବା ଏକ ଫ୍ରୋଜେନ୍ ସାମୁଦ୍ରିକ ମାଛ ପ୍ୟାକେଟ୍ ଉପରରେ କୋଭିଡ୍-୧୯ ଭାଇରସ୍ ଠାବ କରାଯାଇଥିବା ଚାଇନା ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି। କୋଲ୍ଡ ଫୁଡ୍ ଚେନ୍‌ର ବାହ୍ୟ ପୃଷ୍ଠରେ ଜୀବନ୍ତ କରୋନା ଭୂତାଣୁ ମିଳିବାରେ ଏହା ପ୍ରଥମ ଘଟଣା ବୋଲି ଦାବି କରାଯାଇଛି। ଚାଇନିଜ୍ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍ସନ (ସିଡିସି) ପକ୍ଷରୁ ଶନିବାର ଏକ ବିବୃତିରେ କୁହାଯାଇଛି ଯେ, ସହରରେ ନିକଟରେ କୋଭିଡ୍-୧୯ ମାମଲାର ଏକ କ୍ଲଷ୍ଟର ସାମ୍ନାକୁ ଆସିଥିଲା। ପ୍ରଶାସନ ପକ୍ଷରୁ ୧.୧ କୋଟି ନାଗରିକଙ୍କ ଯାଞ୍ଚ କରାଯାଇଥିଲା। କିନ୍ତୁ କୌଣସି ନୂଆ କ୍ଲଷ୍ଟର ମିଳି ନ ଥିଲା। ଚାଇନା ଗତ ଜୁଲାଇରେ ଫ୍ରେଜେନ୍ ଫୁଡ୍ ଆମଦାନୀ ଅସ୍ଥାୟୀ ଭାବେ ବନ୍ଦ କରିଦେଇଥିଲା। କାରଣ ପ୍ୟାକେଟ୍ ଓ କଣ୍ଟେନର ଭିତରେ ଏହି ଘାତକ ଭୂତାଣୁ ଠାବ କରାଯାଇଥିଲା।

# ଏଫ୍‌ଏଟିଏଫ୍‌ର ୬ ସର୍ତ୍ତ ପୂରଣରେ ପାକ୍ ବିଫଳ

**ନୂଆଦିଲ୍ଲୀ,୧୮।୧୦(ପିଟି)**




ଫାଇନାନ୍ସିଆଲ ଆକ୍ସନ ଟାସ୍କ ଫୋର୍ସ (ଏଫ୍‌ଏଟିଏଫ୍)ର ୬ଟି ସର୍ତ୍ତକୁ ପୂରଣ କରିବାରେ ପାକିସ୍ତାନ ବିଫଳ ହୋଇଛି। ଭାରତର ମୋଷ୍ଟ ୱାଣ୍ଟେଡ୍ ଆତଙ୍କବାଦୀ ମୌଲାନା ମାସୁଦ୍ ଆଝାର ଓ ହାଫିଜ୍ ସୟିଦ୍‌ଙ୍କ ବିରୋଧରେ ଇସ୍‌ଲାମାବାଦ କାର୍ଯ୍ୟାନୁଷ୍ଠାନ ନେଇପାରି ନାହିଁ। ଏହାସହ ପାକିସ୍ତାନର ଅଫିସିଆଲ୍ ଲିଷ୍ଟରୁ ୪ ହଜାରରୁ ଊର୍ଦ୍ଧ୍ୱ ଆତଙ୍କବାଦୀଙ୍କ ନାମ ଉଭାନ ହୋଇଯାଇଛି। ଏଥିଯୋଗୁ ବୈଶ୍ୱିକ ମନିଲଣ୍ଡରିଂ ଓ ଆତଙ୍କବାଦୀଙ୍କ ପାଣ୍ଠି ଯୋଗାଣ ଉପରେ ଅନୁଧାନ କରୁଥିବା ଏଫ୍‌ଏଟିଏଫ୍‌ର 'ଧୂସର ତାଲିକା'ରେ ପାକିସ୍ତାନ ପୂର୍ବଭଳି ରହିବ। ଅକ୍ଟୋବର ୨୧-୨୩ରେ ହେବାକୁ ଥିବା ଏଫ୍‌ଏଟିଏଫ୍‌ର ବିସ୍ତୃତ ବୈଠକରେ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ପାକିସ୍ତାନକୁ ପୂର୍ବରୁ ୨୭ଟି ସର୍ତ୍ତ ଦିଆଯାଇଥିବାବେଳେ ସେଥିରୁ ୨୧ ସର୍ତ୍ତ ପୂରଣ କରିଥିବା ଏଫ୍‌ଏଟିଏଫ୍ ପକ୍ଷରୁ କୁହାଯାଇଛି।

# ଭାରତରେ ପାକିସ୍ତାନଠାରୁ ବି ଖରାପ ସ୍ଥିତି

**ନୂଆଦିଲ୍ଲୀ,୧୮।୧୦**



**ବିଶ୍ୱ କ୍ଷୁଧା ସୂଚକାଙ୍କ: ୯୪ତମ ସ୍ଥାନରେ ଭାରତ**

ସରକାର ଯୋଜନା ପରେ ଯୋଜନା ଗଢୁଛନ୍ତି। କିନ୍ତୁ ସେଗୁଡ଼ିକର ସୁବିଧା ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚୁନାହିଁ। ଦୁର୍ନୀତି ଓ ବାଟମାରଣା ଯୋଗୁ ଭାରତରେ ଅନାହାର ଓ କୁପୋଷଣ ବଢ଼ିବାରେ ଲାଗିଛି। କେନ୍ଦ୍ର ସରକାର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ପ୍ରଣୟନ କରିବା ପରେ ସ୍ଥିତିରେ ସାମାନ୍ୟ ଉନ୍ନତି ଆସିଥିଲେ ହେଁ ଦେଶର ଅବସ୍ଥା 'ଅତି ଗମ୍ଭୀର' ରହିଛି। ବିଶ୍ୱ କ୍ଷୁଧା ସୂଚକାଙ୍କ (ଡବ୍ଲ୍ୟୁଏଚ୍‌ଆଇ)୨୦୨୦ର ସଦ୍ୟ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ଶୁକ୍ରବାର ପ୍ରକାଶିତ ବିଶ୍ୱ କ୍ଷୁଧା ସୂଚକାଙ୍କ ରିପୋର୍ଟ ଅନୁସାରେ ଦକ୍ଷିଣ ଏସୀୟ ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ତୁଳନାରେ ଭାରତର ସ୍ଥାନ ନିମ୍ନରେ ରହିଛି। ୧୦୭ ରାଷ୍ଟ୍ର ମଧ୍ୟରୁ ଭାରତ ୯୪ତମ ସ୍ଥାନରେ ରହିଥିବାବେଳେ ଦେଶର ୧୪% ଜନସଂଖ୍ୟା କୁପୋଷଣର ଶିକାର ହୋଇଥିବା ଏଥିରେ କୁହାଯାଇଛି। ଗତବର୍ଷ ବିଶ୍ୱ କ୍ଷୁଧା ସୂଚକାଙ୍କର ୧୦୨ତମ ସ୍ଥାନରେ ଭାରତ ରହିଥିବାବେଳେ ଏଥର ୮ ପାଦ ଆଗକୁ ବଢ଼ିଛି। ଏହାସତ୍ତ୍ୱେ ଭାରତର ସ୍ଥାନ 'ଅତି ଗମ୍ଭୀର' ବର୍ଗରେ ରହିଛି। ପାକିସ୍ତାନ ୮୮ତମ ସ୍ଥାନରେ ଥିବାବେଳେ ନେପାଳ ୭୩, ବାଂଲାଦେଶ ୭୫, ଶ୍ରୀଲଙ୍କା ୬୪, ମ୍ୟାନ୍‌ମାର ୭୮ ଓ ଆଫଗାନିସ୍ତାନ ୯୯ତମ ସ୍ଥାନରେ ରହିଛି। ସାରା ବିଶ୍ୱର କୁପୋଷଣ ସ୍ତରର ଆକଳନ କରି ପ୍ରସ୍ତୁତ କରାଯାଉଥିବା ଏହି ସୂଚକାଙ୍କ ଅନୁଯାୟୀ ନେପାଳ ଓ ଶ୍ରୀଲଙ୍କା ମଧ୍ୟମ କ୍ଷୁଧା ବର୍ଗରେ ଆସୁଛନ୍ତି। ୪ଟି ସୂଚକାଙ୍କକୁ ନେଇ ଏହି ତାଲିକା ପ୍ରସ୍ତୁତ କରାଯାଇଥିଲା। ଶୂନ ସ୍କେଲ୍‌କୁ ଏଥିରେ ସର୍ବୋତ୍କୃଷ୍ଟ (କ୍ଷୁଧାମୁକ୍ତ) ବିବେଚନା କରାଯାଇଥିବାବେଳେ ୧୦୦କୁ ସବୁଠୁ ଖରାପ ବୋଲି ଦର୍ଶାଯାଇଛି। ପ୍ରତ୍ୟେକ ଦେଶର ଜିଏଚ୍‌ଆଇ ସ୍କୋରକୁ କ୍ଷୁଧାର ତୀବ୍ରତା ଦୃଷ୍ଟିରୁ ନିମ୍ନରୁ ଅତି ଗମ୍ଭୀର ବର୍ଗ ଭାବେ ବିଭକ୍ତ କରାଯାଇଛି।

### ଫୁର୍‌ସତ

## ଶିଳ୍ପାଙ୍କ ଜିଲାପି ଭିଡିଓ ଭାଇରାଲ

**ମୁମ୍ବାଇ**



ବଲିଉଡ୍ ଅଭିନେତ୍ରୀ ଶିଳ୍ପା ସେଟ୍ଟୀ ଆଜିକାଲି ତାଙ୍କର ଅପ୍‌କମିଂ ଫିଲ୍ମ 'ହଙ୍ଗାମା ୨'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ସେ ମନାଲିରେ ଶୁଟିଂ ସହ ନିଜ ଫ୍ୟାନ୍‌ମାନଙ୍କ ପାଇଁ ଭିଡିଓ ଏବଂ ଫଟୋ ମଧ ଶେୟାର କରୁଛନ୍ତି। ଶିଳ୍ପା ଶୁଟିଂ ସେଟ୍‌ରେ ଗରମାଗରମ୍ ଜିଲାପି ଖାଉଥିବା ବେଳର ଏକ ଭିଡିଓ ଏବେ ନିଜର ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଶେୟାର କରିଛନ୍ତି। ଏହାର କ୍ୟାପ୍ସନରେ ସେ ଲେଖିଛନ୍ତି, ମୌସମ୍ ସୁପର କୋଲ୍ଡ, ଜଲେବି ସୁପର ହଟ୍ (ସ୍ୱାଦିଷ୍ଟ ଔର କୁର୍‌କୁରେ ଔର ଗରମାଗରମ୍)। ଭିଡିଓରେ ଶିଳ୍ପା ଏକ ମସ୍ତ ଶାଲ ଘୋଡ଼ିହୋଇଥିବା ଦେଖିବାକୁ ମିଳିଛି। ଏଥିରେ ସେ ଯେପରି ଭାବେ ଜିଲାପି ଖାଉଛନ୍ତି, ତାକୁ ଦେଖି ଏହା କହିବା ଆଦୌ ଭୁଲ୍ ହେବନାହିଁ ଯେ ଏହା ଥଣ୍ଡାରେ ଗରମର ଅନୁଭୂତି। ସୋସିଆଲ ମିଡିଆରେ ଭିଡିଓଟି ଖୁବ୍ ଭାଇରାଲ ହୋଇଛି। ୟୁଜର୍ସମାନେ ଏହି ପୋଷ୍ଟରେ ଅନେକ କମେଣ୍ଟ ଦେବାରେ ଲାଗିଛନ୍ତି।

## ମାତ୍ର ୨୬ ସେକେଣ୍ଡରେ ୧୦୦ଗ୍ରାମ୍ ପାସ୍ତା

**ନୂଆଦିଲ୍ଲୀ:** ରେକର୍ଡ କରିବା ପାଇଁ କିଏ କେତେ କ'ଣ କରନ୍ତି। କେହି କେହି ରାଗ ଲଙ୍କାକୁ ବେଶ୍ ଆରାମରେ ଖାଇବାକୁ ପଛାନ୍ତି ନାହିଁ ତ କିଏ ବିଭିନ୍ନ ପ୍ରକାର ଅଜବ ଖାଦ୍ୟ ବି ଖାଇଥାନ୍ତି। କିଛି ଲୋକଙ୍କର ଏଭଳି ଅଜବ କାର୍ଯ୍ୟକଳାପ ପଛରେ କେବଳ ଗୋଟିଏ ଇଚ୍ଛା ଥାଏ, ତାହା ହେଉଛି ରେକର୍ଡ କିରବାର ନିଶା। ଠିକ୍ ଏମିତି ଏକ ଭିନ୍ନ ରେକର୍ଡ କରିଛନ୍ତି ଆମେରିକାର ମାଇକେଲ୍ ଲେସ୍‌କୋ। ମାତ୍ର ୨୬ ସେକେଣ୍ଡରେ ସେ ୧୦୦ ଗ୍ରାମ୍ ପାସ୍ତା ଖାଇ ଗିନିଜ୍ ରେକର୍ଡ କରିପାରିଛନ୍ତି। ଆମେରିକା ଆରିଜୋନାର ମାଇକେଲ୍ ଲେସ୍‌କୋ ପାସ୍ତା ଖାଇବାରେ ଏବେ ଗିନିଜ୍ ୱାର୍ଲଡ ରେକର୍ଡ କରିଛନ୍ତି। ୧୦୦ଗ୍ରାମ୍ ପାସ୍ତାକୁ ସେ ଶସ୍ ସହିତ ଖାଇବା ପାଇଁ ନେଇଥିଲେ ମାତ୍ର ୨୬.୬୯ ସେକେଣ୍ଡ। ଏତେ କମ୍ ସମୟରେ ସେ ଅଧିକ ପରିମାଣର ପାସ୍ତା ଖାଇପାରିଥିବାରୁ ଗିନିଜ୍ ବୁକ୍ ଅଫ୍ ୱାର୍ଲଡ ରେକର୍ଡରେ ତାଙ୍କ ନାଁ ସାମିଲ କରିପାରିଛନ୍ତି। ରେକର୍ଡ କରିବା ପାଇଁ ସେ ଗିନିଜ୍ ବୁକ୍ ଅଧିକାରୀଙ୍କ ସାମ୍ନାରେ ୧୦୦ ଗ୍ରାମ୍ ପାସ୍ତାକୁ ଖୁବ୍‌ଶୀଘ୍ର ଖାଇବାକୁ ଚେଷ୍ଟା କରିଥିଲେ। ପାସ୍ତା ଉପରେ ଶସ୍ ପଡ଼ିଥିଲା, ଏବେ ତାଙ୍କୁ ସବୁତକ ଖାଇବା ପାଇଁ ମୋଟ ୨୬.୬୯ ସେକେଣ୍ଡ ଲାଗିଥିଲା। ତେଣୁ ଏହା ପୂର୍ବରୁ ରହିଥିବା ରେକର୍ଡକୁ ଭାଙ୍ଗି ସେ ଏବେ ନୂଆ ରେକର୍ଡର ଅଧିକାରୀ ହୋଇଛନ୍ତି। ଗିନିଜ୍ ରେକର୍ଡ କରିଥିବା ନେଇ ସେ ନିଜେ ତାଙ୍କ ଫେସ୍‌ବୁକ୍‌ରେ ଏକ ଭିଡିଓ ଶେୟାର କରିଥିଲେ। ଏହା ପୂର୍ବରୁ ପାସ୍ତା ଖାଇବାରେ କେଉଁ ବ୍ୟକ୍ତିଙ୍କ ନାଁରେ ରେକର୍ଡ ରହିଥିଲା ସେନେଇ ମଧ ସେ ତାଙ୍କ ଭିଡିଓରେ ସୂଚନା ଦେଇଛନ୍ତି। ତେବେ ଏତେ କମ୍ ସମୟରେ ସେ ଯେଉଁଭଳି ପାସ୍ତାକୁ ଶେଷ କରିଛନ୍ତି ତାହା ଦେଖିବା ପାଇଁ ଏବେ ସୋସିଆଲ ମିଡିଆରେ ଲୋକଙ୍କର ପ୍ରବଳ ଆଗ୍ରହ। ଫେସ୍‌ବୁକ୍‌ରେ ଶେୟାର କରିବା ପରେ ଏବେ ସୁଦ୍ଧା ତାଙ୍କର ଏହି ରେକର୍ଡ ଭିଡିଓକୁ ୫୫ ହଜାରରୁ ଅଧିକ ଲୋକ ଦେଖିସାରିଲେଣି। ଏହା ସହିତ ହଜାର ହଜାର ଲୋକଙ୍କ ସୁନ୍ଦର କମେଣ୍ଟ ବି ମିଳିପାରିଛି। ତେବେ ତାଙ୍କର ଏହି ରେକର୍ଡକୁ ଭାଙ୍ଗିବା ପାଇଁ ସେ ନିଜେ ପୁଣି ଥରେ ପ୍ରୟାସ କରିବେ ବୋଲି ଇଚ୍ଛା ରଖିଛନ୍ତି।



## ପକ୍ଷୀଘର

**ଯୋଧପୁର:** ଚଢ଼େଇଙ୍କ ପାଇଁ ତିନି ମହଲାର ସ୍ୱତନ୍ତ୍ର ଘର। ଖାଲି ସେତିକି ନୁହେଁ ଚାରିପାଖରେ ପ୍ରାକୃତିକ ପରିବେଶର ସୁବିଧା ଆଉ ପ୍ରତିଦିନ ସେମାନଙ୍କୁ ଖାଇବା ପାଇଁ ଦାନା ବି ଦିଆଯାଉଛି। ଚଢ଼େଇଙ୍କ ପାଇଁ ଏଭଳି ସ୍ୱତନ୍ତ୍ର ସୁବିଧା ଯୋଗାଇ ଦେଇଛନ୍ତି ଦୁଇଜଣ ସମାଜସେବୀ କିଶନଲାଲ୍ ଏବଂ ମାଙ୍ଗିଲାଲ୍।

ରାଜସ୍ଥାନ ଯୋଧପୁରର ବାଡମେର୍ ଅଞ୍ଚଳରେ ରହୁଥିବା ସାମାଜିକକର୍ମୀ କିଶନଲାଲ୍ ଏବଂ ମାଙ୍ଗିଲାଲ୍‌ଙ୍କର ପକ୍ଷୀମାନଙ୍କ ପ୍ରତି ରହିଛି ସ୍ୱତନ୍ତ୍ର ଭଲପାଇବା। ସେଥିପାଇଁ ସେମାନେ ପକ୍ଷୀଙ୍କ ଲାଗି ତିନି ମହଲାର ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିଛନ୍ତି। ଏହା ସହିତ ପ୍ରତିଦିନ ସେମାନଙ୍କୁ ଖାଇବା ପାଇଁ ଦାନା ବି ଦେଉଛନ୍ତି। ପକ୍ଷୀଙ୍କ ନିମନ୍ତେ ସ୍ୱତନ୍ତ୍ର ସୁବିଧା ଯୋଗାଇ ଦେଇଥିବାରୁ ଏବେ ସେଠାରେ ୫ ହଜାରରୁ ବି ଅଧିକ ପକ୍ଷୀଙ୍କ ସମାଗମ ହେଉଛି। ଏତେ ସଂଖ୍ୟାରେ ପକ୍ଷୀଙ୍କ ପାଇଁ ଏବେ ସେମାନେ ବିଭିନ୍ନ ସ୍ଥାନରୁ ଚାନ୍ଦା ଆଦାୟ କରି ସେମାନଙ୍କ ଖର୍ଚ୍ଚ ତୁଲାଉଛନ୍ତି। ୨୦୦୯ ମସିହାରୁ ସେମାନେ ପକ୍ଷୀଙ୍କ ନିମନ୍ତେ ଏହି ବ୍ୟବସ୍ଥା କରି ଆସୁଛନ୍ତି। ପ୍ରତିଦିନ ଦିନକୁ ଦେଢ କୁଇଣ୍ଟାଲର ଧାନ ପକ୍ଷୀଙ୍କ ଖାଇବା ନିମନ୍ତେ ଦେଉଛନ୍ତି। ତେଣୁ ୫ହଜାର ପକ୍ଷୀଙ୍କ ନିମନ୍ତେ ବର୍ଷକୁ ଖର୍ଚ୍ଚ ହେଉଛି ପ୍ରାୟ ୧୦ ଲକ୍ଷ ଟଙ୍କା। ତେବେ ପକ୍ଷୀଙ୍କ ସୁବିଧା ନିମନ୍ତେ ଋତୁ ଅନୁସାରେ ଏଠାରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଏ। ଏହା ବ୍ୟତୀତ ପକ୍ଷୀଙ୍କ ପ୍ରଜନନ ନିମନ୍ତେ ୩୫୦ଟି ସ୍ୱତନ୍ତ୍ର ବସା ବି ତିଆରି କରାଯାଇଛି। ଏବେ ଏଠାରେ ଏତେ ସଂଖ୍ୟାରେ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କୁ ଦେଖିବାକୁ ଆଖପାଖ ଅଞ୍ଚଳରୁ ବହୁସଂଖ୍ୟାରେ ଲୋକ ଆସୁଛନ୍ତି। ତେଣୁ ଏହା ଏକ ପର୍ଯ୍ୟଟନ ସ୍ଥାନ ଭଳି ଲୋକଙ୍କୁ ଆକୃଷ୍ଟ କରିପାରୁଛି। ତେବେ ପକ୍ଷୀଙ୍କ ପାଇଁ ଭବିଷ୍ୟତରେ ଅନ୍ୟ ସୁବିଧା ନିମନ୍ତେ ବି ଏହି ସାମାଜିକକର୍ମୀ ଲକ୍ଷ୍ୟ ରଖିଛନ୍ତି। ଅଧିକ ଅର୍ଥ ଯୋଗାଡ଼ ହେଲେ ସେମାନେ ଏକ ଆଲିଶାନ୍ ପିଜନ୍ ହାଉସ୍ ଓ ଏକ ପୁଷ୍ପବାଟିକା ତିଆରି କରିବା ନିମନ୍ତେ ଯୋଜନା ରଖିଛନ୍ତି।



**୫ଜି ସ୍ମାର୍ଟଫୋନ ଆଣିବାକୁ ଜିଓର ଯୋଜନା**

୫ଜି ସ୍ମାର୍ଟଫୋନ ଆଣିବାକୁ ଜିଓ ଯୋଜନା ରଖିଛି। ଏହି ସ୍ମାର୍ଟଫୋନଗୁଡିକର ମୂଲ୍ୟ ୫ ହଜାର ଟଙ୍କାରୁ କମ୍ ରହିବ ବୋଲି କମ୍ପାନୀର ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ୨ଜି ବର୍ଗରେ ବର୍ତ୍ତମାନ ୨୦ରୁ ୩୦ କୋଟି ଫୋନ ୟୁଜର ରହିଛନ୍ତି। ଏହି ୟୁଜରଙ୍କ ନିକଟରେ ପହଞ୍ଚିବାକୁ ଜିଓ ଯୋଜନା ରଖିଛି। ଏ ନେଇ କମ୍ପାନୀର ଉତ୍ତର ଲୋଡା ଯାଇଥିଲେ ମଧ୍ୟ ମିଳି ପାରିନାହିଁ।

## ସଂକ୍ଷେପରେ

### ଟିୟର-୩ ସହରରେ ଇ-କମର୍ସକୁ ଉନ୍ନତ ରେସପନ୍ସ

**ନୂଆଦିଲ୍ଲୀ,୧୮।୧୦:** ବଡ ବଡ ସହରରେ ଇ-କମର୍ସକୁ ଲୋକମାନେ ବେଶି ଗୁରୁତ୍ୱ ଦେଉଥିବା ପୂର୍ବରୁ ଦେଖାଯାଉଥିଲା। ଏହି ଟ୍ରେଣ୍ଡରେ ବର୍ତ୍ତମାନ ଦ୍ରୁତ ଭାବେ ପରିବର୍ତ୍ତନ ହେଉଛି। ଟିୟର ୩ ସହରଗୁଡିକରେ ଇ-କମର୍ସକୁ ଜୋରଦାର ରେସପନ୍ସ ମିଳୁଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ଫ୍ଲିପକାର୍ଟ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ, ଡିଜିଟାଇଜେଶନ ଗ୍ରହଣ ଧାରା ବଢିବାରୁ ଏଭଳି ଧାରା ସାମ୍ନାକୁ ଆସିଛି। ବିଭିନ୍ନ ବର୍ଗରେ ଟିୟର ୩ ସହରଗୁଡିକରୁ ୫୦% ନୂଆ ଗ୍ରାହକ ଆସିଥିବା ଜଣାପଡିଛି। ହୋମ୍ ସାମଗ୍ରୀ ବର୍ଗରେ ନୂତନ ଗ୍ରାହକଙ୍କ କ୍ଷେତ୍ରରେ ୫୩% ବୃଦ୍ଧି ଦେଖାଯାଇଥିବା ବେଳେ ବଡ ଆପ୍ଲାଏନ୍ସ ଏବଂ ବିୟୁଟି ପ୍ରଡକ୍ଟ ଏବଂ ଜେନେରାଲ ମର୍ଚ୍ଚାଣ୍ଡାଇଜ କ୍ଷେତ୍ରରେ ନୂଆ ଗ୍ରାହକଙ୍କ ସଂଖ୍ୟା ପ୍ରାୟ ୫୦% ବୃଦ୍ଧି ହୋଇଛି। ଏମ୍ଏସ୍ଏମ୍ଇ ପାର୍ବଣ ଋତୁରେ ଟିୟର ୨ ଏବଂ ବାହାରର ସେଲରଙ୍କ ସହ ପୁଣି ଥରେ ବିକାଶ ପଥକୁ ଫେରିଛନ୍ତି। ସ୍ଥାନୀୟ ଏମ୍ଏସ୍ଏମ୍ଇ ଦେଶବ୍ୟାପୀ ୨୫ ହଜାରରୁ ଊର୍ଦ୍ଧ୍ୱ ପିନ୍ କୋଡରୁ ଚାହିଦା ଆସୁଥିବା ନଜରକୁ ଆସିଥିବା ରିପୋର୍ଟରେ କୁହାଯାଇଛି।

### ଯାତ୍ରୀବାହୀ ଯାନ ରପ୍ତାନି ୫୮% କମିଲା

**ନୂଆଦିଲ୍ଲୀ,୧୮।୧୦:** ଚଳିତ ଆର୍ଥିକ ବର୍ଷ ଏପ୍ରିଲ-ସେପ୍ଟେମ୍ବର ଅବଧିରେ ଦେଶ ମଧ୍ୟରୁ ଯାତ୍ରୀବାହି ଯାନ ରପ୍ତାନି ୫୭.୫୨% ହ୍ରାସ ଘଟିଛି। କୋଭିଡ୍-୧୯ ଯୋଗୁ ବିଶ୍ୱ ବଜାରରେ ଏଭଳି ସମସ୍ୟା ଦେଖାଯାଇଛି। ସୋସାଇଟି ଅଫ୍ ଇଣ୍ଡିଆନ ଅଟୋମୋବାଇଲ ମାନୁଫାକଚର୍ସ(ସିଆମ) ପକ୍ଷରୁ ପ୍ରଦାନ କରାଯାଇଥିବା ଡାଟା ମୁତାବକ ୨୦୨୦-୨୧ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ଯାତ୍ରୀବାହି ଯାନ ରପ୍ତାନି ୧.୫୫ ଲକ୍ଷ ୟୁନିଟ ରହିଛି। ଏହା ଗତ ଆର୍ଥିକ ବର୍ଷ ସମାନ ସମୟ ଅବଧିରେ ୩.୬୫ ଲକ୍ଷ ୟୁନିଟ ରହିଥିଲା। କରୋନା ଯୋଗୁ ବଜାର ବର୍ତ୍ତମାନ ପ୍ରଭାବିତ ହୋଇଛି। ଦେଶ ମଧ୍ୟରେ ମୋଟ ଯାନ ବିକ୍ରି ବର୍ତ୍ତମାନ ପ୍ରଭାବିତ ହୋଇ ରହିଥିବା ବେଳେ ଏଥିରେ ଧୀରେ ଧୀରେ ପରିର୍ତ୍ତନ ଆସୁଛି। ପାର୍ବଣରେ ଯାନ ବିକ୍ରି ଉନ୍ନତ ହେବା ନେଇ କମ୍ପାନରଗୁଡିକ ଆଶାବାଦି ରହିଛନ୍ତି।

# ଋଣ ଅଭିବୃଦ୍ଧିରେ ଏନ୍‌ପିଏ ବାଧକ

ନୂଆଦିଲ୍ଲୀ,୧୮।୧୦




ବ୍ୟାଙ୍କଗୁଡିକରେ ଋଣ ଯୋଗାଣ ଧାରା ଉନ୍ନତ କରିବା ଏବଂ ଋଣ ଅଭିବୃଦ୍ଧି କ୍ଷେତ୍ରରେ ଅନାଦାୟ ଋଣ (ଏନ୍‌ପିଏ) ବାଧକ ସାଜୁଛି। ବ୍ୟାଙ୍କଗୁଡିକରେ ବୃହତ୍ତ ପରିମାଣର ଏନ୍‌ପିଏ ରହିବା ଯୋଗୁ ଚାପ ସୃଷ୍ଟି କରୁଛି। ଫଳରେ ରିଜର୍ଭ ବ୍ୟାଙ୍କ ରେପୋ ବା ସୁଧହାର ହ୍ରାସ କଲେ ମଧ୍ୟ ବ୍ୟାଙ୍କଗୁଡିକ ସେହି ତୁଳନାରେ ଗ୍ରାହକଙ୍କ ଉପରେ ଲାଗୁ କରୁଥିବା ସୁଧକୁ କମ୍ କରିବା ଦେଖାଯାଉନାହିଁ। ରିଜର୍ଭ ବ୍ୟାଙ୍କ ଷ୍ଟାଫ୍ ମେମ୍ବରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ଏକ ୱର୍କିଂ ପେପରରେ ଏଭଳି ତଥ୍ୟ ସାମ୍ନାକୁ ଆସିଛି।

ବ୍ୟାଙ୍କ କ୍ୟାପିଟାଲ ଆଣ୍ଡ ମନିଟାରି ପଲିସି ଟ୍ରାନ୍ସମିଶନ ଇନ୍ ଇଣ୍ଡିଆ ନାମକ ପେପରରେ କୁହାଯାଇଛି ଯେ, ଭାରତ ବ୍ୟାଙ୍କ କ୍ୟାପିଟାଲ ରେଗୁଲେଶନ ଆଣିବାର ଆବଶ୍ୟକତା ରହିଛି। ବ୍ୟାଙ୍କର ପୁଞ୍ଜି ଏବଂ ଋଣ ଯୋଗାଣ ମଧ୍ୟରେ ଏକ ସକରାତ୍ମକ ସମନ୍ୱୟ ରହିଥିବା ରିପୋର୍ଟରେ ପ୍ରକାଶ ପାଇଛି। ବ୍ୟାଙ୍କର ପୁଞ୍ଜିକୁ ସୁରକ୍ଷା ଦେବା ଲାଗି ପ୍ରସ୍ତୁତିରେ ମଧ୍ୟ ଆବଶ୍ୟକତା ରହିଛି। ଏ ଦିଗରେ ଏକ ପାଣ୍ଠି ମଧ୍ୟ ଆସିବା ଉପରେ ରିପୋର୍ଟରେ ଗୁରୁତ୍ୱାରୋପ କରାଯାଇଛି। ବଜାରର ଆର୍ଥିକ ସ୍ଥିତି ଭଲ ନ ରହିବା ଏବଂ ମାନ୍ଦାବସ୍ଥା ଭଳି ସମୟରେ ଏହା ବ୍ୟାଙ୍କର ପୁଞ୍ଜିକୁ ସୁରକ୍ଷା ଦେବାରେ ସହାୟକ ହେବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସେହିଭଳି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକୁ ସରକାର ଋଣ ଯୋଗାଣ କରିବା ଦ୍ୱାରା ଋଣ ଯୋଗାଣକୁ ତ୍ୱରାନ୍ୱିତ କରାଯାଇପାରିବ ବୋଲି କୁହାଯାଇଛି।

ରିୟଲ ଇଷ୍ଟେଟ ସମେତ ଅନ୍ୟ କ୍ଷେତ୍ରକୁ ଋଣ ଯୋଗାଣ ଉପରେ ଏଠାରେ ପ୍ରକାଶ ପାଇଛି। ସୂଚନା ଯୋଗ୍ୟ, ଘରୋଇ ବଜାରର ବ୍ୟାଙ୍କଗୁଡିକରେ ଅନାଦାୟ ଋଣ ସମସ୍ୟା ଲାଗି ରହିଛି। ଗତ ୨ ବର୍ଷ ଭାରତ ବଜାର ମାନ୍ଦାବସ୍ଥା ଦେଇ ଗତି କରୁଥିବା ବେଳେ ବଜାର ସାମ୍ନାରେ କରୋନା ମହାମାରୀ ପୁଣି ଥରେ ଏକ ସମସ୍ୟା ହୋଇ ଉଭା ହୋଇଛି। କରୋନା ଯୋଗୁ କାରବାର ପ୍ରଭାବିତ ହୋଇଥିବା ବେଳେ ଏନ୍‌ପିଏ ମଧ୍ୟ ବଢୁଛି। ଏହାକୁ ଧ୍ୟାନରେ ରଖି ବ୍ୟାଙ୍କଗୁଡିକ ସୁଧ ହାର ଉପରେ ଅନେକ ସତର୍କତା ଅବଲମ୍ବନ କରୁଛନ୍ତି। ଫଳରେ ରିଜର୍ଭ ବ୍ୟାଙ୍କ ରେପୋ କମାଇଲେ ମଧ୍ୟ ଏହାର ପ୍ରକୃତ ଲାଭ ଗ୍ରାହକ ପାଇ ପାରୁନାହାନ୍ତି ବୋଲି ବଜାର ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି।

# ଟାଟା ମୋଟର୍ସର ଆକର୍ଷଣୀୟ ଅଫର

ନୂଆଦିଲ୍ଲୀ,୧୮।୧୦




ଟାଟା ମୋଟର୍ସ ପକ୍ଷରୁ ଆକର୍ଷଣୀୟ ଫାଇନାନ୍ସିଂ ବିକଳ୍ପ ଘୋଷଣା କରାଯାଇଛି। ପାର୍ବଣ ଉପଲକ୍ଷେ ଗ୍ରାହକଙ୍କୁ ସୁବିଧା ଯୋଗାଣ ଅନ୍ତର୍ଗତ ଏହି ସୁବିଧା ପ୍ରଦାନ କରାଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହି ଅବସରରେ ଗ୍ରାହକ ଟାଟାର ବଛା ବଛା ମଡେଲ ଉପରେ ୭୦ ହଜାର ଟଙ୍କା ପର୍ଯ୍ୟନ୍ତ ଲାଭ, ଷ୍ଟେପ୍ ଅପ୍ ଯୋଜନା ଅନ୍ତର୍ଗତ ପ୍ରତି ମାସ ୧ ଲକ୍ଷ ପିଛା ସର୍ବନିମ୍ନ ୭୫୦ ଟଙ୍କାରୁ ଇଏମ୍ଆଇ ଆରମ୍ଭର ବିକଳ୍ପ, ରୋଡ୍ ଫାଇନାନ୍ସିଂ ଉପରେ ୧୦୦% ପର୍ଯ୍ୟନ୍ତ ଭଳି ଅନ୍ୟ ଅଫର ଲାଭ କରିପାରିବେ। ଗ୍ରାହକଙ୍କୁ ଅଫର ସହ ସୁରକ୍ଷିତ ରେଞ୍ଜର ଯାନ ଯୋଗାଣ ଦିଗରେ କାର୍ଯ୍ୟକ୍ରମ ଜାରି ରହିଥିବା କମ୍ପାନୀ କହିଛି। ଫଳରେ ବିଭିନ୍ନ ମଡେଲ ଯାନ ଉପରେ ସହଜ ଫାଇନାନ୍ସିଂ ବିକଳ୍ପ, ସୁଲଭ ଇଏମ୍ଆଇ ଏବଂ ଦୀର୍ଘ ଅବଧି ଲୋନ ବର୍ତ୍ତମାନ ଆହୁରି ପହଞ୍ଚଯୋଗ୍ୟ ହେବ। ଏହି ଅଫର ଚଳିତ ମାସ ୩୧ ପର୍ଯ୍ୟନ୍ତ ଉପଲବ୍ଧ ହେବ। ହ୍ୟାଚ୍ ବ୍ୟାକ୍‌ରୁ ଆରମ୍ଭ କରି ଫୁଲ ସାଇଜ ଏସ୍‌ୟୁଭି ପର୍ଯ୍ୟନ୍ତ ବ୍ୟାପକ ରେଞ୍ଜର ଯାନ ଉପରେ ଅଫର ଉପଲବ୍ଧ ହେବ ବୋଲି କମ୍ପାନୀର ପାସେଞ୍ଜର ଭେଇକିଲ ବିଜ୍‌ନେସ ୟୁନିଟ ପୂର୍ବାଞ୍ଚଳ ଜୋନ ମ୍ୟାନେଜର ରିତେଶ ବାସିତ ସୂଚନା ଦେଇଛନ୍ତି।

# ଜିନ୍ଦେଗୀ ଫାଉଣ୍ଡେଶନ ଛାତ୍ରୀଛାତ୍ରଙ୍କ ସଫଳତା




ଭୁବନେଶ୍ୱର,୧୮।୧୦

ଏନ୍ଇଇଟି- ୨୦୨୦ ପରୀକ୍ଷାରେ ଜିନ୍ଦେଗୀ ଫାଉଣ୍ଡେଶନର ଛାତ୍ରୀଛାତ୍ର ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଫାଉଣ୍ଡେଶନର ୧୯ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ସମସ୍ତ ୧୯ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। କରୋନା ମହାମାରୀ ଏବଂ ଦାରିଦ୍ର୍ୟ ଏମାନଙ୍କର ଇଚ୍ଛାଶକ୍ତିକୁ ଦୁର୍ବଳ କରିପାରିନାହିଁ। ଫଳରେ ସେମାନଙ୍କର ଡାକ୍ତର ହେବାର ସ୍ୱପ୍ନ ସାକାର ହୋଇପାରିଛି ବୋଲି ଫାଉଣ୍ଡେସନ ପକ୍ଷରୁ ସୂଚନା ରହିଛି। ସଫଳ ଛାତ୍ରୀଛାତ୍ରଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ଏନ୍ଇଇଟି ୨୦୧୮ରେ ଅନୁଷ୍ଠାନର ୨୦ରୁ ୧୮ ଜଣ, ୨୦୧୯ରେ ୧୪ ଜଣରୁ ୧୪ ଜଣ ଛାତ୍ରୀଛାତ୍ର ସଫଳ ହୋଇଥିଲେ। ଜିନ୍ଦେଗୀ ଫାଉଣ୍ଡେସନର ପ୍ରତିଷ୍ଠାତା ଅଜୟ ବାହାଦୂର ସିଂହ ୨୦୦୫ ମସିହାରେ ଭୁବେନଶ୍ୱରରେ ଜଣେ ଶିକ୍ଷାବିତ ଭାବରେ ତାଙ୍କର କାର୍ଯ୍ୟ ଆରମ୍ଭ କରିଥିଲେ। ୨୦୧୭ ମସିହାରେ ସେ ଜିନ୍ଦେଗୀ ଫାଉଣ୍ଡେଶନର ପ୍ରତିଷ୍ଠା କରିଥିଲେ। ଜିନ୍ଦେଗୀ ଫାଉଣ୍ଡେଶନରେ ମେଧାବୀ ଓ ଅସହାୟ ପିଲାଙ୍କୁ ଆବଶ୍ୟକ ସହଯୋଗ ଓ ସହାୟତା ପ୍ରଦାନ କରାଯାଏ ବୋଲି ସିଂହ ଏଠାରେ ଏକ କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି। ଏହି ଫାଉଣ୍ଡେଶନର ଛାତ୍ରୀ କ୍ଷିରୋଦିନୀ ସାହୁ ଏନ୍ଇଇଟିରେ ୭୨୦ ରୁ ୬୫୭ ନମ୍ବର, ସତ୍ୟଜିତ ସାହୁ ୬୧୯, ଶୁଭେନ୍ଦୁ ପରିଡା ୬୦୯, ଦେବାଶିଷ ବିଶ୍ୱାଳ ୬୦୬, ମୃତ୍ୟୁଞ୍ଜୟ ତ୍ରିପାଠୀ ୬୦୪, ନିବେଦିତା ପଣ୍ଡା ୫୯୧, ବୃତ୍ତିସୁନ୍ଦର ବେହେରା ୫୯୧, ଶୁଭଲକ୍ଷ୍ମୀ ସାହୁ ୫୯୦ ଏହିପରି ଭାବରେ ସମସ୍ତ ୧୯ ଜଣ ଛାତ୍ର ୨୦୨୦ ଏନ୍ଇଇଟି ପରୀକ୍ଷାରେ ସଫଳତା ପାଇଥିବା ଜଣାପଡିଛି।

# ହ୍ୱାଟ୍ସ ଆପ୍‌ରେ ଆଇଡିବିଆଇର ବ୍ୟାଙ୍କ ସେବା

ନୂଆଦିଲ୍ଲୀ,୧୮।୧୦

ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ଗ୍ରାହକଙ୍କ ଲାଗି ହ୍ୱାଟସ୍ ଆପ୍‌ରେ ବ୍ୟାଙ୍କିଂ ସେବା ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଗ୍ରାହକ ଯେକୌଣସି ସ୍ଥାନରେ ମଧ୍ୟ ଏହି ସେବାକୁ ଲାଭ କରିପାରିବେ। ଭେରିଫାଏଡ ହ୍ୱାଟସ୍ ଆପ୍ ନମ୍ବର ଜରିଆରେ ଏହି ସେବା ଉପଲବ୍ଧ ହେଉଥିବା ବେଳେ ଏଥିରେ ଏଣ୍ଡ ଟୁ ଏଣ୍ଡ ସବସ୍କ୍ରିପଶନ ସୁବିଧା ମଧ୍ୟ କରାଯାଇଛି। ଏହି ସେବା ଜରିଆରେ ଗ୍ରାହକ ସେମାନଙ୍କ ଆକାଉଣ୍ଟ ବାଲାନ୍ସ, ଶେଷ ୫ ଟ୍ରାଞ୍ଜାକଶନ, ଚେକ୍ ବୁକ୍ ଆବେଦନ କରିବା, ଇମେଲ ଷ୍ଟେଟ ମେଣ୍ଟ ପାଇବା, ସୁଧ ହାର ସମେତ ଆଇଡିବିଆଇ ବ୍ୟାଙ୍କର ନିକଟତମ ଶାଖା ଏବଂ ଏଟିଏମ୍ ସମ୍ପର୍କରେ ସୂଚନା ଲାଭ କରିପାରିବେ। ଗ୍ରାହକଙ୍କୁ ଏକ ଉନ୍ନତ ବ୍ୟାଙ୍କିଙ୍ଗ ସେବା ଯୋଗାଣ କରିବା ଲାଗି ଏଭଳି ଏକ ସୁବିଧା ଘୋଷଣା କରାଯାଇଥିବା ବ୍ୟାଙ୍କର ସିଇଓ ରାକେଶ ଶର୍ମା ସୂଚନା ଦେଇଛନ୍ତି।

# ଟୟୋଟା ପକ୍ଷରୁ ପାର୍ବଣ ଅଫର

ନୂଆଦିଲ୍ଲୀ,୧୮।୧୦

ଟୟୋଟା କିର୍ଲୋସ୍କାର ମୋଟର୍ସ ପକ୍ଷରୁ ବେତନଭୋଗୀ କର୍ମଚାରୀଙ୍କ ଲାଗି ସ୍ୱତନ୍ତ୍ର ଅଫର ଘୋଷଣା କରାଯାଇଛି। ସରକାରଙ୍କ ପକ୍ଷରୁ ଲିଭ୍ ଟ୍ରାଭେଲ ସ୍କିମ ଅନ୍ତର୍ଗତ କ୍ୟାଶ ପ୍ୟାକେଜ ଘୋଷଣା ଅଫର କରାଯିବା ପରେ କମ୍ପାନୀ ଏଭଳି ପଦକ୍ଷେପ ହାତକୁ ନେଇଛି। କମ୍ପାନୀ ପକ୍ଷରୁ ଗ୍ରାହକଙ୍କ ଲାଗି ଆକର୍ଷଣୀୟ ଫାଇନାନ୍ସ ସୁବିଧା ଯୋଗାଇ ଦିଆଯିବ। ଟୟୋଟା ପକ୍ଷରୁ ୩ ମାସରେ ଇଏମ୍ଆଇ ହଲିଡେ ମଧ୍ୟ ଯୋଗାଇ ଦିଆଯାଉଛି। ସରକାର କର୍ମଚାରୀଙ୍କୁ ୧୦ ହଜାର ଟଙ୍କା ଅଗ୍ରୀମ ରାଶି ପ୍ରଦାନ କରିବେ ବୋଲି କହିଛନ୍ତି। ଏହାକୁ ଗ୍ରାହକ ଟୟୋଟା ବୁକିଂ କ୍ଷେତ୍ରରେ ବ୍ୟବହାର କରିପାରିବେ। ଏ ସମସ୍ତ ଯୋଜନା ନୂଆ ଅର୍ବାନ କ୍ରୁଏଜର, ଟୟୋଟା ଗ୍ଲାଞ୍ଜା, ଟୟୋଟା ୟାରିସ ଭଳି ମଡେଲ ଉପରେ ଉପଲବ୍ଧ ହେବ। ଫାଇନାନ୍ସ ସହ କମ୍ ସୁଧ ହାରରେ ସହଜ ଇଏମ୍ଆଇ ସୁବିଧା ଗ୍ରାହକ ଲାଭ କରିପାରିବେ। ନୂଆ ଯୋଜନା ଦ୍ୱାରା ଅଧିକ ଗ୍ରାହକ ଟୟୋଟା ପରିବାରର ସଦସ୍ୟ ହୋଇ ପାରିବେ ବୋଲି କମ୍ପାନୀର ବରିଷ୍ଠ ଉପସଭାପତି ନବୀନ ସୋନି ସୂଚନା ଦେଇଛନ୍ତି।

# ଏସ୍‌ବିଆଇର ଦାନ ଉତ୍ସବ

ନୂଆଦିଲ୍ଲୀ,୧୮।୧୦




ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ପକ୍ଷରୁ ଏହାର ମୁମ୍ବାଇସ୍ଥିତ କର୍ପୋରେଟ ସେଣ୍ଟରରେ ଜୟ ଅଫ୍ ଗିଭିଂ ଦାନ ଉତ୍ସବ ପାଳିତ ହୋଇଯାଇଛି। ଏସ୍‌ବିଆଇର ଅଧିକାରୀ ଏବଂ କର୍ମଚାରୀମାନେ ଆଗେଇ ଆସି ମୁମ୍ବାଇର ଏକ ଏନ୍‌ଜିଓକୁ ଗ୍ରସେରି, ଖାଦ୍ୟ ସାମଗ୍ରୀ, ଷ୍ଟେଶନେରି, ପର୍ସନାଲ କେୟାର ଉତ୍ପାଦ, ପୋଷାକ ଏବଂ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ଦାନ କରିଛନ୍ତି। ଅତ୍ୟାବଶ୍ୟକ ସାମଗ୍ରୀ ଭର୍ତ୍ତି ଟ୍ରକକୁ ଏସ୍‌ବିଆଇ ଅଧ୍ୟକ୍ଷ ଦିନେଶ ଖାରା, ଏମ୍‌ଡି ଅରିଜିତ ବସୁ ଏବଂ ଏମ୍‌ଡି ସିଏସ୍ ସେଟ୍ଟୀ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ କମ୍ପାନୀର ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟଗୁଡିକରେ ମଧ୍ୟ ଆୟୋଜନ କରାଯାଉଛି।

## ରାଜ୍ୟ ଖବର

# କାଠ ସଂଗ୍ରହ ଆଳରେ କଟାଯାଉଛି ଚନ୍ଦନ ଗଛ

ପଟ୍ଟାଙ୍ଗି,୧୮।୧୦(ଡି.ଏନ.ଏ.)

**ଚନ୍ଦନବୃକ୍ଷ ଶୂନ୍ୟ ହୋଇଯାଉଛି ୩ ଡଙ୍ଗର**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ ମାଳିପୁଟ ପଞ୍ଚାୟତରେ ଥିବା କ୍ଷୀରାଖୋଲା ଗ୍ରାମ ନିକଟରେ ଥିବା ତିନି ଜଙ୍ଗଲରୁ ଲୋପ ପାଇବାକୁ ବସିଲାଣି ଚନ୍ଦନ ଗଛ। ଉକ୍ତ ଗ୍ରାମ ମାଳିପୁଟ ପଞ୍ଚାୟତର ୪ ନଂ ୱାର୍ଡରେ ରହିଛି। ଗ୍ରାମର ବନ ସୁରକ୍ଷା ସମିତି ଅଧୀନରେ ପଣଷଡଙ୍ଗର, ଝାଙ୍ଗର ଖୋଲା ଏବଂ କାଉଡି ଡଙ୍ଗର ରହିଛି। ଏହି ଡଙ୍ଗରଗୁଡିକରେ ବିଭିନ୍ନ ଔଷଧୀୟ ଗଛଠାରୁ ଆରମ୍ଭ କରି ଚନ୍ଦନ ଗଛ ଭରି ରହିଛି। ଏସବୁ ସୁରକ୍ଷା ନେଇ ଜଙ୍ଗଲ ବିଭାଗ ବନ ସୁରକ୍ଷା ସମିତି କମିଟି ଗଠନ କରି ସ୍ଥାନୀୟ ଲୋକଙ୍କୁ ଦାୟିତ୍ୱ ଦେଇଛି। ତେବେ ପ୍ରତିବର୍ଷ ଏହି ସମୟରେ ପଡୋଶୀ ଶୁଣ୍ଡିଦୁଷୁରା ଗ୍ରାମର କେତେକ ବ୍ୟକ୍ତି ଜାଳେଣି କାଠ ସଂଗ୍ରହ ବାହାନାରେ ଉପରୋକ୍ତ ତିନି ଡଙ୍ଗରରେ ପଶି ଜାଳେଣି କାଠ ସଂଗ୍ରହ କରିବା ସହ ଚନ୍ଦନ ଗଛ କାଟି ନେଉଥିବା କ୍ଷୀରଖୋଲା ଗ୍ରାମର ମୁଖିଆ ମୁଣ୍ଡାଗାଡିଆ ଆନାରାପୁଣ୍ୟ, ବାରିକ ଭାଲୁ ଧନିଆ, ୱାର୍ଡସଭ୍ୟ ଜୟରାମ ମୁଣ୍ଡାଗାଡିଆ, ଜୟକୃଷ୍ଣ ଗଲୋରି ପ୍ରମୁଖ ଅଭିଯୋଗ କରିଛନ୍ତି। ଏନେଇ ଅନେକ ସମୟରେ ଶୁଣ୍ଡିଦୁଷୁରା ଗ୍ରାମବାସୀଙ୍କ ସହ ସେମାନଙ୍କର ବଚସା ହେବା ସହ ବନ ସୁରକ୍ଷା ସମିତି କମିଟି ପକ୍ଷରୁ ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ମାତ୍ର ଏହାର ପ୍ରଭାବ ଶୁଣ୍ଡିଦୁଷୁରା ଗ୍ରାମବାସୀଙ୍କ ଉପରେ କିଛି ପଡିନାହିଁ ବୋଲି କ୍ଷୀରଖୋଲା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବନ ବିଭାଗକୁ ଅନେକ ଥର ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଗତ ୧୫ରେ ଶୁଣ୍ଡିଦୁଷୁରା ଗ୍ରାମବାସୀ ଡଙ୍ଗରରୁ ଜାଳେଣି କାଠ ସହ ଚନ୍ଦନ କାଠ କାଟି ନେଉଥିବା ବେଳେ କ୍ଷୀରଖୋଲା ଗ୍ରାମବାସୀ ସେମାନଙ୍କଠାରୁ କାଠଗୁଡିକ ଛଡାଇ ନେଇଛନ୍ତି। ଏହାକୁ ନେଇ ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ତିକ୍ତତା ବୃଦ୍ଧି ପାଉଛି। ହୁଏତ କିଛି ବଡ ଧରଣର ଘଟଣା ଘଟିବା ପୂର୍ବରୁ ବନ ବିଭାଗ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମତ ପ୍ରକାଶ ପାଉଛି। ଏ ନେଇ ଫରେଷ୍ଟର ଗାର୍ଡ ପ୍ରକାଶ କୁମାର ରଥଙ୍କୁ ପଚାରିବାରୁ ସେ କହିଲେ ଯେ, କ୍ଷୀରଖୋଲା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆମେ ଘଟଣା ସମ୍ପର୍କରେ ଅବଗତ ଅଛୁ। ବର୍ତ୍ତମାନ ଏହାର ତଦନ୍ତ ଆରମ୍ଭ ହୋଇଛି। ଏ ସମ୍ପର୍କରେ କୋରାପୁଟ ଡିଏଫଓ ରିଙ୍ଗୁ କୁମାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେ ଯେ, ଏ ବିଷୟରେ ଗ୍ରାମବାସୀ ରେଞ୍ଜରଙ୍କୁ ଲିଖିତ ଅଭିଯୋଗ କରନ୍ତୁ। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।


ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ କରିବାକୁ ଆସିଥିବା ଗ୍ରାମବାସୀ।

# ଉପକାରାଗାରରେ ଅନ୍‌ଲାଇନ ସାକ୍ଷାତ ବ୍ୟବସ୍ଥା

ଜୟପୁର,୧୮।୧୦(ଡି.ଏନ.ଏ)

କୋରାପୁଟ ଜିଲା ଜୟପୁର ଉପକାରାଗାରରେ ଅନଲାଇନ ମାଧ୍ୟମରେ ଅନ୍ତେବାସୀ ପରିବାର ଲୋକଙ୍କ ସହ ସାକ୍ଷାତ ବ୍ୟବସ୍ଥା କରାଯାଇଛି। କରୋନା ଯୋଗୁ ବସ ଚଳାଚଳରେ ସମସ୍ୟା ଲାଗି ରହିଥିବା ଏବଂ ବୃଦ୍ଧ, ରୋଗଗ୍ରସ୍ତ ମା'ବାପା ଦେଖିବାକୁ ଆସିପାରୁ ନ ଥିବାରୁ ଜେଲରେ ଅନ୍‌ଲାଇନ ବ୍ୟବସ୍ଥା ହୋଇଛି। ଏହା ମାଧ୍ୟମରେ ପରିବାର ଲୋକଙ୍କ ସହିତ ଅନ୍ତେବାସୀ ସାକ୍ଷାତ କରିପାରିବେ। ଜେଲ ଡିଜି ସନ୍ତୋଷ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶରେ ଅନ୍ତେବାସୀଙ୍କ ପାଇଁ ସମସ୍ତ ୱାର୍ଡରେ ସ୍ପିକର ସଂଯୋଗ କରାଯାଇ ଜେଲ କାର୍ଯ୍ୟାଳୟରୁ ସ୍ଥାନୀୟ ଆକାଶବାଣୀ କେନ୍ଦ୍ରର ଏଫଏମ ରେଡିଓ ସହ ସଂଯୋଗ ହୋଇଛି। ଏହା ମାଧ୍ୟମରେ ସେମାନେ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ସହ ଆଦିବାସୀ ଭାଷାରେ କାର୍ଯ୍ୟକ୍ରମ ଗୁଡିକ ନିର୍ଦ୍ଧାରିତ ସମୟରେ ପ୍ରସାରଣ ହେଉଛି ବୋଲି ସୁପରିଣ୍ଟେଣ୍ଡେଣ୍ଟ ଲାଲାଟେନ୍ଦୁ ଦାସ କହିଛନ୍ତି।


ଉପକାରାଗାରରେ ହୋଇଥିବା ଅନ୍ ଲାଇନ୍ ସାକ୍ଷାତ ବ୍ୟବସ୍ଥା

# ୫ଲକ୍ଷ ଟଙ୍କାର ସୁନାଗହଣା ଲୁଟ୍

ସୋର, ୧୮।୧୦(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ଥାନା ପାହାଡତଳି ଅଞ୍ଚଳ ମାଣିପୁର ନିକଟ ବାଘଆମ୍ବୁଡା ରାସ୍ତାରେ ରବିବାର ପୂର୍ବାହ୍ନ ସମୟରେ ଜଣେ ଗହଣା ବ୍ୟବସାୟୀଙ୍କୁ ମାଡ ମାରି ୬ଜଣ ଦୁର୍ବୃତ୍ତ ୫ଲକ୍ଷ ଟଙ୍କାର ଗହଣା ଓ ଟଙ୍କା ଲୁଟି ନେଇଛନ୍ତି।

ସୋର ଥାନା ଅଧୀନ ରଷୋ ଗ୍ରାମର ସୁଦର୍ଶନ ରଣା ବିଭିନ୍ନ ଅଞ୍ଚଳରେ ଥିବା ଗହଣା ବ୍ୟବସାୟୀଙ୍କୁ ସୁନା ରୁପା ଗହଣା ବିକ୍ରି ପାଇଁ ଦିଅନ୍ତି। ସେ ବାଇକ୍‌ରେ ଯାଉଥିବା ବେଳେ ବାଘଆମ୍ବୁଡା ନିକଟ ଯୁଗୁନି ଛକ ନିକଟରେ ଥିବା ଏକ ପୋଲ ଉପରେ ବସିଥିବା ୬ ଜଣ ଯୁବକ ତାଙ୍କ ବାଇକ୍‌କୁ ଧକ୍କା ଦେଇ ତଳେ ପକାଇ ଦେଇଥିଲେ। ସେ ତଳେ ପଡିଥିବା ବେଳେ ତାଙ୍କ ମୁହଁରେ ଲୁଗା ପକାଇ ନିକଟସ୍ଥ ଜଙ୍ଗଲକୁ ନେଇ ତାଙ୍କ ବାଇକ୍ ଡିକିରେ ଥିବା ୭୦ ଭରି ଓଜନର ସୁନା ଓ ୩ କେଜି ୫ଶହ ଗ୍ରାମର ରୁପା ଅଳଙ୍କାର ଲୁଟି ନେଇଥିଲେ। ଲୁଟ୍ ଗହଣାର ଆନୁମାନିକ ମୂଲ୍ୟ ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏଥିସହ ତାଙ୍କ ନିକଟରେ ଥିବା ନଗଦ ୧୩ହଜାର ଟଙ୍କା, ଦୁଇଟି ମୋବାଇଲ ନେଇ ମାଣିପୁର ଆଡକୁ ପଳାଇଥିଲେ। ଏନେଇ ସୁଦର୍ଶନ ସୋର ଥାନାରେ ଅଭିଯୋଗ କରିବା ପରେ ଥାନା ଅଧିକାରୀ ମଧୁମିତା ମହାନ୍ତି ତଦନ୍ତ ଜାରି ରଖିଛନ୍ତି।

# 'ଶିକ୍ଷାର ମାନକୁ ବୃଦ୍ଧି ନୁହେଁ ହ୍ରାସ କରିବ'

ଭୁବନେଶ୍ୱର, ୧୮।୧୦(ବ୍ୟୁରୋ)

**ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍‌କୁ ନେଇ ଅଲ ଇଣ୍ଡିଆ ପ୍ରଫେସନାଲ କଂଗ୍ରେସର ୱେବିନାର**

ରାଜ୍ୟ ସରକାର ଗତ ବିଧାନସଭା ଅଧିବେଶନରେ ପାରିତ କରିଥିବା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ଗୁଣାତ୍ମକ ଶିକ୍ଷା ବ୍ୟବସ୍ଥାର ପରିପନ୍ଥୀ। ଏହି ବିଲ୍ ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟ ସ୍ତରରେ ଶିକ୍ଷାର ମାନ ବୃଦ୍ଧି ନୁହେଁ ବରଂ ହ୍ରାସ କରିବାର ମୁଖ୍ୟ କାରଣ ପାଲଟିବ ବୋଲି ଅଲ ଇଣ୍ଡିଆ ପ୍ରଫେସ୍‌ନାଲ କଂଗ୍ରେସ ପକ୍ଷରୁ ଆୟୋଜିତ ୱେବିନାରରେ ମତ ପ୍ରକାଶ ପାଇଛି। ରାଜ୍ୟ ପ୍ରଫେସନାଲ୍ କଂଗ୍ରେସ ଅଧ୍ୟକ୍ଷା ସୁଚରିତା ମହାନ୍ତିଙ୍କ ପୌରୋହିତ୍ୟରେ ଆୟୋଜିତ ୱେବିନାରରେ ଅଧ୍ୟାପକ ବିଶ୍ୱରଂଜନ କହିଛନ୍ତି, ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନ ଶାସନ କଳ ଓ ରାଜନେତାଙ୍କ ଅଯଥା ହସ୍ତକ୍ଷେପକୁ ଉତ୍ସାହିତ କରିବ। ଏହାଦ୍ୱାରା ବିଶ୍ୱବିଦ୍ୟାଳୟସ୍ତରରେ ଶିକ୍ଷାର ମାନ ହ୍ରାସ ପାଇବ ଏବଂ ଅରାଜକତା ଓ ଦୁର୍ନୀତି ବଢିବ ବୋଲି ସେ କହିଛନ୍ତି। ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଛନ୍ତି, ଏହା ଏକ କଳା ବିଲ୍ ଅଟେ। ରାଜ୍ୟ ସରକାର ତାଙ୍କ ସଂଖ୍ୟା ବହୁଳତାର ଅପପ୍ରୟୋଗ କରି ଏହି ବିଲ୍‌କୁ ପାରିତ କରିଛନ୍ତି। ଏହି ବିଲ୍ ଛାତ୍ର ଓ ଅଧ୍ୟାପକମାନଙ୍କ ମତାମତକୁ ଗୁରୁତ୍ୱ ଦେବାର କୌଣସି ବ୍ୟବସ୍ଥା ନାହିଁ। ଏହି ବିଲ୍ ବିରୋଧରେ ରାଜ୍ୟବ୍ୟାପୀ ଜନମତ ସୃଷ୍ଟି କରିବା ଆବଶ୍ୟକ। ବିଶ୍ୱବିଦ୍ୟାଳୟସ୍ତରରେ ଏହାକୁ ତୀବ୍ର ବିରୋଧ କରାଗଲେ ସରକାର ଏହାକୁ ପ୍ରତ୍ୟାହାର କରିବାକୁ ବାଧ୍ୟ ହେବେ ବୋଲି ସେ କହିଛନ୍ତି।

# ଶ୍ରମଭିତ୍ତିକ କାର୍ଯ୍ୟ ଉପରେ ଗୁରୁତ୍ୱ

କେନ୍ଦୁଝର,୧୮।୧୦(ସ୍ୱ.ପ୍ର./ଡି.ଏନ.ଏ.)

**ମୃତ୍ତିକା ସଂରକ୍ଷଣ, ଜଳବିଭାଜିକା ଉନ୍ନୟନ ବିଭାଗ ନିର୍ଦ୍ଦେଶକଙ୍କ କେନ୍ଦୁଝର ଗସ୍ତ**


ନିର୍ଦ୍ଦେଶକ ହେମନ୍ତ ପଣ୍ଡା ପ୍ରକଳ୍ପ କାର୍ଯ୍ୟ ତଦାରଖ କରୁଛନ୍ତି।

ଓଡ଼ିଶା ସରକାରଙ୍କ ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ବିଭାଗର ନିର୍ଦ୍ଦେଶକ ହେମନ୍ତ ପଣ୍ଡା ୨ ଦିନିଆ କେନ୍ଦୁଝର ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ତଦାରଖ କରି ରବିବାର ଫେରିଛନ୍ତି। ଜିଲାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକର ନିର୍ମାଣ କାର୍ଯ୍ୟ ଠିକ ସମୟରେ ଶେଷ କରିବା ସହ ଶ୍ରମଭିତ୍ତିକ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଚମ୍ପୁଆ, ଯୋଡ଼ା, ଘଟଗାଁ ଏବଂ ହରିଚନ୍ଦନପୁର ବ୍ଲକର କାଜୁ ବୃକ୍ଷରୋପଣ ଓ ମିଶ୍ରିତ ଚାଷ, ଚେକ୍ ଡ୍ୟାମ, ଫାର୍ମ ପଣ୍ଡ, ଜଳ ଅମଳ ପ୍ରକଳ୍ପ କ୍ଷେତ୍ର ପରିଦର୍ଶନ କରି ଏହାର ରକ୍ଷଣାବେକ୍ଷଣ ପାଇଁ ହିତାଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ହେଉଥିବାରୁ ସମନ୍ୱିତ କୃଷି ବିକାଶ ପଦ୍ଧତି (ଇଣ୍ଟିଗ୍ରେଟେଡ ଫାର୍ମିଂ ସିଷ୍ଟମ)ରେ ଚାଷ କଲେ ଚାଷୀ ସ୍ୱାବଲମ୍ବୀ ହେବା ସହ ଲାଭବାନ ହେବେ ବୋଲି ନିର୍ଦ୍ଦେଶକ ପଣ୍ଡା ପ୍ରକାଶ କରିଥିଲେ। ବିଶେଷ କରି କୃଷି, ଉଦ୍ୟାନ କୃଷି, ମତ୍ସ୍ୟପାଳନ, ପ୍ରାଣୀସମ୍ପଦ ବିକାଶ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସହଯୋଗ ଏବଂ ବୈଷୟିକ ପରାମର୍ଶରେ ଏହାର ସଫଳ ରୂପାୟନ ହେଲେ ଚାଷୀମାନେ ଅଧିକ ରୋଜଗାରକ୍ଷମ ହେବେ ବୋଲି କହିଥିଲେ। ଫାର୍ମ ପଣ୍ଡ ସ୍କିମରେ ଚଳିତ ବର୍ଷ କେନ୍ଦୁଝର ଜିଲାରେ ୫୮୩୯ ଓ ରାଜ୍ୟରେ ୧ ଲକ୍ଷ ୩୭୭୧ ଟି ଫାର୍ମ ପଣ୍ଡ କରାଯିବା ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଶ୍ରମଜୀବୀମାନଙ୍କ ପାଇଁ ଅଧିକ କର୍ମନିଯୁକ୍ତି ସୃଷ୍ଟି ଉଦ୍ଦେଶ୍ୟରେ ଆଗାମୀ ୫ ବର୍ଷରେ ରାଜ୍ୟରେ ୫ ଲକ୍ଷ ଫାର୍ମ ପଣ୍ଡ କରିବା ପାଇଁ ସରକାର ନିଷ୍ପତ୍ତି ହୋଇଥିବା ନିର୍ଦ୍ଦେଶକ ପଣ୍ଡା ପ୍ରକାଶ କରିଥିଲେ। ଜଳ ବିଭାଜିକା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ଅରୁଣ କୁମାର ଦାସ, ସହକାରୀ ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ, ସମସ୍ତ ବ୍ଲକର ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଏବଂ ହିତାଧିକାରୀମାନେ ଉପସ୍ଥିତ ଥିଲେ।

# ସୁପର ସନ୍‌ଡେରେ ୩ ସୁପର ଓଭର

ଆବୁଧାବି, ୧୮।୧୦



ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଲୋକି ଫର୍ଗୁସନ।

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ସୁପର ସନ୍‌ଡେରେ ୩ ସୁପର ଓଭର ଦେଖିବାକୁ ମିଳିଛି। ୨ଟି ଯାକ ମ୍ୟାଚ ସୁପର ଓଭରରେ ସମାପ୍ତ ହୋଇଥିବାବେଳେ ପ୍ରଥମଟିରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ କୋଲକାତା ନାଇଟ ରାଇଡର୍ସ ଏବଂ ଦ୍ୱିତୀୟ ଡବଲ ସୁପର ଓଭର ମ୍ୟାଚରେ ମୁମ୍ବାଇ ଇଣ୍ଡିଆନ୍ସକୁ କିଙ୍ଗ୍ସ ଇଲେଭେନ ପଞ୍ଜାବ ପରାସ୍ତ କରିଛି। ପ୍ରଥମ ମ୍ୟାଚର ସୁପର ଓଭରରେ ସନରାଇଜର୍ସ ମାତ୍ର ୨ ରନ କରି ଅଲଆଉଟ ହୋଇଥିଲା। ଲୋକି ଫର୍ଗୁସନଙ୍କ ବୋଲିଂକୁ ଖେଳି ନ ପାରି ସନ୍‌ରାଇଜର୍ସ ଅଧିନାୟକ ଡେଭିଡ ୱାର୍ନର ଡକ୍(୦) ଓ ଅବଦୁଲ ସମଦ ୨ ରନରେ ଆଉଟ ହୋଇଥିଲେ। ଫଳରେ କୋଲକାତା ସମ୍ମୁଖରେ ୩ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ରଶିଦ ଖାଁଙ୍କ ଓଭରରୁ କୋଲକାତା ୪ଟି ବଲ୍‌ରୁ ଆବଶ୍ୟକ ୩ ରନ ସଂଗ୍ରହ କରି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ କୋଲକାତା ନାଇଟ ରାଇଡର୍ସ ୫ ଉଇକେଟ ହରାଇ ୧୬୩ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ୬ ଉଇକେଟ ହରାଇ ୧୬୩ ରନ କରିବାକୁ ସକ୍ଷମ ହୋଇଥିଲା।

ସନ୍‌ରାଇଜର୍ସ ଅଧିନାୟକ ଡେଭିଡ ୱାର୍ନର ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। କୋଲକାତାର ଦୁଇ ଓପନର ଶୁବମନ ଗିଲ୍ ଓ ରାହୁଲ ତ୍ରିପାଠୀ ଦଳପାଇଁ ଭଲ ଆରମ୍ଭ କିରିଥିଲେ। ଓପନିଂ ଯୋଡ଼ିରେ ୩୬ ବଲ୍‌ରୁ ୪୮ ରନ ଯୋଗ ହେବାପରେ ତ୍ରିପାଠୀ ପ୍ରତିପକ୍ଷ ୟର୍କର ସ୍ପେଶାଲିଷ୍ଟ ଟି. ନଟରାଜନ୍‌ଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଯାଇଥିଲେ। ସ୍ୱାଭାବିକ ଭଙ୍ଗୀରେ ଖେଳିଥିବା ତ୍ରିପାଠୀ ୧୬ ବଲ୍‌ରୁ ୨୩(୨ ଚୌକା, ୧ ଛକା) ରନ ସ୍କୋର କରିଥିଲେ। ଆତ୍ମବିଶ୍ୱାସର ସହିତ ଇନିଂସ ଆରମ୍ଭ କରିଥିଲେ ହେଁ ଶୁବମନ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ସେ ୩୭ ବଲ୍‌ରୁ ୫ ଚୌକା ସହ ୩୬ ରନ କରିପାରିଥିଲେ। ପରେ ନୀତୀଶ ରାଣା (୨୯ ରନ, ୨୦ ବଲ, ୩ ଚୌକା, ୧ ଛକା) ଓ ଆନ୍ଦ୍ରେ ରସେଲ(୯ ରନ) ଆଉଟ ହୋଇଯିବାରୁ ୧୫ ଓଭର ବେଳକୁ କୋଲକାତା ସ୍କୋର ୧୦୫ରେ ସୀମିତ ରହିଥିଲା। ଶେଷ ୫ ଓଭରରେ ଅଧିନାୟକ ଇଅନ ମୋର୍ଗାନ ଓ ବିଦାୟୀ ଅଧିନାୟକ ଦୀନେଶ କାର୍ତ୍ତିକ ୫୮ ରନ ଯୋଗ କରିଥିଲେ। ଫଳରେ କୋଲକାତା ୨୦ ଓଭରରେ ୫ ଉଇକେଟ ହରାଇ ୧୬୩ ରନ ସ୍କୋର କରି ପାରିଥିଲା। ମୋର୍ଗାନ ୨୩ ବଲ୍‌ରୁ ୩ ଚୌକା ଓ ୧ ଛକା ସହ ୩୪ ରନ କରି ଇନିଂସର ଶେଷ ବଲ୍‌ରେ ଆଉଟ ହୋଇଥିବାବେଳେ କାର୍ତ୍ତିକ ୧୪ ବଲ୍‌ରୁ ଦ୍ରୁତ ୨୯(୨ ଚୌକା, ୨ ଛକା) ରନ କରି ଅପରାଜିତ ରହିଥିଲେ। ହାଇଦ୍ରାବାଦ ପକ୍ଷରୁ ଟି. ନଟରାଜନ ୨ଟି ଏବଂ ବାସିଲ ଥାମ୍ପି, ବିଜୟ ଶଙ୍କର ଓ ରଶିଦ ଖାଁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ରଣନୀତିରେ ପରିବର୍ତ୍ତନ କରାଯାଇ ଏହି ମ୍ୟାଚରେ ଜନି ବେୟାରଷ୍ଟୋଙ୍କ ସହିତ ଇନିଂସ ଓପନ କରିବାକୁ ଆସିଥିଲେ କେନ୍ ୱିଲିୟମସନ। ଦୁଇ ବ୍ୟାଟ୍ସମ୍ୟାନ ପ୍ରତିପକ୍ଷ ବୋଲରଙ୍କୁ ସଫଳ ମୁକାବିଲା କରି ଓପନିଂ ଯୋଡ଼ିରେ ୩୭ ବଲ୍‌ରୁ ୫୭ ରନ ଯୋଗକରି ଦଳପାଇଁ ଭଲ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ୱିଲିୟମସନ ୧୯ ବଲ୍‌ରୁ ୨୯(୪ ଚୌକା, ୧ ଛକା) ରନ କରି ଲୋକି ଫର୍ଗୁସନଙ୍କ ବଲ୍‌ରେ ନୀତୀଶଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ମାତ୍ର ତାଙ୍କ ଆଉଟ ପରେ ସନ୍‌ରାଇଜର୍ସଙ୍କୁ ଅତିଶୀଘ୍ର ଡବଲ୍ ଝଟ୍‌କା ଲାଗିଥିଲା। ସେଟ୍ ବ୍ୟାଟ୍ସମ୍ୟାନ ବେୟାରଷ୍ଟୋ ୩୬(୨୮ ବଲ, ୭ ଚୌକା) ରନ କରି ସ୍ପିନର ବରୁଣ ଚକ୍ରବର୍ତ୍ତୀଙ୍କ ବଲ୍‌ରେ ଏବଂ ଯୁବ ଖେଳାଳି ପ୍ରିୟମ୍ ଗର୍ଗ ମାତ୍ର ୪ ରନ କରି ଫର୍ଗୁସନଙ୍କ ବଲ୍‌ରେ ଆଉଟ ହୋଇଥିଲେ। ଫର୍ଗୁସନ ଘାତକ ବୋଲିଂ ଜାରିରଖି ମନୀଷ ପାଣ୍ଡେ(୬ ରନ)ଙ୍କୁ ମଧ୍ୟ ଶିକାର ବନାଇଥିଲେ। ଫଳରେ ୧୧.୩ ଓଭରରେ ହାଇଦ୍ରାବାଦ ଇନିଂସ ୮୨/୪ ହୋଇ ଯାଇଥିଲା। ବିଜୟ ଶଙ୍କର ୭ ରନରେ ଆଉଟ ହେବାରୁ ୱାର୍ନର ଓ ଅବଦୁଲ ସମଦ ଦଳକୁ ଜିତାଇବାପାଇଁ ଆପ୍ରାଣ ଉଦ୍ୟମ କରିଥିଲେ। ଶେଷ ୨ ଓଭରରୁ ୩୦ ରନ ଆବଶ୍ୟକ ହେଉଥିବାବେଳେ ହାଇଦ୍ରାବାଦ ସମଦ(୨୩ ରନ, ୧୫ ବଲ, ୨ ଚୌକା, ୧ ଛକା))ଙ୍କ ଉଇକେଟ ହରାଇ ୧୨ ରନ କରିଥିଲା। ଫଳରେ ଶେଷ ଓଭରରୁ ବିଜୟ ପାଇଁ ୧୮ ରନ ଆବଶ୍ୟକ ଥିଲା। ଆନ୍ଦ୍ରେ ରସେଲଙ୍କ ଏହି ଓଭରରୁ ୧୭ ରନ ସଂଗୃହୀତ ହେବାରୁ ମ୍ୟାଚ ସୁପର ଓଭରକୁ ଯାଇଥିଲା। ଶେଷ ବଲ୍‌ରୁ ୨ ରନ ଦରକାର ଥିବାବେଳେ ୱାର୍ନର ୧ ରନ ନେଇ ପାରିଥିଲେ। ସେ ୩୩ ବଲ୍‌ରୁ ୫ ଚୌକା ସହ ୪୭ ରନରେ ଅପରାଜିତ ରହିଥିଲେ। କୋଲକାତା ପକ୍ଷରୁ ଲୋକି ଫର୍ଗୁସନ ୩ଟି ଏବଂ ପ୍ୟାଟ୍ କୁମିନ୍ସ, ଶିବମ୍ ମାଭି ଓ ବରୁଣ ଚକ୍ରବର୍ତ୍ତୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

କୋଲକାତା ନାଇଟ ରାଇଡର୍ସ ୨୦ ଓଭରରେ ୧୬୩/୫(ଶୁବମନ-୩୬, ମୋର୍ଗାନ-୩୪, କାର୍ତ୍ତିକ-୨୯*, ରାଣା-୨୯, ନଟରାଜନ-୨/୪୦, ବିଜୟ ଶଙ୍କର-୧/୨୦, ରଶିଦ-୧/୨୮, ଥାମ୍ପି-୧/୪୬)। ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୬୩/୬ (ୱାର୍ନର-୪୭*, ବେୟାରଷ୍ଟୋ-୩୬, ୱିଲିୟମସନ-୨୯, ଫର୍ଗୁସନ-୩/୧୫, ଚକ୍ରବର୍ତ୍ତୀ-୧/୩୨, କୁମିନ୍ସ-୧/୨୮, ମାଭି-୧/୩୪)।



ସୁପର ଓଭରରେ କୋଲକାତା ନାଇଟ୍ ରାଇଡର୍ସ ପକ୍ଷରୁ ବ୍ୟାଟିଂ କରିଥିବା ଅଧିନାୟକ ଇଅନ୍ ମୋର୍ଗାନ୍ ଓ ଦୀନେଶ କାର୍ତ୍ତିକ।

# ପଞ୍ଜାବର ରୋମାଞ୍ଚକ ବିଜୟ

ଦୁବାଇ,୧୮।୧୦(ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ରବିବାର ଅନୁଷ୍ଠିତ ଏକ ରୋମାଞ୍ଚକ ଡବଲ ସୁପର ଓଭର ମ୍ୟାଚରେ କିଙ୍ଗ୍ସ ଇଲେଭେନ୍ ପଞ୍ଜାବ ରୋମାଞ୍ଚକଭାବେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ପ୍ରଥମ ସୁପର ଓଭରରେ ଯଶପ୍ରୀତ ବୁମ୍‌ରାଙ୍କ ଓଭରରୁ ପଞ୍ଜାବ ୨ ଉଇକେଟ ହରାଇ ମାତ୍ର ୫ ରନ କରିଥିଲା। ଜବାବରେ ମୁମ୍ବାଇ ମହମ୍ମଦ ସାମିଙ୍କ ଓଭରରୁ ସମାନ ୫ ରନ କରିବାରୁ ଆଉଏକ ସୁପର ଓଭରକୁ ମ୍ୟାଚ ଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ସାମିଙ୍କ ଓଭରରୁ ୧୧ ରନ କରିଥିଲା। ଜବାବରେ ପଞ୍ଜାବ ଟ୍ରେଣ୍ଟ ବୋଲ୍ଟଙ୍କ ଓଭରର ୪ ବଲ୍‌ରୁ ୧୫ ରନ ସଂଗ୍ରହ କରି ନେଇଥିଲା। ନିର୍ଦ୍ଧାରିତ ଓଭରରେ ଉଭୟ ମୁମ୍ବାଇ ଓ ପଞ୍ଜାବ ୧୭୬ ରନ ଲେଖାଏ କରିବାରୁ ଫଳାଫଳ ପାଇଁ ସୁପର ଓଭରର ସହାୟତା ନିଆ ଯାଇଥିଲା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ମୁମ୍ବାଇ ୩୮ ରନରେ ୩ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ଅଧିନାୟକ ରୋହିତ ଶର୍ମା ୯, ଇନ୍‌ଫର୍ମ ସୂର୍ଯ୍ୟକୁମାର ଯାଦବ ଖାତା ଖୋଲିବା ପୂର୍ବରୁ ଏବଂ ଇଶାନ କିଶନ ୭ ରନ କରି ଆଉଟ ହୋଇଥିଲେ। ଚତୁର୍ଥ ଉଇକେଟରେ ଡିକକ ଓ କ୍ରୁନାଲ ପାଣ୍ଡ୍ୟା ୫୮ ରନ ଯୋଡ଼ି ସ୍ଥିତି ସମ୍ଭାଳିଥିଲେ। କ୍ରୁନାଲ ୩୦ ବଲରୁ ୪ ଚୌକା ଓ ୧ ଛକା ସହ ୩୪ ରନ କରି ପ୍ୟାଭିଲିୟନ ଫେରିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟା ମାତ୍ର ୮ ରନ କରିପାରି ଥିଲେ। ତେବେ କ୍ୱିଣ୍ଟନ ଡିକକ୍ (୫୩, ରନ, ୪୩ ବଲ, ୩ ଚୌକା, ୩ ଛକା)ଙ୍କ ଅର୍ଦ୍ଧଶତକ ହାସଲ ସହ କିରନ ପୋଲାର୍ଡଙ୍କ ୧୨ ବଲ୍‌ରୁ ଦ୍ରୁତ ୩୪(୧ ଚୌକା, ୪ ଛକା) ଓ କୁଲ୍ଟର ନାଇଲ୍‌ଙ୍କ ୧୨ ବଲ୍‌ରୁ ୨୪ (୪ ଚୌକା) ରନ ସ୍କୋର କରିବାରୁ ମୁମ୍ବାଇ ସ୍କୋର ୨୦ ଓଭରରେ ୧୭୬ରେ ପହଞ୍ଚି ପାରିଥିଲା। ପଞ୍ଜାବ ତରଫରୁ ମହମ୍ମଦ ସାମି ଓ ଅର୍ଶଦୀପ ସିଂ ୨ଟି ଲେଖାଏ ଏବଂ କ୍ରିସ୍ ଜୋର୍ଡାନ ଓ ରବି ବିଷ୍ଣୋଇ ଗୋଟିଏ କରି ଉଇକେଟ ହାସଲ କରିଥିଲେ।

ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରିଥିବା ପଞ୍ଜାବ ପକ୍ଷରୁ ଅଧିନାୟକ ଲୋକେଶ ରାହୁଲ ଖେଳିଥିଲେ ଦର୍ଶନୀୟ ଇନିଂସ। ମାତ୍ର ଅନ୍ୟ ବ୍ୟାଟ୍ସମ୍ୟାନଙ୍କ ବିଫଳତା ଦଳକୁ ବିପଦରେ ପକାଇଥିଲେ। ସ୍କୋର ୩୩ ହୋଇଥିବାବେଳେ ଇନ୍‌ଫର୍ମ ଓପନର ମୟଙ୍କ ଅଗ୍ରୱାଲ(୧୧ ରନ)ଆଉଟ ହୋଇଥିଲେ। ତୃତୀୟ ସ୍ଥାନରେ ଆସିଥିବା କ୍ରିସ୍ ଗେଲ୍ ତିନୋଟି ଦର୍ଶନୀୟ ଶଟ୍ ଖେଳିଥିଲେ ହେଁ ୨୧ ବଲ୍‌ରୁ ୨୪(୧ ଚୌକା, ୨ ଛକା) ରନ କରି ପାରିଥିଲେ। ମଧ୍ୟଭାଗରେ ନିକୋଲାସ ପୁରନ ଦର୍ଶନୀୟ ଷ୍ଟ୍ରୋକ୍ ଖେଳିଥିଲେ ହେଁ ୧୨ ବଲ୍‌ରୁ ୨ଟି ଲେଖାଏ ଚୌକା ଓ ଛକା ସହିତ ୨୪ ରନ କରିଥିବାବେଳେ ଯଶପ୍ରୀତ୍ ବୁମ୍‌ରାଙ୍କ ଶିକାର ହୋଇଥିଲେ। ଗ୍ଲେନ ମ୍ୟାକ୍ସୱେଲ(୦) ପୁଣି ନିରାଶ କରିଥିଲେ। ୧୬ ବଲ୍‌ରୁ ୨୪ ରନ ଥିବାବେଳେ ଯଶପ୍ରୀତ୍ ବୁମ୍‌ରାଙ୍କ ୟର୍କରରେ କ୍ଲିନ୍ ବୋଲ୍ଡ ହୋଇଯାଇଥିଲେ ରାହୁଲ। ସେ ୫୧ ବଲ୍‌ରୁ ୭ ଚୌକା ଓ ୩ ଛକା ସହ ୭୭ ରନ କରିଥିଲେ। ତାଙ୍କ ବିଦାୟ ଦଳପାଇଁ ଶକ୍ତଧକ୍କା ସଦୃଶ ହୋଇଥିଲା। ଶେଷ ଭାଗରେ ଦୀପକ ହୁଡା ଓ କ୍ରିସ୍ ଜୋର୍ଡାନ ଜୋରଦାର ଉଦ୍ୟମ କରିଥିଲେ ହେଁ ମ୍ୟାଚ ଟାଇ ହୋଇ ଯାଇଥିଲା। ଶେଷ ବଲ୍‌ରୁ ୨ ରନ ଆବଶ୍ୟକ ଥିବାବେଳେ ଜୋର୍ଡାନ ୧ ରନ ନେଇ ପାରିଥିଲେ। ହୁଡା ୧୬ ବଲ୍‌ରୁ ୨୩(୧ ଚୌକା, ୧ ଛକା) ଓ ଜୋର୍ଡାନ ୮ ବଲ୍‌ରୁ ୧୩ ରନରେ ଅପରାଜିତ ରହିଥିଲେ।

### ସଂକ୍ଷିପ୍ତ ସ୍କୋର:

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୭୬/୬ (ଡିକକ୍- ୫୩, କ୍ରୁନାଲ- ୩୪, ପୋଲାର୍ଡ- ୩୪*, କୁଲ୍ଟର ନାଇଲ- ୨୪*, ସାମି- ୨/୩୦, ଅର୍ଶଦୀପ- ୨/୩୫ , ଜୋର୍ଡାନ- ୧/୩୨, ବିଷ୍ଣୋଇ- ୧/୧୨)। କିଙ୍ଗ୍ସ ଇଲେଭେନ ପଞ୍ଜାବ ୨୦ ଓଭରରେ ୧୭୬/୬ (ରାହୁଲ-୭୭, ଗେଲ-୨୪, ପୁରନ-୨୪, ହୁଡା-୨୩*, ବୁମ୍‌ରା-୩/୨୪, ରାହୁଲ ଚହର-୨/୩୩)।



ସୁପର ଓଭରର ହିରୋ ମହମ୍ମଦ ସାମି।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୭ | ୨ | ୧୪ | +୦.୯୨୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୯ | ୬ | ୩ | ୧୨ | +୧.୨୦୧ |
| ରୟାଲ ଚ୍ୟାଲେଞ୍ଜର୍ସ | ୯ | ୬ | ୩ | ୧୨ | -୦.୦୯୬ |
| ନାଇଟ ରାଇଡର୍ସ | ୯ | ୫ | ୪ | ୧୦ | -୦.୬୦୭ |
| ସନ୍‌ରାଇଜର୍ସ | ୯ | ୩ | ୬ | ୬ | +୦.୦୦୮ |
| କିଙ୍ଗ୍ସ ଇଲେଭେନ | ୯ | ୩ | ୬ | ୬ | -୦.୨୬୪ |
| ଚେନ୍ନାଇ ସୁପରକିଙ୍ଗ୍ସ | ୯ | ୩ | ୬ | ୬ | -୦.୩୮୬ |
| ରାଜସ୍ଥାନ ରୟାଲ୍ସ | ୯ | ୩ | ୬ | ୬ | -୦.୭୭୮ |

## ସମସ୍ତ ୧୨ ରେସ୍‌ଲର ନେଗେଟିଭ୍

ନୂଆଦିଲ୍ଲୀ, ୧୮।୧୦ (ପି.ଟି.)

ଲକ୍ଷ୍ନୌସ୍ଥିତ ସାଇ ସେଣ୍ଟରରେ ଯୋଗ ଦେଇଥିବା ସମସ୍ତ ୧୨ ରେସ୍‌ଲର କୋଭିଡ୍ ଟେଷ୍ଟରେ ନେଗେଟିଭ ହୋଇଛନ୍ତି। ତନ୍ମଧ୍ୟରେ ଅଲିମ୍ପିକ କ୍ୱାଲିଫାୟର ଭିନେଶ ଫୋଗତ ଅଛନ୍ତି। ସୋମବାରଠାରୁ ଟ୍ରେନିଂ ଆରମ୍ଭ ହେବ। ଅଲିମ୍ପିକ ପଦକ ବିଜୟିନୀ ସାକ୍ଷୀ ମଲିକ (୬୨କେଜି), ସୀମା (୫୦କେଜି), ଲଳିତା (୫୩କେଜି) ଓ ନିଶା (୬୮କେଜି) ଅକ୍ଟୋବର ୨୫ରେ କ୍ୟାମ୍ପରେ ଯୋଗଦେବେ ବୋଲି ଜାତୀୟ କୋଚ୍ କୁଲଦୀପ ମଲିକ ପ୍ରକାଶ କରିଛନ୍ତି। ହାଲ୍‌କା ଟ୍ରେନିଂ ସହ କ୍ୟାମ୍ପ ଆରମ୍ଭ ହେବ। ଏହାପରେ ଜେନେରାଲ ଫିଟ୍‌ନେସ, ଜିମ୍ ଟ୍ରେନିଂ, ରନିଂ ଓ ଏକ୍ସରସାଇଜ୍ ଉପରେ ଧ୍ୟାନ ଦିଆଯିବ। ଆସନ୍ତା ସପ୍ତାହ (ଅକ୍ଟୋବର ୨୬)ରୁ ମ୍ୟାଟ୍ ଟ୍ରେନିଂ ଆରମ୍ଭ ହେବ ବୋଲି ମଲିକ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଭିନେଶ ଫୋଗତ ଏକମାତ୍ର ମହିଳା ରେସ୍‌ଲର ଭାବେ ଆସନ୍ତା ବର୍ଷ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଭର୍ଚୁଆଲ ଜାତୀୟ ପୁରସ୍କାର ଉତ୍ସବ ପୂର୍ବରୁ ସେ କୋଭିଡ୍ ଟେଷ୍ଟରେ ପଜିଟିଭ ହୋଇଥିଲେ। ଫଳରେ ସେ ସମ୍ମାନଜନକ 'ଖେଳରତ୍ନ' ପୁରସ୍କାର ଗ୍ରହଣ କରିପାରି ନ ଥିଲେ। ପରେ ସେ ସୁସ୍ଥ ହେବାପରେ ଜାତୀୟ କ୍ୟାମ୍ପରେ ଯୋଗ ଦେଇଛନ୍ତି। ମଙ୍ଗଳବାର ସୁଦ୍ଧା ପହଞ୍ଚି ନ ଥିବା ଅନ୍ୟ ୪ଜଣ ରେସ୍‌ଲରଙ୍କୁ ଅକ୍ଟୋବର ୨୫ ପୂର୍ବରୁ ଯୋଗଦେବା ଲାଗି କୁହାଯାଇଛି।

# ନାରିନ୍‌ଙ୍କ ବୋଲିଂ ଆକ୍ସନରେ ତ୍ରୁଟି ନାହିଁ



ସୁନୀଲ ନାରିନ୍

ଆବୁଧାବି, ୧୮।୧୦ (ପି.ଟି.): କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)ର ୱେଷ୍ଟଇଣ୍ଡିଆନ ସ୍ପିନର ସୁନୀଲ ନାରିନଙ୍କ ବୋଲିଂ ଆକ୍ସନରେ ତ୍ରୁଟି ନାହିଁ ବୋଲି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସସ୍‌ପେକ୍ଟ ବୋଲିଂ ଆକ୍ସନ କମିଟି କହିଛି। ଗତ ଶନିବାର କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷ ତାଙ୍କ ଟିମ୍‌ର ମ୍ୟାଚ ବେଳେ ନାରିନ୍‌ଙ୍କ ବୋଲିଂ ଆକ୍ସନ ନିୟମ ବହିର୍ଭୂତ ଥିଲା ବୋଲି ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ସସ୍‌ପେକ୍ଟ ବୋଲିଂ ଆକ୍ସନ କମିଟି ନିକଟରେ ରିପୋର୍ଟ ହୋଇଥିଲା। ନାରିନ ପୁନର୍ବାର ତ୍ରୁଟି କରିଥିଲେ ତାଙ୍କୁ ଲିଗ୍‌ରେ ବୋଲିଂରୁ ବଞ୍ଚିତ କରାଯାଇଥାନ୍ତା। କିନ୍ତୁ ୱେଷ୍ଟଇଣ୍ଡିଆନ ବୋଲରଙ୍କ ବୋଲିଂ ଆକ୍ସନରେ କୌଣସି ତ୍ରୁଟି ନାହିଁ ବୋଲି ଆଇପିଏଲ୍ କମିଟି ହୃଦୟଙ୍ଗମ କରିଥିଲା। ରିପୋର୍ଟ ପରେ ନାରିନ୍‌ଙ୍କ ନାମ ଆଇପିଏଲ୍ ୱାର୍ନିଂ ଲିଷ୍ଟରେ ସ୍ଥାନ ପାଇଥିଲା। ନାରିନ୍‌ଙ୍କ ଆକ୍ସନର ଏକ ଅଫିସିଆଲ ଆସେସମେଣ୍ଟ କରିବା ଲାଗି ସମ୍ପୃକ୍ତ କମିଟିକୁ କେକେଆର ଅନୁରୋଧ କରିଥିଲା। ପଛ ପଟ ଏବଂ ପାର୍ଶ୍ୱରୁ ସ୍ଲୋ ମୋଶନ ଫୁଟେଜ୍ ମଧ୍ୟ ଉପସ୍ଥାପନ କରାଯାଇଥିଲା। କମିଟି ସତର୍କତାର ସହ ଏହି ଫୁଟେଜର ବିଶ୍ଲେଷଣ କରିଥିଲା। ୱେଷ୍ଟଇଣ୍ଡିଆନ ବୋଲର ବୋଲିଂ ଆକ୍ସନ ନିୟମ ଭିତରେ ରହିଛି ବୋଲି କମିଟି ସିଦ୍ଧାନ୍ତରେ ପହଞ୍ଚିଥିଲା। ନାରିନ ଓ କେକେଆର ବର୍ତ୍ତମାନ ଆଶ୍ୱସ୍ତ ହୋଇଛନ୍ତି।

# ମୋହନବାଗାନକୁ ୭ ମାସ ପରେ ଆଇ-ଲିଗ୍ ଟ୍ରଫି

କୋଲକାତା, ୧୮।୧୦ (ପି.ଟି.)

ଆଇ-ଲିଗ୍ ଚାମ୍ପିୟନ ହେବାର ୭ ମାସ ପରେ ମୋହନବାଗାନକୁ ଶେଷରେ ଟ୍ରଫି ମିଳିଛି। ରବିବାର ଏଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ଦଳକୁ ଏହା ପ୍ରଦାନ କରାଯାଇଛି। ମାର୍ଚ୍ଚ ୧୦ରେ ଗୋଲ୍‌ରେ ପୂର୍ବତନ ଚାମ୍ପିୟନ ଆଇଜଲ ଏଫ୍‌ସିକୁ ୧-୧୦ ଗୋଲରେ ପରାସ୍ତ କରିବା ପରେ ମୋହନବାଗାନ ଆଉ ୪ ରାଉଣ୍ଡ ଖେଳ ବାକି ଥାଇ ଆଗୁଆ ଟାଇଟଲ ବିଜୟୀ ହୋଇ ସାରିଥିଲା। କୋଭିଡ୍-୧୯ ମହାମାରୀ ଯୋଗୁ ଟ୍ରଫି ପ୍ରଦାନ ଉତ୍ସବ ଆୟୋଜନ ହୋଇପାରି ନ ଥିଲା। ରବିବାର ଆଇ-ଲିଗ୍ ସୁଇଓ ସୁନନ୍ଦୋ ଧର୍ ବିଜୟୀ ଦଳର ଖେଳାଳି ଓ ଅଫିସିଆଲଙ୍କୁ ଟ୍ରଫି ହସ୍ତାନ୍ତର କରିଛନ୍ତି। ଏହି ଅବସରରେ କ୍ଲବର ସଭାପତି ସ୍ୱପନ ସାଧନ ବୋଷ ଏବଂ ପଶ୍ଚିମବଙ୍ଗ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ଅନୁପ ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ। ଆଇ-ଲିଗ୍ ବିଜୟୀ କୋଚ୍ କିବୁ ଭିକୁନା ଏବଂ ତାଙ୍କ ଡେପୁଟି ରଞ୍ଜନ ଚୌଧୁରୀ, ଡିଫେଣ୍ଡର ଧନଚନ୍ଦ୍ର ସିଂ ଏବଂ କେଟେଜେଣ ସପୋର୍ଟ ଷ୍ଟାଫ୍ ସଦସ୍ୟ ଉପସ୍ଥିତ ଥିଲେ। ଚାମ୍ପିୟନ ଏଟିକେ ସହ ମିଶ୍ରଣ ପରେ ମୋହନବାଗାନ ବର୍ତ୍ତମାନ ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍ଏଲ୍)ରେ ଯୋଗ ଦେଇଛି। କୋଭିଡ୍ ସ୍ୱାସ୍ଥ୍ୟ ପ୍ରୋଟୋକଲ ଦୃଷ୍ଟିରୁ କ୍ଲବ ତରଫରୁ ଏକ ୫ତାରକା ହୋଟେଲରେ ବଛା ବଛା ଆମନ୍ତ୍ରିତଙ୍କୁ ନେଇ ଉତ୍ସବର ଆୟୋଜନ କରାଯାଇଥିଲା। ପରେ ଟ୍ରଫିକୁ ଏକ ଖୋଲା ଯାନରେ ନେଇ ବିଜୟ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ସ୍ୱାସ୍ଥ୍ୟ ଗାଇଡ୍ ଲାଇନ୍‌କୁ ଭ୍ରୂକ୍ଷେପ ନ କରି ହଜାର ହଜାର ସଂଖ୍ୟକ ସମର୍ଥକ ବିଜୟ ଉତ୍ସବରେ ସାମିଲ ହୋଇଥିଲେ। ବର୍ତ୍ତମାନ ବାଧ୍ୟତାମୂଳକ ହୋଇଥିଲେ ମଧ୍ୟ ଅନେକ ସମର୍ଥକ ବିନା ମାସ୍କରେ ଗଳି ରାସ୍ତାରେ ନୃତ୍ୟଗୀତରେ ମଜ୍ଜି ଯାଇଥିଲେ। ଟ୍ରଫି ଶୋଭାଯାତ୍ରା ଏଇଏମ୍ ବାଇପାସ୍, ଶାମ୍ ବଜାର, ଗିରିଶ ପାର୍କ ଏବଂ ଧରମତାଲା ଭଳି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଦେଇ ଯାଇଥିଲା।



ଆଇ-ଲିଗ୍ ଟ୍ରଫି ସହ ମୋହନ ବାଗାନ୍ ଦଳ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ଅଭିଷେକ ମହାନ୍ତି (ରିକି)
ସାଇନିମାଇଁ ରେସିଡେନ୍ସି, ଦକ୍ଷିଣକାଳୀ, ଢେଙ୍କାନାଳ
ଆବିର୍ଭାବ: ୦୬।୦୪।୧୯୮୪
ତିରୋଧାନ: ୦୯।୧୦।୨୦୨୦
ରିକି ତୋର ପାର୍ଥିବ ଅନୁପସ୍ଥିତିରେ ସବୁକିଛି ଆଜି ନୀରବ। ଏହି ବିରାଟ ଶୂନ୍ୟତା ଯାହାକି ଅପୂରଣୀୟ। ତୋର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
-:ଶ୍ରଦ୍ଧାଞ୍ଜଳି:-
ବାପା: ଆଲୋକ, ମାମି: ସୁପ୍ରିୟା, ପତ୍ନୀ: ଅମ୍ରିତା, ପୁଅ: ଆଦ୍‌ଭିକ୍, ସାନଭାଇ: ଅଭିନବ, ଭାଇବୋହୂ: ଅତାସି ଏବଂ ସମସ୍ତ ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁ।
ଧ-୬୬୮୫

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଚୌଧୁରୀ ବଳରାମ ସ୍ୱାଇଁ (ଜେନାବାବୁ)
ପୂର୍ବତନ ପରିଚାଳନା ନିର୍ଦ୍ଦେଶକ, ସମ୍ବଲପୁରୀ ବସ୍ତ୍ରାଳୟ, ବରଗଡ଼, ଅମିୟଝରି, ବରୁଣିଆ, ଛତିଆ, ଯାଜପୁର
ଆବିର୍ଭାବ: ୧୮।୦୪।୧୯୨୫
ତିରୋଧାନ: ୦୩।୧୦।୨୦୨୦
ଆଜି ଏକାଦଶାହ ଉପଲକ୍ଷେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁତ୍ର: ପ୍ରଶାନ୍ତ, ପ୍ରକାଶ, ପ୍ରମୋଦ, ପ୍ରଣବ, ବନ୍ଧୁ ଓ ପରିବାରବର୍ଗ।
ଧ-୧୮୬୭୯

୧୪ତମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଶ୍ରୀମତୀ ନିର୍ମଳା ମହାପାତ୍ର
ପ୍ଲଟ୍ ନଂ.-୧୫୫୨, ମହାନଦୀ ବିହାର, କଟକ
ଆବିର୍ଭାବ: ୧୪।୦୨।୧୯୪୭
ତିରୋଧାନ: ୨୫।୦୯।୨୦୦୬
(ଆଶ୍ୱିନ ଶୁକ୍ଳ ତୃତୀୟା)
ଚାହିଁ ଚାହିଁ ବିତିଗଲା ଚଉଦ ବରଷ, ସୀତାଦେବୀ ଯାଇଥିଲେ ସତେ ବନବାସ, ଏବେ ମର୍ତ୍ତ୍ୟକୁ ଫେରିଆସ, ପରିବାର ଚାହିଁଛନ୍ତି ତୁମର ପ୍ରବେଶ।
-:ଶୋକସନ୍ତପ୍ତ:-
ସ୍ୱାମୀ: ଇଂ. ଯଦୁନାଥ ମହାପାତ୍ର, ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ପରିବାର ଓ ଆତ୍ମୀୟସ୍ୱଜନ।
ଧ-୧୮୬୫୬

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ବିଶ୍ୱଜୀବନ ବ୍ରହ୍ମା
(୰ସତ୍ୟବାଦୀ ଓତାଙ୍କ କନିଷ୍ଠ ପୁତ୍ର ଯୁବ ଇଞ୍ଜିନିୟର)
ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୦୧।୦୭।୧୯୬୭
ତିରୋଧାନ: ୦୯।୧୦।୨୦୨୦
ଧନରେ ସମସ୍ତଙ୍କଠାରୁ ସାନହୋଇ ଏତେବଡ଼ ପରିବାରକୁ ସ୍ନେହର ବନ୍ଧନରେ ବାନ୍ଧିଦେଇ ନିଜ ସଂସାରକୁ ଅଧାଗଢ଼ା କରି ଚାଲିଗଲୁ। ଆମ ଅମାନିଆ ଆଖିର ଲୁହରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଗୁହାରି କରୁଛୁ ତୋ ଅମର ଆତ୍ମାର ସଦ୍‌ଗତି କରନ୍ତୁ।
-:ଶୋକସନ୍ତପ୍ତ:-
ଦୁଇ ବଡ଼ଭାଇ, ଭାଉଜ, ୪ଭଉଣୀ, ଭିଣୋଇ, ପୁତୁରା, ଝିଆରୀ, ଭଣଜା, ଭାଣିଜୀ, ପତ୍ନୀ: ଅନୁରୀତା, ପୁତ୍ର, କନ୍ୟା, ବନ୍ଧୁ ଓ ଆତ୍ମୀୟସ୍ୱଜନ।
ଧ-୬୯୫୬୬

# ସକାରାତ୍ମକ ମାନସିକତା ପାଇଁ..

ଟଟକା ଫଳମୂଳ ଆମ ଶରୀର ପାଇଁ କେତେ ଉପକାରୀ ତାହା କହିବା ବାହୁଲ୍ୟ। କାରଣ ଏଗୁଡିକରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ତେବେ ଯଦି ଏହାକୁ ଜଣେ ବ୍ୟକ୍ତି ନିଜର ନିୟମିତ ଖାଦ୍ୟ ତାଲିକାରେ ସାମିଲ କରନ୍ତି, ତେବେ ତାଙ୍କର ମାନସିକତା ପୂର୍ବାପେକ୍ଷା ସକାରାତ୍ମକ ରହିଥାଏ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି। ନିକଟରେ ଅଷ୍ଟ୍ରେଲିଆସ୍ଥିତ ସିଡନୀ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ 'ସକାରାତ୍ମକ ମାନସିକତା ଓ ଫଳମୂଳ' ଶୀର୍ଷକ ବିଷୟକୁ ନେଇ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ନିୟମିତ ଖାଦ୍ୟ ତାଲିକାରେ ଟଟକା ଫଳମୂଳକୁ ସାମିଲ କରିଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ବ୍ୟକ୍ତିଙ୍କର ମାନସିକତା ପୂର୍ବାପେକ୍ଷା ଅଧିକ ସକାରାତ୍ମକ ରହୁଥିବାର ଜଣାପଡିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



# ହୃତ୍‌ପିଣ୍ଡକୁ ସୁସ୍ଥ ରଖେ ସନ୍ତୁଳିତ ଖାଦ୍ୟ



ସୁସ୍ଥ ହୃତ୍‌ପିଣ୍ଡ ପାଇଁ ଆମେ ଖାଦ୍ୟପେୟ ପ୍ରତି ସତର୍କ ରହିବା ନିହାତି ଆବଶ୍ୟକ। ବିଭିନ୍ନ ପ୍ରକାର ଖାଦ୍ୟ ଖାଆନ୍ତୁ। ଅତି ଅଧିକ ଖାଆନ୍ତୁ ନାହିଁ କିମ୍ବା ଅତି କମ ଖାଆନ୍ତୁ ନାହିଁ। ତେଲ, ଚର୍ବି, ଘିଅ, ଲହୁଣି ଇତ୍ୟାଦି ସ୍ୟାଚୁରେଟେଡ ଫ୍ୟାଟ୍ ଖାଦ୍ୟ କମ୍ ଖାଆନ୍ତୁ। ସୋରିଷ ତେଲ, ସୋୟାବିନ୍ ତେଲ, ସୂର୍ଯ୍ୟମୁଖୀ ତେଲରେ ରୋଷେଇ କରନ୍ତୁ। ବେଶି ପରିମାଣର କୋଲେଷ୍ଟରଲ ଥିବା ଖାଦ୍ୟ ଯେପରି କି ଅଣ୍ଡାର କେଶର, ଚିଙ୍ଗୁଡି, କଙ୍କଡା ଇତ୍ୟାଦି କମ୍ ପରିମାଣରେ ଖାଆନ୍ତୁ। ଛେଳି ମାଂସ, ମେଣ୍ଢା ମାଂସ, ଗୋମାଂସ, ଘୁଷୁରି ମାଂସ ବଦଳରେ କୁକୁଡା ମାଂସ ଖାଆନ୍ତୁ। ପ୍ରତି ସପ୍ତାହରେ ୨-୩ଥର ମାଛ ଖାଆନ୍ତୁ। ସରକଢ଼ା କ୍ଷୀର ଓ ସରକଢ଼ା କ୍ଷୀରରୁ ପ୍ରସ୍ତୁତ ଦହି ଓ ଛେନା ଖାଆନ୍ତୁ। ତେଲ କିମ୍ବା ଘିଅରେ ଛଣା ହୋଇଥିବା ଖାଦ୍ୟ ଖାଆନ୍ତୁ ନାହିଁ। କମ୍ ପରିମାଣରେ ମିଠା, ପିଠା ଖାଆନ୍ତୁ, ସରବତ ପିଅନ୍ତୁ। ଅଧିକ ପରିମାଣରେ ଟଟକା ଫଳ, ଶାଗ, ଟଟକା ପନିପରିବା ଖାଦ୍ୟ ତାଲିକାରେ ସାମିଲ କରନ୍ତୁ। ଏସବୁ ଖାଦ୍ୟ ସହ ନିୟମିତ ବ୍ୟାୟାମ କରନ୍ତୁ। ନିଶାଦ୍ରବ୍ୟ ସେବନଠାରୁ ନିଜକୁ ଦୂରେଇ ରଖନ୍ତୁ।

# କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରେ ମେଦବହୁଳତା

ମେଦବହୁଳତା ଆଜିକାଲି ଏକ ସାଧାରଣ ସମସ୍ୟା ପାଲିଟି ଗଲାଣି କହିଲେ ଆଦୌ ଭୁଲ ହେବ ନାହିଁ। ତେବେ ଏହାଦ୍ୱାରା ଜଣେ ବ୍ୟକ୍ତିଙ୍କର କାର୍ଯ୍ୟଦକ୍ଷତା ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ସତର୍କ କରାଇ ଦେଇଛନ୍ତି ୟୁନିଭର୍ସିଟି ଅଫ ଲଣ୍ଡନର ବିଶେଷଜ୍ଞମାନେ। ଜଣେ ବ୍ୟକ୍ତି ମେଦବହୁଳତା ପରି ସମସ୍ୟାର ସମ୍ମୁଖୀନ ହେବା ପରେ ତାହାର ପ୍ରଭାବ କେତେକାଂଶରେ ତାଙ୍କର ଏକାଗ୍ରତା ଉପରେ ପଡିଥାଏ ଫଳରେ ଏହାଦ୍ୱାରା କାର୍ଯ୍ୟଦକ୍ଷତା ମଧ୍ୟ ପ୍ରଭାବିତ ହୋଇଥାଏ। ତେବେ ନିଜର ଓଜନକୁ ସନ୍ତୁଳିତ ରଖିବାକୁ ହେଲେ ନିଜର ଦୈନନ୍ଦିନ ଜୀବନଶୈଳୀ, ଖାଦ୍ୟପେୟ ପ୍ରତି ଯତ୍ନବାନ ହେବା ସହ ପ୍ରତିଦିନ ବ୍ୟାୟାମ କରନ୍ତୁ।



# ଅଶକ୍ତ ଅସ୍ଥି



ଡା. ନିତ୍ୟାନନ୍ଦ ସ୍ୱାଇଁ

**ପ୍ରତିବର୍ଷ ଅକ୍ଟୋବର ୨୦ ତାରିଖରେ ପାଳିତ ହୋଇଥାଏ 'ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ'। ସେ ସମ୍ପର୍କରେ ଉପସ୍ଥାପନା...**

ଅଷ୍ଟିଓପୋରୋସିସ୍ ରୋଗର କାରଣ, ପ୍ରତିକାର ତଥା ନିବାରଣ ସମ୍ବନ୍ଧରେ ସାଧାରଣ ଜନତାଙ୍କୁ ସଚେତନ କରାଇବା ନିମନ୍ତେ ହିଁ ପ୍ରତିବର୍ଷ ଅକ୍ଟୋବର ୨୦ ତାରିଖରେ ପାଳିତ ହୋଇଥାଏ 'ବିଶ୍ୱ ଅଷ୍ଟିଓପୋରୋସିସ୍ ଦିବସ'। ଏହି ଅବସରରେ ଚଳିତ ବର୍ଷର ସ୍ଲୋଗାନ୍ ରହିଛି 'ଲଭ୍ ଇୟୋର ବୋନ୍‌ସ'। ଅଷ୍ଟିଓ ଶବ୍ଦର ଅର୍ଥ ହାଡ଼ ବା ଅସ୍ଥି। 'ପୋରୋସିସ୍'ର ଅର୍ଥ ଛିଦ୍ରଯୁକ୍ତ। ତେଣୁ ଯେଉଁ ରୋଗରେ ହାଡ଼ ଶୁଖିଲା ପିତାତରଡା ଫଳ ଭଳି ଛିଦ୍ରାଳ ଦେଖାଯାଏ, ସେହି ରୋଗକୁ ଡାକ୍ତରମାନେ 'ଅଷ୍ଟିଓପୋରୋସିସ୍' ବୋଲି କହିଥାଆନ୍ତି। ଏହା ଏକ ଅତି ଗୁରୁତର ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା। ଏହି ରୋଗରେ କଙ୍କାଳର ହାଡ଼ଗୁଡିକରୁ କ୍ୟାଲସିୟମ କମିଯିବାରୁ ହାଡ଼ ତାହାର ଶକ୍ତି ହରେଇ ଦୁର୍ବଳ ହୋଇପଡେ। ଫଳରେ ବିନା ଆଘାତରେ କି ସାମାନ୍ୟ ଆଘାତରେ ତାହା ଭାଙ୍ଗିଯାଏ। ବେଶି ଭାଙ୍ଗେ ପିଚା, କଚଟି ଓ ମେରୁଦଣ୍ଡ ହାଡ଼। 'ନେକ୍' ବୋଲି କୁହାଯାଉଥିବା ଜଙ୍ଘ ହାଡ଼ର ଅଂଶଟି ଭାଙ୍ଗିଯିବା ଖୁବ୍ ସାଧାରଣ। ମେରୁଦଣ୍ଡର ହାଡ ଦୁର୍ବଳ ହୋଇଯିବାରୁ ଶରୀରର ଓଜନ ସମ୍ଭାଳି ନ ପାରି ମେରୁଦଣ୍ଡ ବଙ୍କା ହୋଇଯାଏ। ଫଳରେ ଅଣ୍ଟା ନଇଁ ଯାଇ ପିଠିରେ ବାହାରିପଡ଼େ କୁଜ।

ମନକୁ ମନ କି ପଡିଗଲେ କି ସାମାନ୍ୟ ଆଘାତ ପାଇ ଭାଙ୍ଗିଗଲେ, ତାହାର ପଶ୍ଚାତରେ ଥାଏ ଅଷ୍ଟିଓପୋରୋସିସ୍ କାରଣ। ହାଡ଼ ଦୁର୍ବଳ ହୋଇ ନ ପଡ଼ିବା ପର୍ଯ୍ୟନ୍ତ ହାଡ଼ ଭାଙ୍ଗି ନ ଥାଏ। ଅଷ୍ଟିଓପୋରୋସିସ୍ ଅଣ୍ଟାବ୍ୟଥା ଏକ ଅତି ସ୍ୱାଭାବିକ ଲକ୍ଷଣ ଏବଂ ଏହା ଉପୁଜେ ମେରୁହାଡ କ୍ଷୟ ଯୋଗୁ।

କେତେକ କ୍ଷେତ୍ରରେ ସାଧାରଣ ଏକ୍ସ-ରେ ପରୀକ୍ଷାରୁ ଅଷ୍ଟିଓପୋରୋସିସ୍ ହୋଇଥିବା ଜଣା ପଡି ନ ପାରେ। ତେବେ ସିଟି ସ୍କାନ, ଏମ.ଆର.ଆଇ. ସ୍କାନ୍ ଓ ବୋନ୍ ମିନେରାଲ ଡେନସିଟୋମେଟ୍ରୀ ବା ବି.ଏମ.ଡି. ପରୀକ୍ଷାରେ ଏହି ରୋଗ




ନିର୍ଣ୍ଣୟରେ ସହାୟକ ହୋଇଥାଏ।

ଚିକିତ୍ସାରେ ଅଷ୍ଟିଓପୋରୋସିସ୍‌କୁ ଆରୋଗ୍ୟ କରାଯାଇପାରେନି। ମାତ୍ର ଚିକିତ୍ସା କରି ହାଡ଼କୁ ଅପେକ୍ଷାକୃତ ଶକ୍ତ ଓ ସୁରକ୍ଷିତ ରଖିପାରିବା ସମ୍ଭବ। ତେଣୁ ଏହାର ନିବାରଣ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିବା ହିଁ ନିରାପଦ। ତେବେ ରୋଗୀମାନଙ୍କୁ କ୍ୟାଲସିୟମ ଏବଂ ଭିଟାମିନ୍ 'ଡି-୩' ଥିବା ଔଷଧ ଦେଇ ଚିକିତ୍ସା କରାଯାଇଥାଏ। ସ୍ଥଳବିଶେଷରେ ଦିଆଯାଇପାରେ କ୍ୟାଲସିଟୋନିକ୍ ଇଞ୍ଜେକସନ ଏବଂ ହରମୋନ୍। କଙ୍କାଳକୁ ସୁରକ୍ଷିତ ରଖିବା ପାଇଁ ନିଆଯାଇପାରେ ଷ୍ଟେମ୍ ସେଲ୍‌ର ସାହାଯ୍ୟ।

ମାତ୍ର ଅଷ୍ଟିଓପୋରୋସିସ୍‌ର



ବୟସ ବଢ଼ିଲେ ସବୁ ବ୍ୟକ୍ତି ଅଳ୍ପେ ବହୁତେ ଅଷ୍ଟିଓପୋରୋସିସ୍‌ର ଶିକାର ହୋଇପଡ଼ନ୍ତି। ଏହାର ରହିଛି ବଂଶଗତ ପ୍ରଭାବ। ବୟସ ବଢ଼ିଲେ ରୋଗ ପ୍ରକାଶ ପାଏ। ମାତ୍ର ପୁରୁଷମାନଙ୍କ ତୁଳନାରେ ମହିଳାମାନଙ୍କଠାରେ ଏହା ବାହାରିପଡେ ଆହୁରି କମ୍ ବୟସରେ। ଏପରି କି ମହିଳାମାନଙ୍କଠାରେ ଋତୁଚକ୍ର ବନ୍ଦ ହୋଇଯିବାର ପ୍ରଥମ କେତୋଟି ବର୍ଷରେ ବର୍ଷକୁ ୪ ପ୍ରତିଶତ ହାରରେ ଅସ୍ଥି କ୍ଷୟ ଘଟିପାରେ।

ଅଷ୍ଟିଓପୋରୋସିସ୍ ଏକ ନୀରବ ବ୍ୟାଧି। ତେଣୁ କଙ୍କାଳରୁ ଅସ୍ଥି କ୍ଷୟ ଅବ୍ୟାହତ ରହିଥିବା ସତ୍ତ୍ୱେ ତାହା ଜାଣିପାରିବା ମୁସ୍କିଲ। କିନ୍ତୁ ପିଚା ହାଡ଼, କଚଟି ହାଡ଼ କି ମେରୁହାଡ଼ରୁ କ୍ୟାଲସିୟମ କମିଯାଇ ଓ ହାଡ଼ର ଘନତ୍ୱ ବା ଡେନସିଟି ହ୍ରାସ ପାଇ ହାଡ଼ ନିବାରଣମୂଳକ ବ୍ୟବସ୍ଥା ଆରମ୍ଭ କରିବାକୁ ପଡିବ କିଶୋରାବସ୍ଥାରୁ। ଖାଦ୍ୟରେ ଯଥେଷ୍ଟ ପରିମାଣର କ୍ୟାଲସିୟମ ଖାଇବା ଉଚିତ। କ୍ଷୀର, ଦହି, ଛେନା, ସବୁପ୍ରକାର ଶାଗ, ମାଣ୍ଡିଆ, ଡାଲି, ସୋୟାବିନ୍, ମାଛ, ଚିଙ୍ଗୁଡି ଶୁଖୁଆ ଓ କଙ୍କଡା ଆଦିରୁ ବେଶି କ୍ୟାଲସିୟମ ମିଳିଥାଏ। ଚାଲିବା, ଦୌଡ଼ିବା, ଜଗିଂ କରିବା, ଶିଡ଼ି ଚଢ଼ିବା, ସନ୍ତରଣ କରିବା ଭଳି ବ୍ୟାୟାମ ନିୟମିତ କରିବା ଭଲ। ନିଶାଦ୍ରବ୍ୟ ସେବନ ଅଭ୍ୟାସ ଯେତେଶୀଘ୍ର ଛାଡିବେ ତାହା ସେତେ ଭଲ। ଶରୀର ଓଜନକୁ ସନ୍ତୁଳିତ ରଖନ୍ତୁ। ବୟସ୍କ ବ୍ୟକ୍ତିମାନେ ଓଜନିଆ ଜିନିଷକୁ ଟେକୁ ଉଠେଇବା ବେଳେ ସତର୍କ ରହିବା ଦରକାର।

-ଅଭୀପ୍‌ସା, ସେକ୍ଟର-୬, ପ୍ଲଟ ନଂ-୧୧୩୧, ଅଭିନବ ବିଡ଼ାନାସୀ, କଟକ, ମୋ : ୮୩୨୮୯୭୫୧୧୮

# ସ୍ୱା ସ୍ଥ୍ୟ ସୂ ଚ ନା

→ଘରେ ସବୁବେଳେ ଫାଷ୍ଟଏଡ୍ ବକ୍ସ ନିଶ୍ଚୟ ରଖୁଥିବେ। ତେବେ ଏଥିରେ ଥିବା ଆବଶ୍ୟକ ସାମଗ୍ରୀ ଠିକ୍ ଅଛି କି କୌଣସି ସାମଗ୍ରୀ ଶେଷ ହୋଇଯାଇଛି ତାହା ଦେଖିନିଅନ୍ତୁ।

→କେତେକ ବ୍ୟକ୍ତି ମନଇଚ୍ଛା ବ୍ୟାୟାମ କରିଥାଆନ୍ତି, ଯାହାର କୁପ୍ରଭାବ ସେମାନଙ୍କର ଶରୀର ଉପରେ ପଡିଥାଏ। ତେଣୁ କେଉଁ ପ୍ରକାର ବ୍ୟାୟାମ କଲେ ତାହାର ସୁପ୍ରଭାବ ଅନୁଭବ କରିବେ ସେ ନେଇ ବ୍ୟାୟାମ ବିଶେଷଜ୍ଞଙ୍କ ସହ ଆଲୋଚନା କରନ୍ତୁ।

→ଖାଇବା ପରେ ନିଶାଦ୍ରବ୍ୟ ସେବନ କରନ୍ତୁ ନାହିଁ। କାରଣ ଏହା ଅକାରଣରେ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ।

→କୌଣସି ରୋଗର ଲକ୍ଷଣ ସମ୍ପର୍କରେ ଜାଣିବାକୁ ପାଇଲେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

→ବୟସ୍କ ବ୍ୟକ୍ତିମାନେ ନିୟମିତ ସମୟ ଅନ୍ତରାଳରେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବା ଉଚିତ।



# ମହାକାଶ ବିସ୍ମୟ କୃଷ୍ଣଗର୍ତ୍ତ ଓ ନୋବେଲ ପୁରସ୍କାର





ଇଂ.ମାୟାଧର ସ୍ୱାଇଁ

## ପଦାର୍ଥ ବିଜ୍ଞାନ ନୋବେଲ-୨୦୨୦

**"ଚଳିତବର୍ଷ ପାଇଁ ପଦାର୍ଥ ବିଜ୍ଞାନରେ କୃଷ୍ଣଗର୍ତ୍ତ (ବ୍ଲାକ୍ ହୋଲ୍) ସମ୍ବନ୍ଧରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ତିନି ଜଣ ନୋବେଲ ବୈଜ୍ଞାନିକଙ୍କୁ ନୋବେଲ ପୁରସ୍କାର ପ୍ରଦାନ ପାଇଁ ଘୋଷଣା କରାଯାଇଛି। ସେମାନେ ହେଉଛନ୍ତି ବ୍ରିଟେନ୍‌ର ରୋଜର ପେନ୍‌ରୋଜ୍, ଜର୍ମାନୀର ରେନ୍‌ହାର୍ଡ ଜେନଜେଲ୍ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ଆଣ୍ଡ୍ରେୟା ଗେଜ୍। ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇବାରେ ଆଣ୍ଡ୍ରେୟା ହେଉଛନ୍ତି ଚତୁର୍ଥ ମହିଳା।"**

ଚଳିତବର୍ଷ ପାଇଁ ପଦାର୍ଥ ବିଜ୍ଞାନରେ କୃଷ୍ଣଗର୍ତ୍ତ (ବ୍ଲାକ୍ ହୋଲ୍) ସମ୍ବନ୍ଧରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ତିନି ଜଣ ନୋବେଲ ବୈଜ୍ଞାନିକଙ୍କୁ ନୋବେଲ ପୁରସ୍କାର ପ୍ରଦାନ ପାଇଁ ଘୋଷଣା କରାଯାଇଛି। ସେମାନେ ହେଉଛନ୍ତି ବ୍ରିଟେନ୍‌ର ରୋଜର ପେନ୍‌ରୋଜ୍, ଜର୍ମାନୀର ରେନ୍‌ହାର୍ଡ ଜେନ୍‌ଜେଲ୍, ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ଆଣ୍ଡ୍ରେୟା ଗେଜ୍। ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇବାରେ ଆଣ୍ଡ୍ରେୟା ହେଉଛନ୍ତି ଚତୁର୍ଥ ମହିଳା।

କୃଷ୍ଣଗର୍ତ୍ତ ହେଉଛି ଗୋଟିଏ ଜ୍ୟୋତିର୍ବିଦୀୟ ପିଣ୍ଡ, ଯାହାର ବହୁତ କମ୍ ଆୟତନରେ ବହୁତ ବସ୍ତୁତ୍ୱ ଅଛି। ଅନ୍ୟ ଅର୍ଥରେ ଏହାର ସାନ୍ଦ୍ରତା ହେଉଛି ବହୁତ ବେଶି। ନିଉଟନ୍‌ଙ୍କ ମାଧ୍ୟାକର୍ଷଣ ବଳ ନିୟମ ଅନୁଯାୟୀ ଯେଉଁ ବସ୍ତୁର ବସ୍ତୁତ୍ୱ ବେଶି ତାହା ନିକଟତମ ବସ୍ତୁଗୁଡ଼ିକୁ ନିଜ ଆଡକୁ ଟାଣିନିଏ। ଏଣୁ କୃଷ୍ଣ ବସ୍ତୁ ତାହାର ଆଖପାଖରେ ଥିବା ବସ୍ତୁଗୁଡିକୁ ନିଜ ଭିତରକୁ ଟାଣି ନିଏ। ଏହି ବସ୍ତୁଗୁଡ଼ିକ କୃଷ୍ଣଗର୍ତ୍ତର ଅତ୍ୟଧିକ ସାନ୍ଦ୍ରତାବିଶିଷ୍ଟ କେନ୍ଦ୍ର ଆଡକୁ ଟାଣି ହୋଇଯାଏ। ଏହି କେନ୍ଦ୍ରୀୟ ବିନ୍ଦୁକୁ 'ସିଙ୍ଗୁଲାରିଟି' କୁହାଯାଏ। ଏହାର ଚାରିପାଖରେ ଏକ ନିର୍ଦ୍ଦିଷ୍ଟ ଦୂରତା ପର୍ଯ୍ୟନ୍ତ ସମସ୍ତ ବସ୍ତୁ ଏହା ସହ ମାଧ୍ୟାକର୍ଷଣ ବନ୍ଧନରେ ବାନ୍ଧି ହୋଇଥାଏ। ଏପରିକି ଏହାଠାରୁ ଆଲୋକ ମଧ୍ୟ ବାହାରିପାରେ ନାହିଁ। ଏଥିପାଇଁ ଏହାର ନାମ କୃଷ୍ଣଗର୍ତ୍ତ ରଖାଯାଇଛି। ଏଥିରୁ ଆଲୋକ ନିର୍ଗତ ହେଉ ନ ଥିବାରୁ ଏହାକୁ ଦେଖିହୁଏ ନାହିଁ। କିନ୍ତୁ ଏହା ଅନ୍ୟ ବସ୍ତୁଗୁଡ଼ିକୁ ତୀବ୍ର ବେଗରେ ନିଜ ଆଡକୁ ଟାଣି ନେଉଥିବା ବେଳେ ସେହି ବସ୍ତୁଗୁଡିକରୁ ଏକ୍ସ-ରଶ୍ମୀ ନିର୍ଗତ ହୁଏ, ଯେଉଁଥିରୁ କୃଷ୍ଣଗର୍ତ୍ତକୁ ଚିହ୍ନଟ କରାଯାଏ।

ମହାକାଶରେ ଅତିଶୟ କୃଷ୍ଣର ସନ୍ଧାନ ମିଳିଛି ଏବଂ ଅନୁମାନ କରାଯାଉଛି ଯେ ବୃହତ୍ ବିସ୍ଫୋରଣ (ବିଗ୍ ବ୍ୟାଙ୍ଗ)ଜନିତ ବିଶ୍ୱ ସୃଷ୍ଟି ବେଳେ ଏଗୁଡ଼ିକ ସୃଷ୍ଟି ହୋଇଛି। ଏଗୁଡ଼ିକୁ 'ଆଦିକୃଷ୍ଣ ଗର୍ତ୍ତ' କୁହାଯାଏ। ମାତ୍ର ବର୍ତ୍ତମାନ ପର୍ଯ୍ୟବେକ୍ଷଣରେ ନିଆଯାଇଥିବା କୃଷ୍ଣଗର୍ତ୍ତଗୁଡ଼ିକ ମୃତ ନକ୍ଷତ୍ରରୁ ସୃଷ୍ଟି ହୋଇଛି। ନକ୍ଷତ୍ରର ଜୀବନ ବଟିକା ହେଉଛି ଏଥିରେ ଥିବା ଉଦ୍‌ଜାନ। ଅତିଶୟ ତାପମାତ୍ରାରେ ନକ୍ଷତ୍ରଗୁଡ଼ିକରେ ଆଣବିକ ସଂଯୋଜନ ପ୍ରକ୍ରିୟାରେ ଉଦ୍‌ଜାନ ପରମାଣୁରୁ ହିଲିୟମ ପରମାଣୁ ସୃଷ୍ଟି ହୋଇଥାଏ ଏବଂ ଏଥିରୁ ପ୍ରଚୁର ଶକ୍ତି ମିଳିଥାଏ, ଯାହା ଆମେ ଆଲୋକ ଓ ତାପ ଆକାରରେ ପାଇଥାଉ। ଏହି ଶକ୍ତି ମଧ୍ୟ ନକ୍ଷତ୍ରକୁ ନିଜ ମାଧ୍ୟାକର୍ଷଣଜନିତ ସଙ୍କୋଚନରୁ ରକ୍ଷା କରିଥାଏ। ଶକ୍ତିରୁ ଉତ୍ପନ୍ନ ବାହ୍ୟଚାପ ଓ ମାଧ୍ୟାକର୍ଷଣ



ରେନ୍‌ହାର୍ଡ ଜେନ୍‌ଜେଲ୍

ସମାନ ରହି ନକ୍ଷତ୍ରକୁ ସ୍ଥିର କରିଥାଏ। କିନ୍ତୁ ନକ୍ଷତ୍ରରେ ଉଦଜାନ ଇନ୍ଧନ ଶେଷ ହୋଇଗଲେ ଏହା ସଙ୍କୁଚିତ ହୋଇ ଅତି କ୍ଷୁଦ୍ର ଆକାର ହୋଇଯାଏ। ଜଣାଯାଇଛି ଯେ ନକ୍ଷତ୍ରର ବସ୍ତୁତ୍ୱ ଯଦି ସୂର୍ଯ୍ୟ ବସ୍ତୁତ୍ୱର ଦଶଗୁଣ ବା ତତୋଧିକ ହୋଇଥାଏ, ତାହାହେଲେ ସଙ୍କୋଚନ ପରେ ଏହାର ସାନ୍ଦ୍ରତା ଏତେ ବେଶି ପରିମାଣରେ ବଢ଼ିଯାଏ ଯେ ଏହା କୃଷ୍ଣଗର୍ତ୍ତରେ ପରିଣତ ହୋଇଥାଏ।

କୃଷ୍ଣଗର୍ତ୍ତ ଗଠନ ସମ୍ପର୍କରେ ପ୍ରଥମ ଗ୍ରହଣୀୟ ତତ୍ତ୍ୱ ପେନ୍‌ରୋଜ୍ ଦେଇଥିଲେ। ସେ ୧୯୬୦ ଦଶକରେ ନିଜର ବନ୍ଧୁ ତଥା ବିଶିଷ୍ଟ ତାତ୍ତ୍ୱିକ ପଦାର୍ଥ ବିଜ୍ଞାନୀ ଷ୍ଟିଫେନ୍ ହକିଙ୍ଗ୍‌ଙ୍କ ସହିତ ମିଶି ଏହା ଉପରେ ଗବେଷଣା କରୁଥିଲେ। ୧୯୧୫ ମସିହାରେ ପ୍ରକାଶିତ ଆଇନଷ୍ଟାଇନଙ୍କ ସାଧାରଣ ଆପେକ୍ଷିକ ତତ୍ତ୍ୱରେ କୃଷ୍ଣ ଗର୍ତ୍ତ ଗଠନର ସୂଚନା ମିଳୁଥିଲା। ଏହି ତତ୍ତ୍ୱ ଅନୁଯାୟୀ ସମୟ-ପ୍ରସରର ବକ୍ରତା ଯୋଗୁ ମାଧ୍ୟାକର୍ଷଣ ବଳ ସୃଷ୍ଟି ହେଉଛି। ୧୯୧୬ ମସିହାରେ ଜର୍ମାନୀ ଜ୍ୟୋତିର୍ବିଜ୍ଞାନୀ କାର୍ଲ ସ୍କାଜଚାଇଲ୍‌ଡ ସାଧାରଣ ଆପେକ୍ଷିତ ତତ୍ତ୍ୱର ସମୀକରଣଗୁଡ଼ିକୁ ସମାଧାନ କରି ଅସୀମ (ଇନ୍‌ଫିନିଟି) ବକ୍ରତା ପାଇଲେ। ଏହା ଥିଲା କୃଷ୍ଣଗର୍ତ୍ତର ପ୍ରଥମ ପୂର୍ବାନୁମାନ। କିନ୍ତୁ ବାସ୍ତବରେ ଭୌତିକ ଭାବେ ଏହା ସମ୍ଭବ ବୋଲି ନିଜେ ଆଇନଷ୍ଟାଇନ୍ ବିଶ୍ୱାସ କରୁ ନ



ରୋଜର ପେନ୍‌ରୋଜ୍

ଥିଲେ। ପେନ୍‌ରୋଜ୍ ଗାଣିତିକ ଭାବେ ସାଧାରଣ ଆପେକ୍ଷିକ ତତ୍ତ୍ୱରୁ କୃଷ୍ଣଗର୍ତ୍ତର ଗଠନ ସମ୍ଭବ ବୋଲି ବୁଝାଇଲେ। ସେ ଏହି ସମ୍ବନ୍ଧୀୟ ତାଙ୍କର ସନ୍ଦର୍ଭକୁ ୧୯୬୫ ମସିହାରେ ପ୍ରକାଶ କଲେ।

ଚଳିତବର୍ଷର ଅନ୍ୟ ଦୁଇ ନୋବେଲ ବିଜ୍ଞାନୀ ରେନ୍‌ହାର୍ଡ ଏବଂ ଆଣ୍ଡ୍ରେୟା ଆମ ଗାଲାକ୍‌ସି ଆକାଶ ଗଙ୍ଗା କେନ୍ଦ୍ରରେ ଗୋଟିଏ ଅତିକାୟ କୃଷ୍ଣଗର୍ତ୍ତ ଆବିଷ୍କାର କରିଥିଲେ। ଏହାର ନାମ ହେଉଛି 'ସାଗିଟାରିୟସ-କ'। ଏହାର ବସ୍ତୁତ୍ୱ ହେଉଛି ସୂର୍ଯ୍ୟ ବସ୍ତୁତ୍ୱର ଚାରି ନିୟୁତ ଗୁଣ। କିନ୍ତୁ ଏହାର ବ୍ୟାପ୍ତି ଆମ ସୌରମଣ୍ଡଳର ବ୍ୟାପ୍ତିଠାରୁ ମଧ୍ୟ କମ୍। ଏହା ପୃଥିବୀଠାରୁ ପ୍ରାୟ ୨୬୦୦୦ ଆଲୋକବର୍ଷ ଦୂରତାରେ ଅଛି। ବିଶ୍ୱ ସୃଷ୍ଟିର ପ୍ରଥମ ଏକ ଶହ କୋଟି ବର୍ଷ ମଧ୍ୟରେ ଏହା ସୃଷ୍ଟି ହୋଇଥିବାର ଅନୁମାନ କରାଯାଉଛି। କିନ୍ତୁ ଏହା କୌଣସି ନକ୍ଷତ୍ର ଅବଶେଷରୁ ସୃଷ୍ଟି ହୋଇଛି କିମ୍ବା ବିଶ୍ୱ ସୃଷ୍ଟି ସମୟରେ ଆଦି ବସ୍ତୁରୁ ସୃଷ୍ଟି ହୋଇଛି ତାହା ଏ ପର୍ଯ୍ୟନ୍ତ ଜଣାପଡ଼ିନାହିଁ। ରେନ୍‌ହାର୍ଡ ଓ ଆଣ୍ଡ୍ରେୟା ପୃଥକ୍ ଭାବରେ ୧୯୯୦ ଦଶକରେ ଆକାଶ ଗଙ୍ଗା ଗାଲାକ୍ସିକୁ ପର୍ଯ୍ୟବେକ୍ଷଣ କରୁଥିବା ସମୟରେ ଏହାର କେନ୍ଦ୍ରରେ ଏକ ଘଞ୍ଚ ଅନ୍ଧାରୁଆ ଲକ୍ଷ୍ୟ କଲେ। ସମସ୍ତ ପର୍ଯ୍ୟବେକ୍ଷଣ ତଥ୍ୟରୁ ଏହା ଗୋଟିଏ ବିରାଟ କୃଷ୍ଣଗର୍ତ୍ତ ବୋଲି ସେମାନେ ସିଦ୍ଧାନ୍ତରେ ଉପନୀତ ହେଲେ। ଆଣ୍ଡ୍ରେୟା ହାୱାଇଠାରେ



ଆଣ୍ଡ୍ରେୟା ଗେଜ୍

ଥିବା କେକ୍ ପର୍ଯ୍ୟବେକ୍ଷଣାଗାରରୁ ଏବଂ ରେନ୍‌ହାର୍ଡ ଚିଲିରେ ଥିବା ଭେରି ଲାର୍ଜ ଟେଲିସ୍କୋପ୍‌ରୁ ପର୍ଯ୍ୟବେକ୍ଷଣ କରିଥିଲେ। ସେମାନେ ଏହାଦ୍ୱାରା ଦର୍ଶାଇଲେ ଯେ, କୃଷ୍ଣଗର୍ତ୍ତ କଳ୍ପନା ନୁହେଁ ବରଂ ଏହା ହେଉଛି ଏକ ବାସ୍ତବ। ଜ୍ୟୋତିର୍ବିଦମାନେ ବର୍ତ୍ତମାନ ଜାଣିପାରିଛନ୍ତି ଯେ, ପ୍ରତ୍ୟେକ ଗାଲାକସି କେନ୍ଦ୍ରରେ ଗୋଟିଏ ଗୋଟିଏ ଅତିକାୟ କୃଷ୍ଣଗର୍ତ୍ତ ଅଛି। ୨୦୧୯ ମସିହା ଏପ୍ରିଲରେ ଇଭେଣ୍ଟ ହୋରାଇଜନ୍ ଟେଲିସ୍କୋପ୍ ସାହାଯ୍ୟରେ ପ୍ରଥମ କରି m-87 ଗାଲାକସିରେ ଥିବା ଅତିକାୟ କୃଷ୍ଣଗର୍ତ୍ତର ଚିତ୍ର ଉତ୍ତୋଳନ କରାଯାଇଛି।

ରୋଜର ପେନ୍‌ରୋଜ ମୋଟ ପୁରସ୍କାର ରାଶି ଦଶ ନିୟୁତ ସୁଇଡେନ୍ କ୍ରୋନର (ପ୍ରାୟ ୧,୧୧,୮,୦୦୦ ଡଲାର)ର ଅର୍ଦ୍ଧେକ ପାଇବେ ଏବଂ ଅବଶିଷ୍ଟ ଅର୍ଦ୍ଧେକ ଅନ୍ୟ ଦୁଇ ବିଜ୍ଞାନୀ ସମାନ ଭାବରେ ପାଇବେ। ପେନ୍‌ରୋଜ ବ୍ରିଟେନର କୋଲଚେଷ୍ଟରଠାରେ ୧୯୩୧ ମସିହାରେ ଜନ୍ମଗ୍ରହଣ କରିଥିଲେ। ସେ ୧୯୫୭ରେ କେମ୍ବ୍ରିଜ ବିଶ୍ୱବିଦ୍ୟାଳରୁ ପି.ଏଚ.ଡି. ଡିଗ୍ରୀ ଲାଭ କରିଥିଲେ। ସେ ବର୍ତ୍ତମାନ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ଅଛନ୍ତି। ରେନ୍‌ହାର୍ଡ ୧୯୫୨ ମସିହାରେ ଜର୍ମାନୀର ବାଡ୍ ହାମବର୍ଗଠାରେ ଜନ୍ମଗ୍ରହଣ କରିଥିଲେ ଏବଂ ୧୯୭୮ରେ ଜର୍ମାନୀର ବନ୍ ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡି. ଡିଗ୍ରୀ ପାଇଥିଲେ। ସେ ବର୍ତ୍ତମାନ ଜର୍ମାନୀର ଗାରସିଙ୍ଗଠାରେ ଥିବା ମାକ୍ସ ପ୍ଲାଙ୍କ୍ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଓ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଅଛନ୍ତି। ଆଣ୍ଡ୍ରେୟା ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟୁୟର୍କ ସହରରେ ୧୯୬୫ରେ ଜନ୍ମଗ୍ରହଣ କରିଥିଲେ। ସେ ୧୯୯୨ରେ କାଲିଫର୍ନିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକନୋଲୋଜିରୁ ପି.ଏଚ.ଡି. ଡିଗ୍ରୀ ଲାଭ କରିଥିଲେ। ସେ ବର୍ତ୍ତମାନ କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅଛନ୍ତି।

-୭୦, ଲକ୍ଷ୍ମୀବିହାର, ଫେଜ୍-୧, ଭୁବନେଶ୍ୱର
ମୋ :୯୪୩୮୬୯୩୭୨୪

## ବିଜେଡିରେ ଯୋଗଦାନ

ଚୌଦ୍ୱାର,(ଡି.ଏନ୍.ଏ.): ଆଠଗଡ଼ ନିର୍ବାଚନମଣ୍ଡଳୀ ଟାଙ୍ଗୀ-ଚୌଦ୍ୱାର ବ୍ଲକର ମହିଁଷାଲଣ୍ଡା ପଞ୍ଚାୟତର ବହୁ କର୍ମୀ ରବିବାର ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦାନ କରିଛନ୍ତି। ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମରେ ସନ୍ତୁଷ୍ଟ ହୋଇ ରବିବାର ଉକ୍ତ ପଞ୍ଚାୟତର ବହୁ ପୁରୁଖା ଲୋକ ବିଜେଡିରେ ସାମିଲ ହୋଇଛନ୍ତି। ମନ୍ତ୍ରୀ ସ୍ୱାଇଁଙ୍କ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଦାୟିତ୍ୱରେ ଥିବା ପ୍ରତିନିଧି ସେକ୍ ସାହାଜାନଙ୍କ ନେତୃତ୍ୱରେ ମୁରବୀ ଶଙ୍କର୍ଷଣ ସ୍ୱାଇଁ, ସୁଧାକର ସ୍ୱାଇଁ, ଦୈତାରୀ ରାଉତ, କେଦାର ରାଉତଙ୍କ ସମେତ ବହୁ ଲୋକ ଦଳରେ ସାମିଲ ହୋଇଥିଲେ। ମହିଁଷାଲଣ୍ଡା ବିଜେଡି ସଭାପତି ବିଦ୍ୟାଧର ରାଉତ, ସରପଞ୍ଚ କୁଳମଣି ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ପେଣ୍ଠକଟାରୁ ଭଙ୍ଗାଯିବ ଅସୁରକ୍ଷିତ ଦୋକାନ

**ଖାଲି କରିବାକୁ ପ୍ରଶାସନର ନୋଟିସ**

**ପୁରୀ ଅଫିସ,୧୮।୧୦(ଡି.ଏନ୍.ଏ.):** ପେଣ୍ଠକଟାରେ ଥିବା ପୌରସଂସ୍ଥାର ଦୋକାନ ଗୃହ ଅସୁରକ୍ଷିତ ହୋଇପଡ଼ିଛି। ନିର୍ମାଣାଧୀନ ଶ୍ରୀଜଗନ୍ନାଥ ଷ୍ଟାଡିୟମ ପାଚେରୀକୁ ଲାଗିରହିଥିବା ଏହି ଦୋକାନ ଘରଗୁଡ଼ିକ ଉଚ୍ଛେଦ କରାଯିବ। ଏଥିପାଇଁ ପୌରସଂସ୍ଥା ପକ୍ଷରୁ ବ୍ୟବସାୟୀମାନଙ୍କୁ ନୋଟିସ୍ ଦିଆଯାଇଛି। ୨୦ତାରିଖ ସୁଦ୍ଧା ଅସୁରକ୍ଷିତ ଦୋକାନ ଘରଗୁଡ଼ିକ ଖାଲି କରାଯିବା ପରେ ଭାଙ୍ଗିବା ପାଇଁ ପୌରସଂସ୍ଥା ନିଷ୍ପତ୍ତି ନେଇଛି। ଏହାକୁ ନେଇ ବ୍ୟବସାୟୀ ଚିନ୍ତାରେ ପଡ଼ିଛନ୍ତି। ଦୋକାନ ଖାଲି କରିବାକୁ ଅଧିକ କିଛିଦିନ ସମୟ ଦେବାକୁ ପୌରସଂସ୍ଥା ନିର୍ବାହୀ ଅଧିକାରୀଙ୍କୁ ଜଣାଇଛନ୍ତି। କିନ୍ତୁ କୌଣସି ଉତ୍ତର ଆସି ନ ଥିବା ବ୍ୟବସାୟୀମାନେ କହିଛନ୍ତି।

### ଅମାନିଆଙ୍କଠାରୁ ଜରିମାନା ଆଦାୟ

**ବାଲକାଟୀ,୧୮।୧୦(ଡି.ଏନ୍.ଏ.):** କୋଭିଡ୍ କଟକଣା ମାନୁ ନ ଥିବା ଅମାନିଆଙ୍କଠାରୁ ରବିବାର ଜରିମାନା ଆଦାୟ କରାଯାଇଛି। ଛୁଟିଦିନ ସତ୍ତ୍ୱେ ବାଲିଅନ୍ତାର ନୂତନ ତହସିଲଦାର ସରୋଜ କୁମାର ପଣ୍ଡା ଅପରାହ୍ନ ୨ଟାରେ ବାଲକାଟୀ ଭାର୍ଗବୀ ସେତୁ ନିକଟରେ ପୋଲିସ ସହାୟତାରେ ଚେକିଂ କରିଥିଲେ। ମାସ୍କ ପିନ୍ଧି ନ ଥିବା ଅମାନିଆଙ୍କଠାରୁ ୩୬୦୦ଟଙ୍କା ଜରିମାନା ଆଦାୟ କରିଛନ୍ତି। ଏହି ରାସ୍ତା ଦେଇ ଯାଉଥିବା ଏକ ବାଲି ବୋଝେଇ ହାଇୱାକୁ ଅଟକାଇ ଥିଲେ। ଚାଳକ ଜଣକ ଗାଡ଼ି କାଗଜପତ୍ର ଓ ବାଲିଚାଲାଣ ରସିଦ୍ ପୋଲିସଙ୍କୁ ଦେଖାଇ ନ ପାରିବାରୁ ୨୦ହଜାର ଟଙ୍କା ଜରିମାନା କାଟିଥିଲେ।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ପୁରୀ ଅଫିସ,୧୮।୧୦:** ପୁରୀ ସଦର ଥାନା ଅଧୀନ ମଠକାଙ୍କୁଡ଼ା ଗ୍ରାମର ଶ୍ରୀନିବାସ ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏ ନେଇ ଶ୍ରୀନିବାସଙ୍କ ମା' ବାସନ୍ତି ପ୍ରଧାନ ଥାନାରେ ଅଭିଯୋଗ କରିଛନ୍ତି। ବାସନ୍ତି ଅଭିଯୋଗପତ୍ରରେ ଦର୍ଶାଇଛନ୍ତି ଯେ, ଗତ ଶୁକ୍ରବାର ସନ୍ଧ୍ୟାରେ ସେ ଓ ତାଙ୍କ ସାନପୁଅ ଶ୍ରୀନିବାସ କୁକୁଡ଼ା ଫାର୍ମରେ ଥିଲେ। ବିଲକାଙ୍କୁଡ଼ା ଗ୍ରାମର ଜଣେ ଯୁବକ ଓ ତାଙ୍କର ୪ ଜଣ ସହଯୋଗୀ ହଠାତ୍ ପହଞ୍ଚିଥିଲେ। ସେମାନେ ଆଣିଥିବା ମଦ ବୋତଲ ଫାର୍ମ ଭିତରକୁ ପକାଇ ନିଆଁ ଲଗାଇଦେବାକୁ ଧମକ ଦେଇଥିଲେ। ଖରାପ ଭାଷାରେ ଗାଳିଗୁଲଜ କରିବା ଓ ତାଙ୍କୁ ମାଡ଼ ମାରିବା ସହ ଶ୍ରୀନିବାସଙ୍କୁ ବାଇକ୍‌ରେ ବସାଇ ନେଇ ଯାଇଥିଲେ। ବିଲକାଙ୍କୁଡ଼ା ଗ୍ରାମର ସମ୍ପୃକ୍ତ ଯୁବକଙ୍କ ଘରେ ରଖି ମରଣାନ୍ତକ ଆକ୍ରମଣ କରିଥିଲେ। ବିଟ୍ ହାଉସ ପୋଲିସ ପହଞ୍ଚି ଶ୍ରୀନିବାସଙ୍କୁ ଉଦ୍ଧାର କରିବା ପରେ ଗାଁ ଲୋକେ ହସ୍ପିଟାଲକୁ ନେଇଥିଲେ। ଏହି ଆକ୍ରମଣ ଘଟଣାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ ବାସନ୍ତି ଗୁହାରି ଜଣାଇଛନ୍ତି।

### ସଂସ୍କୃତିପ୍ରେମୀ ନବ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି

**ପୁରୀ ଅଫିସ,୧୮।୧୦:** ସଂସ୍କୃତିପ୍ରେମୀ ତଥା ଯୁବ ସଙ୍ଗଠକ ନବ ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ରବିବାର ଲୋକନାଥ ରୋଡସ୍ଥିତ ଛପନ ଛକ କଲ୍ୟାଣ ମଣ୍ଡପରେ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପ୍ରଧାନଙ୍କ ଦ୍ୱାରା ପ୍ରତିଷ୍ଠିତ ଉଇନିଙ୍ଗ ସ୍ପୋର୍ଟିଂ ପକ୍ଷରୁ ଆୟୋଜିତ ଏହି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ୩୦ ବର୍ଷ ଧରି ପୁରୀ ସହରର କ୍ରୀଡ଼ା ଓ ସାଂସ୍କୃତିକ ଅନୁଷ୍ଠାନ ସହ ଜଡ଼ିତ ଥିବା ସ୍ୱର୍ଗତ ପ୍ରଧାନ ବହୁ କଳା ପ୍ରତିଭାଙ୍କୁ ଉଇଣ୍ଟର ଫେଷ୍ଟ, ଆଇଡିଆଲ ଆୱାର୍ଡ, କଲ୍‌ଚରାଲ କାର୍ଣ୍ଣିଭାଲ, ଶୋ ଟାଇମ୍ ଫିଲ୍ମ ଆୱାର୍ଡ ଦେଇ ସମ୍ମାନିତ କରୁଥିଲେ। ଆଗାମୀ ଦିନରେ ହେବାକୁ ଥିବା ଶୋ ଟାଇମ୍‌ର ରୌପ୍ୟ ଜୟନ୍ତୀ ଏବଂ ଅଲ୍ ଓଡ଼ିଶା କ୍ରିକେଟ ଟୁର୍ଣ୍ଣାମେଣ୍ଟ ନବ ଭାଇଙ୍କ ନାମରେ କରାଯିବ ବୋଲି ସଭାରେ ଉପସ୍ଥିତ ବ୍ୟକ୍ତିବିଶେଷ ମତ ଦେଇଥିଲେ । ସଭାରେ ଅନୁଷ୍ଠାନର ଅଧକ୍ଷ ଅନିରୁଦ୍ଧ ରାଉତ, ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ଡ. ରାଧେଶ୍ୟାମ ରଥ ପ୍ରମୁଖ ଉପସ୍ଥିତ ଥିଲେ। ସଞ୍ଜୀବ ରଥଶର୍ମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନୂଆ ବସ୍‌ଷ୍ଟାଣ୍ଡ-ଚଣ୍ଡିଚୁଆ ରାସ୍ତା ମରଣଯନ୍ତା

**ରାସ୍ତା ସାରା ଖାଲଖମା, ଯାତାୟାତ ବାଧାପ୍ରାପ୍ତ**

ଖୋର୍ଦ୍ଧା ଅଫିସ,୧୮।୧୦



ଖୋର୍ଦ୍ଧା ନୂଆ ବସ୍‌ଷ୍ଟାଣ୍ଡଠାରୁ ଚଣ୍ଡିଚୁଆ ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ୩ବର୍ଷରେ ୩ଜଣ ଠିକାଦାର ପରିବର୍ତ୍ତନ ହୋଇଥିଲେ ମଧ ରାସ୍ତା କାର୍ଯ୍ୟ ସରୁନାହିଁ। ରାସ୍ତାରେ ବଡ଼ ବଡ଼ ଖାଲ ସୃଷ୍ଟି ହେବା ସହ ଦୁର୍ଘଟଣା ଘଟୁଛି। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ୫ଶହ ମିଟର ଦୂରରେ ଏହି ରାସ୍ତା ରହିଛି। ଦୈନିକ ଜିଲାସ୍ତରୀୟ ଅଧିକାରୀମାନେ ଯାତାୟାତ କରୁଥିଲେ ମଧ ରାସ୍ତାର ମରାମତି ଲାଗି ଗୁରୁତ୍ୱ ଦିଆଯାଉନାହିଁ ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଜିଲା ପ୍ରଶାସନର ଆନ୍ତରିକତା ଅଭାବ ଏବଂ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାରୁ ଏହି ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। ଅନ୍ୟପଟେ ପିସି କାରବାରରେ ଭାଗ ଛିଣ୍ଡୁ ନ ଥିବା ଯୋଗୁ ରାସ୍ତା କାର୍ଯ୍ୟରେ ବିଳମ୍ବ ଘଟୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସୂଚନା ଅନୁଯାୟୀ, ନୂଆବସ୍‌ଷ୍ଟାଣ୍ଡଠାରୁ ଟିଏଲ୍‌ସି ଛକ ପର୍ଯ୍ୟନ୍ତ ଏହି ରାସ୍ତାର ଉଭୟ ପାର୍ଶ୍ୱରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ଅଘଟଣ ଆଶଙ୍କାରେ ବାମପଟେ ଯାତାୟାତ ବନ୍ଦ ରହିଛି। ଫଳରେ ଅନେକ ସମୟରେ ଟ୍ରାଫିକ ସମସ୍ୟା ସହ ଦୁର୍ଘଟଣା ଘଟୁଛି। ଏହି ରାସ୍ତା ଦେଇ ନୟାଗଡ଼ ଏବଂ ବଲାଙ୍ଗୀରକୁ ଦୈନିକ ଶତାଧିକ ଘରୋଇ ବସ୍, ମାଲବାହୀ ଟ୍ରକ୍ ଯାତାୟାତ କରୁଛି। ହେଲେ ରାସ୍ତାର ମରାମତି ପାଇଁ ଗୁରୁତ୍ୱ ଦିଆଯାଉନାହିଁ ବୋଲି ସାମାଜିକକର୍ମୀ ଶୋଭନ ଘୋଷ କହିଛନ୍ତି। ବର୍ଷା ହେବା ଫଳରେ ଖାଲଖମାରେ ପାଣି ଜମି ରହୁଛି। ଫଳରେ ବାହାରୁ ଆସୁଥିବା ବସ, ବାଇକ୍ ଏହି ଖାଲରେ ପଡି ଦୁର୍ଘଟଣାର ଶିକାର ହେଉଛନ୍ତି। ଏହି ରାସ୍ତାରେ ରୋଗୀଙ୍କୁ ମେଡିକାଲ ନେଇ ଯାଉଥିବା ଆମ୍ବୁଲାନ୍ସଗୁଡ଼ିକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଆର୍‌ଆଣ୍ଡବି ନିର୍ବାହୀ ଯନ୍ତ୍ରୀ ଦୀପକ ପାଣିଗ୍ରାହୀ କହିଛନ୍ତି, ଲଘୁଚାପ ବର୍ଷା ଯୋଗୁ ରାସ୍ତା ମରାମତି ହୋଇପାରୁନାହିଁ। ବର୍ଷା ଛାଡିବା ପରେ ମରାମତି କରାଯିବ। ଚଣ୍ଡିଚୁଆ ଛକଠାରୁ ମେଡିକାଲ ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ୍ଣ ମରାମତି ହୋଇ ପିଚୁ କରାଯାଇଛି। ଅନ୍ୟପଟେ ଏହି ରାସ୍ତାର ୩ଟି ସ୍ଥାନରେ ପାଇପ୍‌ଲାଇନ ଯାଇଥିବାରୁ ମରାମତିରେ ଅସୁବିଧା ହେଉଛି। ପାଇପ୍ କାମ ସାରିବା ପରେ ରାସ୍ତା ମରାମତି କାମ ତ୍ୱରିତ କରାଯିବ ବୋଲି ସେ କହିଛନ୍ତି।



କଟକ: ମା' କଟକଚଣ୍ଡୀଙ୍କ ହରଚଣ୍ଡୀ ବେଶ।



ମା' ଝାଞ୍ଜିରୀ ମଙ୍ଗଳାଙ୍କ ଅନ୍ନପୂର୍ଣ୍ଣା ବେଶ



ମା' ଗଡ଼ଚଣ୍ଡୀଙ୍କ ରାଜେଶ୍ୱରୀ ବେଶ

## ବଟି ନ ଦେବାରୁ ଦୋକାନୀଙ୍କୁ ମାଡ଼

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)

ଦାଦା ବଟି ମାଗୁଥିବା ବ୍ୟକ୍ତିଙ୍କ ବିରୋଧରେ କମିଶନରେଟ ପୋଲିସ କଠୋର କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଦାଦାବଟିକୁ ନା'କାର୍ଯ୍ୟକ୍ରମର ପ୍ରଥମ ଦିନରେ ପୋଲିସ ରାଜଧାନୀରୁ ୧୨ଜଣଙ୍କୁ ଗିରଫ କରିଥିବା ବେଳେ ରବିବାର ଦାଦାବଟି ମାଗୁଥିବା ୨ଜଣଙ୍କୁ ପୋଲିସ ଗିରଫ କରିଛି। ଜଣଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରିଥିବା ବେଳେ ଅନ୍ୟକୁ ଜଟଣୀ ଥାନା ପୋଲିସ ଗିରଫ କରିଛି। ଚନ୍ଦ୍ରଶେଖରପୁର ପୋଲିସ ଗିରଫ କରିଥିବା ଅଭିଯୁକ୍ତ ହେଲେ ଶୈଳଶ୍ରୀବିହାରରେ ରହୁଥିବା ଦୀପକ ନାୟକ(୨୨)। ତାଙ୍କ ବିରୋଧରେ ପୋଲିସ କେସ୍ ନଂ-୩୬୫/୨୦ ଲଗାଇ କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଦୀପକ ଶୈଳଶ୍ରୀବିହାରରେ ଥିବା ଏକ ହୋଟେଲ ମାଲିକଙ୍କୁ ୨ହଜାର ଟଙ୍କା ଦାଦା ବଟି ମାଗିଥିଲେ। କିନ୍ତୁ ଦୋକାନୀ ଜଣକ ମନା କରିବା ସହ ଟଙ୍କା ଦେଇ ନ ଥିଲେ। ଦୀପକ ଏବଂ ତାଙ୍କ ୨ ସହଯୋଗୀ ଲୁହାରଡ଼ ଆଣି ଦୋକାନୀଙ୍କୁ ଆକ୍ରମଣ କରିବା ସହ ତାଙ୍କ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଏହି ସମୟରେ ହୋଟେଲର ଅନ୍ୟ କର୍ମଚାରୀ ଦୀପକଙ୍କୁ କାବୁ କରିବା ବେଳେ ଅନ୍ୟମାନେ ଖସି ପଳାଇଥିଲେ। ହୋଟେଲ ମାଲିକ ପୋଲିସକୁ ଫୋନ୍ କରିବା ପରେ ପୋଲିସ ପହଞ୍ଚି ଦୀପକଙ୍କୁ ଗିରଫ କରିଥିଲା। ଫେରାର ଥିବା ଅନ୍ୟ ଦୁଇ ଜଣଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରହିଛି।

## ପୋଲିସ ଶୁଣିଲାନି, ଘରୁ ପୁଣି ଚୋରି

**ତାଲା ଭାଙ୍ଗି ଟଙ୍କା, ଅଳଙ୍କାର ନେଇଗଲେ**

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)

ଖଣ୍ଡଗିରି ଥାନା ଡୁମୁଡୁମା ଓଏସ୍‌ଏଚ୍‌ବି କଲୋନୀର ଏକ ଘରର ତାଲା ଭାଙ୍ଗି ୫ଲକ୍ଷ ଟଙ୍କାର ସୁନା ଅଳଙ୍କାର, ଟଙ୍କା ଏବଂ ଘରର ବିଭିନ୍ନ ଆସବାବପତ୍ର ଚୋରି କରି ନେଇଥିବା ଘର ମାଲିକ ବିଜୟାଲକ୍ଷ୍ମୀ ଦାଶ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିବାବେଳେ ଦୁର୍ବୃତ୍ତଙ୍କ କୌଣସି ପତ୍ତା ପାଇ ନାହିଁ। ସବୁଠୁ ବଡ଼ କଥା ହେଲା ବିଜୟାଲକ୍ଷ୍ମୀଙ୍କ ଘରୁ ପୂର୍ବରୁ ମଧ ଏଭଳି ଚୋରି ହୋଇଥିଲା। ସେ ପୋଲିସ ଅଭିଯୋଗ କରିଥିଲେ ମଧ ପୋଲିସ କେବଳ ତଦନ୍ତ ଚାଲିଛି କହି ଚୁପ ରହିଯାଇଥିଲା। ଫଳରେ ଦୁର୍ବୃତ୍ତମାନେ ଏହାର ସୁଯୋଗ ନେଇ ଦ୍ୱିତୀୟଥର ଚୋରି କରିଥିଲେ। ସୂଚନା ଅନୁଯାୟୀ, ବିଜୟାଲକ୍ଷ୍ମୀଙ୍କ ଘରେ ଏକା ରହୁଥିବାବେଳେ ତାଙ୍କ ପୁଅ ବାହାରେ ରହୁଥିଲେ। ବିଜୟଲକ୍ଷ୍ମୀ ନିକଟରେ ନିଜ ଝିଅଘରକୁ ଯାଇଥିଲେ। ତାଙ୍କ ପୁଅ ବିଦେଶରୁ ଆସିବାରୁ ପୁଅ ସହ ସେ ଶନିବାର ଉକ୍ତ ଘରକୁ ଆସିଥିଲେ। ଏହି ସମୟରେ ଘର ତାଲା ଭଙ୍ଗାଯାଇଥିବାବେଳେ ଏକାଧିକ ସାମଗ୍ରୀ ଚୋରି ହୋଇଯାଇଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ବିଜୟାଲକ୍ଷ୍ମୀଙ୍କ ପଡ଼ୋଶୀ ଭାବେ ରହୁଥିବା ଜଣେ ଯୁବକଙ୍କ ଉପରେ ତାଙ୍କର ସନ୍ଦେହ ହେଉଛି। ଉକ୍ତ ଯୁବକ ନକଲି ଚାବି କରି ଘରର ତାଲା ଖୋଲି ଚୋରି କରିଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ହେଲେ ପୋଲିସ ଉକ୍ତ ଲୋକଙ୍କୁ ପଚରାଉଚୁରା କରୁ ନାହିଁ। ଯାହାକୁ ନେଇ ମହିଳାଜଣଙ୍କ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ଯୁଧିଷ୍ଠିର ମହାରଥୀଙ୍କ ପ୍ରତିମୂର୍ତ୍ତି ଅନାବରଣ

ଖୋର୍ଦ୍ଧା ଅଫିସ,୧୮।୧୦

ଖୋର୍ଦ୍ଧା ଜିଲାର ପାଇକବୀର ତଥା ସାମାଜିକ କର୍ମୀ ଯୁଧିଷ୍ଠିର ମହାରଥୀଙ୍କ ଶ୍ରାଦ୍ଧାବାର୍ଷିକୀ ଅବସରରେ ନିଜିଗଡ ତାପଙ୍ଗରେ ତାଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ ଉତ୍ସବରେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଜଟଣୀ ବିଧାୟକ ସୁରେଶ ରାଉତରାୟ, ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀଚନ୍ଦନ, ରାମଚନ୍ଦ୍ର ମହାପାତ୍ର, ବଂଶୀଧର ଜଗଦେବ, ପ୍ରକାଶ ସାମନ୍ତରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ସ୍ମୃତିଚାରଣ କରିଥିଲେ। କଂଗ୍ରେସ ନେତା ଭୂଷଣ ଛୋଟରାୟ, ପଦ୍ମଚରଣ ରାୟ, ପ୍ଲାବନ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବୁଦ୍ଧିଜୀବୀ, ସାମାଜିକ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।



ଦୁର୍ଗାପୂଜା ପାଇଁ ଶିଳ୍ପୀମାନେ ଶ୍ରୀକ୍ଷେତ୍ର ଗୋସାଣିଙ୍କ ଜରି ସଜ ପ୍ରସ୍ତୁତ କରୁଛନ୍ତି।

## ୧୩୫ ନିର୍ମାଣ ଶ୍ରମିକଙ୍କୁ କାର୍ଡ ପ୍ରଦାନ

**ନିମାପଡ଼ା,୧୮।୧୦(ଡି.ଏନ୍.ଏ.)** ନିମାପଡ଼ା ତ୍ରିଶକ୍ତି ରାଜମିସ୍ତ୍ରି ସଂଘ ପକ୍ଷରୁ ନିର୍ମାଣ ଶ୍ରମିକ କାର୍ଡ ବଣ୍ଟନ ମେଳା ସ୍ଥାନୀୟ ବ୍ଲକ ଅନ୍ତର୍ଗତ ରଟିଲୋଛକ ସ୍ଥିତ ସଂଘ କାର୍ଯ୍ୟାଳୟଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ମନସ୍ୱିନୀ ଖଟୋଇ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ଯୁବନେତା ପ୍ରଦୀପ୍ତ ଖଟୋଇ, ତ୍ରିଶକ୍ତି ରାଜମିସ୍ତ୍ରି ସଂଘ ସଭାପତି ମହାଦେବ ଖଟୋଇ, ଉପସଭାପତି ବିଶ୍ୱଜିତ ପଣ୍ଡା, ସାଧାରଣ ସମ୍ପାଦକ ପ୍ରଭାକର ମହାରଣା ପ୍ରମୁଖ ଯୋଗଦେଇ ନିର୍ମାଣ ଶ୍ରମିକଙ୍କ ନିମନ୍ତେ ସରକାର କରିଥିବା ବିଭିନ୍ନ ଯୋଜନା ଉପରେ ଆଲୋଚନା କରିଥିଲେ। ମେଳାରେ ୧୩୫ ଜଣ ନିର୍ମାଣ ଶ୍ରମିକଙ୍କୁ ନୂତନ କାର୍ଡ ପ୍ରଦାନ କରାଯାଇଥିଲା।

# ଭୁବନେଶ୍ୱର: ୨୭ ହଜାର ଟପିଲା ସଂକ୍ରମଣ, ୧୩୭ ମୃତ

- ଆଉ ୨୩୩ ପଜିଟିଭ, ୩୧୩ ସୁସ୍ଥ
- ଅକ୍ଟୋବରରେ ଗଲାଣି ୪୪ ଜୀବନ

ଭୁବନେଶ୍ୱର, (ବ୍ୟୁରୋ)/ ଖୋର୍ଦ୍ଧା ଅଫିସ, ୧୮।୧୦

ଭୁବନେଶ୍ୱରରେ ଏବେ ବି ଦୈନିକ କରୋନା ସଂକ୍ରମଣ ୨ଶହ ଉପରେ ରହୁଛି। ଶେଷ ୨୪ ଘଣ୍ଟାରେ ଆଉ ୨୩୩ଜଣ ନୂଆ ପଜିଟିଭ ଚିହ୍ନଟ ହୋଇଥିବାରୁ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨୭୨୨୮କୁ ବୃଦ୍ଧିପାଇଛି। ସେହିଭଳି ସହରରୁ ଆଉ ୪ଜଣଙ୍କ ଜୀବନ ନେଇଛି ମହାମାରୀ। ଫଳରେ ମୃତ୍ୟୁ ସଂଖ୍ୟା ୧୩୭ରେ ପହଞ୍ଚିଛି। ସବୁଠୁ ଉଦ୍‌ବେଗର ବିଷୟ ହେଉଛି, କେବଳ ଅକ୍ଟୋବରର ୧୮ ଦିନରେ ୪୪ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟପକ୍ଷରେ ଏହି ସମୟରେ ଭୁବନେଶ୍ୱରରୁ ୫୩୩୩ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ତେବେ ଅକ୍ଟେବରରେ ଆରୋଗ୍ୟ ସଂଖ୍ୟା ସାମାନ୍ୟ ଆଶ୍ୱସ୍ତି ଦେଇଛି। ୫୮୯୫ଜଣ ଆକ୍ରାନ୍ତ ସୁସ୍ଥ ହୋଇଥିବାବେଳେ ୭୫% ଆକ୍ରାନ୍ତ ଗୃହ ଏକାନ୍ତବାସରେ ରହିଥିଲେ ବୋଲି ବିଏମ୍‌ସି ସୂଚନା ଦେଇଛି। ଭୁବନେଶ୍ୱରରୁ ଏଯାବତ୍ ୨୭,୨୨୮ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଏଥିମଧ୍ୟରୁ ୨୪,୧୪୩ ଜଣ ସୁସ୍ଥ ହୋଇଛନ୍ତି। ଏବେ ୨୯୨୭ ଜଣ ଆକ୍ରାନ୍ତ ସକ୍ରିୟ ଅଛନ୍ତି। ତେବେ ଗତ ଅଗଷ୍ଟ ୨୪ ପରେ ପ୍ରଥମଥର ପାଇଁ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୩ ହଜାର ତଳକୁ ଖସିଥିବା ଜଣାପଡିଛି।

ଖୋର୍ଦ୍ଧା ଗ୍ରାମାଞ୍ଚଳରେ ରବିବାର ୫୯ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୬୭ଜଣ ସୁସ୍ଥ ହୋଇ ଘରକୁ ଫେରିଥିବା ବେଳେ ଜଣଙ୍କର ମୃତ୍ୟୁ ଘଟିଛି। ପଜିଟିଭ୍‌ଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକ ୭, ବାଲିପାଟଣା ୧, ଭୁବନେଶ୍ୱର ବ୍ଲକ ୬, ଜଟଣୀ ୭, ଖୋର୍ଦ୍ଧା ବ୍ଲକ ୧୬, ବେଗୁନିଆ ୯, ବୋଲଗଡ଼ ୫, ଟାଙ୍ଗୀ ୪, ଚିଲିକା ୩ ଏବଂ ବାଣପୁରର ଜଣେ ରହିଛନ୍ତି। ଗ୍ରାମାଞ୍ଚଳରେ ରବିବାର ସୁଦ୍ଧା ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୧୧୮୯୧ରେ ପହଞ୍ଚିଛି। ତନ୍ମଧ୍ୟରୁ ୧୧୨୩୩ଜଣ ସୁସ୍ଥ ହୋଇ ଫେରିଛନ୍ତି। ୬୦୨ଜଣ ସକ୍ରିୟ ରହିଥିବା ବେଳେ ୫୬ଜଣଙ୍କ ମୃତ୍ୟୁ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଅନ୍ୟପଟେ ଖୋର୍ଦ୍ଧା ଗ୍ରାମାଞ୍ଚଳରେ ଏପର୍ଯ୍ୟନ୍ତ ୧ଲକ୍ଷ ୫୯୫ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଛି। ସେଥିରୁ ବାଲିଅନ୍ତା ୮୨୦୮, ବାଲିପାଟଣା ୭୧୧୪, ଭୁବନେଶ୍ୱର ବ୍ଲକ ୮୧୮୯, ଜଟଣୀ ୯୧୬୦, ଖୋର୍ଦ୍ଧା ବ୍ଲକ ୧୮୨୫୭, ବେଗୁନିଆ ୧୩୪, ବୋଲଗଡ଼ ୯୩୮୭, ଟାଙ୍ଗୀ ୯୮୬୦, ଚିଲିକା ୧୦୯୨୬ ଏବଂ ବାଣପୁରର ୧୦୩୬୦ଜଣଙ୍କ ସ୍ୱାବ୍ ସଂଗ୍ରହ କରାଯାଇଛି।

### ଆରୋଗ୍ୟଙ୍କ ସଂଖ୍ୟା ୧୧ ହଜାର ଟପିଲା

**ପୁରୀ ଅଫିସ,୧୮।୧୦:** ସପ୍ତାହକ ମଧ୍ୟରେ ଦ୍ୱିତୀୟଥର ଲାଗି ପୁରୀ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୦ ତଳେ ରହିଛି। ଗତ ୧୪ ତାରିଖରେ ୪୯ ପଜିଟିଭ ବାହାରିଥିବା ବେଳେ ରବିବାର ୩୦ ସଂକ୍ରମିତ ହୋଇଛନ୍ତି। ଏହି ନୂଆ ଆକ୍ରାନ୍ତଙ୍କୁ ମିଶାଇ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୧,୭୭୧ରେ ପହଞ୍ଚିଛି। ଏମାନଙ୍କ ମଧ୍ୟରୁ ୧୧,୦୧୦ ଜଣ ସୁସ୍ଥ ହୋଇଥିବାବେଳେ ୬୮୩ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି। କରୋନା ପୁଣି ଜଣଙ୍କ ଜୀବନ ନେଇଛି। ଫଳରେ ମୃତକଙ୍କ ସଂଖ୍ୟା ୭୫ ଛୁଇଁଛି। ଏପର୍ଯ୍ୟନ୍ତ ଜିଲାରୁ ୧,୧୨,୮୪୯ କୋଭିଡ୍ ଟେଷ୍ଟ କରାଯାଇଛି। ସୁସ୍ଥ ହାର ରହିଛି ୯୩.୫୩ ପ୍ରତିଶତ।

## ଅନ୍ଧାରରେ ଖାରବେଳ ପାର୍କ

ଭୁବନେଶ୍ୱର,୧୮।୧୦(ବ୍ୟୁରୋ)

ଦୀର୍ଘଦିନ ହେବ ଅନ୍ଧକାର ଅବସ୍ଥାରେ ପଡ଼ିରହିଛି ରାଜଧାନୀର ଖାରବେଳ ପାର୍କ। ପାର୍କ ପରିସର ଅନ୍ଧକାରମୟ ରହୁଥିବାରୁ ସନ୍ଧ୍ୟା ସମୟରେ ବରିଷ୍ଠ ନାଗରିକ ଏବଂ ସନ୍ଧ୍ୟା ଭ୍ରମଣ କରୁଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ଧାର ହେବା ଯୋଗୁ ବିଷାକ୍ତ ସରୀସୃପମାନେ ପାର୍କ ପରିସରରେ ବିଚରଣ କରୁଛନ୍ତି। ଫଳରେ ଲୋକେ ନିଜ ନିଜର ମୋବାଇଲ ଟର୍ଚ୍ଚ ଲାଇଟ୍ ଧରି ସନ୍ଧ୍ୟା ଭ୍ରମଣ କରୁଛନ୍ତି। କେବଳ ଏତିକି ନୁହେଁ, ଅନ୍ଧାରର ସୁଯୋଗ ନେଇ ପାର୍କ ସମ୍ମୁଖରୁ ବାରମ୍ବାର ଗାଡ଼ି ଚୋରି ସହ ସୁନାଚେନ୍ ଲୁଟ୍ ହେଉଥିବା ସ୍ଥାନୀୟ ବାସିନ୍ଦା ପ୍ରଫୁଲ୍ଲ କୁମାରୀ ଆଚାର୍ଯ୍ୟ କହିଛନ୍ତି। ଅନ୍ୟପକ୍ଷେ ବିଶ୍ୱ କପ୍ ହକି ସମୟରେ ପାର୍କ ପରିସରରେ ଶୌଚାଳୟ ନିର୍ମାଣ ହୋଇଥିଲେ ମଧ ତାହା ଅଦ୍ୟାବଧି ଅବ୍ୟବହୃତ ହୋଇ ପଡ଼ିରହିଛି। ଯୋଗ ପାଇଁ ନିର୍ମିତ ମଣ୍ଡପ ଉପରେ ଛାତ ନ ଥିବାରୁ ବର୍ଷା ଦିନେ ଏହି ମଣ୍ଡପ ଉପରେ ବସି ଯୋଗ କରିବା ସମ୍ଭବ ହେଉ ନାହିଁ। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ପାର୍କ ସମ୍ମୁଖରେ ସିସିଟିଭି କ୍ୟାମେରା ଲଗାଇବାକୁ ଅଞ୍ଚଳର ବରିଷ୍ଠ ବ୍ୟକ୍ତିମାନେ ନିବେଦନ କରିଛନ୍ତି।

## ଟାଙ୍ଗୀ ବ୍ଲକ: ପ୍ରାଣୀ ଚିକିତ୍ସକ ନିଯୁକ୍ତି ଦାବି

ନିରାକାରପୁର,୧୮।୧୦(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକରେ ୨୬ଟି ପଞ୍ଚାୟତ ରହିଥିବା ବେଳେ ଏଥିରୁ ୯ ପଞ୍ଚାୟତରେ ପ୍ରାଣୀ ଚିକିତ୍ସା କେନ୍ଦ୍ର ରହିଛି। ଏହି ୯ କେନ୍ଦ୍ରରୁ ୩ଟି କେନ୍ଦ୍ରରେ ଚିକିତ୍ସକ ଥିବା ବେଳେ ଅନ୍ୟ ୬ କେନ୍ଦ୍ରରେ ଚିକିତ୍ସକଙ୍କ ପଦବୀ ଖାଲି ପଡ଼ିଛି। ଚିକିତ୍ସା ଅଭାବରୁ ଗୃହପାଳିତ ପ୍ରାଣୀ ରୋଗାକ୍ରାନ୍ତ ହେବା ସହ ସେମାନଙ୍କର ମୃତ୍ୟୁ ଘଟୁଛି। ଏନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ତୁରନ୍ତ ଉକ୍ତ ୬ କେନ୍ଦ୍ରରେ ଚିକିତ୍ସକଙ୍କୁ ନିଯୁକ୍ତି ଦେବାକୁ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଏହି ବ୍ଲକରେ ୨୬ପଞ୍ଚାୟତରେ ପ୍ରାୟ ୩୦,୪୧୦ ଗୃହପାଳିତ ପ୍ରାଣୀ ରହିଛନ୍ତି। ନିରାକାରପୁର, ବଡ଼ପୋଖରିଆ, ଛଣଗିରି, ନୂଆଗଡ଼, ଭୂଷଣ୍ଡପୁର, କୁହୁଡି, ଟାଙ୍ଗୀ, କମାଗୁରୁ, ଅଚ୍ୟୁତପୁର ପଞ୍ଚାୟତରେ ପ୍ରାଣୀ ଚିକିତ୍ସା କେନ୍ଦ୍ର ରହିଛି। ତନ୍ମଧ୍ୟରୁ କମାଗୁରୁ, କୁହୁଡି ଓ ନୂଆଗଡ଼ କେନ୍ଦ୍ରରେ ଚିକିତ୍ସକ ଥିବା ବେଳେ ଅନ୍ୟ କେନ୍ଦ୍ରଗୁଡ଼ିକରେ ଚିକିତ୍ସକ ପଦବୀ ଖାଲି ପଡ଼ିଛି। ନିରାକାରପୁରରେ ଥିବା ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଡାକ୍ତର ପଦବୀ ଖାଲି ପଡ଼ିଥିବାରୁ ଏହି କେନ୍ଦ୍ର ବନ୍ଦ ରହିଛି। ଏହାର ପରିସରରେ ଗଛଲତା ମାଡ଼ି ଯାଇଛି। ଗୃହପାଳିତ ପ୍ରାଣୀ ମାଲିକମାନେ କ୍ୱାକ୍‌ମାନଙ୍କ ଦ୍ୱାରା ଶୋଷଣର ଶିକାର ହେଉଛନ୍ତି। ଫଳରେ ଘରେ ପଶୁପାଳନ କରିବା ପାଇଁ ଏବେ ଅମଙ୍ଗ ହେଉଛନ୍ତି। ତୁରନ୍ତ ଉକ୍ତ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ସ୍ଥାୟୀ ଡାକ୍ତର ନିଯୁକ୍ତ ପାଇଁ ସ୍ଥାନୀୟ ବାସିନ୍ଦା ତଥା ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ସନ୍ତୋଷ କୁମାର ପଣ୍ଡା କହିଛନ୍ତି, କରୋନା ଲାଗି ଏବେ ନିଯୁକ୍ତି ବନ୍ଦ ରହିଛି। ଏନେଇ ଜିଲା ପ୍ରଶାସନ ସହ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ସହର ପ୍ରବେଶ ପଥରେ ଅଳିଆ ପଏଣ୍ଟ

- ଦୁର୍ଗନ୍ଧରେ ଲୋକେ ଅତିଷ୍ଠ
- ସ୍ଥାନାନ୍ତର ପାଇଁ ଦାବି

କଟକ ଅଫିସ, ୧୮।୧୦

କଟକ ସହରର ମୁଖ୍ୟ ପ୍ରବେଶ ପଥ ମଧୁପାଟଣା। ପ୍ରତିଦିନ ବିଭିନ୍ନ ସ୍ଥାନରୁ ଲୋକେ ଏହି ରାସ୍ତା ଦେଇ ସହରକୁ ଆସିଥାନ୍ତି। ତେବେ ପ୍ରବେଶପଥ ନିକଟ ରାସ୍ତା ପାର୍ଶ୍ୱରେ ଆବର୍ଜନା ପଡ଼ିରହି ପରିବେଶକୁ ଦୂଷିତ କରୁଛି। ଏ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଏଠାରେ କଟକ ମହାନଗର ନିଗମ (ସିଏମ୍‌ସି)ର ଅଳିଆ ପଏଣ୍ଟ ଥିବାରୁ ଆବର୍ଜନା ପକାଯାଉଛି। ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ସ୍ଥାନୀୟ ବ୍ୟବସାୟୀ ଏବଂ ଜନସାଧାରଣ ତୁରନ୍ତ ପଏଣ୍ଟ ସ୍ଥାନ ପରିବର୍ତ୍ତନ ପାଇଁ ଦାବି କରିଛନ୍ତି। ସହରର ପରିମଳ ବ୍ୟବସ୍ଥାରେ ସୁଧାର ଆଣିବାକୁ ସିଏମ୍‌ସି ବିଭିନ୍ନ ଯୋଜନା କରୁଛି। ସଚେତନତା ମଧ ସୃଷ୍ଟି କରାଯାଉଛି। ହେଲେ ପରିମଳ ପରିଚାଳନାରେ ଅବ୍ୟବସ୍ଥା ଯୋଗୁ ଲୋକଙ୍କୁ ସମସ୍ୟା ଭୋଗିବାକୁ ପଡୁଛି। ସିଏମ୍‌ସି ପକ୍ଷରୁ ମଧୁପାଟଣା ଅଞ୍ଚଳରେ ଏକ ଅଳିଆ ପଏଣ୍ଟ କରାଯାଇଛି। ସେହି ଅଞ୍ଚଳରୁ ବାହାରୁଥିବା ଅଳିଆକୁ ଲୋକେ ଏହି ପଏଣ୍ଟରେ ପକାଉଛନ୍ତି। ସେଠାକାର ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକରୁ ମଧ ପ୍ରତିଦିନ ପ୍ରଚୁର ଅଳିଆ ବାହାରୁଛି। ସିଏମ୍‌ସି ପକ୍ଷରୁ ବ୍ୟବସାୟୀଙ୍କୁ ଡଷ୍ଟବିନ ବ୍ୟବହାର କରିବାକୁ କୁହାଯାଇଛି। ହେଲେ ସେମାନେ ଏହାକୁ ମାନୁ ନ ଥିବା ଅଭିଯୋଗ ହେଉଛି। ଏପରି କି ଅଳିଆ ପଏଣ୍ଟରେ ବଡ ଡଷ୍ଟବିନ ନାହିଁ। ବୁଲାଗୋରୁ, ଷଣ୍ଢଗୁଡ଼ିକ ଆବର୍ଜନାକୁ ଏଣେତେଣେ ଖେଳାଇ ଦେଉଛନ୍ତି। ଏଥିଯୋଗୁ ଦୁର୍ଗନ୍ଧ ହେଉଛି। ଏହି ଅଳିଆ ପଏଣ୍ଟ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ସିଏମ୍‌ସିର ପରିମଳ ଅଧିକାରୀ ଡ. ସଞ୍ଜିବିତା ରାୟ କହିଛନ୍ତି, ଉକ୍ତ ୱାର୍ଡରେ ଅଳିଆ ପଏଣ୍ଟ ପାଇଁ ସେପରି କୌଣସି ଉପଯୁକ୍ତ ସ୍ଥାନ ନାହିଁ। ସ୍ଥାନ ଚିହ୍ନଟ ପରେ ତାହାକୁ ସ୍ଥାନାନ୍ତର କରାଯିବ।




ମଧୁପାଟଣା ବସ୍‌ଷ୍ଟପ୍ ନିକଟରେ ଥିବା ଅଳିଆ ପଏଣ୍ଟ।

# ଚେନ୍ନାଇ-ରାଜସ୍ଥାନ ସଂଘର୍ଷ

ଆବୁଧାବି, ୧୮।୧୦(ପି.ଟି.)

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ନିଜର ସ୍ଥିତି ବଜାୟ ରଖିବାକୁ ସଂଘର୍ଷ କରୁଥିବା ଦୁଇ ଦଳ ଚେନ୍ନାଇ ସୁପର କିଙ୍ଗ୍ସ ଓ ରାଜସ୍ଥାନ ରୟାଲ୍ସ ସୋମବାର ମୁହାଁମୁହିଁ ହେବେ। ପ୍ଲେ- ଅଫ୍ ଆଶା ବଜାୟ ରଖିବାକୁ ଉଭୟ ଦଳ ବିଜୟୀ ହେବା ଜରୁରୀ ହୋଇ ପଡିଛି। ଫଳରେ ଏହି ମ୍ୟାଚ୍‌ର ଗୁରୁତ୍ୱ ବଢ଼ିଯାଇଛି। ପରାସ୍ତ ହେଲେ ପ୍ଲେ- ଅଫ୍‌ରେ ସ୍ଥାନ ବଜାୟ ରଖିବା କଷ୍ଟକର ହେବ ବୋଲି ଉଭୟ ଦଳ ହୃଦୟଙ୍ଗମ କରିଥିବେ। ଏପର୍ଯ୍ୟନ୍ତ ଆଇପିଏଲ୍‌ରେ ଉଭୟ ଦଳ ଆଶାନୁରୂପ ପ୍ରଦର୍ଶନ କରିପାରିନାହାନ୍ତି।

ଚେନ୍ନାଇ ଏପର୍ଯ୍ୟନ୍ତ ୯ଟି ମ୍ୟାଚ୍ ଖେଳି ୩ ବିଜୟ ଓ ୬ ପରାଜୟ ସହ ୬ ପଏଣ୍ଟ ହାସଲ କରି ତାଲିକାର ଷଷ୍ଠ ସ୍ଥାନରେ ରହିଛି। ଅନ୍ୟପଟେ ରାଜସ୍ଥାନ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ୩ ବିଜୟ ଓ ୬ ପରାଜୟ ସହ ସମାନ ୬ ପଏଣ୍ଟ ହାସଲ କରିଥିଲେ ମଧ୍ୟ ନେଟ୍ ରନ୍ ରେଟ୍ ଦୃଷ୍ଟିକୋଣରୁ ପଛରେ ରହି ସପ୍ତମ ସ୍ଥାନରେ ରହିଛି। ଉଭୟ ଦଳ ଏବେ ଆଉ ବାକିଥିବା ୫ଟି ମ୍ୟାଚ୍ ଖେଳିବେ। ତେଣୁ ଉଭୟ ଦଳ ପାଇଁ ଆଗକୁ କଷ୍ଟକର ପରିସ୍ଥିତି ରହିଛି। ତେଣୁ ଦୁଇ ଦଳକୁ ପ୍ରାୟ ସବୁ ମ୍ୟାଚ୍‌ରେ ବିଜୟୀ ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି।

ଶନିବାର ଦୁଇ ଦଳ ସେମାନଙ୍କ ଗତ ମ୍ୟାଚ୍‌ରେ ପରାସ୍ତ ହୋଇଥିଲେ। ମହେନ୍ଦ୍ର ସିଂ ଧୋନୀଙ୍କ ଦଳ ୫ ଉଇକେଟରେ ଦିଲ୍ଲୀ କ୍ୟାପିଟାଲ୍ସ ଠାରୁ ପରାସ୍ତ ହୋଇଥିବା ବେଳେ ରାଜସ୍ଥାନ ରୟାଲ୍ସ ୭ ଉଇକେଟରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରଠାରୁ ମ୍ୟାଚ୍ ହାରିଥିଲା। ଗ୍ରୋନ ଇଞ୍ଜୁରୀ କାରଣରୁ ତାରକା ଅଲରାଉଣ୍ଡର ଡ୍ୱେନ ବ୍ରାଭୋ ଅତି କମ୍‌ରେ କିଛିଦିନ ପାଇଁ ବାଦ୍ ପଡିଛନ୍ତି। ଫଳରେ ଚେନ୍ନାଇର ସମସ୍ୟା ଆହୁରି ବଢିଯାଇଛି। ସନରାଇଜର୍ସ ହାଇଦ୍ରାବାଦ୍‌କୁ ହରାଇବା ପରେ ଚେନ୍ନାଇ ଏକ ପ୍ରକାର ଟ୍ରାକ୍‌କୁ ଫେରିଥିଲା। ତେବେ ଗତ ମ୍ୟାଚ୍ ଦୁର୍ବଳ ଫିଲ୍ଡିଂ ଓ ଶିଖର ଧାୱନଙ୍କ ମ୍ୟାଚ୍ ବିଜୟୀ ଶତକ ପାଇ ଚେନ୍ନାଇ ପୁଣି ପରାସ୍ତ ହୋଇଥିଲା। ଏକାଧିକ ଜୀବନଦାନ ପାଇ ଧାୱନ କ୍ୟାରିୟରର ପ୍ରଥମ ଆଇପିଏଲ ଶତକ ହାସଲ କରିଥିଲେ। ଶେଷରେ ଅନ୍ତିମ ଓଭରରେ ଅକ୍ଷର ପଟେଲ ରବୀନ୍ଦ୍ର ଜାଡେଜାଙ୍କ ବଲ୍‌ରେ ୩ଟି ଛକା ମାରି ଚେନ୍ନାଇକୁ ଷଷ୍ଠ ପରାଜୟ ଭେଟି ଦେଇଥିଲେ। ଚେନ୍ନାଇ ଫିଲ୍ଡରମାନେ ଧାୱନ ୨୫ ଓ ୭୯ ରନ କରିଥିବା ବେଳେ କ୍ୟାଚ୍ ଛାଡିଥିଲେ। ତେଣୁ ଫିଲ୍ଡିଂରେ ଚେନ୍ନାଇ ଉନ୍ନତି କରିବାକୁ ପ୍ରୟାସ କରିବ। କ୍ୟାଚ୍ ଛାଡିଥିଲେ ମଧ୍ୟ ଧାୱନଙ୍କୁ ଶ୍ରେୟ ଦେବାକୁ ହେବ ବୋଲି ଧୋନୀ ମ୍ୟାଚ୍ ପରେ କହିଛନ୍ତି।

ଅପରପକ୍ଷରେ ରାଜସ୍ଥାନ ମଧ୍ୟ ଏକାଧିକ ସମସ୍ୟାରେ ରହିଛି। ବିଜୟକୁ ଅତି ନିକଟରୁ ହାତଛଡା କରିଛି ଏହି ଦଳ। ତେବେ ଅଧିନାୟକ ଷ୍ଟିଭ୍ ସ୍ମିଥ୍ ଫର୍ମକୁ ଫେରିବା ଦଳ ପାଇଁ ଏକ ଖୁସି ଖବର। ଶନିବାର ଖେଳାଯାଇଥିବା ମ୍ୟାଚ୍‌ରେ ସେ ୫୭ ରନର ଦ୍ରୁତ ପାଳି ଖେଳିଥିଲେ। ତେବେ ଦଳରେ ବିଳମ୍ବରେ ଯୋଗ ଦେଇଥିବା ଷ୍ଟାର ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଏପର୍ଯ୍ୟନ୍ତ ଦକ୍ଷତା ଅନୁରୂପ ପ୍ରଦର୍ଶନ କରିପାରିନାହାନ୍ତି। ପୁଣି ଜୋଶ ବଟଲର ଏପର୍ଯ୍ୟନ୍ତ ସ୍ଥିର ପ୍ରଦର୍ଶନ କରିବାରେ ବିଫଳ ହୋଇଛନ୍ତି। ଫଳରେ ଦଳର ପ୍ରଦର୍ଶନ ପ୍ରଭାବିତ ହୋଇଛି। ଟୁର୍ନାମେଣ୍ଟ ଆରମ୍ଭରେ ଦମ୍‌ଦାର ପ୍ରଦର୍ଶନ କରିଥିବା ସଞ୍ଜୁ ସାମସନ ପରେ ଫେଲ୍ ମାରିଛନ୍ତି। ରବିନ୍ ଉଥାପ୍ପା ଏବେ ଫର୍ମକୁ ଫେରିବାର ସୂଚାନ ଦେଇଛନ୍ତି। ଗତ ବାଙ୍ଗାଲୋର ବିପକ୍ଷ ମ୍ୟାଚ୍‌ରେ ସେ ୨୨ ବଲରୁ ୪୧ ରନ କରିଥିଲେ। ଜୋଫ୍ରା ଆର୍ଚରଙ୍କ ନେତୃତ୍ୱରେ ରାଜସ୍ଥାନ ବୋଲିଂ ବିଭାଗ ମାମୁଲି ମନେହେଉଛି। ଉଭୟ ଦଳ ପାଇଁ ବିଜୟ ଜରୁରୀ ଥିବାରୁ ମ୍ୟାଚ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

**ଚେନ୍ନାଇ ସୁପର କିଙ୍ଗ୍ସ ଦଳ:** ମହେନ୍ଦ୍ର ସିଂ ଧୋନୀ (ଅଧିନାୟକ), ମୁରଲୀ ବିଜୟ, ଅମ୍ବାତି ରାୟୁଡୁ, ଫାଫ୍ ଡୁପ୍ଲେସି, ଶେନ୍ ୱାଟସନ, କେଦାର ଯାଦବ, ଡ୍ୱେନ ବ୍ରାଭୋ, ରବୀନ୍ଦ୍ର ଜାଡେଜା, ଲୁନ୍‌ଗି ଏନ୍‌ଗିଡି, ଦୀପକ ଚହର, ପୀୟୂଷ ଚାୱଲା, ଇମ୍ରାନ ତାହିର, ମିଚେଲ ସାଣ୍ଟନର, ଜୋଶ ହାଜେଲଉଡ, ଶାର୍ଦ୍ଦୁଲ ଠାକୁର, ସାମ କୁରାନ, ଏନ୍. ଜଗଦୀଶନ, କେ.ଏମ. ସୌଫ, ମୋନୁ କୁମାର, ଆର. ସାଇ କିଶୋର, ଋତୁରାଜ ଗାଏକ୍ୱାଡ ଓ କର୍ନ ଶର୍ମା।

**ରାଜସ୍ଥାନ ରୟାଲ୍ସ:** ଷ୍ଟିଭ ସ୍ମିଥ୍ (ଅଧିନାୟକ), ବେନ୍ ଷ୍ଟୋକ୍ସ, ସଞ୍ଜୁ ସାମସନ, ଆଣ୍ଡ୍ର୍ୟୁ ଟାଏ, କାର୍ତ୍ତିକ ତ୍ୟାଗୀ, ଅଙ୍କିତ୍ ରାଜପୁତ, ଶ୍ରେୟାସ ଗୋପାଲ, ରାହୁଲ ଟେୱାଟିଆ, ଜୟଦେବ ଉନାଡକଟ, ମୟଙ୍କ ମାର୍କଣ୍ଡେ, ମହୀପାଲ ଲୋମରର, ଓସେଶ ଥୋମାସ, ରିୟାନ ପରାଗ, ଯଶସ୍ୱୀ ଜୟସ୍ୱାଲ, ଆନୁଜ ରାୱତ୍, ଆକାଶ ସିଂ, ଡେଭିଡ ମିଲର, ମନନ ଭୋରା, ଶଶାଙ୍କ ସିଂ, ବରୁନ ଆରୋନ, ଟମ୍ କୁରାନ, ରବିନ ଉଥାପ୍ପା, ଅନିରୁଦ୍ଧ ଯୋଶୀ ଓ ଜୋଫ୍ରା ଆର୍ଚର।



ମହେନ୍ଦ୍ର ସିଂ ଧୋନୀ ଓ ଷ୍ଟିଭ୍ ସ୍ମିଥ୍।

**ଆଇପିଏଲ୍**
(ସୋମବାର ମ୍ୟାଚ)
**ଚେନ୍ନାଇ ସୁପରକିଙ୍ଗ୍ସ ବନାମ ରାଜସ୍ଥାନ ରୟାଲ୍ସ**
**ସ୍ଥାନ: ଆବୁଧାବି, ସମୟ: ରାତି ୭ଟା ୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

# ଇଲାଭେନିଲଙ୍କୁ ସ୍ୱର୍ଣ୍ଣ, ଶାହୁ ମାନେଙ୍କୁ ରୌପ୍ୟ

ନୂଆଦିଲ୍ଲୀ, ୧୮।୧୦ (ପି.ଟି.)

ଶେଖ୍ ରସେଲ ଇଣ୍ଟରନ୍ୟାଶନାଲ ଏୟାର ରାଇଫଲ ଚାମ୍ପିୟନଶିପ୍ ରବିବାର ଭର୍ଚୁଆଲି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱର ନମ୍ବର ୱାନ୍ ଭାରତୀୟ ଇଲାଭେନିଲ ଭାଲାରିଭାନ୍ ଏକ ସ୍ୱର୍ଣ୍ଣ ଜିତିଥିବାବେଳେ ଶାହୁ ତୁଷାର ମାନେ ଏକ ରୌପ୍ୟ ଜିତିଛନ୍ତି। ବାଂଲାଦେଶ ଶୁଟିଂ ସ୍ପୋର୍ଟ୍ସ ଫେଡେରେଶନ (ବିଏସ୍‌ଏସ୍‌ଏଫ୍) ତରଫରୁ ଏହି ଚାମ୍ପିୟନଶିପ୍‌ର ଆୟୋଜନ କରାଯାଇଥିଲା। ଇଲାଭେନିଲ ସ୍ୱର୍ଣ୍ଣ ବ୍ୟତୀତ ୧୦୦୦ ଆମେରିକୀୟ ଡଲାର ପାଇଥିବାବେଳେ ଶାହୁ ମାନେ ୭୦୦ ଡଲାର ପକେଟସ୍ଥ କରିଥିଲେ। ୬୦ ଶଟ୍ ପ୍ରତିଯୋଗିତାରେ ଭାରତ ଓ ଆୟୋଜକ ବାଂଲାଦେଶ ସମେତ ୬ଟି ଦେଶ ଅଂଶଗ୍ରହଣ କରିଥିଲେ। ଏଲାଭେନିଲ ୬୨୭.୫ ଶଟ୍ କରି ଶୀର୍ଷରେ ରହିଥିଲେ। ଶିଓରି ହିରାତା ୬୨୨.୬ ସହ ରୌପ୍ୟ ହାସଲ କରିଥିବାବେଳେ ଇଣ୍ଡୋନେସିଆର ବିଦ୍ୟା ତୋୟିବା ୬୨୧.୧ ସହ ବ୍ରୋଞ୍ଜ ପାଇଛନ୍ତି। ଜାପାନ କିନ୍ତୁ ପୁରୁଷ ଇଭେଣ୍ଟରେ ସ୍ୱର୍ଣ୍ଣ ଲାଭ କରିଥିଲା। ଏହି ଦେଶର ନାଓୟା ଓକାଡା ୬୩୦.୯ ଶଟ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଭାରତର ଶାହୁ (୬୨୩.୮)ତାଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଆୟୋଜକ ଦେଶର ବାକି ଅବ୍‌ଦୁଲ୍ଲା ହେଲ୍ (୬୧୭.୩) ବ୍ରୋଞ୍ଜ ଜିତିଥିଲେ। ପ୍ରତିଯୋଗିତାରେ ଭାଗ ନେଇଥିବା ଅନ୍ୟ ଦୁଇ ଦେଶ ହେଲେ କୋରିଆ ଓ ଭୁଟାନ।



ଇଲାଭେନିଲ ଭାଲାରିଭାନ୍ ଓ ଶାହୁ ତୁଷାର ମାନେ।




# ବ୍ରାଭୋ ଆହତ: ସୁପରକିଙ୍ଗ୍ସ ଚିନ୍ତିତ



ଡ୍ୱେନ ବ୍ରାଭୋ

ଶାରଜା, ୧୮।୧୦(ପି.ଟି.)

ଚେନ୍ନାଇ ସୁପରକିଙ୍ଗ୍ସର ଡେଥ୍ ଓଭର ସ୍ପେଶାଲିଷ୍ଟ ଡ୍ୱେନ ବ୍ରାଭୋ ଆହତ ହୋଇଛନ୍ତି। ଉରୁସନ୍ଧିରେ ଆଘାତ ଯୋଗୁ ସେ କିଛିଦିନ କିମ୍ବା କିଛି ସପ୍ତାହ ପର୍ଯ୍ୟନ୍ତ ଖେଳିବା ସମ୍ଭାବନା ନାହିଁ ବୋଲି କୋଚ୍ ଷ୍ଟିଫେନ୍ ଫ୍ଲେମିଂ ସୂଚନା ଦେଇଛନ୍ତି। ଆହତ ସମସ୍ୟା ଯୋଗୁ ଶନିବାର ଅନୁଷ୍ଠିତ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚର ଶେଷ ଓଭରରେ ବ୍ରାଭୋ ବୋଲିଂ କରିପାରି ନ ଥିଲେ। ଫଳରେ ବିଜୟ ପାଇଁ ୧୭ ରନ ଆବଶ୍ୟକ ଥିଲେ ହେଁ ଦିଲ୍ଲୀ ହାସଲ କରି ନେଇଥିଲା। ‘‘ବ୍ରାଭୋ ଡାହାଣ ଉରୁସନ୍ଧିରେ ଆଘାତ ପାଇଛନ୍ତି। ଆହତ ସମସ୍ୟା ଗୁରୁତର ଥିବାରୁ ସେ ଗତ ମ୍ୟାଚର ଶେଷ ଭାଗରେ ପଡ଼ିଆକୁ ଓହ୍ଲାଇପାରି ନ ଥିଲେ। ଶେଷ ଓଭରରେ ବୋଲିଂ କରିପାରି ନ ଥିବାରୁ ସେ ଅତ୍ୟନ୍ତ ଦୁଃଖିତ। ଦଳପାଇଁ ତାଙ୍କର ପ୍ରତିଶ୍ରୁତିବଦ୍ଧତାର ପ୍ରମାଣ ଏଥିରୁ ମିଳିଛି। ବର୍ତ୍ତମାନ ପରିସ୍ଥିତିରେ ତାଙ୍କ ବିନା ଦଳକୁ ଆଗକୁ ଯିବାକୁ ହେବ ’’ ବୋଲି ଫ୍ଲେମିଂ କହିଛନ୍ତି। ବ୍ରାଭୋଙ୍କ ଅନୁପସ୍ଥିତିରେ ରବୀନ୍ଦ୍ର ଜାଡେଜାଙ୍କୁ ଶେଷ ଓଭର ବୋଲିଂ ଦିଆ ଯାଇଥିଲା। ‘‘ଜାଡେଜା ଏଥିପାଇଁ ମାନସିକଭାବେ ପ୍ରସ୍ତୁତ ନ ଥିଲା। ମାତ୍ର ଏହାଛଡ଼ା ଆମ ନିକଟରେ ଅନ୍ୟ ବିକଳ୍ପ କିଛି ନ ଥିଲା। ଦିଲ୍ଲୀର ଶିଖର ଧାୱନ ଭଲ ଖେଳିଲେ। ମାତ୍ର ଏକାଧିକ କ୍ୟାଚ ହାତଛଡ଼ା ଆମପାଇଁ ମହଙ୍ଗା ପଡ଼ିଲା’’ ବୋଲି ଫ୍ଲେମିଂ କହିଛନ୍ତି।

# ଅଲି ଖାନଙ୍କ ସ୍ଥାନରେ ଟିମ୍ ସିଫର୍ଟ

**ୱେଲିଂଟନ,୧୮।୧୦(ପି.ଟି.)** କୋଲକାତା ନାଇଟ ରାଇଡର୍ସ (କେକେଆର) ଦଳରେ ନ୍ୟୁଜିଲାଣ୍ଡ ଉଇକେଟକିପର ବ୍ୟାଟ୍ସମ୍ୟାନ ଟିମ୍ ସିଫର୍ଟ ସ୍ଥାନ ପାଇଛନ୍ତି। ଆମେରିକୀୟ ଦ୍ରୁତ ବୋଲର ଅଲି ଖାନ୍ ଆହତ ହୋଇ ଦଳରୁ ବାଦ୍ ପଡିବା ପରେ ତାଙ୍କ ସ୍ଥାନରେ ସିଫର୍ଟ ସ୍ଥାନ ପାଇଛନ୍ତି। କ୍ୟାରିବିୟାନ ପ୍ରିମିୟର ଲିଗ୍ (ସିପିଏଲ୍)ରେ ଖେଳିବାକୁ ଚୁକ୍ତିବଦ୍ଧ ହୋଇଥିଲେ ମଧ୍ୟ ସେ ସାଇଡ୍ ଷ୍ଟ୍ରେନ୍ ଇଞ୍ଜୁରି ପାଇଁ ଖେଳିପାରି ନ ଥିଲେ। ଅଲି ଖାନ୍ ପ୍ରଥମ ଆମେରିକୀୟ ଖେଳାଳି ଭାବେ ଆଇପିଏଲ୍ ଖେଳିବାକୁ ଚୁକ୍ତିବଦ୍ଧ ହୋଇଥିଲେ। ଗତ ୭ ତାରିଖରେ ଅଲି ଟୁର୍ନାମେଣ୍ଟରୁ ବାଦ୍ ପଡିଥିଲେ। ଇଂଲଣ୍ଡ ବୋଲର ହାରୀ ଗୁର୍ନୀ ଆହତ ହେବା ଫଳରେ ଅଲିଙ୍କୁ କୋଲକାତା ଦଳରେ ସାମିଲ କରାଯାଇଥିଲା। ୨୯ ବର୍ଷୀୟ ସିଫର୍ଟ ସିପିଏଲ୍ ଦଳ ତ୍ରିନିବାଗୋ ନାଇଟ୍ ରାଇଡର୍ସ ଦଳରେ ସାମିଲ ହୋଇଥିଲେ। ଏହି ଟୁର୍ନାମେଣ୍ଟ ଅଗଷ୍ଟ- ସେପ୍ଟେମ୍ବରରେ ଖେଳାଯାଇଥିଲା। ଅଲି ମଧ୍ୟ ଏହି ଟୁର୍ନାମେଣ୍ଟରେ ୮ ଉଇକେଟ ହାସଲ କରିଥିଲେ।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ